

ସୁଶ୍ରୀ ଓଡ଼ିଶା ଅଧିନାୟିକା

▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-94 ♦SATURDAY ♦27 SEPTEMBER 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୯୪ ♦ଶନିବାର ♦୨୭ ସେପ୍ଟେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


# ଅବପାତ ରୂପ ନେଲା ଲଘୁଚାପ

## ଆଜି ଦକ୍ଷିଣ ଓଡ଼ିଶାରେ ଅଧିକ ବର୍ଷା

■ ଭୁବନେଶ୍ୱର, ୨୬।୯ (ସମିସ): ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଘନୀଭୂତ ହୋଇ ଅବପାତରେ ପରିଣତ ହୋଇଛି। ଏହା ପ୍ରଭାବରେ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ଜାରି ରହିଛି। ବିଶେଷକରି ଉପକୂଳ ଓଡ଼ିଶାରେ ଶୁକ୍ରବାର ବର୍ଷାର ପ୍ରଭାବ ଅଧିକ ରହିଥିବା ବେଳେ ମୟୂରଭଞ୍ଜଠାରୁ ଗଞ୍ଜାମ ପର୍ଯ୍ୟନ୍ତ ବର୍ଷା ହୋଇଛି। ଏହି ଅବପାତ ଶନିବାର ସକାଳ ସୁଦ୍ଧା ଦକ୍ଷିଣ ଓଡ଼ିଶା ଓ ଉତ୍ତର ଆନ୍ଧ୍ର ମୁହାଁ ହୋଇ ସେଠାରେ ସ୍ଥଳଭାଗ ଅତିକ୍ରମ କରିବ। ତେଣୁ ଶନିବାର ଦକ୍ଷିଣ ଓଡ଼ିଶାରେ ବର୍ଷାର ପ୍ରଭାବ ଅଧିକ ରହିବ। ଶନିବାର ନବରଙ୍ଗପୁର ଜିଲ୍ଲା ପାଇଁ ସବୁଠୁ ଅଧିକ ବର୍ଷା ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲା ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଛି। କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଜପତି, ଗଞ୍ଜାମ, କଳାହାଣ୍ଡି, ନୂଆପଡ଼ାରେ ମଧ୍ୟ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

**୨ରେ ଆଉ ଏକ ଲଘୁଚାପ**

ଅନ୍ୟପଟେ ଶୁକ୍ରବାର ଦିନ ତମାମ ମହାନଦୀରେ ପ୍ରାୟ ୬ ଲକ୍ଷ କ୍ୟୁସେକ୍ ବନ୍ୟା ଜଳ ପ୍ରବାହିତ ହୋଇଛି। ମହାନଦୀର ଉପରମୁଣ୍ଡରେ ହୋଇଥିବା ପ୍ରବଳ ବର୍ଷା ଯୋଗୁଁ ଏହି ସ୍ଥିତି ସୃଷ୍ଟି ହୋଇଛି। ଯେହେତୁ ଉପରମୁଣ୍ଡରେ ଅଧିକ ବର୍ଷା ହୋଇଛି ଓ ମହାନଦୀକୁ ପାଣି ପଶୁଛି, ତେଣୁ ହୀରାକୁଦରେ ଏବେ ବି ୨୦ ଟି ଗେଟ୍ ଖୋଲାଯାଇ ୩ ଲକ୍ଷ ୫୮ ହଜାର କ୍ୟୁସେକ୍ ବନ୍ୟାଜଳ ନିଷ୍କାସିତ କରାଯାଉଛି। ଏହି ପାଣି ▶ପୃଷ୍ଠା-୭

## ବର୍ଷା, ବନ୍ୟା ସ୍ଥିତି ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ



**୧୭ ଜିଲ୍ଲାପାଳଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ**

■ ଭୁବନେଶ୍ୱର, ୨୬।୯ (ସମିସ): ଲଘୁଚାପ ଜନିତ ବର୍ଷା ଯୋଗୁଁ ପ୍ରଭାବିତ ହେବାକୁ ଥିବା ୧୭ ଜିଲ୍ଲାର ଜିଲ୍ଲାପାଳଙ୍କ ସହ ଭିଡିଓ କନ୍‌ଫରେନ୍‌ସ ମାଧ୍ୟମରେ ଆଲୋଚନା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଜିଲ୍ଲାପାଳଙ୍କ ସହ ଆଲୋଚନା କରି ବର୍ଷା ଓ ସମ୍ଭାବ୍ୟ ବନ୍ୟା ସ୍ଥିତି ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଲଘୁଚାପ ପ୍ରଭାବରେ ୩ଟି ଜିଲ୍ଲା ଯଥା କୋରାପୁଟ, ମାଲକାନଗିରି ଏବଂ କଳାହାଣ୍ଡି ବିଶେଷ ପ୍ରଭାବିତ ହେବାର ଆଶଙ୍କା ରହିଛି ବୋଲି ପାଣିପାଗ କେନ୍ଦ୍ର କହିଛି। ଏହାସହ ୧୪ ଜିଲ୍ଲା ଯଥା ନବରଙ୍ଗପୁର, ନୂଆପଡ଼ା, ବଲାଙ୍ଗିର, ରାୟଗଡ଼ା, ଗଜପତି, କନ୍ଧମାଳ, ଗଞ୍ଜାମ, ନୟାଗଡ଼, ପୁରୀ, ଖୋର୍ଦ୍ଧା, ▶ପୃଷ୍ଠା-୭

## ମୁଣ୍ଡଲୀରେ ପହଞ୍ଚିଲା ମହାନଦୀ ବନ୍ୟାଜଳ

■ ତ୍ରିଶୂଳିଆ, ୨୬।୯ (ସମିସ): ହୀରାକୁଦରୁ ଗେଟ୍ ଖୋଲିବା ପରେ ଶୁକ୍ରବାର ଦିନ ମୁଣ୍ଡଲୀରେ ମହାନଦୀର ବନ୍ୟାଜଳ ପହଞ୍ଚିଛି। ଆଜି ସକାଳ ୬ଟା ସୁଦ୍ଧା ମୁଣ୍ଡଲୀ ଦେଇ ୫ଲକ୍ଷ ୧୨ ହଜାର ୫୮ ହଜାର କ୍ୟୁସେକ୍ ବନ୍ୟାଜଳ ପ୍ରବାହିତ ହେଉଥିବା ବେଳେ ପୂର୍ବାହ୍ନ ୧୧ଟା ବେଳକୁ ଧୀରେଧୀରେ ଜଳସ୍ତର ବୃଦ୍ଧି ପାଇଥିଲା। ଦିନ ୧ଟା ବେଳକୁ ୫ଲକ୍ଷ ୭୮ ହଜାର ୧୮୦ ହଜାର କ୍ୟୁସେକ୍ ଜଳ ପ୍ରବାହିତ ହେଉଥିଲା। ମୁଣ୍ଡଲୀର ଉପର ମୁଣ୍ଡରେ ୮୮.୭୦ ଫୁଟ୍ ଏବଂ ତଳ ମୁଣ୍ଡରେ ୮୬.୬୦ ଫୁଟ ଜଳସ୍ତର ରହିଛି। ଧୀରେଧୀରେ ଜଳସ୍ତର ବୃଦ୍ଧି ପାଉଥିବାରୁ ତଳିଆ ଅଞ୍ଚଳ କାଠଯୋଡ଼ି, କୁଆଖାଇ, ଦୟା ଆଦି ଅନେକ ନଦୀକୂଳିଆ ଅଞ୍ଚଳରେ ▶ପୃଷ୍ଠା-୭

# ଆଜି ଝାରସୁଗୁଡ଼ା ଆସୁଛନ୍ତି ପ୍ରଧାନମନ୍ତ୍ରୀ



**ଯୁବ ସମାବେଶରେ ଯୋଗଦେବା ସହ ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ କରିବେ**

**ବିଏସ୍‌ଏନ୍‌ଏଲ୍ ସ୍ୱଦେଶୀ ୪ଜି ନେଟ୍‌ୱର୍କ ସେବାର ହେବ ଶୁଭାରମ୍ଭ**

■ ଭୁବନେଶ୍ୱର/ସମ୍ବଲପୁର ୨୬।୯ (ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି (ଶନିବାର) ଝାରସୁଗୁଡ଼ା ଗସ୍ତରେ ଆସୁଛନ୍ତି। ସେପ୍ଟେମ୍ବର ୧୭ ତାରିଖରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ସମଗ୍ର ଦେଶରେ 'ସେବା ପର୍ବ-୨୦୨୫' ଚାଲିଛି। ଏହି ଉପଲକ୍ଷେ ପ୍ରଧାନମନ୍ତ୍ରୀ ଝାରସୁଗୁଡ଼ାରେ ଆୟୋଜିତ ଯୁବ ସମାବେଶକୁ ସମ୍ବୋଧିତ କରିବା ସହ ଏକାଧିକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ଲୋକାର୍ପଣ କରିବେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ସାରା ଦେଶ ପାଇଁ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ବିଏସ୍‌ଏନ୍‌ଏଲ୍ ୪ଜି ନେଟ୍‌ୱର୍କ ଟାୱାର ସେବାର ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମ ରହିଛି।

କାର୍ଯ୍ୟସୂଚୀ ଅନୁସାରେ, ଝାରସୁଗୁଡ଼ାର ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରେ ପ୍ରଧାନମନ୍ତ୍ରୀ ଆସନ୍ତାକାଲି ପୂର୍ବାହ୍ଣ ୧୧ଟା ୧୦ ମିନିଟରେ ପହଞ୍ଚି, ସେଠାରୁ ଅମଲିପାଲି ପଡ଼ିଆ ଅଭିମୁଖେ ଯାତ୍ରା କରିବେ। ସଭାସ୍ଥଳରେ ୧୧ଟା ୨୫ ମିନିଟରେ ପହଞ୍ଚି ସାଢ଼େ ୧୧ଟାରୁ ସାଢ଼େ ୧୨ଟା ପର୍ଯ୍ୟନ୍ତ ଏକ ଘଣ୍ଟାର କାର୍ଯ୍ୟକ୍ରମ ରହିଛି। ସାଢ଼େ ୧୨ଟାରେ ସଭାସ୍ଥଳରୁ ପ୍ରଧାନମନ୍ତ୍ରୀ ଝାରସୁଗୁଡ଼ା ବିମାନ ବନ୍ଦରକୁ ଯାଇ ସେଠାରୁ ଦିଲ୍ଲୀ ଅଭିମୁଖେ ଯାତ୍ରା କରିବେ।

ଉଲ୍ଲେଖଯୋଗ୍ୟ ଯେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ୭ ବର୍ଷ ପରେ ଝାରସୁଗୁଡ଼ାକୁ ଆସୁଛନ୍ତି। ୨୦୧୮ ମସିହା ସେପ୍ଟେମ୍ବର ୨୨ ତାରିଖ ଝାରସୁଗୁଡ଼ା ଗସ୍ତରେ ଆସି ପ୍ରଧାନମନ୍ତ୍ରୀ ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରର ଉଦ୍‌ଘାଟନ କରିଥିଲେ।

### ପୁଣି ଭାରତକୁ ଟ୍ରମ୍ପ ଝଟ୍‌କା

# ବ୍ରାଣ୍ଡେଡ୍ ଔଷଧ ଉପରେ ୧୦୦ ପ୍ରତିଶତ ଟାରିଫ୍

**କିଚେନ୍ କ୍ୟାବିନେଟ୍‌ରେ ୫୦%, ଫର୍ଣ୍ଣିଚରରେ ୩୦%, ଭାରୀ ଟ୍ରକ୍ ଉପରେ ୩୦%**

**ଅକ୍ଟୋବର ପହିଲାରୁ ଲାଗୁ**



■ ନୂଆଦିଲ୍ଲୀ, ୨୬।୯ (ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରକୁ ଆଉ ଏକ ଶୁଳ୍କ ବୋମା ଛାଡ଼ିଛନ୍ତି। ଏଥର ଔଷଧ, ଫର୍ଣ୍ଣିଚର ଏବଂ ରୋଷେଇ କ୍ୟାବିନେଟ୍ ଉତ୍ପାଦ ଉପରେ ଭାରୀ ଟାରିଫ୍ ଘୋଷଣା କରିଛନ୍ତି। ଫର୍ଣ୍ଣିଚର, ଔଷଧ ସାମଗ୍ରୀ, ରୋଷେଇ କ୍ୟାବିନେଟ୍ ଏବଂ ବିଦେଶରୁ ଆମଦାନି ହେଉଥିବା ଭାରୀ ଟ୍ରକ୍ ଉପରେ ସେ ଏହି ଶୁଳ୍କ ଲଗାଇଛନ୍ତି। ଭାରତରୁ ଆସୁଥିବା ବ୍ରାଣ୍ଡେଡ୍ ଔଷଧ ସାମଗ୍ରୀ ଉପରେ ଶତ ପ୍ରତିଶତ ଟାରିଫ୍ ଲଗାଇଥିବା ▶ପୃଷ୍ଠା-୭

# ପ୍ରିୟାଂଶୁ ପାଲ୍ ଓସିଏସ୍ ଟପ୍ପର୍



**୩୯୮ କୃତୀ ପରୀକ୍ଷାର୍ଥୀଙ୍କ ମଧ୍ୟରେ ୧୪୪ ଝିଅ**

■ ଭୁବନେଶ୍ୱର/କଟକ, ୨୬।୯ (ସମିସ): ଓଡ଼ିଶା ସିଭିଲ୍ ସର୍ଭିସ୍ (ଓସିଏସ୍) ୨୦୨୩ ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି। ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) ଦ୍ୱାରା ପରିଚାଳିତ ଏହି ପରୀକ୍ଷାରେ ମୋଟ୍ ୩୯୮ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ଚଳିତଥର ଝିଅଙ୍କ ତୁଳନାରେ ପୁଅମାନେ ଉତ୍ତମ ପ୍ରଦର୍ଶନ କରିଛନ୍ତି। ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟରେ ୯ ଜଣ ପୁଅ ଥିବା ବେଳେ ଅନୁଗୋଳର ପ୍ରିୟାଂଶୁ ପାଲ ଟପର୍ ହୋଇଛନ୍ତି। ଶ୍ରେଷ୍ଠ ୧୦ରେ ଏକମାତ୍ର ମହିଳା ପ୍ରାର୍ଥୀ ଭାବେ ଅନନ୍ୟା ମିଶ୍ର ▶ପୃଷ୍ଠା-୭







## ଦୁର୍ଘଟଣାରେ ସମାଜସେବୀଙ୍କ ମୃତ୍ୟୁ

ରାଜନଗର, ୨୬।୯ (ସମିସ): ରାଜନଗର ଅଞ୍ଚଳର ବରିଷ୍ଠ ସାମ୍ବାଦିକ ତଥା ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଜୟସିଂହ ମହାପାତ୍ରଙ୍କ କନିଷ୍ଠ ପୁତ୍ର ସମାଜସେବୀ ରଞ୍ଜନ କୁମାର ମହାପାତ୍ରଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଗତକାଲି ରାତିରେ ସ୍ୱର୍ଗତ ମହାପାତ୍ର ସସ୍ତ୍ରିକ ପୁରୀରୁ ଫେରି ଭୁବନେଶ୍ୱରସ୍ଥ ବାସଭବନକୁ ଚାଲି ଚାଲି ଯାଉଥିବା ସମୟରେ ଏକ ଦ୍ରୁତଗାମୀ କାର୍ ଧକ୍କା ଦେଇଥିଲା। ତାଙ୍କୁ ମୁମୂର୍ଷ ଅବସ୍ଥାରେ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ଆଜି ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ପରଲୋକରେ ସମଗ୍ର ରାଜନଗର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ମହାପାତ୍ର ବାୟୁସେନା ଅଧିକାରୀ ଭାବେ କାମ କରିଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୬୨ ବର୍ଷ ବୟସ ହୋଇଥିଲା। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କ ବିୟୋଗରେ ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ପଣ୍ଡିତ ଶଙ୍କର୍ଷଣ ମିଶ୍ର, ବଣିକ ସଙ୍ଘ ସଭାପତି ବାଇଧର ସେଠୀ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

## କଲେଜ ଛାତ୍ରଙ୍କ ଆତ୍ମହତ୍ୟା

**ପାରାଦୀପ, ୨୬।୯ (ସମିସ):** ଅଭୟଚାନ୍ଦପୁର ଥାନା ଅଧୀନ ଡିଙ୍କିଆ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ୧୮/୧୯ ବର୍ଷର ଛାତ୍ର ଆତ୍ମହତ୍ୟା କରିଛନ୍ତି। ସେ ହେଲେ ବବୁଲ ସେଠୀ ଓ ସେ ଡିଙ୍କିଆ ଗ୍ରାମର ନଟବର ସେଠୀଙ୍କ ଦ୍ୱିତୀୟ ପୁତ୍ର। ସେ ତିର୍ତ୍ତୋଲ କଲେଜର ଦ୍ୱିତୀୟ ବର୍ଷର ବିଜ୍ଞାନ ଛାତ୍ର। ଅନଲାଇନ ଗେମ ଖେଳିବାକୁ ବାପାମାଆ ବାରଣ କରିବାରୁ ସେ ଗତକାଲି ରାତିରେ ଆତ୍ମହତ୍ୟା କରିଛନ୍ତି। ଅନଲାଇନ ଗେମରେ ବହୁତ ଟଙ୍କା ହରାଇଥିବାରୁ ଘରେ ତାଗିଦ କରିଥିଲେ। ସକାଳେ କବାଟ ନ ଖୋଲିବାରୁ ପରିବାର ଲୋକଙ୍କ ସନ୍ଦେହ ହୋଇଥିଲା। ଦେଖିଲା ବେଳକୁ ସେ ବେକରେ ରଶି ଲଗାଇ ଦେଇଛନ୍ତି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଆସନ୍ତାକାଲି ଶବ ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି।

## ଆଦର୍ଶ ବିଦ୍ୟାଳୟ ଛାତ୍ରୀ ଦିବ୍ୟାଶ୍ରୀଙ୍କ କୃତିତ୍ୱ



**ପଞ୍ଚୁପାଣ୍ଡବ, ୨୬।୯ (ସମିସ):** କୁରୁଜଙ୍ଗା ଆଦର୍ଶ ବିଦ୍ୟାଳୟ ଛାତ୍ରୀ ଦିବ୍ୟାଶ୍ରୀ ଦାସ ପ୍ରାଦେଶିକ କୁଇଜ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରି ଡେରାବିଶ ପାଇଁ ଗୌରବ ଆଣିଛନ୍ତି। ବିହାରର ବାପୁ ଟାୱାରରେ ଅନୁଷ୍ଠିତ ପ୍ରାଦେଶିକସ୍ତରୀୟ ଏଡସ୍ ସମ୍ପର୍କିତ କୁଇଜ୍ ପ୍ରତିଯୋଗିତାରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟର ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ବିଦ୍ୟାଶ୍ରୀ ଦାସ ଉକ୍ତ ପ୍ରତିଯୋଗିତାରେ ତୃତୀୟ ସ୍ଥାନ ଅଧିକାର କରି ଟ୍ରଫି ଓ ମାନପତ୍ର ସମେତ ୨୦ ହଜାର ଟଙ୍କାର ଆର୍ଥିକ ପୁରସ୍କାର ଲାଭ କରିଛନ୍ତି। ବିଦ୍ୟାଳୟ ପକ୍ଷରୁ ଦିବ୍ୟାଶ୍ରୀ ଓ ତାଙ୍କ ପିତାମାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ପ୍ରିୟବ୍ରତ ସ୍ୱାଇଁ, ନୋଡାଲ ଅଧ୍ୟକ୍ଷ ବିଭୁ ପଦାରବିନ୍ଦ ଜେନା, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଡେରାବିଶ କଲେଜରେ ଜାତୀୟ ସେବା ଶିବିର



**ଡେରାବିଶ, ୨୬।୯ (ସମିସ):** ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟସ୍ଥ ଡେରାବିଶ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ପକ୍ଷରୁ ବର୍ଷାକାଳୀନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅଧ୍ୟାପକ ନଗେନ୍ଦ୍ର ପାଣି ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ବିଶ୍ୱଜିତ ସାହୁ, ସଞ୍ଜୟ ମିଶ୍ର, ଅଧ୍ୟାପିକା ଶୁଭଶ୍ରୀ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମ୍ପ୍ରତି ପରିବେଶ ଅବକ୍ଷୟଜନିତ ପୃଥିବୀରେ ବୃକ୍ଷରୋପଣର ଗୁରୁତ୍ୱ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ରଘୁନାଥ ସାହୁ ଶିବିରର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଯୁଥ ରେଡ୍‌କ୍ରସର ସଂଯୋଜକ ଡ. ଶଶୀକାନ୍ତ ମଲ୍ଲିକା ଧନ୍ୟବାଦ ଅର୍ପଣ କରିଥିଲେ।

## ଦେବସ୍ମିତା ଜିଲ୍ଲା କଂଗ୍ରେସ ସଭାପତି ନିଯୁକ୍ତ



**ଆଳି, ୨୬।୯ (ସମିସ):** ଆଳିର ପୂର୍ବତନ ବିଧାୟକ ସ୍ୱର୍ଗତ ଦେବେନ୍ଦ୍ର ନାଥ ଶର୍ମାଙ୍କ ଝିଅ ତଥା ପିସିସି ରାଜ୍ୟ ସମ୍ପାଦିକା ଡା. ଦେବସ୍ମିତା ଶର୍ମାଙ୍କୁ ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ ସଭାପତି ଭାବେ ଘୋଷଣା କରାଯାଇଛି। ଯାହାକୁ ନେଇ ସମଗ୍ର ଆଳି ଓ ରାଜକନିକା ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ଆଳି ବ୍ଲକ କଂଗ୍ରେସ କମିଟି ପକ୍ଷରୁ ନୂତନ ସଭାପତିଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି। ଆଳି ବ୍ଲକ ସଭାପତି ରବିନାରାୟଣ ବେହେରା, ରାଜକନିକା ବ୍ଲକ ସଭାପତି ମଙ୍ଗୁଳି ଚରଣ ବେହେରା, ମାନଗୋବିନ୍ଦ ଦାଶ, ଦୁର୍ଯ୍ୟୋଧନ ନାୟକ, ଦର୍ପନାରାୟଣ ସାହୁ, ରାଜମୋହନ ସ୍ୱାଇଁ, ସତ୍ୟପ୍ରିୟ ସାମଲ, ସତ୍ୟରଞ୍ଜନ ରାଉତରାୟ, ବିଜୟ ନାୟକ, ସଂଗ୍ରାମ ସାମଲ, ହବେଶ ପଲାଇ, ଜଗତ ଭୂଷଣ ରଥ, ରାକେଶ ଦାସ, ନୀଳମଣି ସେଠୀ, ସର୍ବେଶ୍ୱର ସାମଲ, ସରୋଜ ଜେନା, ବିଷ୍ଣୁ ମଲିକଙ୍କ ସମେତ ଅନ୍ୟ କଂଗ୍ରେସ କର୍ମୀ ଶୁଭେଚ୍ଛା ଜଣାଇଛନ୍ତି।

### ଅଭୟାରଣ୍ୟ, ସିଆର୍‌ଜେଡ୍ ଓ ଇକୋ ସେନସେଟିଭ ଜୋନ ଆଇନର ଖୋଲା ଉଲ୍ଲଙ୍ଘନ

# ନଦୀପଠାରେ ବେଆଇନ ନିର୍ମାଣ



**ରାଜନଗର, ୨୬।୯ (ସମିସ)**

ଭିତରକନିକା ଜାତୀୟ ଉଦ୍ୟାନର ଅତ୍ୟନ୍ତ ପରିବେଶ ସମ୍ବେଦଶୀଳ ଅଞ୍ଚଳରେ ଚାଲିଛି ବେଆଇନ ନିର୍ମାଣ। ନଦୀପଠାକୁ ତାଡ଼ି ନଦୀ ଜୁଆର ଅଟକାଇ ବେଧଡ଼କ ଭାବେ ଚାଲିଛି ନିର୍ମାଣ କାମ। ଜୈବ ବିବିଧତାର ସୁରକ୍ଷା ପାଇଁ ଆଇନ ଥିବାବେଳେ ସ୍ପଷ୍ଟ ଦିବାଲୋକରେ ବେଆଇନ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଭିତରକନିକା ଅଭୟାରଣ୍ୟ, ସିଆରଜେଡ ଓ ଇକୋ ସେନସେଟିଭ ଜୋନ ଆଇନକୁ ଉଲ୍ଲଙ୍ଘନ କରି ବେଆଇନ ନିର୍ମାଣ କରାଯାଉଛି। ନଦୀର ଜୁଆରକୁ ଅଟକାଇ ଏହି ନିର୍ମାଣ କରାଯିବା ସହିତ ସରକାରୀ ଜମିରେ ବେଆଇନ ଭାବେ ପ୍ରାଚୀର ନିର୍ମାଣ କରାଯାଉଥିବା ରାଜନଗର ଅଞ୍ଚଳର ସଚେତନ ନାଗରିକ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର ଓ ରାଜନଗର ବନଖଣ୍ଡ ଅଧିକାରୀ ଭରଦରାଜ ଗାଓଁଙ୍କରଙ୍କୁ ଭେଟି ଅଭିଯୋଗ କରିଥିଲେ ମଧ୍ୟ ପ୍ରଶାସନ ପ୍ରଭାବଶାଳୀ ବେଆଇନ ନିର୍ମାଣକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ବଦଳରେ ହାତବନ୍ଧି ବସିଛି। ପରିବେଶର ସୁରକ୍ଷା ପାଇଁ ରାଜନଗର ବିଧାୟକ ଧ୍ରୁବ ସାହୁ ଏହି ପ୍ରସଙ୍ଗ ବିଧାନସଭାରେ ଉଠାଇବା ସହିତ ତୁରନ୍ତ ବେଆଇନ ନିର୍ମାଣକୁ ଭାଙ୍ଗିବାକୁ ଦାବି ରଖିଛନ୍ତି। ଏଥିସହ ଭିତରକନିକା ଓ ପରିବେଶର ସୁରକ୍ଷା ପାଇଁ ସିଆରଜେଡ-୧ ଅଞ୍ଚଳରେ ନଦୀପଠାକୁ ଖୋଳି ଓ ଜୁଆରକୁ ଅଟକାଇ ଚାଲିଥିବା ବେଆଇନ ନିର୍ମାଣକୁ ତୁରନ୍ତ ଭାଙ୍ଗିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଓ ବାଚସ୍ପତିଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ବିଧାୟକ ନିଜେ ଭିତରକନିକାର ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିବା ପରେ ଏହି ବେଆଇନ ନିର୍ମାଣକାରୀ ଓ ଏହାକୁ ସୁରକ୍ଷା ଦେଉଥିବା ଅଧିକାରୀଙ୍କ ମଧ୍ୟରେ ଛନକା ପଶିଛି।

ଅଭିଯୋଗ ମୁତବକ, ରାଜନଗର ତହସିଲ ଅନ୍ତର୍ଗତ ସାରଦାପ୍ରସାଦ ମୌଜାରେ ବୈତରଣୀ ନଦୀ ପଠାରେ ବେଆଇନ ଭାବେ ଅଟାଳିକା ନିର୍ମାଣ କରାଯାଉଛି। ଯେଉଁ ସ୍ଥାନରେ ବୈତରଣୀ ନଦୀର ଜୁଆର ଅଟକାଇ ସ୍ଥାୟୀ ନିର୍ମାଣ କରାଯାଉଛି, ସେ ଅଞ୍ଚଳ ସିଆରଜେଡ-୧ରେ ଯାଉଥିବାରୁ ଏହି ଅଞ୍ଚଳରେ କୌଣସି ପରିସ୍ଥିତିରେ ନୂତନ ନିର୍ମାଣ ହୋଇପାରିବ ନାହିଁ। ପରିବେଶ ଦୃଷ୍ଟିରୁ ଏହି ଅତିସମ୍ବେଦନଶୀଳ ଅଞ୍ଚଳରେ କିପରି ବେଆଇନ ନିର୍ମାଣ କରାଯାଉଛି, ତାହା ସବୁ ମହଲକୁ ବିସ୍ମିତ କରିଛି। ଏପରିକି ନଦୀପଠାରେ ଖୋଳାଯାଇ ବ୍ୟକ୍ତିଗତ ଜେଟି ନିର୍ମାଣ କରାଯାଉଛି। ୨୦୧୨ରେ ଏହି ସ୍ଥାନରେ ବେଆଇନ ନିର୍ମାଣ ରୋକିବାକୁ ରାଜନଗର ତହସିଲ ଓ ରାଜନଗର ଡିଏଫ୍‌ଓଙ୍କ ପକ୍ଷରୁ ଜମି ମାଲିକ ଯାଜପୁର ଜିଲ୍ଲା ସିଂଗପୁର ଗାଁର ବିକାଶ ଚୌଧୁରୀଙ୍କୁ

### ବିଧାନସଭାରେ ଉଠିଲା ଭିତରକନିକା ସୁରକ୍ଷା ପ୍ରସଙ୍ଗ

ନୋଟିସ ଦିଆଯିବ ସହିତ ତାଙ୍କ ନାମରେ ମାମଲା ରୁଜୁ କରାଯାଇଥିଲା। କିପରି ପରବର୍ତ୍ତୀ ଅବସ୍ଥାରେ ଦୁଇଟି ପ୍ଲଟର ୬୩ ଡିସିମିଲ ଜମିକୁ ରାଜନଗର ତହସିଲ ପକ୍ଷରୁ ଘରବାରି କରାଗଲା, ତାହା ସରକାରୀ ଅଧିକାରୀଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ ଦିନ ଦ୍ୱିପ୍ରହରରେ ବେଆଇନ ନିର୍ମାଣ ଚାଲିଥିବାବେଳେ ଘଟଣାସ୍ଥଳକୁ ଉପଜିଲ୍ଲାପାଳ ଓ ତହସିଲଦାର ବାରମ୍ବାର ଯିବା ପରେ ବି କିପରି ନିର୍ମାଣ ଚାଲିଛି, ତାହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ବୁଦ୍ଧିଜୀବୀ। ନିର୍ମାଣସ୍ଥଳ ପରିବେଶ ଦୃଷ୍ଟିରୁ ଅତିସମ୍ବେଦନଶୀଳ ଅଞ୍ଚଳ ଓ ସିଆରଜେଡ-୧ରେ ଯାଉଥିବାରୁ ଏହାର ସୁରକ୍ଷା ପାଇଁ ନିର୍ମାଣକୁ ବନ୍ଦ କରିବା ସହ ଉପକୂଳର ପରିସଂସ୍ଥା ବଜାୟ ରଖିବାକୁ ଅଞ୍ଚଳରେ ଦାବି ଜୋର ଧରିଛି।

### ପଟ୍ଟାମୁଣ୍ଡାଇ ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର

## ମନରେଗା ଯୋଜନା ସଫଳ କରାଯିବାକୁ ପରାମର୍ଶ



**ପଟ୍ଟାମୁଣ୍ଡାଇ, ୨୬।୯ (ସମିସ):** ପଟ୍ଟାମୁଣ୍ଡାଇ ବ୍ଲକରେ କାର୍ଯ୍ୟକାରୀ ହେଉଥିବା ଏମଏନଆରଇଜିଏସ ଓ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାର ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ପୌରୋହିତ୍ୟ ଓ ବିଡିଓ ଶୀତଲ ଅଗ୍ରୱାଲଙ୍କ ସଂଯୋଜନାରେ ଆୟୋଜିତ ଜନଶୁଣାଣି ଶିବିରରେ ପଟ୍ଟାମୁଣ୍ଡାଇ ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏମଏନଆରଇଜିଏସ ଓ ଏନଏଫଏସଏର ସାମାଜିକ ସମୀକ୍ଷା ହେବା ଫଳରେ ଜନସାଧାରଣ ବିଭିନ୍ନ ଯୋଜନା ଓ କାର୍ଯ୍ୟକାରିତା ସମ୍ପର୍କରେ ସଚେତନ ହୋଇପାରୁଛନ୍ତି ବୋଲି ମତପ୍ରକାଶ କରିଥିଲେ। ବିଡିଓ ଶୀତଲ ଅଗ୍ରୱାଲ ଆଗାମୀ ଦିନରେ ସମଗ୍ର ଜିଲ୍ଲାରେ ପଟ୍ଟାମୁଣ୍ଡାଇ ବ୍ଲକ ମନରେଗା ଯୋଜନାରେ ସର୍ବାଧିକ ସଫଳତା ହାସଲ କରିବା ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ।

ଏହି ଶିବିରରେ ଡିଡବ୍ଲ୍ୟୁଓ ଅରବିନ୍ଦ ରାୟ, ଜିଲ୍ଲା ସାମାଜିକ ସମୀକ୍ଷା ୟୁନିଟର ସରୋଜ କୁମାର ଦାଶ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ରୋଜାଲିନ ମହାଲିକ ଓ ରଶ୍ମିତା ତରାଇ, ବ୍ଲକ ସହକାରୀ ଯନ୍ତ୍ରୀ ବିନୟ ମିଶ୍ର ଓ ପ୍ରସନ୍ନ ରାଉତ, ବ୍ଲକ ଏପିଓ ପୁଣ୍ୟଶ୍ରୀ ସାହୁ, ବ୍ଲକ ସୋସିଆଲ ଅଡିଟର ନଳିନୀକାନ୍ତ ସ୍ୱାଇଁଙ୍କ ସମେତ ସମସ୍ତ କନିଷ୍ଠ ଯନ୍ତ୍ରୀ, ବ୍ଲକ ସିପି ପ୍ରିୟରଞ୍ଜନ ସ୍ୱାଇଁ, ମନରେଗାର ସହକାରୀ ପ୍ରଦୀପ ସ୍ୱାଇଁ, ବନ୍ଦିତା ଭଦ୍ର, ପ୍ରିୟମ୍ବଦା ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ନରସିଂହପୁର ସରପଞ୍ଚ ଦୀପ୍ତିମୟୀ ପରିଡ଼ା, ଦିହୁଡିପୁର ସରପଞ୍ଚ ନରେଶ ମଲିକ, ସାନଜରିଆ ସରପଞ୍ଚ ନିରାକାର ନାୟକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ବ୍ଲକ ଏପିଓ ପୁଣ୍ୟଶ୍ରୀ ସାହୁ ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ପର୍ଯ୍ୟାୟର ତଥ୍ୟ ଉପସ୍ଥାପନ କରିଥିଲେ। ବ୍ଲକ ସୋସିଆଲ ଅଡିଟର ନଳିନୀକାନ୍ତ ସ୍ୱାଇଁ ସୋସିଆଲ ଅଡିଟ ଟିମର ତଥ୍ୟ ଉପସ୍ଥାପନ କରିଥିଲେ। ଉପଜିଲ୍ଲାପାଳ ବୈଠକରେ ଅନୁପସ୍ଥିତ ବିଭିନ୍ନ ବିଭାଗ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବାକୁ ନିର୍ଦ୍ଦେଶ ଦେଇଥଲେ। ଉପଜିଲ୍ଲାପାଳ ଓ ବିଡିଓ ସମସ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଏଡିଇଓ, ଜିସମସ୍ତ ତଥ୍ୟ ଦେବାକୁ ପରାମର୍ଶ ଦେଇଥିଲେ। ଏହି ଶିବିରରେ ଗ୍ରାମ୍ୟ ସାଧନ କର୍ମୀ, ଜବକାର୍ଡଧାରୀ, ରାସନ କାର୍ଡଧାରୀ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ, ପୂର୍ବତନ ଜନପ୍ରତିନିଧି, ସମାଜସେବୀ ଯୋଗଦେଇ ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ।

## ଚୋରାମଦ ଜବତ; ୨ ମହିଳା ସମେତ ୯ ଗିରଫ

**କେନ୍ଦ୍ରାପଡ଼ା, ୨୬।୯ (ସମିସ):** ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ମାର୍ଶାଘାଇ, ଆଳି, କେନ୍ଦ୍ରାପଡ଼ା ସଦର, ପଟ୍ଟାମୁଣ୍ଡାଇ ଟାଉନ, ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ, ନିକିରାଇ, ଡେରାବିଶ ଓ କୁଜାନଗରୀ ଥାନା ଅଧୀନସ୍ଥ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ପାଣିସାଉରିଆ ଗ୍ରାମର ସରୋଜିନୀ ମଲିକ (୩୨)ଙ୍କଠାରୁ ୧୪ ଲିଟର ବିଦେଶୀ ମଦ, ମାଟିଆ ଗ୍ରାମର ସଞ୍ଜୁଲତା ମଲିକ (୩୫)ଙ୍କଠାରୁ ୧୧ ଲିଟର ଦେଶୀମଦ, ଅଢ଼ାଜୋରି ଗ୍ରାମର ସଦାନନ୍ଦ ମଲିକ (୪୫)ଙ୍କଠାରୁ ୧୯ ଲିଟର ବିଦେଶୀ ମଦ, ନାନକର ଗ୍ରାମର ସନ୍ତୋଷ କୁମାର ସ୍ୱାଇଁ (୫୨)ଙ୍କଠାରୁ ୧୮ ଲିଟର ବିଦେଶୀ ମଦ, ଚାଟରାଚକଡା ଗ୍ରାମର ଚିନ୍ମୟ ମହାନ୍ତି (୪୦)ଙ୍କଠାରୁ ୨୦ ଲିଟର ବିଦେଶୀ ମଦ, ଆୟତପୁର ଗ୍ରାମର କାଳୁ ମଲିକ (୫୫)ଙ୍କଠାରୁ ୧୫ ଲିଟର ଦେଶୀ ମଦ, ବାରୁଅ ଗ୍ରାମର ସଞ୍ଜୟ ପରିଡ଼ା (୪୪)ଙ୍କଠାରୁ ୨୨ ଲିଟର ଦେଶୀମଦ, କନ୍ଧାସାହି ଗ୍ରାମର ଅଜୟ କୁମାର ବେହେରା (୩୭)ଙ୍କଠାରୁ ୩୧ ଲିଟର ବିଦେଶୀ ମଦ ଓ ତେରଗାଁ ଗ୍ରାମର ଦେବାଶିଷ ସାହାଣୀ (୩୬)ଙ୍କଠାରୁ ୩୫ ଲିଟର ବିଦେଶୀ ମଦ ସହ ଗୋଟିଏ ବାଇକ୍ ଜବତ କରାଯାଇ ୯ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଆଗାମୀ ଦିନରେ ଏହି ଚଢ଼ଉ ବ୍ୟାପକ ଭାବେ ଜାରି ରହିବ ବୋଲି ଅବକାରୀ ଅଧୀକ୍ଷକ ବିପ୍ରଚରଣ ମଣ୍ଡଳ କହିଛନ୍ତି। ଏହି ଚଢ଼ଉରେ ଅବକାରୀ ଉପନିରୀକ୍ଷକ ଧର୍ମପଦ ଦାସ, ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ରଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ଥିଲେ।

## ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ହସ୍ପିଟାଲରେ ବିଶେଷଜ୍ଞ ଡାକ୍ତର ସମ୍ମିଳନୀ

**ପଟ୍ଟାମୁଣ୍ଡାଇ, ୨୬।୯ (ସମିସ):** ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ହସ୍‌ପିଟାଲରେ ବିଶେଷଜ୍ଞ ଡାକ୍ତର ସମ୍ମିଳନୀ ଓ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍‌ପିଟାଲ ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ନିରାକାର ପରିଡ଼ାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ସମାଜର ତଳପାହାଚରେ ଥିବା ପ୍ରତ୍ୟେକ



ଲୋକ ନିକଟରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ସମାଜସେବୀ ବୁଢା ଲେଙ୍କା, ରୋଗୀ କଲ୍ୟାଣ ସମିତି ସଦସ୍ୟ ଅକ୍ଷୟ ସାହୁ, ପୂର୍ବତନ ପୌର ଉପାଧ୍ୟକ୍ଷ ସୁମନ୍ତ ପାତ୍ର, ପୂର୍ବତନ କାଉନସିଲର ମଳୟ ମଲିକ, ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ସମ୍ପାଦକ ଗୋପୀନାଥ ତ୍ରିପାଠୀ ପ୍ରମୁଖଙ୍କ ସହ ବହୁ ବ୍ୟକ୍ତି ସମାଜସେବୀ ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ବିଶେଷଜ୍ଞ ଡାକ୍ତର ସମ୍ମିଳନୀରେ ଶିଶୁ ରୋଗ ବିଶେଷଜ୍ଞ ଡା ପ୍ରଶାନ୍ତ ଜେନା, ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡା. ଅନୁଜା ଜେନା, ଅସ୍ଥିଶଲ୍ୟ ବିଶେଷଜ୍ଞ ଡା ଅଭିଷେକ ଦ୍ୱିବେଦୀ, ଦନ୍ତ ରୋଗ ବିଶେଷଜ୍ଞ ଡା ପ୍ରଦ୍ୟୁମ୍ନ ପଣ୍ଡା, ଚକ୍ଷୁ ଟେକ୍ନିସିଆନ ସୁଧାଂଶୁ ନାୟକ ପ୍ରମୁଖ ଯୋଗଦେଇ ରୋଗୀ ଚିକିତ୍ସା କରିଥିଲେ।

ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା ଗୌରାଙ୍ଗ ଗିରି ଓ ଡା ଅଶୋକ ନାୟକ ଯୋଗ ଦେଇଥିଲେ। ଏଥିରେ ମାନସିକ ରୋଗ, ଏନସିଡି, ଯକ୍ଷ୍ମା ରୋଗ, କୁଷ୍ଠ ରୋଗ ଆଦି ପରୀକ୍ଷା କରାଯାଇଥିଲା। ଅଙ୍ଗନବାଡି କର୍ମୀ ପୋଷଣ ଯୋଜନା ବିଷୟରେ ସଚେତନତା ସୃଷ୍ଟି କରିଥିଲେ। ଏ ଅବସରରେ ବୟ ବନ୍ଦନା କାର୍ଡ ବଣ୍ଟନ ସହ ଯକ୍ଷ୍ମା ରୋଗୀଙ୍କୁ ପୋଷଣ ଯୋଜନା ଖାଦ୍ୟ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଓ ବିଶେଷଜ୍ଞ ଡାକ୍ତର ସମ୍ମିଳନୀରେ ବହୁ ରୋଗୀ ଯୋଗ ଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମକୁ ପଟ୍ଟାମୁଣ୍ଡାଇ ହସ୍‌ପିଟାଲ ବିପିଏମ ପ୍ରଶାନ୍ତ ଜେନା, ପିଏଚଓ ସ୍ନେହଲତା ମହାନ୍ତି, ଚିତ୍ତରଞ୍ଜନ ଚାନ୍ଦ, ସଞ୍ଜୟ ଦାସ, ନୃସିଂହ ଦାସ, ପ୍ରିୟଦର୍ଶିନୀ ଦୀପ୍ତିମୟୀ ସାହୁ ଓ ମଧୁଛନ୍ଦା ମହାପାତ୍ର ପରିଚାଳନା କରିଥିଲେ।

## ଜିଲ୍ଲାସ୍ତରୀୟ ମହିଳା ତାଲିମ ଶିବିର

**କେନ୍ଦ୍ରାପଡ଼ା, ୨୬।୯ (ସମିସ):** ଜିଲ୍ଲା ସାମାଜ ମଙ୍ଗଳ ବିଭାଗ ପକ୍ଷରୁ ଆଜି ସ୍ଥାନୀୟ ଗରାପୁରସ୍ଥ ହଟେଲ ସ୍ୱୟଂସିଦ୍ଧା କଣ୍ଟିନେଣ୍ଟାଲଠାରେ କର୍ମକ୍ଷେତ୍ରରେ ମହିଳାଙ୍କ ଉପରେ ହେଉଥିବା ଯୌନ ନିର୍ଯାତନାକୁ ରୋକ ଲଗାଇବା ନେଇ ଦିନିକିଆ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ରଘୁରାମ ଆର ଆୟରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳରବୀନ୍ଦ୍ର କୁମାର ମଲ୍ଲିକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି, ଡେପୁଟି କଲେକ୍ଟର ତୃପ୍ତି ମହାନ୍ତିଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀ ଓ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଶିବିରରେ ଅଧିକାରୀମାନେ ବିଭିନ୍ନ ଆଇନଗତ ଦିଗ ଉପରେ ବିସ୍ତୃତ ଆଲୋଚନା ସହିତ ସଚେତନତାକୁ ଗୁରୁତ୍ୱ ଦେଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ ଓ ଲିଗାଲ ସେଲର ଆଇନଜୀବୀ ଶାଶ୍ୱତ ନିର୍ମଳ ଦାସ ଆଞ୍ଚଳିକ କମିଟି ଓ ଆଭ୍ୟନ୍ତରଣ କମିଟିର ଦାୟିତ୍ୱ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ।

### ମେଡିକାଲ କଲେଜ ପ୍ରତିଷ୍ଠା ଦାବି

## ପ୍ରଶାସନର ଅନୁରୋଧକ୍ରମେ ଅହୋରାତ୍ର ଧାରଣା ପ୍ରତ୍ୟାହୃତ

**କେନ୍ଦ୍ରାପଡ଼ା, ୨୬।୯ (ସମିସ)**

ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ପାଞ୍ଚଦିନ ଧରି ଚାଲିଥିବା ଅହୋରାତ୍ର ଗଣଧାରଣା ଜିଲ୍ଲା ପ୍ରଶାସନର ଅନୁରୋଧ କ୍ରମେ ପ୍ରତ୍ୟାହୃତ ହୋଇଛି। ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବା ନେଇ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯିବା ପରେ ମିଳିତ କ୍ରିୟାନୁଷ୍ଠାନ କମିଟି ଏହି ନିଷ୍ପତ୍ତି ନେଇଛି।

ଆଜି ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ ଆନ୍ଦୋଳନ ସ୍ଥଳରେ ପହଞ୍ଚି ଦାବିପତ୍ର ଗ୍ରହଣ କରି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ଗତ ବିଧାନସଭା ଅଧିବେଶନରେ କେନ୍ଦ୍ରାପଡ଼ା ବିଧାୟକଙ୍କ




ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଥିଲେ ଯେ, କେନ୍ଦ୍ରାପଡ଼ାରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। ଏହା ଜିଲ୍ଲାବାସୀଙ୍କୁ ଭଣ୍ଡେଇବା ବ୍ୟତୀତ ଅନ୍ୟକିଛି ନୁହେଁ। ଜିଲ୍ଲାବାସୀ ଓ ଆନ୍ଦୋଳନକାରୀ ଏହାକୁ ପ୍ରତ୍ୟାଖାନ କରିଛନ୍ତି। ଆଜି ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲେ ବି ମିଳିତ କ୍ରିୟାନୁଷ୍ଠାନ କମିଟି ଜିଲ୍ଲା ପ୍ରଶାସନ ଦେଇଥିବା କଥା ଉପରେ ଦୃଷ୍ଟି ରଖିଛି। ପରବର୍ତ୍ତୀ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ କ'ଣ ରହିବ, ତାହା ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନର ଆଭିମୁଖ୍ୟ ଉପରେ ନିର୍ଭର କରୁଛି। ଏହି ଆନ୍ଦୋଳନରେ ଜିଲ୍ଲାର ବିଭିନ୍ନ ବର୍ଗର ଜନଗଣ ସାମିଲ ହୋଇଥିବାରୁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ସଭାପତି ଅଧ୍ୟାପକ ଅଜୟ ସାମଲ, ଆବହକ ମଣ୍ଡଳୀ ସଭ୍ୟ ଗୟାଧର ଧଳ, ପ୍ରଫୁଲ୍ଲ ଦାସ, ଆଦିକନ୍ଦ ରାଉଳ, ମୁକ୍ତାର ଖାଁ, ସୂର୍ଯ୍ୟକାନ୍ତ ପରିଡ଼ା, ଭାଗୀରଥି ଜେନାଙ୍କ ନେତୃତ୍ୱରେ ଆହୂତ ଏହି ଗଣଧାରଣାରେ ପୂର୍ବତନ ବିଧାୟିକା ସିପ୍ରା ମଲିକ, ବିଜେଡି ନେତା ରବି ସାମଲ, ପୂର୍ବତନ ନଗରପାଳ ଆକବର ଅଲ୍ଲୀ, ଧୀରେନ ସାହୁ, କଂଗ୍ରେସ ରାଜ୍ୟ ସମ୍ପାଦିକା ସସ୍ମିତା ପଣ୍ଡା, ଆପ୍ ରାଜ୍ୟ ସମ୍ପାଦକ ସନ୍ଦୀପ୍ତ ଦାସ, ବୈଷ୍ଣବ ସ୍ୱାଇଁ, ମହେନ୍ଦ୍ର ପଟ୍ଟନାୟକ, ସଞ୍ଜୟ ବସନ୍ତିଆ, ସୀତାକାନ୍ତ ନାୟକ, ସୁରେଶ ପଟ୍ଟନାୟକ, ଭାବଗ୍ରାହୀ ନାୟକ, ଅମରେନ୍ଦ୍ର ଦାସ, ବିଧୁଭୂଷଣ ମହାପାତ୍ର, ଫକୀର ଚରଣ ଖଟୁଆ, ସିପିଏମ ନେତା ଜଗତଜୀବନ ଦାସ, ମାଧବ ଦାସ, ବିକାଶ ବେଉରା, ଦାଶରଥୀ ସାହୁ, କୁଳମଣି ରାଉତ, ନରୋତ୍ତମ ପାର୍ଥସାରଥୀ, ବିଜୟ ପରିଡ଼ା, ପ୍ରକାଶ ମହାନ୍ତି, ରାଜକୁମାର ବିଶ୍ୱାଳ, କିଶୋର ସାହୁ, ବିଜୟ ନାୟକ, ଗୋଲକ ମହାଭୋଇ, ଗାନ୍ଧୀବାଦୀ ଅଭିମନ୍ୟୁ ରାଉତ, ସନ୍ତୋଷ ବେହେରା, ପ୍ରମୋଦ ବେହେରା, ଦିଲ୍ଲୀପ ମିଶ୍ର, ପ୍ରଭାକର ସାମଲ, ଧୀରେନ୍ଦ୍ର ବେହେରା ପ୍ରମୁଖ ବିଭିନ୍ନ ସମୟରେ ଆନ୍ଦୋଳନରେ ଅଂଶଗ୍ରହଣ କରିଥିଲେ।

## ପଟ୍ଟାମୁଣ୍ଡାଇ କଲେଜ ନୂତନ ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ

**ପଟ୍ଟାମୁଣ୍ଡାଇ, ୨୬।୯ (ସମିସ):** ପଟ୍ଟାମୁଣ୍ଡାଇ କଲେଜର ନୂତନ ଅଧ୍ୟକ୍ଷ ଭାବେ ନିରାକାରପୁର କେବି ଡିଏଭି କଲେଜର ବରିଷ୍ଠ ପ୍ରାଧ୍ୟାପକ ଉମାକାନ୍ତ ପାତ୍ର ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ କେନ୍ଦ୍ରାପଡ଼ା ଓ ପଟ୍ଟାମୁଣ୍ଡାଇ କଲେଜରେ ପ୍ରାଧ୍ୟାପକ ଭାବେ କାର୍ଯ୍ୟ କରି ବେଶ ଅଭିଜ୍ଞତା ହାସଲ କରିଛନ୍ତି। ପ୍ରାଧ୍ୟାପକ ଶ୍ରୀ ପାତ୍ର ଭାରପ୍ରାପ୍ତ ଅଧ୍ୟକ୍ଷ କ୍ୟାପଟେନ ମନୋଜ ପରିଡ଼ାଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ। ବରିଷ୍ଠ ଶିକ୍ଷକ ସଂଗଠକ ପ୍ରାଧ୍ୟାପକ ଶ୍ରୀ ପାତ୍ର ସମ୍ପ୍ରତି ବେସରକାରୀ କଲେଜ ଶିକ୍ଷକ ସଂଗଠନର ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ କରୁଛନ୍ତି। ପଟ୍ଟାମୁଣ୍ଡାଇ କଲେଜର ନୂତନ ଅଧ୍ୟକ୍ଷ ଭାବେ ବରିଷ୍ଠ ପ୍ରାଧ୍ୟାପକ ଶ୍ରୀ ପାତ୍ରଙ୍କ ଯୋଗଦାନକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।



### ମିଥ୍ୟା ଅଭିଯୋଗରୁ ମାମଲା

# ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

କୋରାପୁଟ,୨୬।୯ (ସମିସ):



ଗଣତାନ୍ତ୍ରିକ ପଦ୍ଧତିରେ ନିଜ ଅଧିକାର ସାବ୍ୟସ୍ତ କରୁଥିବା ଶହ ଶହ ନୀରିହ ଆଦିବାସୀଙ୍କ ବିରୁଦ୍ଧରେ କେତେକ ଘରୋଇ କମ୍ପାନୀ ପ୍ରରୋଚନାରେ ପୁଲିସ ମିଥ୍ୟା ଆରୋପ ଲଗାଇ ମକଦ୍ଦମା ରୁଜୁ କରିବା ଘଟଣାକୁ ବିରୋଧ କରି ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଓ ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ କୋରାପୁଟ ଜିଲ୍ଲାରେ ଏସିଆର ବୃହତ୍ତମ ଆଲୁମିନିଅମ ଶିଳ୍ପ ନାଲକୋ ରହିଛି କିନ୍ତୁ ଆଶାତୀତ ଭାବେ ସ୍ଥାନୀୟ ଅଞ୍ଚଳର ବିକାଶ ହେଉ ନାହିଁ କିମ୍ବା ନିଯୁକ୍ତି ମିଳୁନି। ବର୍ତ୍ତମାନ ନାଲକୋ ପାଇଁ ଆବଶ୍ୟକ ବକ୍ସାଇଟ ସେରୁବନ୍ଧ ଓ ମାଳି ପର୍ବତରୁ ଉତ୍ତୋଳନ ପାଇଁ ରାଜ୍ୟ ସରକାର କିଛି ଘରୋଇ କମ୍ପାନୀକୁ ଅନୁମତି ଦେଇଛନ୍ତି। ସେହିପରି ନନ୍ଦପୁର ବ୍ଲକ ବାଲଡା ସ୍ଥିତ ନାଗେଶ୍ୱରି ପାହାଡ଼ରୁ ବକ୍ସାଇଟ ଖନନ ପାଇଁ ଆଦାନୀ କମ୍ପାନୀକୁ ଦିଆଯାଇଛି। ଯାହାକୁ ସ୍ଥାନୀୟ ଅଞ୍ଚଳବାସୀ ବିରୋଧ କରୁଛନ୍ତି। କୋରାପୁଟ ବ୍ଲକ ସୁକୁ ନିକଟ ଚାଇନା ମାଟି ଖୋଲାକୁ ମଧ୍ୟ ଲୋକେ ବିରୋଧ କରୁଛନ୍ତି। ଲୋକେ ନିଜ ଅଞ୍ଚଳର ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ଖଣିଜ ସମ୍ପଦର ସୁରକ୍ଷା ନିମନ୍ତେ ଗଣତାନ୍ତ୍ରିକ ପଦ୍ଧତିରେ ପ୍ରତିବାଦ କରିବା ସହ ଜନଶୁଣାଣି କାର୍ଯ୍ୟକ୍ରମରେ ମଧ୍ୟ ବିରୋଧ କରିଥିଲେ। ମାଳି ପର୍ବତ ସୁରକ୍ଷା ସମିତି, ସେରୁବନ୍ଧ ସୁରକ୍ଷା ସମିତି, ହାଲ ବିସ୍ଥାପିତ ସଂଘ, ବାଲଡା ମା' ନାଗେଶ୍ୱରି ସୁରକ୍ଷା ସଂଘ, ଚାଇନା ମାଟି ସଂଘ ପ୍ରତିବାଦର ନେତୃତ୍ୱ ନେଉଥିବାରୁ ଉପରୋକ୍ତ କମ୍ପାନୀ ମାନଙ୍କ ପ୍ରରୋଚନାରେ ପୁଲିସ ନିରୀହ ଆଦିବାସୀଙ୍କ ବିରୁଦ୍ଧରେ ଭାରତୀୟ ନ୍ୟାୟ ସଂହିତା ୧୨୯ରେ ମାମଲା ରୁଜୁ କରି ହଇରାଣ କରୁଛି। ଫଳରେ ଶାନ୍ତ ସରଳ ଆଦିବାସୀ ପ୍ରତିକ୍ରିୟାଶୀଳ ହେବାକୁ ବାଧ୍ୟ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେଣୁ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନକରିବାକୁ ସେମାନେ ଜିଲ୍ଲାପାଳଙ୍କ ନିକଟରେ ଅନୁରୋଧ କରିବା ସହ ମିଥ୍ୟା ମକଦ୍ଦମା ପ୍ରତ୍ୟାହାର କରିବାକୁ ପୁଲିସକୁ ନିର୍ଦ୍ଦେଶ ଦେବା ପାଇଁ ଅନୁରୋଧ କରିଛନ୍ତି। ମାଳି ପର୍ବତ ସୁରକ୍ଷା ସମିତି ସଭାପତି ବିଜୟ ଖିଲଙ୍କ ନେତୃତ୍ୱରେ ଦୀନବନ୍ଧୁ ଗୁଣ୍ଟା, ବିଜୟ ମୁଦୁଲି, ଲସୁ ହନ୍ତାଳ, ସବିତା ଖରା, ରାଜେନ୍ଦ୍ର ଖରା, ମାଳିତି ଖରା, ଗୀତା ଖରା, ଲକ୍ଷ୍ମୀ ହନ୍ତାଳ, ବିମଳା ପୂଜାରୀ ପ୍ରମୁଖ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

## ରେଳ ବିକାଶ ନେଇ ସ୍ମାରକପତ୍ର

ଗୁଣପୁର,୨୬।୯ (ସମିସ): ସ୍ଥାନୀୟ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଓ ନବ ନିର୍ମାଣ ସମିତି ଆନୁକୂଲ୍ୟରେ ଗୁଣପୁର ଗ୍ରସ୍ତରେ ଥିବା ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ୮ ଦଫା ସମ୍ବଳିତ ସ୍ମାରକ ପତ୍ର ଶୁକ୍ରବାର ପ୍ରଦାନ କରଯାଇଛି। ଶନିବାର ପ୍ରଧାନମନ୍ତ୍ରୀଙ୍କ ଝାରସୁଗୁଡା ଗ୍ରସ୍ତ ସମୟରେ ଦାବିପତ୍ର ପ୍ରଦାନ କରିବାକୁ ଏମ୍‌ପି ପ୍ରତିଶ୍ରୁତି ଦେଇଥିଲେ। ଗୋପାଳପୁର ଠାରୁ ରାୟଗଡା ପ୍ରସ୍ତାବିତ ରେଳ ପ୍ରକଳ୍ପ ଶୀଘ୍ର ଆରମ୍ଭ ଏବଂ ଗୁଣପୁର ଥେରୁବାଲି ସ୍ୱତନ୍ତ୍ର ରେଳପଥର ନିର୍ଦ୍ଧାରିତ ସମୟ ସୀମାରେ କାର୍ଯ୍ୟକ୍ଷମ, ରାୟଗଡା କିମ୍ବା ଗୁଣପୁର ର ମେଡିକାଲ କଲେଜ ସ୍ଥାପନ, ଏମ୍ସ ସାଟଲାଇଟ୍ କେନ୍ଦ୍ର ସ୍ଥାପନ, ଗୁଣପୁରରେ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ, ଗୁଣପୁରୁ ଟେରମିନାଲରୁ ହାୱାଡା ପର୍ଯ୍ୟନ୍ତ ନୂତନ ବନ୍ଦେଭାରତ ଟ୍ରେନ ଚଳାଚଳ ଏବଂ ଗୋଦାବରୀ ସୁପରଫାଷ୍ଟ ଟ୍ରେନକୁ ଗୁଣପୁର ଯାଏଁ ସମ୍ପ୍ରସାରଣ ଏବଂ ମହେନ୍ଦ୍ରାଞ୍ଚଳ ଜୈବ ବିବିଧତାର ସଂରକ୍ଷଣ ସହ ପୁଣ୍ୟତୋୟା ବଂଶଧରା ନଦୀ ଉପର ମୁଣ୍ଡରେ ଅନିକଟ ନିର୍ମାଣ ସହ ଜଳ ବିଦ୍ୟୁତ ପ୍ରକଳ୍ପ ନିର୍ମାଣ ଅନ୍ତର୍ଭୁକ୍ତ। ଏହି ଦାବିପତ୍ର ପ୍ରଦାନବେଳେ ସମାଜସେବୀ ତଥା ନବ ନିର୍ମାଣ ସମିତିର ଅଧ୍ୟକ୍ଷ ଅକ୍ଷୟ ଦାଶ, ସମ୍ପାଦକ ରଂଜିତ ପାଢ଼ୀ ,ବରିଷ୍ଠ ନାଗରିକ ରାଜେନ୍ଦ୍ର ନାୟକ, ନୀଳମାଦବ ପାଢ଼ୀ, ରିଙ୍କୁ ପଣ୍ଡା, ପିଙ୍କି ମହାପାତ୍ର , ଖବରଦାତା ବ୍ରଜ ପାଢି ଏବଂ ୱାଇ.ଗଣପତି ଉପସ୍ଥିତ ଥିଲେ।

● ଚିନାବାଦାମ କିଣାରେ ଜାଲିଆତି ଅଭିଯୋଗ

## ମାର୍କଫେଡ୍‌ର ୨ କର୍ମଚାରୀଙ୍କ ନାଁରେ ଏତଲା



ବୈପାରିଗୁଡ଼ା,୨୬।୯ (ସମିସ): ବୈପାରିଗୁଡା ଲ୍ୟାମ୍ପସର ଚିନାବାଦାମ କିଣାରେ ଦୁର୍ନୀତି ଅଭିଯୋଗ ହୋଇଛି । ଏହି ଜାଲିଆତିରେ ସମ୍ପୃକ୍ତ ମାର୍କଫେଡର ଦୁଇ କର୍ମଚାରୀଙ୍କ ନାଁରେ ଥାନାରେ ଏତଲା ଦେଲେ ବାଦାମ ଚାଷୀ । ବୈପାରିଗୁଡା ଚିନାବାଦାମ ମଣ୍ଡିରେ ୨୪୦ ଜଣ ଚାଷୀଙ୍କ ଠାରୁ ୨ ହଜାର ୨୩୦. ୯୦ କୁଇଣ୍ଟାଲ ଚିନାବାଦାମ କ୍ରୟ କରିଥିଲା। ଏହାବ୍ୟତୀତ ପୁଣିଥରେ ୬୨ ଜଣ ଚାଷୀଙ୍କ ୭ ଶହ କୁଇଣ୍ଟାଲ ଚିନାବାଦାମ କିଣିଥିଲା ଲ୍ୟାମ୍ପସ। ମାର୍କଫେଡ୍ ଦୁଇ କର୍ମଚାରୀ ବୈପାରିଗୁଡା ବ୍ଲକର ୭୫ ଜଣ ଚାଷୀଙ୍କ ନାମ ପଞ୍ଜିକୃତ କରିବା ସହ ଟୋକେନ ମଧ୍ୟ ପ୍ରଦାନ କରିଥିଲା ଲ୍ୟାମ୍ପସ୍। କିନ୍ତୁ ଏହି ୭୫ ଜଣ ଚାଷୀଙ୍କ ଟଙ୍କା ଏକାଉଣ୍ଟ୍ କୁ ଆସିନଥିଲା। ବାରମ୍ବାର ଅଭିଯୋଗ ହେବାପରେ ମଧ୍ୟ ଲ୍ୟାମ୍ପସ୍ କିମ୍ବା ମାର୍କଫେଡ୍ ଅଭିଯୋଗକୁ ଅଣଦେଖା କରି ଆସୁଥିଲା। ଚାଷୀ ଲ୍ୟାମ୍ପସରେ ତାଲା ପକାଇବା ସହ ଅନ୍ ଲାଇନରୁ ସମସ୍ତ ତଥ୍ୟ ବାହାର କରିଥିଲେ। ତଥ୍ୟରୁ ଜଣାପଡିଥିଲା ଯେ, ୭୫ ଜଣ ଚାଷୀଙ୍କ ଆକାଉଣ୍ଟରେ ଚିନାବାଦାମ ବିକ୍ରି ଟଙ୍କା ନପକାଇ ମାର୍କଫେଡର ଦୁଇ କର୍ମଚାରୀ ଜେ. ବିନୀତ କୁମାର ଏବଂ ମନୋଜ କୁମର ନାୟକ ଚଞ୍ଚକତା କରି କିଛି ନକଲି ଚାଷୀ ଏବଂ କିଛି ସଂପର୍କୀୟଙ୍କ ନାଁରେ ଥିବା ଆକାଉଣ୍ଟରେ ଟଙ୍କା ପଠାଇଛନ୍ତି। ଏସବୁ ଦୁର୍ନୀତି ହୋଇଥିବା ଜଣାପଡିବା ପରେ ଆଜି ସମସ୍ତ ଚାଷୀ ଏକତ୍ରିତ ହୋଇ ମାର୍କଫେଡର ଦୁଇ କର୍ମଚାରୀଙ୍କ ନାଁରେ ଥାନାରେ ଏତଲା ଦେଇଥିବା ଜଣାପଡିଛି।

## ବାଣ ଜବତ

କୋରାପୁଟ,୨୬।୯ (ସମିସ): ଜିଲ୍ଲା ପୁଲିସ ପକ୍ଷରୁ କୋଟପାଡ ଓ ଜୟପୁରର ବିଭିନ୍ନ ଦୋକାନରେ ଚଢଉ କରା ଯାଇ ବେଆଇନ ଭାବେ ଗଚ୍ଛିତ ବିପୁଳ ପରିମାଣର ବାଣ ଜବତ କରା ଯାଇଥିବା ଏସପି ରୋହିତ ବର୍ମା ସୂଚନା ଦେଇଛନ୍ତି। ଶୁକ୍ରବାର ସକାଳେ କୋଟପାଡ଼ର ଏକ ବେଆଇନ ବାଣ ଦୋକାନ ଉପରେ ପୁଲିସ ଟିମ୍ ଚଢଉ କରି ବିଭିନ୍ନ ପ୍ରକାର ୯ ପେଟି ବାଣ ଜବତ କରିଥିଲେ। ଆଗକୁ ଦୀପାବଳି ଆସୁଛି ତେଣୁ କୋଟପାଡ଼ ଅଞ୍ଚଳରେ କିଛି ବ୍ୟବସାୟୀ ବାଣ ମଗାଇ ଏବେଠୁ ଗଚ୍ଛିତ କରିଥିବାର ସୂଚନା ପାଇବାପରେ ଏସପିଙ୍କ ନିର୍ଦ୍ଦେଶ କ୍ରମେ କୋଟପାଡ଼ ଥାନା ଅଧିକାରୀ ପରମାନନ୍ଦ ସୁନାନୀଙ୍କ ନେତୃତ୍ୱରେ ଏକ ଟିମ କୋଟପାଡ଼ ସଦର ମହକୁମାର ବଡଦାଣ୍ଡ ଅଂଚଳରେ ଥିବା ଏକ ଦୋକାନ ଉପରେ ଚଢ଼ାଉ କରିଥିଲେ। ଦୋକାନରେ ଲୁଚାଇ ରଖାଯାଇଥିବା ୯ ପେଟି ବାଣକୁ ଜବତ କରାଯାଇ କୋଟପାଡ଼ ଥାନାରେ ଏକ ମାମଲା ରୁଜୁ କରାଯାଇ ଜଣଙ୍କୁ ଗିରଫ କରାଯାଇଛି। ସେହିପରି ଜୟପୁର ଟାଉନ ଥାନା ଅଂଚଳରେ ମଧ୍ୟ ବେଆଇନ ବାଣ ରଖିଥିବା କିଛି ଗୋଦାମରେ ଜୟପୁର ପୁଲିସ ଦ୍ୱାରା ଚଢ଼ଉ କରାଯାଇ ବିପୁଳ ପରିମାଣର ବାଣ ଜବତ କରାଯାଇଥିବା ନେଇ ଏସ୍‌ପି ସାମାଜିକ ଗଣମାଧ୍ୟମ ଏକ୍ସରେ ସୂଚନା ଦେଇଛନ୍ତି।

## ଭୁଶୁଡ଼ିଲା ସେୱା ପେପର ମିଲର କନଭେୟର୍ ବେଲ୍ଟ

ଜୟପୁର, ୨୬।୯, (ସମିସ) : ଜୟପୁର ସେୱା ପେପରମିଲର ମୁଖ୍ୟ କୋଇଲା କନଭେୟର୍ ବେଲ୍ଟ ଭୁଶୁଡ଼ି ପଡିଛି। ଦୁଇ ଦିନ ତଳେ ପ୍ରାୟ ଚାଳିଶ ଫୁଟ ଉଚ୍ଚତାରୁ ଖସି ପଡ଼ିଥିଲା। ଏକ ବଡ଼ ଅଘଟଣରୁ କାର୍ଯ୍ୟରତ କର୍ମଚାରୀ ମ ବର୍ତ୍ତି ଯାଇଛନ୍ତି। ଏହି ପେପର ମିଲ ଗତ ବର୍ଷ ଜୁଲାଇ ମାସରୁ ଉତ୍ପାଦନ ବନ୍ଦ ରହିଛି। ଗତ ୨୦୨୦ ମସିହା ଅଗଷ୍ଟ ୮ ତାରିଖରେ ପ୍ରବଳ ବର୍ଷାରେ ପଲ୍ପ ମିଲ୍ ବିଭାଗର ବିଶାଳ ଛାତ ଭୁଶୁଡି ପଡିଥିଲା। ଅନ୍ୟପକ୍ଷରେ କର୍ମଚାରୀ ମାନଙ୍କୁ ଗତ ୧୪ ମାସ ଦରମା ନାହିଁ ମିଳିନାହିଁ । କିନ୍ତୁ କିଛି କର୍ମଚାରୀ ନିୟମିତ ଡ୍ୟୁଟି କରୁଛନ୍ତି। ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଗତ ଅଗଷ୍ଟ ମାସରେ ଜୟପୁର ଗସ୍ତ ସମୟରେ ପେପରମିଲକୁ ପୁନଃ କାର୍ଯକ୍ଷମ ନେଇ ଘୋଷଣା କରିଥିବା ସତ୍ତ୍ୱେ ବର୍ତ୍ତମାନ ସୁଦ୍ଧା କାରଖାନା ପୂର୍ବଭଳି ରହିଛି। ଏହିପରି ଅବସ୍ଥା ଜାରୀ ରହିଲେ ଜୟପୁରର ଏକ ମାତ୍ର ବୃହତ୍ ଶିଳ୍ପ ଅଧୋଗତିର ସମ୍ମୁଖୀନ ହେବ। ତେଣୁ ରାଜ୍ୟ ସରକାର ଏବଂ ପ୍ରଶାସନ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ କର୍ମଚାରୀ ନେତା ପ୍ରମୋଦ କୁମାର ମହାନ୍ତି ଦାବି କରିଛନ୍ତି।

## ରାୟଗଡ଼ା ବିଧାୟକ କାଡ୍ରକା ଅପଲାସ୍ୱାମି ଡିସିସି ସଭାପତି



ରାୟଗଡ଼ା,୨୬।୯ (ସମିସ): ରାୟଗଡ଼ା ଜିଲ୍ଲା କଂଗ୍ରେସ ସଭାପତି ହେଲେ ବିଧାୟକ ଆପଲସ୍ୱାମୀ କାଡ୍ରାକା। ଏନେଇ ଏଆଇସିସି ସାଧାରଣ ସମ୍ପାଦକ କେ.ଭେଣୁଗୋପାଳ ବିଧିବଦ୍ଧ ଘୋଷଣା କରିଛନ୍ତି। ପୂର୍ବରୁ ରାୟଗଡ଼ାଜିଲ୍ଲା ସଭାପତି ପାଇଁ କଂଗ୍ରେସ ପକ୍ଷରୁ ପର୍ଯ୍ୟବେକ୍ଷକ ନିଯୁକ୍ତି ହୋଇ କର୍ଣ୍ଣାଟକ ରାଜ୍ୟର ବିଧାୟକ ଅର୍ଶଦ ରିଜୱାନ ଜିଲ୍ଲା ଗସ୍ତରେ ଆସି କର୍ମୀଙ୍କ ମତ ସଂଗ୍ରହ କରିଥିଲେ। ଫଳସ୍ୱରୂପ ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକାଙ୍କୁ ଦଳ ସଂଗଠନ ମଜଭୂତ କରିବା ପାଇଁ ଆସ୍ଥା ପ୍ରକଟ ଏହି ଗୁରୁ ଦାୟିତ୍ୱ ପ୍ରଦାନ କରିଛି ବୋଲି କର୍ମୀ ମହଲରେ ଆଲୋଚନା ଚାଲିଛି। ବିଧାୟକ କାଡ୍ରାକାଙ୍କ ନାଁ ଜିଲ୍ଲା ସଭାପତି ଭାବେ ଘୋଷଣା ହେବା ପରେ କର୍ମୀ ମହଲରେ ଉତ୍ସାହ ଖେଳି ଯାଇଛି। ତେବେ ଏଥିପାଇଁ ବିଧାୟକ ଶ୍ରୀ କାଡ୍ରାକା ଏଆଇସିସି ସଭାପତି ମଲିକାର୍ଜୁନ ଖାର୍ଗେ, ରାହୁଲ ଗାନ୍ଧୀ, ପିସିସି ସଭାପତି ଭକ୍ତଚରଣ ଦାସଙ୍କ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଆନ୍ଦୋଳନକୁ ସମର୍ଥନ ଦେଲେ ଜିଲ୍ଲା ପରିଷଦ ଅଧ୍ୟକ୍ଷା

କୋରାପୁଟ,୨୬।୯ (ସମିସ): ପୂର୍ବ ନିର୍ଦ୍ଧାରିତ ପାରିଶ୍ରମିକ ରାଶି ପ୍ରଦାନ କରିବା ଦାବିରେ କୋରାପୁଟ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ଜାରି ରଖିଥିବା ଧାରଣା ଆଜି ପଞ୍ଚମ ଦିନରେ ପହଞ୍ଚି ଥିବାବେଳେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା ଆନ୍ଦୋଳନ ସ୍ଥାନରେ ପହଞ୍ଚି ଦାବିକୁ ସମର୍ଥନ ଜଣାଇଛନ୍ତି। ଉପମୁଖ୍ୟମନ୍ତ୍ରି ପ୍ରଭାତୀ ପରିଡ଼ା କେବଳ ଭାଷଣରେ ଲକ୍ଷପତି ଦିଦି ଗଢିଲେ ହେବ ନାହିଁ, ଲକ୍ଷପତି ଦିଦି ତିଆରି କରିବା ପାଇଁ ଯେଉଁ ମାନେ ଦିନରାତି ଖଟୁଛନ୍ତି ସେମାନଙ୍କ ଦୁଃଖ ମଧ୍ୟ ବୁଝିବାକୁ ଚେଷ୍ଟା କରନ୍ତୁ ବୋଲି ଜିଲ୍ଲା ପରିଷଦ ଅଧ୍ୟକ୍ଷା କହିଛନ୍ତି। ରାଜ୍ୟ ସରକାର ନିଜ ନିଷ୍ପତି ପ୍ରତ୍ୟାହାର କରି ପୂର୍ବ ସରକାରଙ୍କ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ସେ ଦାବି କରିଛନ୍ତି।

## ଓସିଏସ୍ ପରୀକ୍ଷାରେ ଆଇନଜୀବୀଙ୍କ ପୁଅଙ୍କ ସଫଳତା



କୋରାପୁଟ,୨୬।୯ (ସମିସ): ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷା ଫଳ ପରୀକ୍ଷାରେ କୋରାପୁଟର ଆଇନଜୀବୀ ତଥା ସମାଜସେବୀ ମନୋଜ କୁମାର ଆଚାର୍ଯ୍ୟଙ୍କ ପୁଅ ଆକାଶ ଉଡ଼ିତାଂଶୁ ଆଚାର୍ଯ୍ୟ କୃତକାର୍ଯ୍ୟ ହୋଇଛନ୍ତି। ଆକାଶ ୧୫୫ ତମ ର୍‌ୟାଙ୍କ ପାଇଥିବା ଜଣା ପଡ଼ିଛି। ଆକାଶ ଭୁବନେଶ୍ୱର ସ୍ଥିତ ଓୟୁଏଟିରେ ବିଏସସି ଏଜି ପଢ଼ିଥିଲେ।

● ଭାରତ ଓ ଜାପାନ ବିକାଶର ଦ୍ୱିପାକ୍ଷିକ ଆଲୋଚନାରେ ନବରଙ୍ଗପୁରର ସଞ୍ଜୟ

## ଜିଲ୍ଲାର ଅର୍ଥନୈତିକ ପ୍ରଗତିରେ ସହାୟକ ହେବ ଏଟ୍ୱା ଫାଉଣ୍ଡେସନ

ନବରଙ୍ଗପୁର,୨୬।୯ (ସମିସ): ନୂଆଦିଲ୍ଲୀ ସ୍ଥିତ ଜାପାନ ଦୂତାବାସରେ "୫ ଟ୍ରିଲିୟନ,ଅର୍ଥ ବ୍ୟବସ୍ଥାର ଲକ୍ଷ୍ୟ ରଖିଥିବା ଭାରତରେ ଦାରିଦ୍ର୍ୟ ସ୍ଥିତି ଓ ଦୂରୀକରଣ" ବିଷୟ ଆଧାରିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଦ୍ୱିପାକ୍ଷିକ ବୈଠକରେ ଭାରତ ଓ ଜାପାନରେ ଅବସ୍ଥିତ ବିଭିନ୍ନ ଜାପାନୀ ନିଗମର ୨୫୦ରୁ ଅଧିକ ପ୍ରତିନିଧି ଯୋଗ ଦେଇଥିଲେ। ଏହି ଅବସରରେ ଏଟ୍ୱା ( ଇ ଟି ପି ଏ ) ଫାଉଣ୍ଡେସନ୍ ଫର୍ ସୋସିଆଲ ଡେଭଲପମେଣ୍ଟର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ସଞ୍ଜୟ ପଣ୍ଡା ନିଜ ଆକର୍ଷଣୀୟ ଉପସ୍ଥାପନା ମାଧ୍ୟମରେ ଦକ୍ଷିଣ ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ କେବିକେ ଅଞ୍ଚଳରେ ଚାଲିଥିବା ରୂପାନ୍ତର କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। "ସାମାଜିକ ସମାନତାକୁ ଗୁରୁତ୍ୱ ଦେଇ ଏଟ୍ୱା ଫାଉଣ୍ଡେସନ୍ ସମାଜର ଗରିବ ଶ୍ରେଣୀର ଲୋକଙ୍କୁ ସଶକ୍ତ କରିବାର ଲକ୍ଷ୍ୟ ରଖିଛି। ନବରଙ୍ଗପୁର ଜିଲ୍ଲାର ଆକାଂକ୍ଷା ବ୍ଲକ ତେନ୍ତୁଳିଖୁଣ୍ଟି ବ୍ଲକର କ୍ଷେତ୍ର ପରିଦର୍ଶନରୁ ସଂଗୃହୀତ ଅନୁଭୂତି ଓ ଏଟ୍ୱା ଫାଉଣ୍ଡେସନର ପ୍ରୟାସ ତଥା ସ୍ଥାନୀୟ ହିତାଧିକାରୀଙ୍କ ସହଭାଗିତା ସମ୍ପର୍କରେ ଶ୍ରୀ ପଣ୍ଡାଙ୍କ ପ୍ରଭାବଶାଳୀ ବକ୍ତବ୍ୟ ସମସ୍ତଙ୍କୁ ଅତ୍ୟନ୍ତ ପ୍ରଭାବିତ କରିଥିଲା। ଏଟ୍ୱା ଫାଉଣ୍ଡେସନ୍ ଦ୍ୱାରା କେବିକେ ଅଞ୍ଚଳରେ ସିଏସଆର ପାଣ୍ଠି ବିନିଯୋଗ କରି ଶୈକ୍ଷିକ,ଅର୍ଥନୈତିକ ପ୍ରଗତି ଓ ସାମାଜିକ ବିକାଶ କରିବାକୁ ଶ୍ରୀ ପଣ୍ଡା ଗୁରୁତ୍ୱ ଆରୋପ କରିଛନ୍ତି। ଏଟ୍ୱା ଫାଉଣ୍ଡେସନକୁ ସ୍ଥାୟୀ ବିକାଶରେ ସମର୍ପିତ ଏହି ବିଶ୍ୱ ସ୍ତରୀୟ ବୈଠକରେ ସୁଯୋଗ ପ୍ରଦାନ କରିଥିବାରୁ ଫାଉଣ୍ଡେସନର ନିର୍ଦ୍ଦେଶକ ସଞ୍ଜୟ ପଣ୍ଡା "ଜାପାନ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଇନ୍ ଇଣ୍ଡିଆ" (ଜେସିସିଆଇଆଇ)କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଓଏଏସ୍ ପାଇଲେ ପୂଜା ଯୋଶୀ



ସେମିଳିଗୁଡ଼ା,୨୬।୯ (ସମିସ) କୋରାପୁଟ ଜିଲ୍ଲାର ସେମିଳିଗୁଡାର ପୂଜା ଯୋଶୀ ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି । ଆଜି ପ୍ରକାଶ ପାଇଥିବା ପରୀକ୍ଷା ଫଳରେ ଟପ୍ ୨୦ ତାଲିକାରେ ସେ ୧୧ ର୍‌ୟାଙ୍କ ପାଇଛନ୍ତି। ସେ ଠିକାଦାର ଆର.ପି ଯୋଶୀ ଏବଂ ସୀତା ଯୋଶୀଙ୍କ କନ୍ୟା। ରସାୟନ ବିଜ୍ଞାନରେ ଏମ୍ଏସ୍‌ସି କରିବା ପରେ ବର୍ତ୍ତମାନ କୋରାପୁଟ ଜିଲ୍ଲା ବାଲଡା ସରକାରୀ (ଏସ ଏସ ଡି) ହାଇସ୍କୁଲ ରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଅଛନ୍ତି । ସେ ନିଜେ ଜଣେ ଦିବ୍ୟାଙ୍ଗ ଥିବା ଯୋଗୁଁ ଓଡ଼ିଶାର ଦିବ୍ୟାଙ୍ଗ ଜଣ ଙ୍କ ମଙ୍ଗଳ ଏବଂ କୋରାପୁଟ ଜିଲ୍ଲାରେ ଶିକ୍ଷାର ବିକାଶ ଦିଗରେ ବିଶେଷ ଧ୍ୟାନ ଦେବେ ବୋଲି କହିଛନ୍ତି।

## ରୂପକ ତୁରୁକ ଜିଲ୍ଲା କଂଗ୍ରେସ ସଭାପତି



କୋରାପୁଟ,୨୬।୯ (ସମିସ): ଯୁବନେତା ତଥା ପିସିସି ସମ୍ପାଦକ ଆଇନଜୀବୀ ରୂପକ ତୁରୁକଙ୍କୁ କୋରାପୁଟ ଜିଲ୍ଲା କଂଗ୍ରେସ କମିଟି ସଭାପତି ଭାବେ ଚୟନ କରାଯାଇଛି। ଶ୍ରୀ ତୁରୁକଙ୍କ ନାମ ଘୋଷଣା ହେବା ପରେ କୋରାପୁଟ ସାଂସଦ ସପ୍ତଗିରୀ ଶଙ୍କର ଉଲ୍ଲାକା, ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, କଂଗ୍ରେସ ବିଧାୟକ ଦଳ ନେତା ତଥା ପଟ୍ଟାଙ୍ଗି ବିଧାୟକ ରାମ ଚନ୍ଦ୍ର କାଡାମ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା, ମହିଳା କଂଗ୍ରେସ ରାଜ୍ୟ ସଭାନେତ୍ରୀ ମିନାକ୍ଷୀ ବାହିନୀପତି,ପୂର୍ବତନ ବିଧାୟକ ନୀମାଇ ସରକାର,ବରିଷ୍ଠ କଂଗ୍ରେସ ନେତା ଜଗଦୀଶ ଖୋସଲା, ବାବୁଲା ବେନିଆ, ମନୋଜ ଆଚାର୍ଯ୍ୟ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

■ ରନ୍ଧନ ଗ୍ୟାସ ବିସ୍ଫୋରଣ ଘଟଣା

## ଆଖି ବୁଜିଲେ ବୋହୂ ବୁଦ୍ରି ଖଡା

ନନ୍ଦପୁର ,୨୬।୯ (ସମିସ): ଚଳିତ ମାସ ୧୯ ତାରିଖ ଦିନ ସକାଳେ ନନ୍ଦପୁର ବ୍ଲକ ଅନ୍ତର୍ଗତ କୁଲା ବିର ଗ୍ରାମ ପଞ୍ଚାୟତ ସ୍ଥିତି ବଞ୍ଜଲାପୁଟ ଗ୍ରାମରେ ରନ୍ଧନ ଗ୍ୟାସ ଲିକ୍ ପରେ ବିସ୍ଫୋରଣ ହୋଇ ଶଶୁର ଓ ବୋହୂ ଗୁରୁତର ହୋଇ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଭର୍ତି ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ବୋହୂ ବୁଦ୍ରୀ ଖଡାଙ୍କର ଆଜି ମୃତ୍ୟୁ ଘଟିଛି। ଦୁର୍ଘଟଣାରେ ଆହତ ଶଶୁରର ଚିକିତ୍ସା ଚାଲିଥିବା ଜଣାପଡ଼ିଛି।

## ବିଶାଲ ଜାନିଙ୍କ ସଫଳତା

ବୋରିଗୁମ୍ମା,୨୬।୯ (ସମିସ): ବୋରିଗୁମ୍ମା ବ୍ଲକ ବାସିନ୍ଦା ତଥା ସ୍ୱର୍ଗତ ଟଙ୍କଧର ଯାନୀଙ୍କ ଦ୍ୱିତୀୟ ପୁତ୍ର ବିଶାଳ ଦେବ ଯାନୀ ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ ସଫଳତା ପାଇଛନ୍ତି। ସେ ୩୨୬ ରାଙ୍କରେ ଅଛନ୍ତି। ସେ ଅନଲାଇନରେ ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷା ପାଇଁ କୋଚିଂ ନେଉଥିଲେ। ଠିକ ସେହିପରି ବୋରିଗୁମ୍ମା ମେରିଆ ମାର୍ଗ ବାସିନ୍ଦା ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ ଏବଂ କବିତା ପ୍ରଧାନ ଙ୍କ ସୁପୁତ୍ର ଗୌତମ ପ୍ରଧାନଙ୍କ ସଫଳତାରେ ମଧ୍ୟ ପରିବାର ଲୋକେ ଖୁସି ବ୍ୟକ୍ତ କରିଛନ୍ତି ।

## ପ୍ରଜାଖାନା ସଂଶୋଧନରେ କୁନ୍ଦୁରା ତହସିଲର ସଫଳତା

କୁନ୍ଦୁରା, ୨୬।୯ (ସମିସ): ପ୍ରଜାଖାନା ସଂଶୋଧନରେ ଦକ୍ଷିଣ ଓଡ଼ିଶା ପାଇଁ ପ୍ରଥମ ୨୦ ତହସିଲ ମଧ୍ୟରୁ ପ୍ରଥମ ସ୍ଥାନରେ ରହିଛି କୁନ୍ଦୁରା ତହସିଲ। ସରକାରଙ୍କ ପକ୍ଷରୁ ଏ ନେଇ ସୂଚନା ଦିଆଯାଇଥିବା ତହସିଲଦାର ବିନୋଦ କୁମାର କହିଛନ୍ତି । ସୂଚନା ଅନୁସାରେ ମୃତ ପଟ୍ଟାଧାରୀ ମାନଙ୍କ ସର୍ଭେ କରାଯାଇ ତାଙ୍କ ଉତ୍ତରାଧିକାରୀ ମାନଙ୍କୁ ପଟ୍ଟା ପ୍ରଦାନ କରାଯିବାକୁ ପ୍ରକ୍ରିୟା ଚାଲୁ ରହିଛି । ଗତ ମାର୍ଚ୍ଚ ମାସ ଠାରୁ ଆରମ୍ଭ ହୋଇ ଆଜି ସୁଦ୍ଧା କୁନ୍ଦୁରା ବ୍ଲକରୁ ୧୯୦୫୦ ଜଣଙ୍କର ସର୍ଭେ ହୋଇଛି । ସେଥିରୁ ୨୧୫୫ ଜଣଙ୍କୁ ପଟ୍ଟା ପ୍ରଦାନ ସରିଛି ଓ ଅନ୍ୟ ମାନଙ୍କୁ ପ୍ରଦାନ କରାଯିବ ପ୍ରକ୍ରିୟା ଚାଲୁ ରହିଛି ।ଏଥିରେ ଦକ୍ଷିଣ ଡିଭିଜନ୍ ଅର୍ଥାତ ଗଞ୍ଜାମ,ଗଜପତି,କଳାହାଣ୍ଡି, କନ୍ଧମାଳ,କୋରାପୁଟ, ମାଲାକନଗିରି, ନବରଙ୍ଗପୁର, ନୂଆପଡ଼ା ଓ ରାୟଗଡ଼ା ଆଦି ୯ ଟି ଜିଲ୍ଲା ମଧ୍ୟରୁ କୁନ୍ଦୁରା ତହସିଲ ଭଲ ପ୍ରଦର୍ଶନ କରି ପ୍ରଥମ ସ୍ଥାନ ଅଧିକାର କରିଛି । ଜିଲ୍ଲାପାଳ ଏବଂ ଉପ ଜିଲାପାଳଙ୍କଙ୍କୁ ଏହାର ଶ୍ରେୟ ଦେଇଛନ୍ତି ତହସିଲଦାର ଶ୍ରୀ ନାଏକ।

## ଆନ୍ଦୋଳନକୁ ସମର୍ଥନ ଦେଲେ ମିନାକ୍ଷୀ



ବୈପାରୀଗୁଡ଼ା,୨୬।୯ (ସମିସ): ବୈପାରୀଗୁଡା ବ୍ଲକ କାର୍ଯ୍ୟାଳୟ ପରିସରରେ ୭ ଦଫା ଦାବି ନେଇ ଗତ ପାଞ୍ଚ ଦିନ ହେବ ମିଶନ ଶକ୍ତି ମହିଳା ସିଏସଏସ ସଂଘର ଆନ୍ଦୋଳନ ଜାରିରହିଛି। ଆନ୍ଦୋଳନକୁ ସମର୍ଥନ ଦେଇ ଧାରଣାରେ ମହିଳାଙ୍କ ସହ କିଛି ସମୟ ବସିଲେ ଓଡିଶା ପ୍ରେଦେଶ ମହିଳା କଂଗ୍ରେସ ସଭା ନେତ୍ରୀ ମିନାକ୍ଷୀ ବାହିନୀପତି । ରାଜ୍ୟ ସରକାରଙ୍କୁ ଟାର୍ଗେଟ କରି ବିରୋରେ ଭାଷଣ ଦେଇଥିଲେ। ଦାବି ପୂରଣ ନ ହେଲେ ବିଧାନସଭା ଘେରାଉ କରାଯିବ ବୋଲି ଚେତାବନୀ ଦେଇଛନ୍ତି କଂଗ୍ରେସ ସଭାନେତ୍ରୀ। ଏହି କାର୍ଯ୍ୟକ୍ରମରେ ବୈପାରୀଗୁଡା ଜିଲ୍ଲା ପରିଷଦ ସଭ୍ୟା ମଣି ଜାନି, ଓଡିଶା ଷ୍ଟେଟ ବାର କାଉନ୍‌ସିଲ ମେମ୍ବର ପି ରମେଶ ପାତ୍ର, କୋରାପୁଟ ସାଂସଦ ପ୍ରତିନିଧି ଜଗନ୍ନାଥ ବିଶୋଇ ଏବଂ କଂଗ୍ରେସ ଦଳର ପ୍ରମୁଖ କର୍ମୀ ଉପସ୍ଥିତ ଥିଲେ।

## ଯୁବକଙ୍କ ମୃତଦେହ ଉଦ୍ଧାର

ତେନ୍ତୁଳିଖୁଣ୍ଟି, ୨୬।୯ (ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ପୂଜାରୀଗୁଡା ପଞ୍ଚାୟତ ତେନ୍ତୁଳିଗଛ ଛକ ନିକଟସ୍ଥ ଏକ ପୋଖରୀରୁ ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ସୂଚନା ଅନୁଯାଇ ବୁଧବାର ସକାଳୁ କୁଜାଯାନିଗୁଡ଼ା ଗ୍ରାମର ମନ ଗଉଡ଼ (୪୦) କିଛି କାମରେ ଘରୁବାହାରକୁ ଯାଇଥିଲେ। କିନ୍ତୁ ଆଉ ଫେରିନଥିଲେ। ଶୁକ୍ରବାର ପୂଜାରୀଗୁଡା ପଞ୍ଚାୟତ ତେନ୍ତୁଳିଗଛ ଛକ ନିକଟସ୍ଥ ଏକ ପୋଖରୀରେ ତାଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ଖବର ପାଇ ତେନ୍ତୁଳିଖୁଣ୍ଟି ଥାନା ଅଧିକାରୀ ପ୍ରଣବ କୁମାର ଟୁଡୁ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ପୂଜାରୀଗୁଡା ଅଗ୍ନିଶ୍ରମ ବାହିନୀଙ୍କୁ ଖବର ଦେଇଥିଲେ। ବ୍ୟବଚ୍ଛେଦ ପରେ ପୁଲିସ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରିଛି।

## ରାଜ୍ୟସ୍ତରୀୟ ଜୁଡୋ ଚାମ୍ପିଅନସିପରେ ମାଲକାନଗିରିର ୨୩ ଜଣିଆ ଟିମ୍

ମାଲକାନଗିରି, ୨୬।୯ (ସମିସ):



ଆସନ୍ତା ୨୭ ତାରିଖରୁ ୩୦ ସେପ୍ଟେମ୍ବର ପର୍ଯ୍ୟନ୍ତ ଖୋର୍ଦ୍ଧା ଜିଲ୍ଲାର କେଟି ଗ୍ଲୋବଲ୍ ସ୍କୁଲ ପରିସର ମଧ୍ୟରେ ହେବାକୁ ଥିବା ରାଜ୍ୟ ସ୍ତରୀୟ ଜୁଡୋ ଚାମ୍ପିଅନସିପରେ ବିଭିନ୍ନ ବର୍ଗ ଯଥା ସବ୍ ଜୁନିଅର୍, ଜୁନିଅର୍, କେଡେଟ, ସିନିୟର୍, ପୁରୁଷ ଏବଂ ମହିଳା ବିଭାଗରେ ଭାଗନେବା ପାଇଁ ମାଲକାନଗିରି ଜିଲ୍ଲାର ଖେଳାଳୀ ମାନେ ଖୋର୍ଦ୍ଧା ଜିଲ୍ଲାକୁ ଆଜି ଗସ୍ତ କରିଛନ୍ତି। ଖେଳାଳୀଙ୍କ ମଧ୍ୟରେ ସମସ୍ତେ ବିଭିନ୍ନ ଆଦିବାସୀ ସମ୍ପ୍ରଦାୟର ହୋଇଥିବା ବେଳେ କିଛି ବାପା ମାଆ ଛେଉଣ୍ଡ ଖେଳାଳୀ ବି ଅଛନ୍ତି। ଜିଲ୍ଲା ଜୁଡୋ ଆସୋସିଏସନ୍ ଏବଂ ଆଓମା ଗୁରୁକୁଳର ମିଳିତ ସହଯୋଗରେ ଉକ୍ତ ସମସ୍ତ ଖେଳାଳୀଙ୍କୁ ପ୍ରଶିକ୍ଷଣ ଦେବା ସହିତ ରାଜ୍ୟ ସ୍ତରୀୟ ଚାମ୍ପିଅନସିପରେ ଭାଗ ନେବାପାଇଁ ସୁଯୋଗ ପ୍ରଦାନ କରିଛନ୍ତି। ଆଜି ଏକ ବିଶେଷ କାର୍ଯ୍ୟକ୍ରମରେ ପ୍ରଶାସନ ତରଫରୁ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ତରଫରୁ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବରଙ୍କ ସମେତ ମାନସ ମିଶ୍ର, ଜିଲ୍ଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ, ହିମାଂଶୁ ମହାରଣା, ଡିପିଏମ ଅଶୋକ ସାହୁ, ସେକ୍ସନ ଅଫିସର୍ ନୀଳକଣ୍ଠ ଭୂୟାଁ, ବରିଷ୍ଠ କିରାଣୀ ଅଶୋକ ପଟ୍ଟନାୟକଙ୍କ ସମେତ ଜିଲ୍ଲା ଯୁଡୋ ଆସୋସିଏସନ୍‌ର ଉପ ସଭାପତି ଚିନା ରାଓ ଏବଂ ଆଓମା ଗୁରୁକୂଳର ପ୍ରେସିଡେଣ୍ଟ ରତ୍ନାକର ଦାଶଙ୍କ ସହିତ ଅନେକ ସମାଜସେବୀ ଉପସ୍ଥିତ ରହି ଖେଳାଳୀଙ୍କ ମନୋବଳ ବଢ଼ାଇଥିଲେ।

### ଆସିଲେନି ଗ୍ରାମବାସୀ

# ହୋଇପାରିଲାନି ଶାନ୍ତି କମିଟି ବୈଠକ



ବନ୍ଧୁଗାଁ.୨୬।୯ (ସମିସ): ଧର୍ମ ପରିବର୍ତ୍ତନକୁ କେନ୍ଦ୍ର କରି ବନ୍ଧୁଗାଁ ବ୍ଲକ ଜାଗୁଗୁଡା ପଞ୍ଚାୟତ ଅନ୍ତର୍ଗତ ଅଣ୍ଟାମୋଡା ଗାଁ ଜୁନ ୯ ତାରିଖରୁ ୪ ମାସ ହେଲା ଅଶାନ୍ତ ହୋଇ ରହିଛି। ସଂଘବଦ୍ଧ ହୋଇ ଦୁଇ ଦୁଇ ଥର ୪ଟି ପରିବାରଙ୍କ ଘର ଭାଙ୍ଗିବା, ମାଡ ମାରି ଗାଁରୁ ତଡି ଦିଆଯାଇଥିଲା। ଥରେ ସ୍ଥାନୀୟ ବିଧାୟକ ପବିତ୍ର ସାଉନ୍ତା ଓ ଆଉ ଥରେ କୋଟପାଡ ବିଧାୟକ ରୁପୁ ଭତ୍ରା ଲକ୍ଷ୍ମୀପୁର ଏସଡିପିଓ , ତହସିଲଦାର ସୋନାଲି ପାତ୍ର, ଅତିରିକ୍ତ ତହସିଲଦାର ଜିତେନ୍ଦ୍ର ବାଗ, ଆଇଆଇସି ପ୍ରସନ୍ନ କୁମାର ମିଶ୍ର , ସମେତ ସ୍ଥାନୀୟ ବିଜେପି ପୂର୍ବତନ ଜିଲ୍ଲା ଉପ ସଭାପତି ଶରତ ପାତ୍ର, କଂଗ୍ରେସ ସଭାପତି ଡି ଏଙ୍କାଟି ପ୍ରମୁଖ ଉପସ୍ଥିତ ରହି ସ୍ଥିତି ପରଖିବା ସହିତ ଶାନ୍ତି ଫେରାଇ ଆଣିବା ପାଇଁ ଚେଷ୍ଟା କରି ବିଫଳ ହୋଇ ଥିଲେ। ଆଜକୁ ୪ ମାସ ହେଉଛି ୪ ପରିବାର ପ୍ରାଣ ବିକଳରେ ଗାଁ ଛାଡି ପଳାଇବା ସହିତ ବହୁ ଅସୁବିଧାରେ ରହୁଛନ୍ତି। ଆଜି ପର୍ଯ୍ୟନ୍ତ ଗାଁ ରେ ଚାପା ଉତ୍ତେଜନା ଲାଗି ରହିଛି। ଆଇଆଇସିଙ୍କ ଦ୍ୱାରା ୩ ଦିନ ତଳେ ଚିଠି ମାଧ୍ୟମରେ କୁମ୍ଭାରିପୁଟ କଲ୍ୟାଣ ମଣ୍ଡପରେ ବାସଚ୍ୟୁତ ୪ ପରିବାର ଓ ଗ୍ରାମବାସୀଙ୍କୁ ନେଇ ଶାନ୍ତି କମିଟି ଗଠନ କରି ଶାନ୍ତି ଫେରାଇବା ପାଇଁ ଅବଗତ କରିଥିଲେ। ଏଥିପାଇଁ ଆଜି ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା,ତହସିଲଦାର ସୋନାଲି ପାତ୍ର ଅତିରିକ୍ତ ତହସିଲଦାର ଜିତେନ୍ଦ୍ର ବାଗ , ଆଇଆଇସି ପ୍ରସନ୍ନ କୁମାର ମିଶ୍ର, କଂଗ୍ରେସ ସଭାପତି ଡି ଏଙ୍କାଟି, ବିଜେଡି ସଭାପତି ବାଲା ନାଗ, ବିଜେପି ଜିଲ୍ଲା ଉପ ସଭାପତି ଶରତ ପାତ୍ର, ସମେତ ଅନେକ ବରିଷ୍ଠ ବୁଦ୍ଧିଜୀବି ଉପସ୍ଥିତ ରହିଥିଲେ। ବାସଚ୍ୟୁତ ୪ ପରିବାର ଓ ତାଙ୍କ ସହଯୋଗୀ ଉପସ୍ଥିତ ଥିବା ବେଳେ ଅଣ୍ଟାମୋଡା ଗ୍ରାମବାସୀ ଆସି ନ ଥିଲେ। ଫଳରେ ଏଥିରୁ କୌଣସି ସୁଫଳ ମିଳିନାହିଁ। ତେବେ ବାସଚ୍ୟୁତ ପରିବାର କେବେ ଗାଁ ଫେରିବେ, ପ୍ରଶାସନ ସେମାନଙ୍କୁ ଘରକୁ ଫେରିବା ପାଇଁ କି ପଦକ୍ଷେପ ଗ୍ରହଣ କରିବେ ତାହା ଏବେ ଚର୍ଚ୍ଚାର ବିଷୟ ହୋଇଛି।

# ଅପରେସନ୍ ଅଗ୍ନି; ୧୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବାଣ ଜବତ





**ରାଉରକେଲା, ୨୬।୯ (ସମିସ)**

ରାଜ୍ୟରେ ବେଆଇନ୍ ଭାବେ ଗଚ୍ଛିତ ଥିବା ବାଣ ବିସ୍ଫୋରଣ ଯୋଗୁଁ ଜୀବନ ହାନି ସହ ଧନ ସମ୍ପତ୍ତି ନଷ୍ଟ ହେଉଥିବା ଘଟଣାକୁ ଦୃଷ୍ଟିରେ ରଖି ରାଜ୍ୟ ପୁଲିସ ଡିଜିଙ୍କ ନିର୍ଦ୍ଦେଶରେ ଆରମ୍ଭ ହୋଇଛି ଅପରେସନ ଅଗ୍ନି। ରାଉରକେଲାରେ ପ୍ରାୟ ପ୍ରତିଦିନ ବେଆଇନ୍ ଗଚ୍ଛିତ ବାଣ ଜବତ ହେଉଥିବା ବେଳେ ଗତକାଲି ରାତିରେ ରାଜଗାଙ୍ଗପୁର ଏବଂ ସୁନ୍ଦରଗଡ଼ରେ ୧୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବାଣ ଜବତ କରାଯାଇଛି। ଏସ୍‌ପି ଅମ୍ରିତପାଲ କୌରଙ୍କ ନିର୍ଦ୍ଦେଶ କ୍ରମେ ରାଜଗାଙ୍ଗପୁର ଥାନା ଅଧିକାରୀ ବିଜୟ କୁମାର ଦାସ ରାଜଗାଙ୍ଗପୁରର ବଗିଚାପଡ଼ାର ଏକ ବନ୍ଦ କୋଠରିର ତାଲା ଭାଙ୍ଗି ସେଠାରେ ଥିବା ଏକ ଗୋଦାମରୁ ୭ଟି କାର୍ଟୁନରେ ଥିବା ପ୍ରାୟ ୧୧୦୦ କେଜି ବେଆଇନ୍ ବାଣ ଜବତ କରିଥିଲେ। ଏହାର ମୂଲ୍ୟ ୧୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଆଇଆଇସି ଶ୍ରୀ ଦାସ କହିଛନ୍ତି। ସେହିପରି ଅପରେସନ ଅଗ୍ନିରେ ଏସ୍‌ପି ଅମ୍ରିତପାଲ କୌରଙ୍କ ନିର୍ଦ୍ଦେଶ କ୍ରମେ ସୁନ୍ଦରଗଡ଼ରେ ମଧ୍ୟ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବାଣ ଜବତ କରାଯାଇଛି। ସଦର ଏସଡିପିଓ ନିର୍ମଳ କୁମାର ମହାପାତ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବେଆଇନ ବାଣ ବେପାର କରୁଥିବା ଅଭିଯୋଗରେ ସୁନ୍ଦରଗଡ଼ ଟାଉନଥାନା ପୁଲିସ ମେନ୍‌ରୋଡ ଅଞ୍ଚଳରେ ଦୁଇଟି ବାଣ ବ୍ୟବସାୟୀଙ୍କ ଦୋକାନ ଉପରେ ଚଢ଼ଉ କରି ଲକ୍ଷାଧିକ ଟଙ୍କାର ବାଣ ଜବତ କରିଥିଲା। ଏହି ଘଟଣାରେ ସୁନାରିପଡ଼ାର ସୁଦୀପ କୁମାର ପାଲ (୬୨) ଏବଂ ବ୍ରାହ୍ମଣୀପଡ଼ାରୁ ବଜରଙ୍ଗ ଅଗ୍ରୱାଲ (୪୦)ଙ୍କୁ ପୁଲିସ ଧରି ନୋଟିସ ଦେଇ ଛାଡିଥିବା ସୂଚନା ମିଳିଛି। ସୁଦୀପ କୁମାର ପାଲଙ୍କ ନିକଟରୁ ୬ଟି ବାଣ ଭର୍ତ୍ତି କାର୍ଟୁନ ଜବତ କରାଯାଇଥିବା ବେଳେ ଏହାର ମୂଲ୍ୟ ୫୦ ହଜାର ଟଙ୍କା ହେବ ବୋଲି ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ର କହିଛନ୍ତି। ସେହିପରି ବଜରଙ୍ଗ ଅଗ୍ରୱାଲ ଠାରୁ ୭ଟି ବାଣ ଭର୍ତ୍ତି କାର୍ଟୁନ ଜବତ କରାଯାଇଥିଲା, ଯାହାର ମୂଲ୍ୟ ୬୦ ହଜାର ଟଙ୍କା ହେବ ବୋଲି ଜଣାପଡ଼ିଛି। ଟାଉନ ପୁଲିସ ୨ଟି ମାମଲା ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ ନୋଟିସ ଦେଇ ଛାଡି ଦେଇଥିବା ସୂଚନା ମିଳିଛି। ବିନା ଲାଇସେନ୍ସରେ ବାଣ ବେପାର କରୁଥିବା ବ୍ୟବସାୟୀଙ୍କ ଉପରେ ଅଙ୍କୁଶ ଲଗାଇବା ପାଇଁ ରାଜ୍ୟ ପୁଲିସ ପକ୍ଷରୁ ଅପରେସନ ଅଗ୍ନି ଅଧୀନରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଏସ୍‌ଡିପିଓ ଶ୍ରୀ ମହାପାତ୍ର କହିଛନ୍ତି।

# ଆର୍‌ଏସ୍‌ପି 'ସେଲ୍ ସାବାସ୍' ଯୋଜନାରେ କର୍ମଚାରୀ ପୁରସ୍କୃତ



**ରାଉରକେଲା, ୨୬।୯ (ସମିସ):** ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର ପ୍ରକଳ୍ପ ବିଭାଗରେ ଆୟୋଜିତ ଏକ ସ୍ୱତନ୍ତ୍ର ପୁରସ୍କାର ସମାରୋହରେ ବିଭାଗର ଅଧିକାରୀଙ୍କ ସମେତ ୧୨ ଜଣ କର୍ମଚାରୀଙ୍କୁ ସେମାନଙ୍କ ଅନୁକରଣୀୟ ଅବଦାନ ପାଇଁ 'ସେଲ୍‌ଫ ସାବାସ୍' ଯୋଜନାରେ ସ୍ୱତନ୍ତ୍ର ପୁରସ୍କାର ବର୍ଗରେ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍ ପାଲ ଚୌଧୁରୀ ଅଧ୍ୟକ୍ଷତା କରି ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରକଳ୍ପ ବିଭାଗର ସିଜିଏମ ଦିଲ୍ଲୀପ କୁମାର ସାହୁ, ସିଜିଏମ ରାହୁଲ ଅଗ୍ରୱାଲ, ପ୍ରକଳ୍ପ-ବାଣିଜ୍ୟିକ ବିଭାଗର ସିଜିଏମ୍ ଅଶ୍ୱିନୀ କୁମାର ସାହୁଙ୍କ ସମେତ ଉକ୍ତ ବିଭାଗର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ପାଲ ଚୌଧୁରୀ ପୁରସ୍କାର ବିଜେତାଙ୍କୁ ଅଭିନନ୍ଦନ ଜଣାଇବା ସହିତ ପ୍ରତ୍ୟେକ ଛୋଟ ଅଭିନବ ଅବଦାନ କିପରି ଉଚ୍ଚ ଉତ୍ପାଦକତା ହାସଲ, ସୁରକ୍ଷାରେ ଉନ୍ନତି ଏବଂ ସାମଗ୍ରିକ କାର୍ଯ୍ୟକ୍ଷମ ଉତ୍କର୍ଷତା ବୃଦ୍ଧି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ବୋଲି ସେ ସମ୍ପର୍କରେ କହିଥିଲେ। ଉଲ୍ଲେଖନୀୟ ଯେ ଆର୍‌ଏସ୍‌ପି ସହରାଞ୍ଚଳ ପ୍ରକଳ୍ପ ନିମନ୍ତେ ୩୦ ଏମ୍‌ଏଲ୍‌ଡି ସ୍ୱେରେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟର ସ୍ଥାପନ ଏବଂ ସିଓବି-୨ ପ୍ରକଳ୍ପର କୋକ୍ ସର୍ଟିଂ ପ୍ଲାଣ୍ଟ (ସିଏସ୍‌ପି), ୧୦୦୦ ଟିପିଡି ବିଶିଷ୍ଟ ଅକ୍ସିଜେନ ପ୍ଲାଣ୍ଟ ପ୍ରକଳ୍ପ ଏବଂ ଏସ୍‌ଏମ୍‌ଏସ୍-୨ରେ କାଷ୍ଟର-୪ ପ୍ରକଳ୍ପର କାର୍ଯ୍ୟାନ୍ୱୟନରେ ଆହ୍ୱାନକୁ ହ୍ରାସ କରିବାରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରକଳ୍ପ ଏବଂ ଆଧୁନିକୀକରଣ ବିଭାଗର ଏଜିଏମ୍ ନିର୍ମଳ ମାହାତୋ ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

## ବଣାଇଁ ପାଇଁ ଗୌରବ ଆଣିଲେ ପ୍ରତ୍ୟୁଷ ଓ ଚିନ୍ମୟ





**ବଣାଇଁ, ୨୬।୯ (ସମିସ):** ବଣାଇଁ ବ୍ଲକ ଅନ୍ତର୍ଗତ ଉପୁର୍ଦ୍ଦା ଗ୍ରାମର ଅରୂପ ମହାପାତ୍ର ଓ ସବିତା ନନ୍ଦଙ୍କ ସୁପୁତ୍ର ପ୍ରତ୍ୟୁଷ କୁମାର ମହାପାତ୍ର ଶୁକ୍ରବାର ପ୍ରକାଶିତ ଓପିଏସ୍‌ସି ପରୀକ୍ଷାରେ ଓଡ଼ିଶାରେ ୧୦୯ତମ ର୍‌ୟାଙ୍କ ରଖି ବଣାଇଁ ପାଇଁ ଗୌରବ ଆଣିଛନ୍ତି। ପ୍ରତ୍ୟୁଷ ସୁନ୍ଦରଗଡ଼ ନବୋଦୟ ବିଦ୍ୟାଳୟରୁ ଦଶମ ପାସ ପରେ ଦିଲ୍ଲୀରେ ବାଣିଜ୍ୟ ଏବଂ ପୁନେରେ ଅର୍ଥନୀତିରେ ପିଜି କରିବା ପରେ ଓଡ଼ିଶା ସିଭିଲ ସର୍ଭିସ ପାଇଁ ନିଜକୁ ପ୍ରସ୍ତୁତ କରୁଥିଲେ। ଭବିଷ୍ୟତରେ ସେ ଗରିବଙ୍କ ହିତ ପାଇଁ କାର୍ଯ୍ୟ କରିବା ସହ ଜଣେ ସଚ୍ଚୋଟ ବ୍ୟକ୍ତି ଭାବରେ ପରିଚୟ ସୃଷ୍ଟି ପାଇଁ ଲକ୍ଷ୍ୟ ରଖିଥିବା ପ୍ରକାଶ କରିଛନ୍ତି। ଏହି କୃତିତ୍ୱର ଶ୍ରେୟ ସେ ତାଙ୍କ ବାପା, ମା' ପରିବାର ବର୍ଗ ତଥା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଦେଇଛନ୍ତି। ସେହିପରି ବଣାଇଁ ଚର୍ଚ୍ଚ ଛକ ବାସିନ୍ଦା ତଥା ଅବସରପ୍ରାପ୍ତ ଶିକ୍ଷକ ପ୍ରଭାତ କୁମାର ପଣ୍ଡା ଏବଂ ପୁଷ୍ପଲତା ପତିଙ୍କ ସୁପୁତ୍ର ଚିନ୍ମୟ କୃଷ୍ଣ ପଣ୍ଡା ୧୬୧ତମ ସ୍ଥାନରେ ରଖି ଓପିଏସ୍‌ସି ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଛନ୍ତି। ଏହି ଖବର ପାଇବା ପରେ ବଣାଇଁରେ ଖୁସିର ଲହରୀ ଖେଳିଯାଇଛି।

## ହକି ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ; କୁଟିଣ୍ଡା ଚାମ୍ପିଅନ୍




**ବଣାଇଁ, ୨୬।୯ (ସମିସ):** ବଣାଇଁ ଉପଖଣ୍ଡ ଗୁରୁଣ୍ଡିଆ ବ୍ଲକ ଅନ୍ତର୍ଗତ ଜର୍ଡା ରେଞ୍ଜ ମଜୁରଡିମା ବିର୍ସାମୁଣ୍ଡା ଯୁବ ହକି କ୍ଲବ୍ (କହଡୁଆ) ଠାରେ ଚାରି ଦିନ ଧରି ଚାଲିଥିବା ହକି ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ବିର୍ସାମୁଣ୍ଡା ଯୁବକ ସଂଘ ଓ ଜର୍ଡା ବନବିଭାଗର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ୧୮ ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ କୁଟିଣ୍ଡା ଓ ଜ୍ୟୋତି କ୍ଲବ୍ ବୁରଡା ମଧ୍ୟରେ ହୋଇଥିବାବେଳେ ଟ୍ରାଇବେକର ଜରିଆରେ କୁଟିଣ୍ଡା ଦଳ ବିଜୟୀ ହୋଇଥିଲା। ତୃତୀୟରେ ୟୁଏଚଏ ଏବଂ ଚତୁର୍ଥ ସ୍ଥାନରେ କୁଞ୍ଜର ରହିଥିଲା। ମୁଖ୍ୟ ଅତିଥି ଭାବେ ରାଉରକେଲା ବିଜେଡି ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବାସୁଦେବ ସାହୁ, ରେଞ୍ଜ ଅଧିକାରୀ କୈଳାସ କିସାନ, ଗୁରୁଣ୍ଡିଆ ବ୍ଲକ ବିଜେଡି ସଭାପତି ରାମ୍ବାଲ ଓରାମ ଉପସ୍ଥିତ ରହି ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ବନପାଳ ପ୍ରତାପ କୁମାର ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବିର୍ସା ମୁଣ୍ଡା ଯୁବକ ସଂଘର କର୍ମକର୍ତ୍ତା ଓ ଗ୍ରାମବାସୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## ସଙ୍ଗୀତ ଶିଳ୍ପୀ ସମାଜର ମାସିକ ସଭା




**ରାଉରକେଲା, ୨୬।୯ (ସମିସ):** ସଙ୍ଗୀତ ଶିଳ୍ପୀ ସମାଜର ସେପ୍ଟେମ୍ବର ମାସର ମାସିକ ସଙ୍ଗୀତ ସନ୍ଧ୍ୟା କାର୍ଯ୍ୟକ୍ରମ ସେକ୍ଟର -୧୯ ସ୍ଥିତ କବିଚନ୍ଦ୍ର କଳାକେନ୍ଦ୍ର ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ କାର୍ଯ୍ୟକାରୀ ସଭାପତି ରଶ୍ମିରଞ୍ଜନ ଦାସ ସଭାକୁ ସମ୍ବୋଧିତ କରି ଦେବୀଙ୍କ ଭଜନ ପରିବେଷଣ କରିବାକୁ କହିଥିଲେ। ବରିଷ୍ଠ ଗୁରୁ ନରେନ୍ଦ୍ର ନାୟକ ସମସ୍ତ ଶିଳ୍ପୀମାନଙ୍କୁ ପୁଷ୍ପ ଗୁଚ୍ଛ ପ୍ରଦାନ କରିଥିଲେ। ଗୁରୁ ସୁଶାନ୍ତ ସାହୁ, କଲ୍ୟାଣୀ ତ୍ରିପାଠୀ, ପ୍ରତ୍ୟୁଷା ରାଉଳ, ବସନ୍ତ ସାହୁ, ମଞ୍ଜୁଲତା ଦାସ, ମୀନା ମହନ୍ତ, ପୁଷ୍ପାଞ୍ଜଳି ପାଣିଗ୍ରାହୀ, ରଞ୍ଜିତା ସାହୁ, ଦିଲ୍ଲିପ ବରିହା, ରଶ୍ମିରଞ୍ଜନ ଦାସ, ଗୁରୁ ପ୍ରଫୁଲ୍ଲ ମଙ୍ଗଳ ଦେବୀ ଭଜନ ଗାୟନ କରିଲେ। ବାଦ୍ୟଯନ୍ତ୍ରରେ ଗୁରୁ ନରେନ୍ଦ୍ର ନାୟକ, ଗୁରୁ ଜଗନ୍ନାଥ ଦାସ, ଗୁରୁ ଗୌରାଙ୍ଗ ମଲ୍ଲିକ, ଗୁରୁ ସୁରଜ ସରାଫ ପ୍ରମୁଖ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦିଲ୍ଲିପ ମଙ୍ଗଳ, ରଜତ ପଣ୍ଡା, ଦିଲ୍ଲିପ ପତି, ଶୁଭେନ୍ଦୁ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ମଙ୍ଗଳ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ।

## ଟାଙ୍ଗରପାଲି ବ୍ଲକ୍‌ରେ ଆଦି କର୍ମଯୋଗୀ ଅଭିଯାନ

**ରାଉରକେଲା, ୨୬।୯ (ସମିସ):** ଜିଲ୍ଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ର 'ଆଦି କର୍ମଯୋଗୀ ଅଭିଯାନ' ଅନ୍ତର୍ଗତ ସୁନ୍ଦରଗଡ଼ ଜିଲ୍ଲାର ସାଲେପାଲି ପଞ୍ଚାୟତର ଡୁଡୁକି ଗାଁ ଓ ଟାଙ୍ଗରପାଲି ବ୍ଲକର ମହୁଲପାଲି ପଞ୍ଚାୟତର ବନ୍ଧପାଲି ଗାଁ ପରିଦର୍ଶନ କରିଥିଲେ। ଜିଲ୍ଲାପାଳ ଡାକ୍ତର ମହାପାତ୍ର ହିତାଧିକାରୀଙ୍କ ସହିତ ଆଲୋଚନା କରିବା ସହିତ ସରକାରଙ୍କ ବିଭିନ୍ନ ଯୋଜନା, ଅଗ୍ରଗତି ଏବଂ ଆଦି ସେବା କେନ୍ଦ୍ରଗୁଡ଼ିକର କାର୍ଯ୍ୟକାରିତା ନେଇ ସମୀକ୍ଷା କରିଥିଲେ। ଗ୍ରାମବାସୀ ଏବଂ ଆଦିବାସୀ ସମ୍ପ୍ରଦାୟ ପ୍ରତିନିଧିମାନଙ୍କ ସହିତ ସେ ଆଲୋଚନା କରିଥିଲେ, ସେମାନଙ୍କ ଅଂଶଗ୍ରହଣକୁ ଉତ୍ସାହିତ କରିବା ସହିତ ତୃଣମୂଳ ସ୍ତରର ଯୋଜନାର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ପରେ ଜିଲ୍ଲାପାଳ ଡାକ୍ତର ମହାପାତ୍ର ଆଦି ସେବା କେନ୍ଦ୍ର ମଧ୍ୟ ପରିଦର୍ଶନ କରିଥିଲେ ଏବଂ ସମ୍ପ୍ରଦାୟ ସ୍ତରରେ ଯୋଜନାଗୁଡ଼ିକର ଦୃଢ଼ ସମନ୍ୱୟର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ।

# ଆର୍‌ଏସ୍‌ପି ପକ୍ଷରୁ ଠିକାଦାର ସମ୍ମାନିତ



**ରାଉରକେଲା, ୨୬।୯ (ସମିସ):** ରାଉରକେଲା ଇସ୍ପାତ କାରଖାନା କେନ୍ଦ୍ରୀୟ ଶକ୍ତି ତାଲିମ ପ୍ରତିଷ୍ଠାନ (ସିପିଟିଆଇ) ଠାରେ ପ୍ରକଳ୍ପସ୍ଥଳରେ ଉତ୍କୃଷ୍ଟ ସୁରକ୍ଷା ଅଭ୍ୟାସକୁ ସ୍ୱୀକୃତି ଦେବା ନିମନ୍ତେ ଏକ ସୁରକ୍ଷା ପୁରସ୍କାର ସମାରୋହ ଆୟୋଜନ କରାଯାଇଥିଲା। ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହିତ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଅଗ୍ନିଶମ ସେବା ଏବଂ ସୁରକ୍ଷା ବିଭାଗର ସିଜିଏମ୍ ଆଶା କାର୍ଥା, ପ୍ରକଳ୍ପ ବିଭାଗର ସିଜିଏମ୍ ଡି କେ ସାହୁ ଏବଂ ରାହୁଲ ଅଗ୍ରୱାଲ, ପ୍ରକଳ୍ପ- ବାଣିଜ୍ୟିକ ବିଭାଗର ସିଜିଏମ୍ ଅଶ୍ୱିନୀ ସାହୁ ଏବଂ ସୁରକ୍ଷା ବିଭାଗର ଜିଏମ୍ ଅବକାଶ ବେହେରା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ତିନୋଟି ଭିନ୍ନ ବର୍ଗରେ ପୁରସ୍କାର ପ୍ରଦାନ କରାଯାଇଥିଲା ବେଳେ ୧୦୦ରୁ ଊର୍ଦ୍ଧ୍ୱ ଠିକା ଶ୍ରମିକ ଏବଂ ପ୍ରମୁଖ ଠିକାଦାରଙ୍କ ସହ ଉପ-ଠିକାଦାର (ସବ୍ କଣ୍ଟ୍ରାକ୍ଟର) ପ୍ରତିନିଧିମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ। ସାଇଟ୍ ମୂଲ୍ୟାଙ୍କନ ଆଧାରରେ ବ୍ୟାଟେରି-୭ ରେ ମେସର୍ସ ଏଲ୍ ଆଣ୍ଡ ଟି (ଲାର୍ସନ୍ ଆଣ୍ଡ ଟୁ୍ୟବ୍ରୋ) ଶ୍ରେଷ୍ଠ ସୁରକ୍ଷା ପ୍ରଦର୍ଶନ ପୁରସ୍କାର ପାଇଥିଲା ବେଳେ ମେସର୍ସ ଲିଣ୍ଡେ ଇଣ୍ଡିଆ ଲିମିଟେଡ୍‌ର ୧୦୦୦ ଟିପିଡି ଅକ୍ସିଜେନ୍ ପ୍ଲାଣ୍ଟ ପାଇଁ ରନର୍ସ-ଅପ୍ ହୋଇଥିଲା। କ୍ୟାଟେଗୋରୀ-୧ ରେ ୬ ଟି ପ୍ରମୁଖ ଠିକାଦାରଙ୍କ ୧୨ ଜଣ ସୁରକ୍ଷା ଅଧିକାରୀଙ୍କୁ ପୁରସ୍କୃତ କରାଯାଇଥିଲା ବେଳେ କ୍ୟାଟେଗୋରୀ-୨ରେ ୧୬ ଜଣ ସବ୍ କଣ୍ଟ୍ରାକ୍ଟର ସୁରକ୍ଷା ପର୍ଯ୍ୟବେକ୍ଷକଙ୍କୁ ସମ୍ମାନିତ କରାଯାଇଥିଲା। ଏହି ସ୍ୱୀକୃତି ସୁରକ୍ଷା ମାନଦଣ୍ଡର ପାଳନ ଏବଂ ସକ୍ରିୟ ସାଇଟ୍ ପରିଚାଳନା ଉପରେ ଆଲୋକପାତ କରୁଥିବା ସୁରକ୍ଷା ଅଡିଟ୍ ରିପୋର୍ଟ ନିମନ୍ତେ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଲୋକସମ୍ପର୍କ ବିଭାଗ ଦ୍ୱାରା ପ୍ରସ୍ତୁତ ଏକ ସୁରକ୍ଷା ଡକ୍ୟୁମେଣ୍ଟାରୀ ପ୍ରଦର୍ଶିତ ହୋଇଥିଲା। ଏଥିରେ ଭଏସ୍-ଓଭର ପ୍ରଦାନ ନିମନ୍ତେ ମାନବ ସମ୍ବଳ-ସିଏଲ୍‌ସି ବିଭାଗର ସିନିୟର ମ୍ୟାନେଜର ସଙ୍ଗୀତା ମାରିଆ ସିନ୍ଦୂରଙ୍କୁ ସମ୍ମାନିତ କରାଯାଇଥିଲା। ସୁରକ୍ଷା-ପ୍ରକଳ୍ପ ବିଭାଗର ଡେପୁଟି ମ୍ୟାନେଜର ଏସ୍ ଆର୍ ନାଏକ ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲାବେଳେ ପ୍ରକଳ୍ପ ଏବଂ ଆଧୁନିକୀକରଣ ବିଭାଗର ଏଜିଏମ୍ ଆଶିଷ ରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏମ୍‌ଏମ୍-ପ୍ରକଳ୍ପ ବିଭାଗର ମ୍ୟାନେଜର ତ୍ରିଶିଳା ପାଣିଗ୍ରାହୀ ଉକ୍ତ ସମାରୋହ ପରିଚାଳନା କରିଥିଲେ।

# ଆନ୍ତଃବିଦ୍ୟାଳୟ ବକ୍ତୃତା ପ୍ରତିଯୋଗିତା



**ରାଉରକେଲା, ୨୬।୯ (ସମିସ):** ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳନର ଅଂଶ ସ୍ୱରୂପ ସେଲ୍‌ଫ, ରାଉରକେଲା ଇସ୍ପାତ କାରଖାନାର ସହର ସେବା (ଶିକ୍ଷା ବିଭାଗ) ଦ୍ୱାରା ସେକ୍ଟର-୧୯ ସ୍ଥିତ ଇସ୍ପାତ ବିଦ୍ୟା ମନ୍ଦିରରେ ଏକ ଆନ୍ତଃ ବିଦ୍ୟାଳୟ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ରାଉରକେଲା ଇସ୍ପାତ ସହରାଞ୍ଚଳ ଏବଂ ନଗରପାଳିକା ଅଞ୍ଚଳର ୧୬ଟି ବିଦ୍ୟାଳୟର ମୋଟ ୧୯୪ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। କନିଷ୍ଠ ବିଭାଗରେ ୯୪ ଜଣ ଏବଂ ବରିଷ୍ଠ ବିଭାଗରେ ୧୦୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। 'ଉତ୍କଳମଣି ଗୋପବନ୍ଧୁ ଦାସ; ଜଣେ ଶିକ୍ଷାବିତ୍ ଯିଏ ଥିଲେ ସାମଗ୍ରିକ ବିକାଶର ପୁରୋଧା' ପ୍ରତିଯୋଗିତାର ବିଷୟବସ୍ତୁ ଥିବାବେଳେ ଓଡିଆ, ହିନ୍ଦୀ ଏବଂ ଇଂରାଜୀରେ ଏହି ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଯାହା ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ପସନ୍ଦର ଭାଷା ମାଧ୍ୟମରେ ସେମାନଙ୍କର ବକ୍ତୃତା ଦକ୍ଷତା ପ୍ରଦର୍ଶନ କରିବା ପାଇଁ ଏକ ସୁଯୋଗ ପ୍ରଦାନ କରିଥିଲା। ଛାତ୍ରଛାତ୍ରୀମାନେ ସାମଗ୍ରିକ ବିକାଶ ପାଇଁ ଅକ୍ଲାନ୍ତ ଭାବରେ କାର୍ଯ୍ୟ କରିଥିବା ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୀବନ, ଦୃଷ୍ଟିକୋଣ ଏବଂ ଅବଦାନ ଉପରେ ବକ୍ତବ୍ୟ ରଖିବା ସହ ଜଣେ ସମାଜ ସଂସ୍କାରକ ଏବଂ ଶିକ୍ଷାବିତ୍ ଭାବରେ ତାଙ୍କର ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ପ୍ରତିଯୋଗିତା ଦୁଇଟି ଅଧିବେଶନରେ

# ଆର୍‌ଏସ୍‌ପି ମେକାନିକାଲ୍ ସପ୍ସର ଠିକା ଶ୍ରମିକ ପୁରସ୍କୃତ



**ରାଉରକେଲା, ୨୬।୯ (ସମିସ):** ସେଲ୍‌ଫ, ରାଉରକେଲା ଇସ୍ପାତ କାରଖାନାର ମେକାନିକାଲ ସପ୍ସ ବିଭାଗର ସମ୍ମିଳନୀ କକ୍ଷରେ ବୁଧବାର ତତ୍କାଳ ସୀକୃତି ଯୋଜନା ଅଧୀନରେ ଏକ ସ୍ୱତନ୍ତ୍ର ପୁରସ୍କାର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ମେକାନିକାଲ ଏବଂ ସପ୍ସ ବିଭାଗର ସିଜିଏମ୍ ଦେବେନ୍ଦ୍ର କୁମାର ପାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଭାଗରେ ନିୟୋଜିତ ମେସର୍ସ ପୋନିଆ ଏଣ୍ଟରପ୍ରାଇଜେସ୍‌ର ସାତ ଜଣ ଠିକା ଶ୍ରମିକ ଓ ମେସର୍ସ ବେହୁରା ଏଣ୍ଟରପ୍ରାଇଜେସ୍‌ର ଜଣେ ଠିକା ଶ୍ରମିକଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ଡିଜାଇନ, ମେକାନିକାଲ ସପ୍ସ ଏବଂ ଫାଉଣ୍ଡ୍ରି ବିଭାଗର ଜିଏମ୍ ଇନ୍‌ଚାର୍ଜ ସ୍ୱପନ କୁମାର ଦାସ, ମାନବ ସମ୍ବଳ ବିଭାଗର ଜିଏମ ଜି.ଆର. ଦାସ ଏବଂ ବିଭାଗର ଅନ୍ୟ ବହୁ ବରିଷ୍ଠ ଅଧିକାରୀଙ୍କ ସହ ସମ୍ପୃକ୍ତ ଠିକାଦାରଙ୍କ ପ୍ରତିନିଧିମାନେ ମଧ୍ୟ ଉପସ୍ଥିତ ଥିଲେ। ଉଭୟ ଠିକାଦାର ଏବଂ ସିଏଲ୍‌ସିଙ୍କ ପ୍ରତିନିଧି ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଡି. କେ. ପାଳଙ୍କ ସହିତ ସ୍ୱପନ କୁମାର ଦାସ, ଜି.ଆର. ଦାସ ପୁରସ୍କାର ବିଜେତାଙ୍କ ଉଲ୍ଲେଖନୀୟ ପ୍ରୟାସ ଏବଂ କଠିନ ପରିଶ୍ରମକୁ ପ୍ରଶଂସା କରିଥିଲେ। ସେମାନଙ୍କୁ ଉତ୍ସର୍ଗୀକୃତ ଏବଂ ଦକ୍ଷତାର ସହ କାରଖାନାର କାର୍ଯ୍ୟ ସୁନିଶ୍ଚିତ କରିବା ସହ ବିଶେଷକରି ଜଟିଳ ପରିସ୍ଥିତିରେ ସେମାନଙ୍କର ଶ୍ରେଷ୍ଠ ପ୍ରୟାସ ଜାରି ରଖିବାକୁ ଉତ୍ସାହିତ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଏହି ପୁରସ୍କାର ପ୍ଲେଟ୍ ମିଲର ମୁଖ୍ୟ ମରାମତି ସମୟରେ ନିମ୍ନ ୟୁନିଭର୍ସାଲ୍ କପଲିଂ କୀ ସ୍ଲଟର ଇନ-ସିଟୁ ମେସିନିଂ କରିବାରେ ସେମାନଙ୍କର ଉଦାହରଣୀୟ ଅବଦାନ ପାଇଁ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମେକାନିକାଲ୍ ସପ୍ସ ବିଭାଗର ଏଜିଏମ୍ କେ. ଆର. ମିଶ୍ର ସଂଯୋଜନା କରିଥିବା ବେଳେ ଡେପୁଟି ମ୍ୟାନେଜର ସୌମେନ୍ଦ୍ର କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ପଣ୍ଡିତ ଦୀନଦୟାଲଙ୍କ ଜୟନ୍ତୀ

**ରାଉରକେଲା, ୨୬।୯ (ସମିସ):** ଆଜି ସ୍ଥାନୀୟ ସେକ୍ଟର-୩ ସ୍ଥିତ ବିଜେପି ଜିଲ୍ଲା କାର୍ଯ୍ୟାଳୟ ପରିସରରେ ବିଜେପି ରାଉରକେଲା ସାଂଗଠନିକ ଜିଲ୍ଲା ତରଫରୁ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜନ୍ମ ଜୟନ୍ତୀ ପାଳନ କରାଯାଇଥିଲା। ରାଜ୍ୟ ଉପାଧକ୍ଷା ସୁକେଶି ଓରାମ ମୁଖ୍ୟଅତିଥି ରୂପେ ଯୋଗଦେଇ ପଣ୍ଡିତ ଦୀନଦୟାଲଙ୍କ ଫଟୋଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।



ଏହା କାର୍ଯ୍ୟକ୍ରମରେ ବରିଷ୍ଠ ନେତା ତଥା ଜିଲ୍ଲା ମୁଖପାତ୍ର ଗଙ୍ଗାଧର ଦାଶ ମୁଖ୍ୟବକ୍ତା ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ଅଗ୍ରୱାଲ ଅତିଥି ରୂପେ ଯୋଗଦେଇ ସୃତିଚାରଣ କରିଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ଶଶାଙ୍କ ଶେଖର ଜେନା ପରିଚାଳନା କରିଥିବା ବେଳେ ଜିଲ୍ଲା ଉପସଭାପତି ସରୋଜ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ସିଆଇଟିୟୁର କାର୍ଯ୍ୟକର୍ତ୍ତା କମିଟି ବୈଠକ

# 'ସ୍ଥାନୀୟ ନିଯୁକ୍ତିକୁ ଉପେକ୍ଷା କରୁଛି ଆର୍‌ଏସ୍‌ପି'

**ରାଉରକେଲା, ୨୬।୯ (ସମିସ)**

ରାଉରକେଲା କଣ୍ଟ୍ରାକ୍ଟର ୱାର୍କର୍ସ ୟୁନିୟନ (ସିଆଇଟିୟୁ)ର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକର୍ତ୍ତା କମିଟି ବୈଠକ ସେକ୍ଟର -୧୬ ସ୍ଥିତ ଶ୍ରମିକ ଭବନଠାରେ ଶୁକ୍ରବାର ଉପସଭାପତି ଶ୍ରୀମନ୍ତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ରାଉରକେଲା ଇସ୍ପାତ କାରଖାନାର ବିଭିନ୍ନ ପ୍ରୋଜେକ୍ଟ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶନାମାକୁ କର୍ତ୍ତୃପକ୍ଷ ବେଖାତିର କରି ସ୍ଥାନୀୟ ଶିକ୍ଷିତ ଯୁବକଯୁବତୀମାନଙ୍କୁ ନିଯୁକ୍ତି ନଦେଇ ଶତାଧିକ ବାହାର ରାଜ୍ୟର ଶ୍ରମିକମାନଙ୍କୁ କାରଖାନା ଭିତରେ ଓ ବାହାରେ ଶ୍ରମିକ କ୍ୟାମ୍ପମାନ କରି କାମ କରାଉଛି। ଇସ୍ପାତ କାରଖାନାର ଆଗକୁ ସମ୍ପ୍ରସାରଣ କାର୍ଯ୍ୟ ହେବାକୁ ଥିଲା ବେଳେ କର୍ତ୍ତୃପକ୍ଷଙ୍କ ସ୍ଥାନୀୟ ନିଯୁକ୍ତିକୁ ଉପେକ୍ଷାକୁ ନେଇ ବୈଠକରେ କ୍ଷୋଭ ପ୍ରକାଶ ପାଇଛି। ଆରଏସପିରୁ ଏକ ପିଲେଟ୍ ପ୍ଲାଣ୍ଟ ପାଇଁ କାର୍ଯ୍ୟ ନିର୍ଦ୍ଦେଶ ପାଇଥିବା ମେସର୍ସ ରଶ୍ମି ଗ୍ରୁପ ଶତାଧିକ ବାହାର ରାଜ୍ୟରୁ ଶ୍ରମିକ ଆଣି କ୍ୟାମ୍ପରେ ରଖି କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶରେ କାମ କରୁଥିଲା ବେଳେ ରାଉରକେଲା ତଥା ସୁନ୍ଦରଗଡ଼ ଜିଲ୍ଲାର ହଜାର ହଜାର ଶିକ୍ଷିତ ଯୁବକଯୁବତୀମାନଙ୍କୁ ନିରାଶ ହେବାକୁ ପଡ଼ିଛି। ସ୍ଥାନୀୟ ଠିକାଦାରମାନଙ୍କୁ ମଧ୍ୟ କୌଶଳପୂର୍ଣ୍ଣ ଭାବରେ ଆର୍‌ଏସ୍‌ପି କାର୍ଯ୍ୟ ନଦେଇ ବୃହତ୍ତ କମ୍ପାନୀ ମାନଙ୍କୁ କାମ ଦେବା ଫଳରେ କ୍ଷୁଦ୍ର ଓ ମଧ୍ୟମ ଠିକା ସଂସ୍ଥା ମଧ୍ୟ କାର୍ଯ୍ୟ ପାଉନାହାଁନ୍ତି। ଫଳରେ ସ୍ଥାନୀୟ ନିଯୁକ୍ତି ମଧ୍ୟ ହୋଇ ପାରୁନାହିଁ। ଏପରି ସରକାରୀ ନିର୍ଦ୍ଦେଶନାମାକୁ ବେଖାତିର ଓ ସ୍ଥାନୀୟ ଯୁବକଯୁବତୀମାନଙ୍କୁ ଉପେକ୍ଷା ବିରୁଦ୍ଧରେ ଆଗାମୀ ଦିନରେ ସମସ୍ତ ସ୍ଥାନୀୟ ଶ୍ରମିକ, ଯୁବଗୋଷ୍ଠୀ ଓ ସ୍ଥାନୀୟ ଠିକା ସଂସ୍ଥାମାନଙ୍କୁ ଏକତ୍ରିତ କରି ରାଉରକେଲା ସ୍ଥାନୀୟ ନିଯୁକ୍ତିକୁ ଗୁରୁତ୍ୱ ପାଇଁ ଲଗାତାର ଆନ୍ଦୋଳନ ଖସଡ଼ା ପ୍ରସ୍ତୁତ କରିବାକୁ ବୈଠକରେ ଉପସ୍ଥିତ ଥିବା ସାଧାରଣ ସମ୍ପାଦକ ବିମାନ ମାଇତି, ଉପସଭାପତି ବସନ୍ତ ନାୟକ, ବିପି ମହାପାତ୍ର, ରାଜକିଶୋର ପ୍ରଧାନ, ଅଜୟ ଶର୍ମା, ଲକ୍ଷ୍ମୀଧର ନାୟକ, ପ୍ରଭାତ ମହାନ୍ତି, ବିଶ୍ୱଜିତ ମାଝୀ, ଦିବାକର ମହାରଣା ସମେତ ଅନ୍ୟ ନେତୃତ୍ୱ ବିଭିନ୍ନ ଆନ୍ଦୋଳନ ପ୍ରସ୍ତାବ ଉପସ୍ଥାପନ କରିଥିଲେ।

# ବିଦ୍ୟୁତ୍ ନିର୍ମାଣ କମ୍ପାନୀ କ୍ୟାମ୍ପରେ ଡକାୟତି

**ରାଉରକେଲା, ୨୬।୯ (ସମିସ):** ଗତକାଲି ରାତିରେ ଲହୁଣୀପଡ଼ା ଥାନା ଅନ୍ତର୍ଗତ ଦର୍ଜ୍ଜିଂ ଠାରେ ଏକ ବିଦ୍ୟୁତ୍ ନିର୍ମାଣ କମ୍ପାନୀର କ୍ୟାମ୍ପରେ ଏକ ବଡଧରଣର ଡକାୟତି ହୋଇଛି। ଅଫଶୋର କଷ୍ଟ୍ରକ୍ସନ୍ କମ୍ପାନୀ ତରଫରୁ ଦର୍ଜ୍ଜିଂ ଠାରେ ଲାଗିଥିବା ବିଦ୍ୟୁତ ସବ୍‌ଷ୍ଟେସନ୍‌ର ମରାମତି କାମ ଚାଲିଥିଲା ବେଳେ ଗୁରୁବାର ରାତିରେ ୨୦ ରୁ ୨୨ ଜଣ ଡକାୟତ ବିଭିନ୍ନ ମାରଣାସ୍ତ୍ର ଧରି ସେଠାରେ ପହଞ୍ଚିଥିଲେ। କମ୍ପାନୀର କର୍ମଚାରୀମାନଙ୍କୁ ସେଠାରେ ମାଡ଼ ମାରିବା ସହ ବାନ୍ଧି ପ୍ରାୟ ଦେଢ଼ କୋଟି ଟଙ୍କାର ତମ୍ବା ତାର ଲୁଟି ନେଇଛନ୍ତି। ଲହୁଣୀପଡ଼ା ଥାନା ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ, ଗତ ୨୧ ତାରିଖ ଦିନ କୁତ୍ରାଠାରେ ଏହି କମ୍ପାନୀର କାମ ଚାଲିଥିବା ବେଳେ ମଧ୍ୟ ସଶସ୍ତ୍ର ଡକାୟତି ହୋଇଥିଲା। ଉଭୟ ଡକାୟତି ଘଟଣାର ରାଉରକେଲା ଏବଂ ସୁନ୍ଦରଗଡ଼ ପୁଲିସ୍ ତଦନ୍ତ କରୁଛି।






ନବରାତ୍ର ଅବସରରେ ମା' ଅମ୍ବିକାଙ୍କ ସ୍କନ୍ଦମାତା ବେଶ



## ୪୧ବର୍ଷରେ ପାଲବଣୀ ସାର୍ବଜନୀନ ଦୁର୍ଗାପୂଜା

# କୋଲକାତା ଭିକ୍ଟୋରିଆ ମେମୋରିଆଲ ପ୍ରତିକୃତି ମୁଖ୍ୟ ଆକର୍ଷଣ

ବାରିପଦା, ୨୬।୯ (ସମିସ)

ଉତ୍ତର ଓଡ଼ିଶା ସମେତ ବାରିପଦା ସହରର ମେଢ ଦୁର୍ଗାପୂଜା ମଧ୍ୟରେ ସ୍ୱତନ୍ତ୍ରତା ସ୍ଥାନ ଅଧିକାର କରିଛି ପାଲବଣି ସାର୍ବଜନୀନ ଦୁର୍ଗାପୂଜା। ଯାହାକି ଚଳିତ ଥର ୪୧ବର୍ଷରେ ପଦାର୍ପଣ କରିଛି। ୧୯୮୫ ମସିହାରୁ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗ ତଥା ସ୍ୱର୍ଗତ ସରୋଜ ବେହେରା, ସ୍ୱର୍ଗତ କହ୍ନେଇଲାଲ ପାତ୍ର, ପ୍ରଫୁଲ୍ଲ ପଣ୍ଡା, ଚିତ୍ତରଞ୍ଜନ ଦାସ, ତରୁଣ ପଟ୍ଟନାୟକ, ସୁଧାଂଶୁ ଦାସ ଓ ପାର୍ଥସାରଥି ପ୍ରଧାନଙ୍କ ଉଦ୍ୟମରେ ଏଠାରେ ପୂଜା ଆରମ୍ଭ ହୋଇଥିଲା। ଚଳିତ ବର୍ଷ କମିଟି ସଦସ୍ୟଙ୍କ ସହଯୋଗରେ ପ୍ରସ୍ତୁତି ଶେଷ ହୋଇଛି। ପଶ୍ଚିମବଙ୍ଗ ରାଜ୍ୟର ବେଲଦାର ଟେଣ୍ଟ କାରିଗରମାନେ ତୋରଣ ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି। ଚଳିତ ଥର କୋଲକାତାର ଭିକ୍ଟୋରିଆ ମେମୋରିଆଲ ସଦୃଶ୍ୟ ତୋରଣ ମୁଖ୍ୟ ଆକର୍ଷଣ ସାଜିବ। ଉକ୍ତ ମଣ୍ଡପରେ ପୂଜା ନୀତିନିଷ୍ଠାର



ସହିତ ସମ୍ପାଦିତ ହେଉଥିବାରୁ ଭକ୍ତଙ୍କ ପୂଜା ନିମନ୍ତେ ପ୍ରବଳ ସମାଗମ ଲାଗି ରହିଥାଏ। ସଭାପତି ଆଦିତ୍ୟ କୁମାର ଦଣ୍ଡପାଟ, ସମ୍ପାଦକ ଦେବବ୍ରତ ସାମଲ ସମେତ କମିଟିର ୩ଜଣ ଉପସଭାପତି, ୨ଜଣ ସମ୍ପାଦକ, ୬ଜଣ ଅତିରିକ୍ତ ସମ୍ପାଦକ, ୪ଜଣ ସହସମ୍ପାଦକ, ୩ଜଣ କୋଷାଧ୍ୟକ୍ଷ ଓ ୧୬ଜଣ କାର୍ଯ୍ୟକାରୀ ସଦସ୍ୟଙ୍କ ନେତୃତ୍ୱରେ ୧୬୦୦ରୁ ଊର୍ଦ୍ଧ୍ୱ ସଦସ୍ୟଙ୍କ ସହଯୋଗରେ ବାରିପଦାର ଅନ୍ୟତମ ବୃହତ ପୂଜା ତୋରଣ ସ୍ଥାନ ବଜାୟ ରହିଛି। ମା'ଙ୍କ ମୂର୍ତ୍ତି ନିର୍ମାଣ ଦାୟିତ୍ୱ ସ୍ଥାନୀୟ କାରିଗରଙ୍କ ଦ୍ୱାରା ଜୀବନ୍ତ ରୂପ ନେଇଛି। ପୂର୍ବ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଭଜନ ସନ୍ଧ୍ୟା ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ମା'ଙ୍କ ଭସାଣି ୪ତାରିଖ ଦିନ ଶାନ୍ତିଶୃଙ୍ଖଳାର ସହିତ ଅନୁଷ୍ଠିତ ହେବ। ପ୍ରାରମ୍ଭରେ ପୂଜା ବ୍ୟୟ ଅଟକଳ ୨୫ ହଜାର ଥିବା ବେଳେ ଚଳିତ ବର୍ଷ ୫୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାରେ ପହଞ୍ଚିଛି। ମୁଖ୍ୟ ଭାବେ ତୋରଣ, ଆଲୋକ ଓ ସାଜସଜ୍ଜାରେ ସିଂହଭାଗ ଖର୍ଚ୍ଚ ହୋଇଥାଏ। ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ପରେ ୨୦୧୯ ମସିହାରୁ ଆମ୍ରବଗିଚା ପାର୍ଶ୍ୱ ପଡ଼ିଆରେ ପୂଜା ଅନୁଷ୍ଠିତ ହେଉଛି। ପାଲବଣି ଦୁର୍ଗା ପୂଜା ମେଢ ଦେଖିବା ପାଇଁ କେବଳ ଜିଲ୍ଲା ନୁହେଁ ଜିଲ୍ଲା ବାହାରୁ ତଥା ପଡ଼ୋଶୀ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡରୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥାଏ ବୋଲି କମିଟି ସଦସ୍ୟ ମାନେ କହିଛନ୍ତି।

## ଅଟୋ ଧକ୍କାରେ ସ୍କୁଟି ଆରୋହୀଙ୍କ ମୃତ୍ୟୁ

**ବାରିପଦା, ୨୬।୯ (ସମିସ):** ନୁରୁଡ଼ିହି ଛକ ନିକଟରେ ଅଜଣା ଅଟୋ ଧକ୍କାରେ ଜଣେ ସ୍କୁଟି ଆରୋହୀ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବଡ଼ସାହି ଥାନା ଅଧୀନ ନାଉପାଳ ଗ୍ରାମର ସୁମିତ୍ରା ସିଂ। ସେ ସ୍କୁଟିରେ ଯାଉଥିବା ବେଳେ ନୁରୁଡ଼ିହି ଛକ ନିକଟରେ ଏକ ଅଟୋ ତାଙ୍କୁ ଧକ୍କା ଦେଇଥିଲା। ସେ ଭାରସାମ୍ୟ ହରାଇ ରାସ୍ତାରେ ପଡ଼ି ଯାଇଥିଲେ। ଗୁରୁତର ଅବସ୍ଥାରେ ପିଆରଏମ ହସ୍ପିଟାଲ ଏବଂ ପରେ କଟକ ସ୍ଥିତ ଏସସିବି ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଏନେଇ ତାଙ୍କ ପରିବାର ଲୋକଙ୍କ ଅଭିଯୋଗକ୍ରମେ ବାରିପଦା ଟାଉନ ଥାନାରେ ମାମଲା ରୁଜୁ କରାଯାଇଛି।

## ମଦ ବିକ୍ରି ଅଭିଯୋଗରେ ଜଣେ ଗିରଫ

**ମହୁଲଡିହା, ୨୬।୯ (ସମିସ):** ପାର୍ବଣ ଅବସରରେ ଠାକୁରମୁଣ୍ଡା ଅବକାରୀ ବିଭାଗ ପକ୍ଷରୁ ବ୍ଲକର ଏକାଧିକ ଗ୍ରାମରେ ଚଢ଼ାଉ ପ୍ରକ୍ରିୟା ଜାରି ରହିଛି। ପ୍ରକାଶ ଥାଉ କି ୨୫ ତାରିଖ ଚମ୍ପାଝର ପଞ୍ଚାୟତରେ ମଦ ସହିତ ଜଣକୁ ଗିରଫ ଏବଂ ଆଜି ୨୬ ତାରିଖ କେଶଡିହା ଗ୍ରାମର ଅଭିଯୁକ୍ତ ବିର୍ସା ବଦ୍ରା (୩୬) ୧୪ ଲିଟର ମହୁଲି ମଦ ବିକ୍ରି କରିବାକୁ ଆଣୁଥିବା ସମୟରେ ଅବକାରୀ ବିଭାଗ ଜବତ କରିଛି। ଠାକୁରମୁଣ୍ଡା ଅବକାରୀ ଥାନା ଅଧିକାରିଣୀ ଭାରତୀ ନାଏକ ଏକ ମାମଲା ରୁଜୁ କରି ଜାମିନ ନାମଞ୍ଜୁର ହେବାରୁ କରଞ୍ଜିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ନିଖୋଜ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ବହଳଦା, ୨୬।୯ (ସମିସ):** ବହଳଦା ପାତ୍ରସାହିର ଜଣେ ବ୍ୟକ୍ତି ନିଖୋଜ ଥିବାବେଳେ ନିକଟସ୍ଥ ଜଳାଶୟରୁ ତାଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ କାଠିଆ ପାତ୍ର (୬୬)। ସୂଚନାନୁଯାୟୀ, ଗତ ମଙ୍ଗଳବାର କାଠିଆଙ୍କୁ ପୁଅ ବଂଶି ପାତ୍ର ବସତିରେ ଥିବା ଘରକୁ ଯିବା ପାଇଁ କହି ଛାଡ଼ିବାସହ ବହଳଦା ବଜାର ପଟକୁ ଯାଇଥିଲେ। ହେଲେ ଘରକୁ ଫେରି ଦେଖିଲା ବେଳକୁ ତାଙ୍କ ପିତା କାଠିଆ ଘରେ ପହଞ୍ଚି ନଥିଲେ। ଖୋଜାଖୋଜି କରି ନପାଇବାରୁ ତାଙ୍କ ପୁଅ ବଂଶି ପାତ୍ର ପିତା କାଠିଆ ପାତ୍ର ନିଖୋଜ ଥିବାନେଇ ବହଳଦା ଥାନାରେ ୨୪ ତାରିଖ ସୂଚନା ଦେଇଥିଲେ। ଏନେଇ ନିଖୋଜ ମାମଲା ରୁଜୁ କରାଯାଇଥିଲା। ତେବେ ଆଜି ବସତି ଲୋକେ ନିକଟସ୍ଥ ଭାଗ୍ୟ ପୋଖରୀରେ ମୃତଦେହ ଭାସୁଥିବା ନେଇ ବହଳଦା ଥାନାରେ ସୂଚନା ଦେଇଥିଲେ। ପରେ ବହଳଦା ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ମୃତଦେହ ଉଦ୍ଧାର କରାଯାଇଥିଲା। ବହଳଦା ଥାନାରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁର ଡାକ୍ତରଖାନାକୁ ପଠାଇଥିଲେ। ପରିବାର ଲୋକେ ପୂର୍ବ ଶତ୍ରୁତାରୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିଛନ୍ତି।

## ରାଜ୍ୟସ୍ତରୀୟ ରଗ୍‌ବି ଫୁଟ୍‌ବଲ୍ ପ୍ରତିଯୋଗିତା ପାଇଁ ୨୪ ଜଣ ମନୋନୀତ



**ବାରିପଦା, ୨୬।୯ (ସମିସ):** କୁଳିଅଣା ବ୍ଲକ ଅଧୀନ ଅସନଯୋଡ଼ାସ୍ଥିତ ସରକାରୀ (ଏସ୍‌ଏସ୍‌ଡି) ଉଚ୍ଚ ବିଦ୍ୟାଳୟର ଖେଳପଡ଼ିଆ ପରିସରରେ ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ୧୭ ବର୍ଷରୁ କମ ବାଳକ ବାଳିକା ବର୍ଗର ରଗ୍‌ବି ଫୁଟବଲ ପ୍ରତିଯୋଗିତା, ୨୦୨୫-୨୬ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନରେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ଜିଲ୍ଲା ଶାରୀରିକ ଶିକ୍ଷା ଶିକ୍ଷକ ସଂଘର ସମ୍ପାଦକ ସଞ୍ଜୟ କୁମାର ପ୍ରଧାନ ଯୋଗଦେଇଥିଲେ। ବିଚାରକ ଭାବେ ଦିବ୍ୟରଞ୍ଜନ ଦାସ, ପ୍ରକାଶଚନ୍ଦ୍ର ସୋଏ, ମାଳିନୀ ସୋଏ, ରାଇମଣ ନାଏକ, ତାରିଣୀସେନ ନାଏକ, କ୍ରିଷ୍ଣା ଟୁଡୁ ଏବଂ ସେଣ୍ଟ୍ରାଲ ଅଫିସିଆଲ ଭାବେ ପ୍ରଦୀପ ଚୌଧୁରୀ ଯୋଗଦେଇଥିଲେ। ଓଡ଼ିଶା ରାଜ୍ୟସ୍ତରୀୟ ରଗ୍‌ବି ଫୁଟବଲ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲାରୁ ୨୪ ଜଣ ପ୍ରତିଯୋଗୀ ଯୋଗଦେବେ। ସେମାନେ ହେଲେ ବାଳକ ବିଭାଗରେ ଶ୍ରୀକାନ୍ତ ସିଂ, କାଶୀନାଥ ଟୁଡୁ, ଦଶରଥ ମାଝି, ରାମଚନ୍ଦ୍ର ହେମ୍ବ୍ରମ, ବାଦଲ ନାୟକ, ରାମଚନ୍ଦ୍ର ହେମ୍ବ୍ରମ, ହୃଦାନନ୍ଦ ସିଂ, ଶରତ ଦେହୁରୀ, ସୁକୁଲ ବାସ୍କେ, ଯଦୁ ଗୋଡ଼ସୋରା, ଫାଗୁ ମୁର୍ମୁ, ରହିଦାସ ସିଂ ଓ ବାଳିକା ବିଭାଗରେ ସୁମିତ୍ରା ମୁର୍ମୁ, ସୁଦଶନା କ୍ରିଷ୍ଣା ନାଏକ, ଦୁଲାରୀ ହାଁସଦା, ଜୟନ୍ତୀ ବାସ୍କେ, ଶୁଭଦ୍ରା ସୋରେନ, ସାଲଗେ ମୁର୍ମୁ, ସବିତା ସୋରେନ, ପାଏଲ ହାଁସଦା, ସନ୍ଧ୍ୟା ସୋରେନ, ସୀତା ମାରାଣ୍ଡି, ସୁଲେନା ହେମ୍ବ୍ରମ, ପଦ୍ମାବତୀ ସିଂ।

## ଶିମିଳିପାଳ ସୁରକ୍ଷା ପାଇଁ ଦସ୍ତଖତ ଅଭିଯାନ

**ବାରିପଦା, ୨୬।୯ (ସମିସ):** ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ବାଇକ ଯୋଗେ ଶିବାଜୀ ମୌଳିକ ଚେୟାରମେନ ଶିମିଳିପାଳ ପ୍ରୋଟେକ୍ସନ ଗ୍ରୁପ (ଏସପିଜି) ଓ ସଦସ୍ୟ ମହେଶ ବେହେରା ୪ଗୋଟି ସବଡିଭିଜନ ପରିକ୍ରମା କରିବା ଉଦ୍ଦେଶ୍ୟରେ ବାହାରିଛନ୍ତି। ନୂତନ ଜିଲ୍ଲା ଗଠନ ଓ ଶିମିଳିପାଳର ସୁରକ୍ଷା ଦିଗରେ ଏକ ଦସ୍ତଖତ ଅଭିଯାନ ଆରମ୍ଭ କରିଛନ୍ତି। ପରିକ୍ରମା ଶେଷ ହେବାପରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଜିଲ୍ଲାପାଳଙ୍କ ଜରିଆରେ ପଠାଇବେ। ଏହି ପରିକ୍ରମା ମୟୂରଭଞ୍ଜ ସହିତ ଶିମିଳିପାଳକୁ କିଭଳି ଅଧିକ ସୁରକ୍ଷା ଓ ପର୍ଯ୍ୟଟନ ଶିଳ୍ପର



ବିକାଶ ହେଇପାରିବ। ଏହାକୁ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ, ଜଙ୍ଗଲ ମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ଆଇନ ମନ୍ତ୍ରୀ, ନଗରଉନ୍ନୟନ ମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଜିଲ୍ଲାର ସମସ୍ତ ସାଂସଦ, ବିଧାୟକଙ୍କୁ ପରିକ୍ରମା ଶେଷ କରି ଦାବିପତ୍ର ଦିଆଯିବାର କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ପରିକ୍ରମା ସମ୍ପର୍କରେ ସମସ୍ତ ଗଣମାଧ୍ୟମ ପ୍ରତିନିଧି ଓ ସାମାଜିକ ଗଣମାଧ୍ୟମକୁ ଶିମିଳିପାଳ ପ୍ରୋଟେସନ ଗ୍ରୁପ(ଏସପିଜି)ର ଚେୟାରମେନ ଶିବାଜୀ ମୌଳିକ ଲିଖିତ ଭାବେ ଏକ ଜଣାଇଛନ୍ତି।

## ବିଶ୍ୱ ପର୍ଯ୍ୟଟନ ଦିବସ ଉପଲକ୍ଷେ କୁଇଜ୍ ପ୍ରତିଯୋଗିତା

ବାରିପଦା, ୨୬।୯ (ସମିସ)

ବିଶ୍ୱ ପର୍ଯ୍ୟଟନ ଦିବସ-୨୦୨୫ ଅବ୍ୟବହିତ ପୂର୍ବରୁ ଜିଲ୍ଲା ପର୍ଯ୍ୟଟନ ବିକାଶ ଅଧିକାରିଣୀ ସତ୍ୟଭାମା ବେହେରାଙ୍କ ତତ୍ତ୍ୱାବଧାନରେ କୁଇଜ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି।



କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ମୁଖ୍ୟଅତିଥି ଭାବେ ସ୍ୱସ୍ତି ଇନ୍‌ଷ୍ଟିଚ୍ୟୁଟ ଅଫ ମ୍ୟାନେଜେମେଣ୍ଟ ଆଣ୍ଡ ସୋସିଆଲ ଷ୍ଟଡିଜର ଅଧ୍ୟକ୍ଷ ପ୍ରଫେସର ରାଜ କୁମାର ପାଣିଗ୍ରାହୀ ଏବଂ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ଜିଲ୍ଲା ପର୍ଯ୍ୟଟନ ଅଧିକାରିଣୀ ବିଶ୍ୱ ପର୍ଯ୍ୟଟନ ଦିବସ ପାଳନର ଆଭିମୁଖ୍ୟ ଓ ଚଳିତ ବର୍ଷର ବିଷୟ ବସ୍ତୁ 'ପର୍ଯ୍ୟଟନ ଏବଂ ସ୍ଥାୟୀ ରୂପାନ୍ତରଣ' ଶୀର୍ଷକ ଉପରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଶ୍ରୀ ପାଣିଗ୍ରାହୀ ବିଶ୍ୱ ପର୍ଯ୍ୟଟନ ଦିବସ ପାଳନର ଆବଶ୍ୟକତା ଓ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋକପାତ କରିବାସହ ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଓଡ଼ିଶା କିପରି ଏହାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ସେନେଇ ଉଲ୍ଲେଖ କରିଥିଲେ। ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ଯୋଗଦେଇ କହିଥିଲେ, ଯେ ବିଶ୍ୱରେ ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ କଳା, ସାହିତ୍ୟ, ସଂସ୍କୃତି ଓ ଭାବର ଆଦାନ ପ୍ରଦାନ ତଥା ସୁସମ୍ପର୍କ ସ୍ଥାପନ ପାଇଁ ପର୍ଯ୍ୟଟନ ଏକ ସେତୁ ସଦୃଶ। ବର୍ତ୍ତମାନ ସମୟରେ ଦେଶର ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ପର୍ଯ୍ୟଟନ ଶିଳ୍ପ ଏକ ପ୍ରମୁଖ ଭୂମିକା ବହନ କରିଛି। ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଓଡ଼ିଶାର ପୁରୀ ଯେପରି ମହାପ୍ରଭୁ ଶ୍ରୀଜଗନ୍ନାଥ ପାଇଁ ବିଶ୍ୱ ବିଦିତ, ମୟୂରଭଞ୍ଜର ଶିମିଳିପାଳ ମଧ୍ୟ ସେହିପରି ବିଶ୍ୱ ଆଦୃତ ହୋଇପାରିଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମଲ୍ଲିକ ଓ ପ୍ରଫେସର ପାଣିଗ୍ରାହୀ କୁଇଜ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରି ପୁରସ୍କୃତ କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗୀୟ ଅଧିକାରୀ, ଛାତ୍ରଛାତ୍ରୀ ଯୋଗଦେଇଥିଲେ ଏବଂ ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟର କର୍ମଚାରୀ ଗଣ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସାହିତ୍ୟିକ ସଚ୍ଚିଦାନନ୍ଦ ସମ୍ବର୍ଦ୍ଧିତ

**ବେତନଟୀ, ୨୬।୯ (ସମିସ):** ମୟୂରଭଞ୍ଜ ମହାରାଜାଙ୍କ ଦ୍ୱାରା ପ୍ରତିଷ୍ଠିତ କଟକର ଶ୍ରୀରାମଚନ୍ଦ୍ର ଭବନଠାରେ 'ପ୍ରିୟବନ୍ଧୁ' ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ବେତନଟୀର ବହୁ ପୁରାତନ ମୟୂର ସାହିତ୍ୟ ସଂସଦର କା: ସଭାପତି ତଥା ସାହିତ୍ୟିକ ସଚ୍ଚିଦାନନ୍ଦ ମହାନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଶିଶୁକବି ବୀରେନ୍ଦ୍ର ମହାନ୍ତି ଓ ପୀତାମ୍ବର ତରେଇଙ୍କ ସହ ଲୋକସେବକ ମଣ୍ଡଳର ଆଜୀବନ ସଦସ୍ୟ ଡଃ ପ୍ରଭାସ ଚନ୍ଦ୍ର



ଆଚାର୍ଯ୍ୟ, ରେ ବାରାୟ ଫାଉଣ୍ଡେସନର ସମ୍ପାଦକ ରାଜୀବ ଷଡଙ୍ଗୀ, ସଂଯୋଜକ ବ୍ରହ୍ମାନନ୍ଦ ବିଶ୍ୱାଳ, କ୍ୟାପଟେନ ସଞ୍ଜୀବ ମୁଦୁଲୀ, ଡଃ ରୋଜାଲିନ୍ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀମହାନ୍ତି ଏଥି ପୂର୍ବରୁ ରାଜ୍ୟ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ମୁଖପତ୍ର 'ଶିକ୍ଷକଦର୍ପଣ'ର ସମ୍ପାଦକ ଭାବେ ୧୨ ବର୍ଷ କାର୍ଯ୍ୟକରିଛନ୍ତି। ଏତଦ୍ ବ୍ୟତୀତ ତାଙ୍କ ଲିଖିତ ୫ଖଣ୍ଡ ପୁସ୍ତିକା ପ୍ରକାଶ ପାଇବା ସହ ରାଜ୍ୟର ଅନେକ ଓଡିଆ ପତ୍ରପତ୍ରିକାରେ ଲେଖା ମଧ୍ୟ ପ୍ରକାଶିତ ହୋଇଅଛି। ଏଥି ନିମନ୍ତେ ତାଙ୍କୁ ବାଲେଶ୍ୱର ସମୟ ଚକ୍ରର ସମ୍ପାଦକ ସର୍ବେଶ୍ୱର ଜେନା, ଯାଜପୁର ସ୍ମୃତିଲିପିର ସମ୍ପାଦକ ଭୁବନ ମହାନ୍ତି, ବେତନଟୀର ପତ୍ରିକା ବନମୟୁରୀର ସମ୍ପାଦକ ନୀରୋଦ ସୁନ୍ଦର ଜେନା ଓ କଇଁଫୁଲର ସମ୍ପାଦକ ପର୍ଶୁରାମ ସାହୁ ଓ ବାଣୀପୀଠର ଡଃ କୁମାର ବାବୁଲି ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।



# ଝରକା ଗ୍ରୀଲ୍ କାଟି ଲକ୍ଷାଧିକ ଟଙ୍କାର ଚୋରି

**ବନ୍ତ/ଆଗରପଡ଼ା, ୨୬।୯(ସମିସ):** ଦୁଇତାଲା କୋଠାଘରୁ ଝରକା ଗ୍ରୀଲ କାଟି ଦୁର୍ବୃର୍ତ୍ତମାନେ ଲୁଟି ନେଲେ ଲକ୍ଷାଧିକ ଟଙ୍କାର ସାମଗ୍ରୀ। ଆଗରପଡ଼ା ଥାନାଧିକାରୀ ଦେବରାଜ ଜେନା ରାତି ଅଧିଆ ବିଭିନ୍ନ ସନ୍ଦିଗ୍ଧ ସ୍ଥାନ ଚଢ଼ଉ କରିଥିଲେ ସୁଦ୍ଧା ଦୁର୍ବୃର୍ତ୍ତଙ୍କ ପତ୍ତା ମିଳି ପାରିନାହିଁ। ପୁରୁଷଣ୍ଡ ଗ୍ରାମର ଜୟନ୍ତ ଜେନାଙ୍କ ପରିବାରରାତିରେ ପ୍ରାୟ ୧୨ଟା ପରେ ଶୋଇଥିଲେ। ତାପର ସମୟରେ ଦୁର୍ବୃର୍ତ୍ତମାନେ ଦୁଇ ତାଲା ଘରର ଝରକା ଗ୍ରୀଲକୁ କାଟି ଘର ମଧ୍ୟକୁ ପଶିଥିଲେ। ଆଲମିରାରେ ଥିବା ସ୍ୱର୍ଣ୍ଣ ଅଳଙ୍କାର, ପ୍ରାୟ ୪୧ହଜାର ଟଙ୍କା, ଲ୍ୟାପଟପ, ମୋବାଇଲ ଚୋରି କରି ତଳେ ଥିବା ଏକ ବାଇକକୁ ନେଇ ଦୁର୍ବୃର୍ତ୍ତମାନେ ଫେରାର ହୋଇ ଯାଇଥିଲେ। ଫେରି କରୁଥିବା କିଛି ଲୋକ ଏହି ଚୋରି ଘଟଣାରେ ସମ୍ପୃକ୍ତ ଥାଇପାରନ୍ତି ବୋଲି ଅନୁମାନ କରାଯାଉଛି।

# ଅସଲି ହାତରେ ଧରାପଡ଼ିଲା ନକଲି ପୁଲିସ

ଭଦ୍ରକ, ୨୬।୯(ସମିସ)

ଅସଲି ପୁଲିସ ହାତରେ ଧରାପଡ଼ିଛି ନକଲି ପୁଲିସ। ତିନୋଟି ରାଜ୍ୟରେ ନିଜକୁ ଆଇପିଏସର ପରିଚୟ ଦେଇ ବୁଲୁଥିବା ଏହି ନକଲି ଆଇପିଏସକୁ ଗିରଫ କରିଛି ଭଦ୍ରକ ପୁଲିସ। ଭଦ୍ରକ ଗ୍ରାମାଞ୍ଚଳ ଥାନାଠାରୁ ମାତ୍ର ୫୦୦ ମିଟର ଦୂରରେ ଥିବା ଏକ ହୋଟେଲରୁ ନକଲି ଆଇପିଏସ ଜଣଙ୍କୁ ଗିରଫ କରାଯାଇଛି। ପ୍ରାୟ ମାସାଧିକ କାଳ ହେବ ଆସାମ, ଝାଡଖଣ୍ଡ, ୱେଷ୍ଟବେଙ୍ଗଲ ଏବଂ ଓଡ଼ିଶା ରାଜ୍ୟ ପୁଲିସର ବ୍ୟବହୃତ ସାମଗ୍ରୀ ସହ ପୋଷାକପତ୍ର, ଲୋଗୋ, ଜବତ କରାଯାଇଛି।

ସୂଚନା ଅନୁଯାୟୀ, ଭଦ୍ରକ ନଳାଙ୍ଗ ଛକ ଗ୍ରାମାଞ୍ଚଳ ଥାନା ନିକଟରେ ଥିବ ଏକ ହୋଟେଲରେ ନକଲିବାବୁ ଜଣଙ୍କ ଥିବା ଜାଣି ପୁଲିସ ଅଚାନକ ରେଡ କରିଥିଲା। ଝାଡଖଣ୍ଡ ଧାନବାଦ ଅଞ୍ଚଳର ରାହୁଲ ସିଂହ ରାଣାୱତ (୪୪)କୁ ସେଠାରୁ ଗିରଫ କରିବା ସହ ୪ଟି ରାଜ୍ୟର ଭିନ୍ନ ଭିନ୍ନ ପୁଲିସ ପୋଷାକ ସହ ବ୍ୟବହୃତ ୩୮ ପ୍ରକାରର ବ୍ୟବହୃତ ସାମଗ୍ରୀ ଜବତ କରାଯାଇଛି। ଏହାଛଡା ଏକ କାର ଓ ଗାଡ଼ିରେ ବ୍ୟବହୃତ ଲୋଗୋ ଓ ଲାଇଟ




ମଧ୍ୟ ଜବତ କରାଯାଇଛି। ଅନ୍ୟପକ୍ଷରେ ଏକ ବନ୍ଧୁକ ସମେତ ବିଭିନ୍ନ ଏଟିଏମ କାର୍ଡ ମଧ୍ୟ ଜବତ ହୋଇଛି। ଏଟିଏମ କାର୍ଡଗୁଡିକରେ ଭିନ୍ନ ଭିନ୍ନ ନାମ ଥିବା ଜଣାପଡ଼ିଛି। ଗ୍ରାମାଞ୍ଚଳ ପୁଲିସ ଅଧିକ ତଦନ୍ତ ଚଳାଇଥିବା ସୂଚନା ଦେଇଛନ୍ତି ଭଦ୍ରକ ଆଡିସନାଲ ଏସପି ଅରୂପ ଅଭିଷେକ ବେହେରା। କେବଳ ଏତିକି ନୁହେଁ; ନକଲି

- ୩ଟି ରାଜ୍ୟର ନକଲି ଆଇପିଏସ୍ ସାଜିଥିଲା
- ବନ୍ଧୁକ, ପୁଲିସ ପୋଷାକ ସହ ୩୮ ପ୍ରକାରର ସାମଗ୍ରୀ ଜବତ



ଆର୍ମି ଓ ପୁଲିସ ପୋଷାକ ଜବତ ହୋଇଛି। କାର ସହ ବନ୍ଧୁକ ଜବତ ହେବା ସହ ଅନେକ ପୁଲିସ ବ୍ୟାଚ୍ ମଧ୍ୟ ଜବତ୍ ହୋଇଛି। କେଉଁଠି ପୁଲିସ, ଆର୍ମି, ଆରପିଏଫ୍ ଓ ଏଏସ୍‌ପି ପରିଚୟ ଦେଉଥିବା ସୂଚନା ମିଳିଛି। ଏଭଳି ଏକ ଅଭିନବ ଠକେଇକୁ ନେଇ ତଦନ୍ତ ଚଳାଇଛି ଭଦ୍ରକ ପୁଲିସ। ଏହି ଘଟଣାରେ ସମ୍ପୃକ୍ତ ଠକକୁ ଗିରଫ କରାଯାଇ ତାକୁ କୋର୍ଟ ଚାଲାଣ କରାଯାଇଛି। ଆଜି ଏହି ଘଟଣା ସମ୍ପର୍କରେ ଭଦ୍ରକ ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଭଦ୍ରକରେ ଏକ ମାସରୁ ଅଧିକ ହେବ ନକଲି ପୁଲିସ ଏକ ହୋଟେଲରେ ରହି ନିଜର ମିଶନ ପୂରା କରୁଥିଲା। ଲୋକଙ୍କ ପାଖରୁ ସୂଚନା ପାଇ ପୁଲିସ ତାକୁ ଧରିଛି। ଏହି ଘଟଣା ପରେ ଏଠି ଗୁଇନ୍ଦା ବିଭାଗ ସମ୍ପୂର୍ଣ୍ଣ ଫେଲ୍ ହୋଇଥିବା ନେଇ ଆଲୋଚନା ହେଉଛି।



ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ପୀଠଦେବୀ ଜୟଦୁର୍ଗାଙ୍କ ଷୋଡ଼ଶଦିବସୀୟ ପୂଜା ଅବସରରେ ମା'ଙ୍କ ପାର୍ବତୀ ବେଶ



ଦୋବଲ ପଞ୍ଚାୟତ ସୋଧ ଗ୍ରାମର ମା' ସୁବର୍ଣ୍ଣମୁଖୀଙ୍କ ନବରାତ୍ରର ପଞ୍ଚମ ଦିନରେ ମା'ଙ୍କ ସ୍କନ୍ଦମାତା ବେଶ

## ଯୋରରେ ପଡ଼ି ଚାଷୀ ମୃତ

**ଭଦ୍ରକ, ୨୬।୯(ସମିସ):** ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ବିଜୟନଗର ପଞ୍ଚାୟତ ବେଗୁନିଆ ଗାଁରେ ଚାଷୀ ଗିରିଧାରୀ ଦାସ ବେଗୁନିଆ ଯୋରରେ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ଗିରିଧାରୀ ବିଲକୁ ସାର ପକାଇବା ପାଇଁ ଯାଇଥିଲେ। ଫେରିବା ବାଟରେ ସେ ବେଗୁନିଆ ଯୋରରେ ପଡ଼ି ଯାଇଥିଲେ। ନିକଟରେ ଥିବା ଅନ୍ୟ ଚାଷୀମାନେ ଶବ୍ଦ ଶୁଣି ଯୋରରୁ ଗିରିଧାରୀଙ୍କୁ ଉଦ୍ଧାର କରିଥିଲେ। ପରେ ୧୦୮ ଗାଡି ଯୋଗେ ଚାନ୍ଦବାଲି ମେଡିକାଲରେ ଭର୍ତ୍ତି କରିଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।

## ବୃଷଭଙ୍କୁ ଝଟ୍‌କା କରେଣ୍ଟ



**ବାରିକପୁର, ୨୬।୯(ସମିସ):** କିଛି ବୁଲା ଷଣ୍ଢ ଓ ଗାଇଗୋରୁ ଧାନ ଖାଉଥିବା ଯୋଗୁଁ ସେମାନଙ୍କୁ ଝଟକା କରେଣ୍ଟ ଦିଆଯାଇଛି। ବିଶେଷ କରି ଗାଁଟି ରାଜପଥ ପାର୍ଶ୍ୱରେ ଅବସ୍ଥିତ ଥିବା ବେଳେ ଏଠାରେ ବୁଲା ଷଣ୍ଢ ଓ ଗାଇଗୋରୁଙ୍କ ସଂଖ୍ୟା ଅଧିକ ଥାଏ। ଏବେ ଉକ୍ତ ଅଞ୍ଚଳରେ କୌଣସି ଚାରଣ ଭୂମି ନଥିବା ବେଳେ ପେଟ ପୋଡ଼ି ଗଲେ ବୁଲା ଷଣ୍ଢ ମାନେ ଚାଷ ଜମିମୁହାଁ ହେଉଛନ୍ତି। ତେଣୁ ସେମାନଙ୍କୁ ଏକ ତା'ର ଜାଲି ଘେରା ଭିତରେ ରଖା ଯାଇ ଝଟକା କରେଣ୍ଟ ଦିଆ ଯାଉଛି। ଅନବରତ ବର୍ଷା ସହିତ ଏକ ଜଳପୂର୍ଣ୍ଣ ସ୍ଥାନରେ ଏହି ଷଣ୍ଢ ମାନଙ୍କୁ ଏଭଳି ଯନ୍ତ୍ରଣା ଦିଆଯାଇଛି। ଏହାର ଭିଡିଓ ଆଜି ସୋସିଆଲ ଗଣମାଧ୍ୟମରେ ଘୂରି ବୁଲୁଛି। ଏଭଳି ଘଟଣାକୁ ଗୋ-ସୁରକ୍ଷା ସମିତି ଘୋର ନିନ୍ଦା କରିଛି। ଏହାଛଡା ଏଭଳି କାର୍ଯ୍ୟରେ ଲିପ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି।

## ମଦ ସହ ସ୍କୁଟି ଜବତ; ୨ ଗିରଫ



**ବନ୍ତ/ଆଗରପଡ଼ା, ୨୬।୯(ସମିସ):** ଆଗରପଡ଼ା ଥାନାଧିକାରୀ ଦେବରାଜ ଜେନାଙ୍କ ନେତୃତ୍ୱରେ ପ୍ରାୟ ୧୦୫ ଲିଟର ଚୋରା ମଦ ସହ ସ୍କୁଟି ଜବତ କରିବା ସହିତ ଏଥିରେ ସମ୍ପୃକ୍ତ ୨ ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି। ଏହି ସମ୍ପର୍କରେ ଏକ ମାମଲା ରୁଜୁକରି ଥାନାଧିକାରୀ ଅଧିକ ତଦନ୍ତ ଜାରି ରଖିଛନ୍ତି। କୁପାରୀ ଆଡୁ ଚୋରା ମଦ ଆସୁଥିବାର ଖବର ପାଇ ଥାନାଧିକାରୀଙ୍କ ନେତୃତ୍ୱରେ କର୍ମଚାରୀମାନେ ରାସ୍ତାରେ ଜଗି ରହିଥିଲେ। ଏକ କମଳା ରଙ୍ଗର ଓଡି-୧୧-ଏଏଇଚ-୦୫୭୦ ନମ୍ବର ବିଶିଷ୍ଟ ସ୍କୁଟିକୁ ଯାଞ୍ଚ କରିବା ସମୟରେ ବସ୍ତାରେ ମଦ ଥିବା ଜଣା ପଡ଼ିଥିଲା। ଅଭିଯୁକ୍ତଦ୍ୱୟ ହେଲେ ମୟୂରଭଞ୍ଜ ଜିଲ୍ଲାର କପ୍ତିପଦା ଥାନା ନୂଆଗାଁର ସମୟ କିସ୍କୋ (୩୦) ଓ ଉଦଳା ଥାନା ପୁଟଲଙ୍ଗ ଗ୍ରାମର ଭୀମ ଟୁଡୁ(୨୮)।

## ଅରବିନ୍ଦ ଶିକ୍ଷାକେନ୍ଦ୍ରରେ ବିଜ୍ଞାନ ମେଳା




**ଅସୁରାଳି, ୨୬।୯(ସମିସ):** ଧୂଷୁରୀସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରରେ ବାର୍ଷିକ ବିଜ୍ଞାନ ମେଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ସାଧାରଣରେ ସଭାପତିତ୍ୱ କରିଥିଲେ ଅନୁଷ୍ଠାନର ସଭାପତି ଅଧ୍ୟାପକ ରବୀନ୍ଦ୍ର ବେହୁରିଆ। ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ ଧୂଷୁରୀ ଶିକ୍ଷା ମଣ୍ଡଳର ପୂର୍ବତନ ସଂଯୋଜକ ତୃପିରଞ୍ଜନ ବିଶ୍ୱାଳ। ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ ବିଜ୍ଞାନ ଶିକ୍ଷକ ପ୍ରଫୁଲ୍ଲଚନ୍ଦ୍ର ସାହୁ। ଉପସ୍ଥିତ ଥିଲେ ଅନୁଷ୍ଠାନର ସମ୍ପାଦକ ସୁଧୀର ନାୟକ, ବିଦ୍ୟାଳୟ ମୁଖ୍ୟ ପରିଚାଳିକା ମଧୁମିତା ନାୟକ, ସାମ୍ବାଦିକ ରତିକାନ୍ତ ନାୟକ ପ୍ରମୁଖ। ପରିଚାଳନା କରିଥିଲେ ବିଦ୍ୟାଳୟର ଶିକ୍ଷୟତ୍ରୀ ପୁଷ୍ପାଞ୍ଜଳି ତରାଇ, ସୌଦାମିନୀ ମୁଦୁଲି, ମୋନାଲିସା ସେଠୀ, ସ୍ୱାଗତିକା ସାହୁ, ମୋନାଲିସା ବାରିକ, ସସ୍ମିତା ଭାରତୀ, ଉର୍ମିଳା ଧଳ ପ୍ରମୁଖ। ସମସ୍ତ ଛାତ୍ରଛାତ୍ରୀ ଏବଂ ସମସ୍ତ ଅଭିଭାବକମାନେ ଉପସ୍ଥିତ ଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ଉକ୍ତ ଅନୁଷ୍ଠାନର ଉପସଭାପତି ବଲେଖଚନ୍ଦ୍ର ନାୟକ।

# ବର୍ଷାରେ ଭିଜି ଭିଜି କର୍ମଚାରୀଙ୍କ ଧାରଣା




**ବାରିକପୁର, ୨୬।୯(ସମିସ):** ମିଶନ ଶକ୍ତି ମହିଳା କର୍ମଚାରୀଙ୍କ ଧାରଣାର ପଞ୍ଚମ ଦିନରେ ବର୍ଷାରେ ମଧ୍ୟ ଜାରି ରହିଛି। ଭିଜି ଭିଜି ମହିଳା କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ କାର୍ଯ୍ୟରତ ୨୦୦ଅଧିକ ଏମବିକେ, ସିଆରପି ଓ ବ୍ୟାଙ୍କ ମିତ୍ର ମିଶନ ଶକ୍ତି କାର୍ଯ୍ୟାଳୟ ଆଗରେ ଧାରଣା ଦେଉଥିଲା ବେଳେ ସକାଳୁ ବର୍ଷା ଆରମ୍ଭ ହେବାରୁ ମେଡିକାଲ ଛକରୁ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ନିୟମିତ ଦରମା ପ୍ରଦାନ ସହିତ ଅନ୍ୟାନ୍ୟ ଦାବି ନେଇ କର୍ମଚାରୀମାନେ ସ୍ଲୋଗାନ ଦେଇଥିଲେ। ଶନିବାରଠାରୁ ପୂଜା ଛୁଟି ଆରମ୍ଭ ହେଉଥିବା ବେଳେ ଛୁଟି ପରେ ପୁଣି ଧାରଣା ଜାରି ରହିବ ବୋଲି କର୍ମଚାରୀ ସଂଘ ପକ୍ଷରୁ ଜଣାଯାଇଛି।

**ଧାମନଗର:** ସିଆରପି, ଏମବିକେ ଓ ବ୍ୟାଙ୍କ୍ ମିତ୍ର ବକେୟା ଦରମା ମୁଖ୍ୟ ଦାବି ରହିଥିବା ବେଳେ ଏହି ଦାବି ସହିତ ୬ ଦଫା ଦାବି ନେଇ ବିଭିନ୍ନ ବ୍ଲକ ସମ୍ମୁଖରେ ଧରଣା ଜାରି ରଖିଛନ୍ତି। ଧାମନଗର ବ୍ଲକରେ ଶୁକ୍ରବାର ଗାଡ଼ି ରଖିବା ପାଇଁ ସେମାନଙ୍କୁ ବାହାରକୁ ଯିବାକୁ କୁହାଯାଇଥିଲା ବୋଲି ଅଭିଯୋଗ ହୋଇଛି। ଫଳରେ ସେମାନେ ବ୍ଲକ ଗେଟ ନିକଟରେ ଖୋଲା ଆକାଶ ତଳେ ଧାରଣାରେ ବସିଥିଲେ। ଏ ସମ୍ପର୍କରେ ବିଡିଓ କହିଥିଲେ ଯେ ଆନ୍ଦୋଳନକାରୀମାନେ ଆସିବା ପୂର୍ବରୁ ବାହାର କିଛି ଲୋକ, ତାଙ୍କ ବାରଣ କରିବା ସତ୍ତ୍ୱେ ପର୍ଟିକୋରେ ଗାଡ଼ି ରଖିଦେଇଥିଲେ। ଅନ୍ୟପକ୍ଷରେ, ପ୍ରବଳ ବର୍ଷା ହେବାରୁ ଆନ୍ଦୋଳନରତ ମହିଳାମାନେ ବର୍ଷାରେ ଭିଜି ଭିଜି ଧାରଣା ଦେଉଥିଲେ। ଜିଲ୍ଲାପାଳଙ୍କୁ ଅବଗତ କରିବା ପରେ ଧାମନଗର ପୁଲିସ ପହଞ୍ଚି ବୁଝାସୁଝା କରି ବିଡିଓଙ୍କ ସହିତ ଆଲୋଚନା କରିଥିଲେ। ଧାମନଗର ବ୍ଲକ ସଭାପତି ଅନିମା ନାୟକ, ସମ୍ପାଦକ ସସ୍ମିତା ତ୍ରିପାଠୀ, କୋଷାଧ୍ୟକ୍ଷ ଶୈଳବାଳା ସ୍ୱାଇଁ, ବ୍ୟାଙ୍କ ମିତ୍ର ପୂଜାରାଣୀ ମହାଲିକ, ଏମବିକେ ସସ୍ମିତା ସାହୁ, କଳ୍ପନା ଦାସ, ସିଆରପି ମାମିନା ସ୍ୱାଇଁଙ୍କ ନେତୃତ୍ୱରେ ପ୍ରାୟ ୨୦୦ ମହିଳା ଆନ୍ଦୋଳନରେ ସାମିଲ ରହିଥିଲା ବେଳେ ଶାନ୍ତିଶୃଙ୍ଖଳା ସହ ବ୍ଲକ କାର୍ଯ୍ୟଳୟ ସମ୍ମୁଖରେ ଏହି ଧାରଣା ଜାରି ରହିଛି।

### ଟୋଲ୍‌ପ୍ଲାଜା ପାର୍ଶ୍ୱରେ ବେଆଇନ ଦୋକାନ

# ଉଚ୍ଛେଦ ପାଇଁ ଜିଲ୍ଲାପାଳଙ୍କୁ ରାଜପଥ କର୍ତ୍ତୃପକ୍ଷଙ୍କ ଚିଠି

**ଭଣ୍ଡାରିପୋଖରୀ, ୨୬।୯(ସମିସ):** ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥର ଭାଗଡ଼ା-ନାରାୟଣପୁର ଟୋଲ ପ୍ଲାଜା ଉଭୟ ପାର୍ଶ୍ୱରେ ବହୁ ବେଆଇନ ଗୁମୁଟି, ଦୋକାନ, ଠେଲା ଗାଡି ଧାଡି ଧାଡି ହୋଇ ଯାନବାହନ ଚଳାଚଳ ପ୍ରତି ଗୁରୁତର ବାଧା ସୃଷ୍ଟି କରୁଛି। ଏହିସବୁ ଦୋକାନ ସମ୍ମୁଖରେ ଯାନବାହନଗୁଡିକ ପାର୍କ କରିବା ଦ୍ୱାରା ରାଜପଥ ଅବରୋଧ ହେଉଛି। ଏପରିକି ଦୋକାନଗୁଡିକ ସମ୍ମୁଖରେ ଗରାଖମାନେ ଗହଳି କରୁଛନ୍ତି। ଟୋଲପ୍ଲାଜା ପାଇଁ ବିକ୍ରୟ କାରବାର ହେବା ସହଜ ହେଉଥିବାରୁ ଦିନକୁ ଦିନ ବେଆଇନ ଗୁମୁଟି, ଦୋକାନ ଓ ଠେଲାଗୁଡିକ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଛୋଟବଡ ଦୁର୍ଘଟଣା ଘଟୁଛି। ଏଥିପାଇଁ ଟୋଲ ପ୍ଲାଜା ଉପରେ ଚାପ ସୃଷ୍ଟି ହେଉଛି। ବହୁ ସମୟରେ ଜାରୁରିକାଳୀନ ଯାନବାହନଗୁଡିକ ଯାତାୟାତରେ ବ୍ୟାଘାତ ଉପୁଜୁଛି। ସେମାନଙ୍କୁ ନିୟନ୍ତ୍ରଣ କରିବା ଟୋଲପ୍ଲାଜା ପକ୍ଷେ ସମ୍ଭବ ହେଉନାହିଁ। ବେଆଇନ ଗୁମୁଟି, ଦୋକାନ ଓ ଠେଲାଗୁଡିକ ସ୍ଥାନୀୟ ବ୍ୟକ୍ତିବିଶେଷଙ୍କ ଦ୍ୱାରା ପରିଚାଳିତ ହେଉଥିବାରୁ ସେମାନଙ୍କ ପ୍ରତି ସ୍ଥାନୀୟ ଲୋକଙ୍କ ସମର୍ଥନ ରହୁଛି। ଏବେଠାରୁ ସେଗୁଡିକୁ ନିୟନ୍ତ୍ରଣ କରା ନଗଲେ ଭବିଷ୍ୟତରେ ଏହା ଉତ୍କଟ ହେବା ବୋଲି ଆଶଙ୍କା କରାଯାଉଛି। ଜନସ୍ୱାର୍ଥକୁ ଦୃଷ୍ଟିରେ ରଖି ଟୋଲପ୍ଲାଜାଠାରୁ ଉଭୟ ଦିଗର ଅନ୍ୟୁନ ୫ଶହ ମିଟର ପର୍ଯ୍ୟନ୍ତ ଅବରୋଧ ଉଚ୍ଛେଦ ଜରୁରୀ ହୋଇପଡ଼ିଛି। ରାଜପଥ କର୍ତ୍ତୃପକ୍ଷ ଚଣ୍ଡିଖୋଲ କାର୍ଯ୍ୟାଳୟ ପ୍ରକଳ୍ପ ନିର୍ଦ୍ଦେଶକ ଜେ.ପି. ବର୍ମା ଗତ ୨୪ ତାରିଖରେ ଜିଲ୍ଲାପାଳ ଓ ଜିଲ୍ଲା ପୁଲିସ ଅଧୀକ୍ଷକଙ୍କୁ ୧୮ ୫୪ନଂ ପତ୍ର ଯୋଗେ ଉଚ୍ଛେଦ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିଥିବା ଜଣାଯାଇଛି।

## କଲେଜରେ ଏନ୍‌ଏସ୍‌ଏସ୍ ଦିବସ ପାଳିତ

**ବନ୍ତ/ଆଗରପଡ଼ା, ୨୬।୯(ସମିସ):** ବନ୍ତ ଆଞ୍ଚଳିକ ମହାବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ଦିବସ ପାଳିତ ହୋଇଯାଇଛି। ବରିଷ୍ଠ ଅଧ୍ୟାପକ ରଘୁନାଥ ପୃଷ୍ଟିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବରିଷ୍ଠ ଅଧ୍ୟାପକ ରତିକାନ୍ତ ଜେନା ମୁଖ୍ୟବକ୍ତା, ସଂସ୍କୃତ ବିଭାଗର ଅଧ୍ୟାପିକା ସରିତା ଲେଙ୍କା ମୁଖ୍ୟଅତିଥି, ଅଧ୍ୟାପକ କୀର୍ତ୍ତନ ବିହାରୀ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ରାଜେଶ ବିଶ୍ୱାଳ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏଥିରେ ଶତାଧିକ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିବା ସହ କଲେଜର ସମସ୍ତ ଅଧ୍ୟାପକ-ଅଧ୍ୟାପିକା ଏବଂ କର୍ମଚାରୀ ଯୋଗ ଦେଇଥିଲେ।

### ଜାତୀୟ ସିନିଅର୍ ଓପନ୍ ଆଥଲେଟିକ୍ ମିଟ୍

## ଓଡ଼ିଶା ଦଳରେ ଭଦ୍ରକ ଜିଲ୍ଲାରୁ ହରିଶଙ୍କର

**ଭଦ୍ରକ, ୨୬।୯(ସମିସ):** ଝାଡ଼ଖଣ୍ଡ ରାଞ୍ଚି ଷ୍ଟାଡ଼ିୟମ୍‌ରେ ଆରମ୍ଭ ହେବାକୁ ଯାଉଥିବା ୬୪ତମ ଜାତୀୟ ଓପନ ସିନିଅର୍ ଆଥଲେଟିକ୍ ମିଟ ୨୭ ସେପ୍ଟେମ୍ବରରୁ ଆରମ୍ଭ ହୋଇ୩୦ ସେପ୍ଟେମ୍ବରରେ ସମାପ୍ତ ହେବ। ଏଥିନିମନ୍ତେ ଓଡ଼ିଶା ପୁରୁଷ ଦଳରେ ଭଦ୍ରକ ଜିଲ୍ଲାରୁ ହରିଶଙ୍କର ପାଣିଗ୍ରାହୀ ୪ ୦୪୦୦ ମିଟର୍ ରିଲେ ଇଭେଣ୍ଟରେ ସ୍ଥାନ ପାଇଛନ୍ତି। ସେ ତିହିଡି ବିଏନ୍‌ଏମ୍‌ଏ କଲେଜ ପାଳିଆବିନ୍ଧାରେ +୩ ତୃତୀୟ ବର୍ଷ ବାଣିଜ୍ୟରେ ଅଧ୍ୟୟନ କରୁଛନ୍ତି। ଜଗନ୍ନାଥପୁରସ୍ଥିତ ଭଦ୍ରକ ଆଥଲେଟିକ୍ ଏକାଡେମୀରେ ନିୟମିତ ଅଭ୍ୟାସ ଜାରି ରଖି ତାଙ୍କ ଲକ୍ଷ୍ୟ ପଥରେ ଅଗ୍ରସର ହୋଇଥିଲେ। ସେ ୨ ବର୍ଷହେଲା ବିଶ୍ୱବିଦ୍ୟାଳୟ ସ୍ତରରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ତରଫରୁ ପ୍ରତିନିଧିତ୍ୱ କରିସାରିଛନ୍ତି। ହରିଶଙ୍କର ନିଜର ଦକ୍ଷତା ବିକାଶ ନିମନ୍ତେ କିଛି ମାସ ହେଲା ସମ୍ବଲପୁରସ୍ଥିତ ବିର୍ଶା ମୁଣ୍ଡା ଆଥଲେଟିକ ଷ୍ଟାଡିୟମରେ ସିନଥେଟିକ ଟ୍ରାକରେ କୋଚ୍ ଶିବପ୍ରସାଦ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅଭ୍ୟାସ ଜାରି ରଖିଛନ୍ତି। ତାଙ୍କ ପିତାଙ୍କ ନାମ ରାମ ପ୍ରସାଦ ପାଣିଗ୍ରାହୀ ଓ ମାତାଙ୍କ ନାମ ସୀତାଦେବୀ ପାଣିଗ୍ରାହୀ। ଘର ପିରାହାଟସ୍ଥିତ ପୁରୁଣା ବଜାର ଗ୍ରାମରେ।



ହରିଶଙ୍କର ଭଦ୍ରକ ଜିଲ୍ଲାରେ ପ୍ରଥମ ଥର ପାଇଁ ସିନିଅର୍ ଜାତୀୟ ଆଥଲେଟିକ୍ ପ୍ରତିଯୋଗିତାର ସ୍ଥାନ ପାଇବାର ସୁଯୋଗ ପାଇଥିବାରୁ ଖେଳପ୍ରେମୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଜିଲ୍ଲା ଆଥଲେଟିକ ଆସୋସିଏସନର ସମ୍ପାଦକ ଧିରେନ୍ ପଲାଇ ଶୁଭେଚ୍ଛା ଜଣାଇବା ସହିତ ଉଦ୍ରକ ଆଥଲେଟିକ୍ ଏକାଡେମୀର ମୁଖ୍ୟ ପରିଚାଳକ ତଥା କ୍ରୀଡ଼ା ଶିକ୍ଷକ ମନୋଜ ସାହୁ, କ୍ରୀଡ଼ା ଶିକ୍ଷକ ରବିନାରାୟଣ ଓଝା ମଧ୍ୟ ଶୁଭେଚ୍ଛା ଜଣାଇଛନ୍ତି।

# ଅସ୍ତିତ୍ୱ ହରାଉଛି ପର୍ଯ୍ୟଟନକ୍ଷେତ୍ର ଗୋହିରାଟିକିରି

ଦୋବଲ, ୨୬।୯(ସମିସ)

ଶୁକ୍ରବାର ବିଶ୍ୱ ପର୍ଯ୍ୟଟନ ଦିବସ। ସେପଟେ ଆଉ ୨ମାସ ପରେ ପର୍ଯ୍ୟଟନସ୍ଥଳୀ ମାନ୍ୟତା ପାଇବାକୁ ୯ ବର୍ଷ ପୂରିଯିବ। ୨୮ ନଭେମ୍ବର ୨୦୧୬ରେ ରାଜ୍ୟ ସରକାର ଧାମନଗର ବ୍ଲକ ମୁସ୍ତଫାପୁର ପଞ୍ଚାୟତର ଗୋହିରାଟିକିରି ଐତିହାସିକସ୍ଥଳୀକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦେଇଥିଲେ। ଘୋଷଣାର ୯ ବର୍ଷ ପରେ ସେମିତି କିଛି ଆଖିଦୃଶିଆ ବିକାଶମୂଳକ କାମ ହୋଇନାହିଁ। ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦେବାର ଲକ୍ଷ୍ୟ ଥିଲା ଯେ ଅଞ୍ଚଳକୁ ଲୋକେ ଜାଣିବେ; ହେଲେ ୯ ବର୍ଷରେ ଗୋହିରାଟିକିରିର ବିକାଶ ହୋଇପାରିଲା ନାହିଁ। ଦୁଇ ବର୍ଷ ପୂର୍ବରୁ କେବଳ ଗୋଟିଏ କଲ୍ୟାଣ ମଣ୍ଡପ ନିର୍ମାଣ କରାଯାଇଛି। ଗୋହିରାଟିକିରି ମଠରେ ଜଗନ୍ନାଥ ମନ୍ଦିର ଥିବାରୁ ବିଭିନ୍ନ ସମୟରେ ବିବାହ, ବ୍ରତ ଓ ଅନ୍ୟାନ୍ୟ ସାମାଜିକ କାର୍ଯ୍ୟ ହୋଇଥାଏ। ଏଣୁ ଏହାକୁ ଦେଖି କଲ୍ୟାଣ ମଣ୍ଡପଟିଏ କରିଦେଇ କାମ ସାରିଛି ପ୍ରଶାସନ। ଏହାଛଡ଼ା ଆଉ କିଛି ନାହିଁ। ପର୍ଯ୍ୟଟନସ୍ଥଳୀରେ ଲୋକ ରହିବା ପାଇଁ ସୁବିଧା ହୋଇନାହିଁ। ଶୌଚାଳୟ କି ପାନୀୟଜଳ ସୁବିଧା ନାହିଁ। ଯାତ୍ରୀଙ୍କ ପାଇଁ ଉପଯୁକ୍ତ ରହଣିସ୍ଥଳ, ବିଶ୍ରାମଗୃହ, ପାନୀୟଜଳ ସୁବିଧା କରାଇ ନାହିଁ। ବଣଭୋଜି କରିବା ଲାଗି ପିଣ୍ଡି ହୋଇନାହିଁ।

ବଡ଼କଥା ହେଉଛି, ପର୍ଯ୍ୟଟନସ୍ଥଳୀକୁ ଏଯାଏ ଭଲ ରାସ୍ତା ହୋଇପାରିନାହିଁ। ଦୋବଲ ବଜାରରୁ ଗୋବିନ୍ଦାଗଡ଼ିଆ ଯାଏ ଲମ୍ବିଥିବା ଗେଙ୍ଗୁଟି ନଦୀବନ୍ଧ ଏକମାତ୍ର ଭରସାଯୋଗ୍ୟ ରାସ୍ତା। ହେଲେ ନଦୀବନ୍ଧ ରାସ୍ତାଟି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇ ପଡ଼ିରହିଛି। କିଛିବର୍ଷ ପୂର୍ବରୁ ରାସ୍ତାଟି ପିଚୁ ହୋଇଥିଲେ ବି ତାହା ନଷ୍ଟ ହୋଇଗଲାଣି। ତା ପରେ ଆଉ ମରାମତି ହୋଇନାହିଁ। ଆଉ ଗୋଟିଏ ପ୍ରମୁଖ ରାସ୍ତା ହେଉଛି, ଧାମନଗର ଦକ୍ଷିଣବାଡ଼ ଛକରୁ ଭଣ୍ଡାରିପୋଖରୀ ବ୍ଲକର କୁରିଗାଁ ହୋଇ ଗୋହିରାଟିକିରି ରାସ୍ତା। ହେଲେ ଏହି କଂକ୍ରିଟ ରାସ୍ତାଟି ବିପର୍ଯ୍ୟସ୍ତ ହୋଇପଡ଼ିଛି। ମରାମତି ହୋଇଥିଲେ ବି ନିମ୍ନମାନର କାମ ଯୋଗୁଁ ଅନେକ ସ୍ଥାନରେ ଖାତ ସୃଷ୍ଟି ହୋଇଛି। ତେବେ ତୃତୀୟ ରାସ୍ତା ହେଉଛି ବିଲ ବାଟେ ଖଡ଼ିପଦା ପଞ୍ଚାୟତର କାଞ୍ଚିଆପାଳକୁ ସଂଯୋଗ କରୁଛି। ହେଲେ ଏହି କଚା ରାସ୍ତାଟି ସମ୍ପୂର୍ଣ୍ଣ ଭାବେ ବନ୍ୟାପ୍ଲାବିତ ଅଞ୍ଚଳରେ ରହିଛି। ବର୍ଷା ଋତୁରେ ଏ ରାସ୍ତାରେ ଯିବା ଆସିବା ସମ୍ଭବ ନୁହଁ।



ତା ଛଡ଼ା ଖରାଦିନେ ବି ବଡ଼ ଗାଡ଼ି କି କାର୍ ଯାଆସ କରିବା ଭଳି ହୋଇନାହିଁ। କେବଳ ଦୁଇ ଚକିଆ ନ ହେଲେ ଚାଲିକି ଯାଆସ କରିହେବ। ଗୋହିରାଟିକିରିକୁ ପରିଚୟ ଦେବା ଲାଗି ଜିଲ୍ଲା ପ୍ରଶାସନ କିମ୍ବା ପର୍ଯ୍ୟଟନ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଦୀର୍ଘ ବର୍ଷ ହେଲା ସ୍ଥାନୀୟ ଲୋକେ ଦାବୀ କରି ଆସୁଛନ୍ତି ଯେ ଧାମନଗର ଦକ୍ଷିଣବାଡ଼ ଛକ, ଦୋବଲ କାଳୀବଜାରରେ ତୋରଣ ସହ ସୂଚନା ଫଳକ ଲଗାଇବାକୁ। ଆଜି ପର୍ଯ୍ୟନ୍ତ ସେନେଇ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ପୁରାଣ, କିମ୍ବଦନ୍ତୀ ଓ ଇତିହାସ ପଢ଼ି ଲୋକେ ଏଠାକୁ ଆସିବାକୁ ମନ କରୁଛନ୍ତି। ଗୋହିରାଟିକିରିରେ ପହଞ୍ଚିବା ସେମାନଙ୍କ ପାଇଁ କାଠିକର ପାଠ ହୋଇଯାଉଛି। ଧାମନଗର ଆସୁଥିଲେ ବି ଗୋହିରାଟିକିରିକୁ ଯିବା ଲାଗି ରାସ୍ତା ପାଉନାହାନ୍ତି। ଦିନକୁ ଦିନ ଗୋହିରାଟିକିରି ନିଜର ଅସ୍ତିତ୍ୱ ହରାଉଛି। ଯେଉଁସବୁ ପରିବେଶକୁ ନେଇ ଗୋହିରାଟିକିରିକୁ ଲୋକେ ଚିହ୍ନୁଥିଲେ, ଜାଣୁଥିଲେ, ଭାବୁଥିଲେ, ଏବେ ତାହା ଅପସରି ଯାଉଛି। ଗୋହିରାଟିକିରିରେ ଥିବା ବିରାଟ ଅର୍ଜୁନ ଗଛଟି ମୃତ ପ୍ରାୟ। ଶତାଧିକ ବର୍ଷର ପୁରୁଣା ଏ ଗଛଟି ଥରେ ବଜ୍ରପାତରେ ଜଳିଗଲା। ଗୋଟିଏ ବିରାଟ ଶାଖା ଜଳିପୋଡ଼ି ଖସି ପଡ଼ିଲା। ବାକି ରହିଯାଇଥିବା ଡାଳ ଉପରେ ଥରକୁ ଥର ଆସୁଥିବା ବାତ୍ୟା ଦାଉ ସାଧୁଛି। ଏମିତି ଯେ କେଉଁଦିନ ଗଛଟି ପୂରା ନଷ୍ଟ ହୋଇଯିବ, ତାହା କହି ହେଉନି। କିମ୍ବଦନ୍ତୀ ରହିଛି, ଗୋହିରାଟିକିରିର ଅର୍ଜୁନ ଗଛ ମୂଳରେ ୧୨ ହାତ ଖଣ୍ଡା ବାହାରିବ। କଳି ଯୁଗ ସମାପ୍ତ ହେବ। ତାହାର ଅର୍ଥ କିଛି ବି ହୋଇପାରେ। ହେଲେ ଅର୍ଜୁନ ଗଛ ଆଉ ରହିବ ନାହିଁ। ଅର୍ଜୁନ ଗଛ ମୂଳେ ପ୍ରତିଷ୍ଠା ହୋଇଥିବା ଉତ୍କଳର ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବଙ୍କ ପ୍ରତିମୂର୍ତ୍ତି ବି ଜରାଜୀର୍ଣ୍ଣ ହୋଇ ପଡ଼ି ରହିଛି।

## କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କ ଗଣଧାରଣା



ଖଜୁରିଆକଟା, ୨୬।୯(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ଜୀବିକା ମିଶନ ଦ୍ୱାରା ନିଯୁକ୍ତ କମ୍ୟୁନିଟି ସପୋର୍ଟ ଷ୍ଟାଫ ସିଏସଏସମାନେ ବ୍ଲକ ପରିସର ଓଡ଼ିଶା ଜୀବିକା ମିଶନ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ପ୍ରୋତ୍ସାହନ ରାଶି ପରିବର୍ତ୍ତେ ନିର୍ଦ୍ଦିଷ୍ଟ ପାରିଶ୍ରମିକ ପ୍ରଦାନ କରିବାକୁ ସେମାନେ ଦାବି କରିଛନ୍ତି। ଏହି ଧାରଣା ଶୁକ୍ରବାର ୫ମ ଦିନରେ ପହଞ୍ଚିଛି। ହିନ୍ଦୋଳ ବ୍ଲକ ଶାଖା ସଭାନେତ୍ରୀ ମୋନାଲିସା ସାହୁ, ସମ୍ପାଦିକା ରୋଜାଲିନ ପ୍ରଧାନ, ଉପ ସଭାନେତ୍ରୀ ସ୍ୱାଗତିକା ସାହୁ, ସହ ସମ୍ପାଦିକା ସ୍ୱର୍ଣ୍ଣପ୍ରଭା ସାହୁ, କୋଷାଧ୍ୟକ୍ଷ ସନ୍ତୋଷିନୀ କରଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟା ଧାରଣାରେ ସାମିଲ ହୋଇଛନ୍ତି।

## କାର୍ ଧକ୍କାରେ ୪ ସ୍କୁଟି ଆରୋହୀ ଗୁରୁତର

କାମାକ୍ଷାନଗର, ୨୬।୯ (ସମିସ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା କଇଁବିଲ ଛକ ନିକଟରେ ଶୁକ୍ରବାର ଅପରାହ୍ନରେ କାର୍ ଧକ୍କାରେ ୪ ଜଣ ସ୍କୁଟି ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ବିଷ୍ଣୁ ନାୟକ (୨୬), ଗୀତାଞ୍ଜଳି ନାୟକ (୨୫), ଅମ୍ରିତା ନାୟକ (୫) ଓ ପ୍ରଣିତା ନାୟକ (୩)। ଏମାନେ କାମାକ୍ଷାନଗର ଥାନା ମାଳପୁରା ଗ୍ରାମର ଗୋଟିଏ ପରିବାରର ବୋଲି ଜଣାପଡ଼ିଛି। ସ୍କୁଟିରେ ସମସ୍ତେ ତାଳଚେରରୁ ଘରକୁ ଫେରୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ଆହତମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାରକରି କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଢେଙ୍କାନାଳ ସ୍ଥାନାନ୍ତର କରାଯାଉଛି।

## ୧୩ରେ ପ୍ରଥମ ସିମିନଈ ଲୋକକଳା ମହୋତ୍ସବ

ଢେଙ୍କାନାଳ, ୨୬।୯ (ସମିସ): ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ସିମିନଈ ଯାତ୍ରା ପଡ଼ିଆରେ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ସିମିନଈ ଶ୍ରୀ ଶ୍ରୀ ସିଦ୍ଧ କାମେଶ୍ୱରୀ ପାଇକ ଆଖଡ଼ା ଯୁବକ ସଙ୍ଘ ତରଫରୁ ପ୍ରଥମ ସିମିନଈ ଲୋକକଳା ମହୋତ୍ସବ ଅନୁଷ୍ଠିତ ହେବ। ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ଓଡ଼ାପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ସସ୍ମିତା ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ବାଳକୃଷ୍ଣ ସାହୁ ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିବେ। ସେହିପରି ଦ୍ୱିତୀୟ ଦିନ ମୁଖ୍ୟଅତିଥି ଭାବେ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ମୁଖ୍ୟବକ୍ତା ଭାବେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ଓ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେବେ। ଢେଙ୍କାନାଳ ପୌରାଧ୍ୟକ୍ଷା ଜୟନ୍ତି ପାତ୍ର, ଢେଙ୍କାନାଳ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ପ୍ରମୁଖ ଉପସ୍ଥିତ ରହିବେ। ଦୁଇଦିନରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ବହୁ ସଂଖ୍ୟାରେ ଦର୍ଶକ ଯୋଗଦେବାକୁ ଅନୁରୋଧ କରାଯାଇଛି।

● ଭିଜିଲାନ୍ସ କୋର୍ଟରେ ପୂର୍ବତନ ଯନ୍ତ୍ରୀ ଦୋଷୀ ସାବ୍ୟସ୍ତ

## ୨ବର୍ଷ ସଶ୍ରମ କାରାଦଣ୍ଡ ସହ ଜରିମାନା

ଢେଙ୍କାନାଳ, ୨୬।୯ (ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର କ୍ଷୁଦ୍ର ଜଳସେଚନ ବିଭାଗ ପୂର୍ବତନ କନିଷ୍ଠ ଯନ୍ତ୍ରୀ କାମାକ୍ଷାନଗର ଥାନା ଗାଲୁକାଟେଣୀ ଗ୍ରାମର ମୋହନ ଚରଣ ବେହେରା ଭିଜିଲାନ୍ସ କୋର୍ଟରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ତାଙ୍କୁ ୨ବର୍ଷ ସଶ୍ରମ କାରାଦଣ୍ଡ ସହ ଜରିମାନାରେ ଦଣ୍ଡିତ କରାଯାଇଛି। ୧୯୯୮ ସେପ୍ଟେମ୍ବର ୨୭ରେ ମୋହନଙ୍କ ବିରୋଧରେ ଏହି ମାମଲା ରୁଜୁ କରାଯାଇଥିଲା। ୨୫ଟି ଦସ୍ତାବିଜ ଓ ୧୧ଜଣଙ୍କ ସାକ୍ଷ୍ୟ ପ୍ରମାଣ ଆଧାରରେ ବିଚାରପତି ପ୍ରଣତି ଶାହା ତାଙ୍କୁ ଦୋଷୀ ସାବ୍ୟସ୍ତ କରିଥିବା ଜଣାପଡ଼ିଛି। ଏଥିସହ ତାଙ୍କ ପେନସନ ବନ୍ଦ କରିବାକୁ ଭିଜିଲାନ୍ସ ପକ୍ଷରୁ ବିଭାଗକୁ ଅନୁରୋଧ କରାଯାଇଛି।

## ଏସିଡ ଆକ୍ରମଣ ଓ ସୋସିଆଲ ମିଡିଆ ବ୍ୟବହାର ସଚେତନତା

ଢେଙ୍କାନାଳ, ୨୬।୯(ସମିସ): ଢେଙ୍କାନାଳ ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ଗୋବିନ୍ଦପୁରସ୍ଥିତ ବାଜିରାଉତ କଲେଜରେ ଏକ ଆଇନ କର୍ମଶାଳା ଅନୁଷ୍ଠିତ ହୋଇଛି। ଏଥିରେ ଆଇନସେବା ପ୍ରାଧିକରଣ ସଚିବ ଶୁଭଙ୍କର ମିଶ୍ର ଅଧ୍ୟକ୍ଷତା କରି ବିଭିନ୍ନ ଅପରାଧରେ ଶିକାର ହେଉଥିବା ପୀଡ଼ିତାଙ୍କୁ ଆଇନସେବା ପ୍ରାଧିକରଣ ତରଫରୁ ମିଳୁଥିବା ସହାୟତା ଓ ତାଙ୍କ ପରିବାରକୁ ମିଳୁଥିବା ସହାୟତା ରାଶି ସମ୍ପର୍କରେ ଆଲୋଚନା କରିଥିଲେ। ଛାତ୍ରଛାତ୍ରୀମାନେ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟଅତିଥି ଭାବେ ସିଭିଲ କୋର୍ଟ ରେଜିଷ୍ଟ୍ରାର ସସ୍ମିତା ନାୟକ ଯୋଗଦେଇ ଭାରତୀୟ ସମ୍ବିଧାନଠାରୁ ଆରମ୍ଭ କରି ବିଭିନ୍ନ ଆଇନ ଯାହା ସବୁ ଭାରତୀୟ ବିଧିବ୍ୟବସ୍ଥାରେ ପ୍ରଚଳିତ ହୋଇଛି ସେ ଉପରେ ସବିଶେଷ ତଥ୍ୟ ରଖିଥିଲେ। ପୀଡ଼ିତାଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣ କାର୍ଯ୍ୟ କରୁଛି ଓ ସେଥିପାଇଁ ଛାତ୍ରଛାତ୍ରୀ ସଚେତନ ହେବା ସହ ଅନ୍ୟକୁ ସଚେତନ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଗଣେଶ କୁମାର ବେହେରା ଯୋଗଦେଇ ଏସିଡ ଆକ୍ରମଣ ଆଇନ ସଂକ୍ରାନ୍ତରେ ସମସ୍ତ ବିଧି ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। ଏହା ସହ ନିରାପଦ ଭାବରେ ସୋସିଆଲ ମିଡିଆର ବ୍ୟବହାର ସମ୍ପର୍କିତ ଆଇନ ଉପରେ ମଧ୍ୟ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଅଭିଯୋଜନ କାର୍ଯ୍ୟାଳୟର ସହ ନିର୍ଦ୍ଦେଶକ ମଧୁସ୍ମିତା ଦାସ, ବାଜିରାଉତ କଲେଜ ପରିଚାଳନା ନିର୍ଦ୍ଦେଶକ ତାରାପ୍ରସନ୍ନ ଶତପଥୀ, ଅଧ୍ୟକ୍ଷ ଅଶୋକ କୁମାର ମିଶ୍ରଙ୍କ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ଆଇନସେବା ପ୍ରାଧିକରଣ କର୍ମଚାରୀ ଦୁଃଖବନ୍ଧୁ ସାହୁ ଏବଂ ରାମଚନ୍ଦ୍ର ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆରମ୍ଭ ହେଲାଣି ଢେଙ୍କାନାଳ ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ମାହୋଲ

● ନିର୍ମାଣ ହେଲାଣି ତୋରଣ, ସଜେଇ ହେଲାଣି ମଣ୍ଡପ

● ପୂଜାକୁ ରାଜ୍ୟ ମାନ୍ୟତା ପରେ ବଢ଼ୁଛି ଲୋକଙ୍କ ଉତ୍ସାହ

ଢେଙ୍କାନାଳ, ୨୬।୯ (ସମିସ)




ଢେଙ୍କାନାଳ ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା କୁମାର ପୂର୍ଣ୍ଣମୀଠାରୁ ଆରମ୍ଭ ହେବ। ଢେଙ୍କାନାଳରେ ୧୯୨୩ରେ ଆରମ୍ଭ ହୋଇଥିବା ପୂଜା ୧୦୨ ବର୍ଷରେ ପଦାର୍ପଣ କରିଥିବା ବେଳେ ପୂଜାକୁ ଆନନ୍ଦ ଉଲ୍ଲାସର ସହ ପାଳନ କରିବାକୁ ସମସ୍ତ ପୂଜା ମଣ୍ଡପ ଲାଗିପଡ଼ିଛନ୍ତି। ଏବେଠାରୁ ତୋରଣ ନିର୍ମାଣ ଆରମ୍ଭ ହୋଇଥିବା ବେଳେ ମଣ୍ଡପଗୁଡ଼ିକ ମଧ୍ୟ ସଜେଇ ହେଲାଣି। ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି।

ଚଳିତ ବର୍ଷ ଲକ୍ଷ୍ମୀପୂଜା ପାଇଁ ବାମନ ଜନ୍ମ ସୁନିଆଁ ତିଥିରୁ ମାଟି ଅନୁକୂଳ ହୋଇଥିବା ବେଳେ କୁମାର ପୂର୍ଣ୍ଣମୀ ଅବସରରେ ପୂଜା ଆରମ୍ଭ ହେଉଛି। ଚଳିତ ବର୍ଷ ମୋଟ ୩୮ ମଣ୍ଡପରେ ପୂଜା ହେବ। ଜିଲ୍ଲାରେ ୧୯୨୩ ମସିହାରୁ ଢେଙ୍କାନାଳ ମୀନା ବଜାରର ସ୍ୱର୍ଗତ ଗତିକୃଷ୍ଣ ପଟ୍ଟନାୟକଙ୍କ ଉଦ୍ୟମରେ ଲକ୍ଷ୍ମୀପୂଜା ଆରମ୍ଭ ହୋଇ ୧୯୩୩ ପର୍ଯ୍ୟନ୍ତ ଚାଲିଥିଲା। ପରବର୍ତ୍ତୀ ସମୟରେ ପ୍ରଜା ଆନ୍ଦୋଳନ ଯୋଗୁଁ ପୂଜା ବନ୍ଦ ହୋଇଯାଇଥିଲା। ୧୯୪୩ରୁ ପୁନର୍ବାର ମୀନାବଜାରରୁ ଆରମ୍ଭ ହୋଇଆସୁଥିବା ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ଏବେ ଗଣ ଉତ୍ସବରେ ପରିଣତ ହୋଇଛି। ୧୯୪୩ରେ ମୀନା ବଜାର, ୧୯୪୮ରେ ଜବାହର ଚୌକ, ୧୯୪୯ରେ ଲକ୍ଷ୍ମୀବଜାର, ୧୯୫୦ ଗଣେଶ ବଜାର, ୧୯୫୧ କାଞ୍ଚନ ବଜାର, ୧୯୫୨ ଆନନ୍ଦବଜାର, ୧୯୫୫ କାରିଗର ସାହି, ୧୯୫୭ରେ ଗୁଡ଼ିଆନାଳୀ, ୧୯୫୮ରେ ରାଧାକୃଷ୍ଣବଜାର, ପଦ୍ମବଜାର, କୁଞ୍ଜକାନ୍ତ, ୧୯୫୯ରେ କୈବଲ୍ୟ ବଜାର, ୧୯୬୦ରେ ଜୁବୁଲି ଟାଉନ-୨, ୧୯୬୩ରେ ଅନ୍ନପୂର୍ଣ୍ଣା ପୂଜା ସଂସ୍ଥାନ ଷ୍ଟେସନ ବଜାର, ୧୯୬୫ରେ ରତ୍ନବଜାର, ୧୯୬୭ରେ ଚନ୍ଦନ ବଜାର, ୧୯୬୯ରେ ଗାନ୍ଧୀବଜାର ଓ ବସଷ୍ଟାଣ୍ଡ, ୧୯୭୧ରେ କୋରିଆଁ, ୧୯୭୫ରେ ଦୁର୍ଗବଜାର, ୧୯୭୬ରେ ଦକ୍ଷିଣକାଳୀରେ ପୂଜା ଆରମ୍ଭ ହୋଇଥିଲା। ଚଳିତ ବର୍ଷ କୋରିଆଁ, ଜୁବୁଲି ଟାଉନ-୨, ରତନ ବଜାର, ପଦ୍ମବଜାର, କାରିଗର ସାହି, ଚନ୍ଦନବଜାର, ବାଜିଚୌକ, ଆନନ୍ଦ ବଜାର, କାଞ୍ଚନ ବଜାର, ମୀନା ବଜାର, ଜବାହର ଚୌକ, ଲକ୍ଷ୍ମୀବଜାର, ମହାବୀର ବଜାର, ଗଣେଶ ବଜାର, ବସଷ୍ଟାଣ୍ଡ, ଗୁଡ଼ିଆନାଳୀ, କୁଞ୍ଜକାନ୍ତ, କଲେଜପଡ଼ା ସହ ଅନ୍ୟ ସ୍ଥାନରେ ପୂଜା ଅନୁଷ୍ଠିତ ହେବ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଐତିହ୍ୟ, ସଂସ୍କୃତି ଓ ଭାଇଚାରା ମଧ୍ୟରେ ସହରବାସୀ ପୂଜା ପାଳନ କରିଥାନ୍ତି। ସହରର ପ୍ରବେଶପଥରୁ ପ୍ରସ୍ଥାନ ପଥ ପର୍ଯ୍ୟନ୍ତ ଦୀର୍ଘ ୭କିମି ବ୍ୟାପୀ ରାସ୍ତା ପାର୍ଶ୍ୱରେ ଚଳିତ ବର୍ଷ ୩୮ଟି ପୂଜା ମଣ୍ଡପରେ ମା'ଙ୍କ ପୂଜା ଅନୁଷ୍ଠିତ ହେବ। ପୂଜା ପାଇଁ ପ୍ରଶାସନ ତରଫରୁ ବ୍ୟାପକ ବ୍ୟବସ୍ଥା କରାଯାଉଥିବା ବେଳେ ରାସ୍ତାଘାଟ ମରାମତି କାର୍ଯ୍ୟ ଚାଲିଛି। ପୂଜାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଏବେଠାରୁ ବିଭିନ୍ନ କମିଟି ତରଫରୁ ନୂଆ ନୂଆ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଚଳିତ ବର୍ଷ ଲକ୍ଷ୍ମୀପୂଜାକୁ ରାଜ୍ୟ ମାନ୍ୟତା ମିଳିଥିବା ବେଳେ ମୁଖ୍ୟମନ୍ତ୍ରୀ ପ୍ରତ୍ୟେକ ପୂଜା ମଣ୍ଡପକୁ ୫୦ ହଜାର ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରିବାକୁ ଘୋଷଣା କରିଥିବାରୁ ଲୋକଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ପୂଜା ପାଇଁ ଏବେଠାରୁ ବଜାର ସରଗରମ ରହିଥିବା ଦେଖିବାକୁ ମିଳିଛି।

**ଆଠମଲ୍ଲିକରୁ ହାତୀଛୁଆ ଉଦ୍ଧାର ଘଟଣା**

## କପିଳାସ ହାତୀ ସଂରକ୍ଷଣ କେନ୍ଦ୍ରରେ ଚାଲିଛି ଚିକିତ୍ସା



ଢେଙ୍କାନାଳ, ୨୬।୯(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବନଖଣ୍ଡ ଦ୍ୱାରା ଉଦ୍ଧାର ହୋଇଥିବା ଏକ ହାତୀ ଶାବକର ଚିକିତ୍ସା ଢେଙ୍କାନାଳ ରାପିଡ ରେସ୍ପନ୍ସ ଟିମ ଦ୍ୱାରା କରାଯାଉଛି। ଏହି ହାତୀ ଶାବକକୁ କପିଳାସ ହାତୀ ସଂରକ୍ଷଣ କେନ୍ଦ୍ରକୁ ଅଣାଯିବା ପରେ ତାହାର ଚିକିତ୍ସା କରାଯିବା ସହ କ୍ୱାରେଣ୍ଟାଇନରେ ରଖାଯାଇଛି।

ଆଠମଲ୍ଲିକ ବନଖଣ୍ଡ ତରଫରୁ ଗତ ୧୧ ତାରିଖ ଏକ କେନାଲରୁ ଏହି ହାତୀ ଶାବକକୁ ଉଦ୍ଧାର କରାଯାଇଥିଲା। ହାତୀ ଶାବକକୁ ହାତୀପଲ ଛାଡ଼ି ଚାଲିଯିବା ପରେ ତାକୁ ପୁଣି ଥରେ ପଲକୁ ଫେରାଇନେବା ସମ୍ଭବ ହୋଇ ନ ଥିଲା। ଫଳରେ ହାତୀ ଶାବକର ଚିକିତ୍ସା ପାଇଁ ଆଠମଲ୍ଲିକ ବନଖଣ୍ଡ ତରଫରୁ ଢେଙ୍କାନାଳ ରାପିଡ ରେସ୍ପନ୍ସ ଟିମର ସହାୟତା ଲୋଡ଼ାଯାଇଥିଲା। ଏହି ଟିମ ସେଠାକୁ ଯାଇ ତୁରନ୍ତ ହାତୀ ଶାବକର ଚିକିତ୍ସା କରିବା ସହ ତା' ଶୁଣ୍ଢରେ ଲାଗିଥିବା ରକ୍ତକୁ ଭୁବନେଶ୍ୱର ଓୟୁଏଟିକୁ ପରୀକ୍ଷା ପାଇଁ ପଠାଇଥିଲେ। ପରେ ଆଠମଲ୍ଲିକ ଏବଂ ଢେଙ୍କାନାଳ ବନଖଣ୍ଡ ସହାୟତାରେ ହାତୀ ଶାବକକୁ କପିଳାସ ହାତୀ ସଂରକ୍ଷଣ କେନ୍ଦ୍ରକୁ ଅଧିକ ଚିକିତ୍ସା ଏବଂ ତଦାରଖ ପାଇଁ ଅଣାଯାଇଛି। ଏବେ ତା'ର ସ୍ୱାସ୍ଥ୍ୟରେ ଉନ୍ନତି ଆସୁଥିବା କୁହାଯାଇଛି।

## ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିର ଉଦଘାଟିତ




ଢେଙ୍କାନାଳ, ୨୬।୯(ସମିସ): ସ୍ଥାନୀୟ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ଅଧୀନରେ ତ୍ରିଦିବସୀୟ ଜିଲ୍ଲାସ୍ତରୀୟ ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ଶକୁନ୍ତଳା ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଇଏଏସ ପ୍ରୋବେସନର ତଥା ପୌର ନିର୍ବାହୀ ଅଧିକାରୀ ଭଗତ ସାମଲ କଲ୍ୟାଣରାଓ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସଫଳ ମହିଳା ଉଦ୍ୟୋଗୀ ସେଲିନା ସାମଲ ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମନିର୍ଭରଶୀଳ ହେବାକୁ ଉତ୍ସାହିତ କରିଥିଲେ। ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ବରାଳ ଛାତ୍ରୀମାନଙ୍କୁ ସମାଜ ପ୍ରତି ଉତ୍ସର୍ଗୀକୃତ କର୍ମୀ ଭାବେ ନିଜକୁ ଗଢ଼ି ତୋଳିବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲା ଏନଏସଏସ ଅଧିକାରୀ ଡ. ଦେବରାଜ ପରିଡ଼ା ଏନଏସଏସର ମହତ୍ତ୍ୱ ତଥା ଉପଯୋଗିତା ବିଷୟରେ ପ୍ରେରଣା ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ୧୦୦ ସ୍ୱେଚ୍ଛାସେବୀ ଓ ସହଯୋଗୀ ଶିକ୍ଷକ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ସଂଯୋଜକ ଡ. ପଙ୍କଜ ବାରିକ ମଞ୍ଚ ପରିଚାଳନା କରିଥିଲେ। ଡ. ଭୁବନେଶ୍ୱର ମୁଦୁଲି ଉପସ୍ଥିତ ଥିଲେ।

## ଟାଟା ଷ୍ଟିଲ୍ ପକ୍ଷରୁ ଅଗ୍ନିସୁରକ୍ଷା ଓ ଉଦ୍ଧାର ମକ୍‌ଡ୍ରିଲ୍



ଢେଙ୍କାନାଳ, ୨୬।୯(ସମିସ): ଢେଙ୍କାନାଳ ସହକାରୀ ଅଗ୍ନିଶମ ଅଧିକାରୀଙ୍କ କାର୍ଯ୍ୟାଳୟ, ଓଡ଼ିଶା ଅଗ୍ନିଶମ ଓ ଜରୁରୀକାଳୀନ ସେବା ବିଭାଗ ଏବଂ ଟାଟା ଷ୍ଟିଲ ମେରାମଣ୍ଡଳୀ (ଟିଏସଏମ) ଅଗ୍ନିଶମ ବିଭାଗ ମିଳିତ ଆନୁକୂଲ୍ୟରେ ଟିଏସଏମ ହାଉସିଂ କଲୋନୀରେ ଅଗ୍ନିସୁରକ୍ଷା ଓ ଉଦ୍ଧାର ମକଡ୍ରିଲ ଆୟୋଜିତ ହୋଇଛି। ଅଗ୍ନିକାଣ୍ଡ ସମୟରେ ଆବାସିକ କୋଠାଗୁଡ଼ିକରୁ କିପରି ସୁରକ୍ଷିତ ଭାବେ ଲୋକଙ୍କୁ ଉଦ୍ଧାର କରାଯିବ, ତାହା ପ୍ରଦର୍ଶିତ ହୋଇଥିଲା। ଢେଙ୍କାନାଳ ଓ ଅନୁଗୋଳର ଡେପୁଟି ଅଗ୍ନିଶମ ଅଧିକାରୀ ଶରତ ଚନ୍ଦ୍ର ମଲ୍ଲିକ, ଜିଲ୍ଲା ଅଗ୍ନିଶମ ଅଧିକାରୀ ପ୍ରଶାନ୍ତ କୁମାର ଧଳଙ୍କ ସମେତ ମାନସ ସାମଲ, ଧର୍ମେନ୍ଦ୍ର କୁମାର ସିଂ, ପ୍ରୀତମ ସ୍ୱାଇଁ ଓ ଅନ୍ୟ ଅଧିକାରୀମାନେ ଏଥିରେ ଯୋଗଦେଇଥିଲେ।

● ଜନନୀ ଯନ୍ତ୍ରଣା

## ଖଟିଆରେ ରାତିଅଧରେ ଭରା ନଦୀ ପାର୍ ହେଲେ ଗର୍ଭବତୀ



କାମାକ୍ଷାନଗର, ୨୬।୯ (ସମିସ): ପୁଣି ଜନନୀ ଯନ୍ତ୍ରଣା ଦେଖିବାକୁ ମିଳିଛି ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକରେ। ବ୍ଲକ ସଦର ମହକୁମାଠାରୁ ମାତ୍ର ୧୦କିମି ଦୂର କାନପୁରା ପଞ୍ଚାୟତ ଗୁଣ୍ଡିଚାନାଳୀ କଳାମାଟିସାହିରେ ଏହି ଘଟଣା ଘଟିଛି। ଗାଁର ଗର୍ଭବତୀ ମହିଳା କର୍ମୀ ମୁର୍ମୁ (୨୫)ଙ୍କୁ ଗୁରୁବାର ବିଳମ୍ବିତ ରାତିରେ ଆବୁଡ଼ା ଖାବୁଡ଼ା ରାସ୍ତାରେ ପ୍ରାୟ ୩କିମି ଖଟିଆରେ ବୋହି ଆଣିଲା ପରେ ପଡ଼ିଲା ରାମିଆଳ ନଦୀ। ନଦୀରେ ଏବେ ଅଣ୍ଟାଏ ଉଚ୍ଚ ପାଣିର ସ୍ରୋତ ବୋହି ଚାଲିଛି। ତଥାପି ପ୍ରସବ ବେଦନାରେ ଛଟପଟ ହେଉଥିବା କର୍ମୀଙ୍କୁ ସେହି ଖଟିଆରେ ଭରା ନଦୀ ପାରି କରିବାକୁ ବାଧ୍ୟ ହୋଇଥିଲେ। ସାଙ୍ଗରେ ଆଶାକର୍ମୀଙ୍କ ସହ ପରିବାର ଲୋକ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ନଦୀ ଆର ପାଖରେ ଥିବା ୧୦୮ ଆମ୍ବୁଲାନ୍ସରେ କର୍ମୀଙ୍କୁ କାମାକ୍ଷାନଗର ଉପଖଣ୍ଡ ମେଡିକାଲ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଢେଙ୍କାନାଳ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି।

## ଜନତା କଲେଜ ଇତିହାସ ବିଭାଗରେ ପାଠଚକ୍ର




ଖଜୁରିଆକଟା, ୨୬।୯(ସମିସ): ହିନ୍ଦୋଳ ଉପଖଣ୍ଡ ସାତମାଇଲସ୍ଥିତ ଜନତା କଲେଜ ଇତିହାସ ବିଭାଗ ପକ୍ଷରୁ ଶୁକ୍ରବାର ପ୍ରଥମ ବିଶ୍ୱଯୁଦ୍ଧ ସମ୍ପର୍କିତ ପାଠଚକ୍ର ଅନୁଷ୍ଠିତ ହୋଇଛି। କଲେଜ ଅଧ୍ୟକ୍ଷା ଡ. ପୁଷ୍ପରାଣୀ ନାଥଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପାଠଚକ୍ରରେ ଅତିଥି ରୂପେ ଭୂଗୋଳ ବିଭାଗ ମୁଖ୍ୟ ସୁନନ୍ଦ କୁମାର ବାଗ, ବିଭାଗୀୟ ମୁଖ୍ୟ ଡ. ସଞ୍ଜୁକ୍ତା ବେହେରା ବିଷୟଭିତ୍ତିକ ଗବେଷଣାତ୍ମକ ନିବନ୍ଧ ଆଲୋଚନା କରିଥିଲେ।

ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଶେଷ ବର୍ଷର ସଞ୍ଜନା ସାମଲ, ପ୍ରଜ୍ଞାରାଣୀ ସାହୁ, ଶୁଭମ ସାହୁ, ଶ୍ରାବଣୀ ମହାନ୍ତି, ୧ମ ବର୍ଷରୁ ଚନ୍ଦନ ବେହେରା, ଋଷଭ କର୍ଣ୍ଣ, ଶାନ୍ତନୁ ସାହୁ, ବିଶ୍ୱେଶ୍ୱର ବିଶ୍ୱାଳ, ଯଶୋବନ୍ତ ବେହେରା ଓ ଶିବାନୀ ସାହୁ ପ୍ରମୁଖ ନିଜ ସନ୍ଦର୍ଭ ପାଠ କରିଥିଲେ। ବିଭାଗର ଅଧ୍ୟାପିକା ସନ୍ଧ୍ୟାରାଣୀ ଦାସ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ଦିଲେଶ୍ୱରୀ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବର୍ଷାରେ ଭିଜି ଗୋଷ୍ଠୀ ସହାୟିକାଙ୍କ ଧାରଣା

ଭୁବନ, ୨୬।୯(ସମିସ)



ଅଲ ଓଡ଼ିଶା ଜିପିଏଲଏଫ କର୍ମୀ ସଂଘ ଢେଙ୍କାନାଳ ଜିଲ୍ଲା ଭୁବନ ଶାଖା କର୍ମଚାରୀମାନେ ସ୍ଥାୟୀ ଦରମା ବାବିରେ ଓଡ଼ିଶା ଜୀବିକା ମିଶନ କାର୍ଯ୍ୟାଳୟରେ ତାଲା ପଡ଼ାଇ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି। ଏହି କର୍ମଚାରୀମାନେ ୬ମାସ ହେଲା ପାରିଶ୍ରମିକ ପାଇନାହାନ୍ତି। ପାରିଶ୍ରମିକ ପାଇଁ ବିଡିଓଙ୍କଠାରୁ ଆରମ୍ଭ କରି ମିସନଶକ୍ତି ବିଭାଗ ମନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ଅଦ୍ୟାବଧି ମିଳିନାହିଁ। ଫଳରେ କର୍ମଚାରୀମାନେ ସ୍କୁଟି ବାବଦ ଋଣ ଶୁଝିପାରୁନାହାନ୍ତି। ପାରିଶ୍ରମିକ ନ ମିଳିବାରୁ ଅନ୍ୟ ସମସ୍ୟା ମଧ୍ୟ ଦେଖାଦେଇଛି। ଏହାର ପ୍ରତିବାଦରେ ଏମ୍‌ବିକେ, ବ୍ୟାଙ୍କମିତ୍ର ଓ କୃଷିମିତ୍ରମାନେ ଗତ ୧୫ ତାରିଖ ବିଭାଗୀୟ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ସେତେବେଳେ ସରକାର ଇନ୍ସେଣ୍ଟିଭ ଆକାରରେ ଦରମା ଦେବା ପାଇଁ କହିଥିଲେ। କର୍ମଚାରୀମାନେ ସେତେବେଳେ ସ୍ଥାୟୀ ଦରମା ଦିଆଯିବା ଲାଗି ଲିଖିତ ଜଣାଇଥିଲେ। ଏହାର ଏକ ସପ୍ତାହ ବିତିଯାଇଥିଲେ ମଧ୍ୟ ବିଭାଗୀୟ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଧାରିତ ପାରିଶ୍ରମିକ ରାଶି ସମ୍ପର୍କିତ ଚିଠି ଆସିନାହିଁ। ଫଳରେ ଅସନ୍ତୁଷ୍ଟ କର୍ମଚାରୀମାନେ ଓଏଲଏମ କାର୍ଯ୍ୟାଳୟରେ ତାଲା ପକାଇ ଗଣଧାରଣା ଦେଇଥିଲେ। ବର୍ଷାରେ ଭିଜି ଆନ୍ଦୋଳନ ଜାରି ରଖିଥିଲେ। ସମ୍ପାଦିକା ଶୈଳବାଳା ବାରିକ, ବ୍ଲକ ସଭାପତି ଚିନ୍ମୟୀ ସାହୁ, ବିଜୟଲକ୍ଷ୍ମୀ ବେହେରା, ତଅପୋଇ ସାହୁ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ରାଜପଥରେ ମୃତ ଷଣ୍ଢଙ୍କୁ ଉଠାଉନି 'ବାଲାଜୀ'



ଭୁବନ, ୨୬।୯(ସମିସ): ରାଜପଥ ଦୁର୍ଘଟଣାରେ ପ୍ରତିଦିନ ଏକାଧିକ ଗୋରୁ ବା ଷଣ୍ଢଙ୍କ ମୃତ୍ୟୁ ଘଟୁଛି। ପୂର୍ବରୁ ରାଜପଥ ବିଭାଗର କମ୍ପାନୀ ବାଲାଜୀ ଖବର ପାଇବା କ୍ଷଣି ମୃତ ଗୋରୁ ଓ ଷଣ୍ଢଙ୍କୁ ରାସ୍ତାରୁ ହଟାଉଥିଲା। ଏବେ ରାଜପଥରେ ଦୁର୍ଘଟଣାର ପ୍ରମୁଖ କାରଣ ପାଲଟିଛନ୍ତି ଗୋରୁଗାଈ। ହେଲେ ଦାୟିତ୍ୱରେ ଥିବା ବାଲାଜୀ କମ୍ପାନୀର କାର୍ଯ୍ୟଧାରାକୁ ନେଇ ଅସନ୍ତୋଷ ବ୍ୟାପିବାରେ ଲାଗିଛି। ମନମୁଖି ଭାବେ କାର୍ଯ୍ୟକରିବା ସହ ଖବର ଦେବାର ୨୪ ଘଣ୍ଟା ବିଳମ୍ବରେ ସେମାନଙ୍କ ଶବ ଉଠାଯାଉଛି। ଏମିତିକି ବହୁ ସମୟ ଧରି ଶବ ପଡ଼ିରହିବାରୁ ଦୁର୍ଗନ୍ଧ ହେଉଛି। ପୁଣି କର୍ମଚାରୀ ଅଭାବ ଯୋଗୁଁ ସାଧାରଣ ଲୋକ ବା ସାମାଜିକ କର୍ମୀଙ୍କ ସହାୟତା ନେବାକୁ ପଡୁଛି। ବୁଧବାର ଦୁର୍ଘଟଣାରେ ଆହତ ହୋଇଥିବା ଏକ ଷଣ୍ଢ ଓଭରବ୍ରିଜ ତଳେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲା। ମାତ୍ର ସକାଳୁ ଖବର ଦେବା ପରେ ଆଜି ଶବ ଉଠାଯାଇଥିଲା। ଜିଲ୍ଲା ପ୍ରଶାସନ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରୁନି। ଫଳରେ ବାଲାଜୀ କମ୍ପାନୀ ଏବେ ମନଇଚ୍ଛା କାର୍ଯ୍ୟ କରୁଛି। ବୁଲା ଗୋରୁଗାଈଙ୍କୁ ସାମାଜିକ କର୍ମୀ ବା ଗୋମିତ୍ରମାନେ ରେଡିୟମ ଫିତା ବାନ୍ଧୁଥିବା ବେଳେ ବିଭାଗ ନିରବଦ୍ରଷ୍ଟା ସାଜିଛି। ଏ ଦିଗରେ ଜିଲ୍ଲା ପ୍ରଶାସନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ତୃପ୍ତି ପାଠାଗାରର ମଳୟ କୁମାର ତ୍ରିପାଠୀ ଦାବି କରିଛନ୍ତି।

## ମା' ବିରଜାଙ୍କ ଦୁର୍ଗୋତ୍ସବ

# ପଞ୍ଚମ ଦିନରେ ମା'ଙ୍କ ରଥଯାତ୍ରା

ଯାଜପୁର, ୨୬।୯ (ସମିସ)

ମା' ବିରଜା ଦେବୀଙ୍କ ଦୁର୍ଗୋତ୍ସବ ଆଜି ତ୍ରୟୋଦଶ ଦିନରେ ସମାପନ ହୋଇଥିବା ବେଳେ ମା'ଙ୍କ ରଥଯାତ୍ରା ଓ ମୁଖ ଦର୍ଶନ ଆଜି ପଞ୍ଚମ ଦିନରେ ପହଞ୍ଚିଛି। ଆଜି ପଞ୍ଚମୀ ଥିବାରୁ ଉଭୟ ରାତି ଓ ଦିନର ବଡ଼ନୀତି ହେବା ସହିତ ରାତ୍ର ସ୍ନାନ ଅର୍ଥାତ୍ ମହାସ୍ନାନ କରାଯାଇଛି। ଏହି ଅବସରରେ ଆଜି ସକାଳ ୬ଟା ୩୦ମିନିଟରେ ବୈତରଣୀରୁ ଆସିଥିବା ଜଳରେ ମା'ଙ୍କ ସ୍ନାନ କରାଯିବା ପରେ ୭ଟାରୁ ୮ଟା ପର୍ଯ୍ୟନ୍ତ ଭକ୍ତ ମାନେ ଗର୍ଭ ଗୃହକୁ ପ୍ରବେଶ କରି ମା'ବିରଜାଙ୍କ ପାଦ ସ୍ପର୍ଷ କରିବା ସହିତ ମା'ଙ୍କ ମୁଖ ଦର୍ଶନ କରିଥିଲେ। ସକାଳେ ବର୍ଷା ଯୋଗୁଁ ଭକ୍ତମାନଙ୍କ ସଂଖ୍ୟା କମ୍ ଦେଖିବାକୁ ମିଳିଥିଲା। ୮ଟାରେ ମା'ଙ୍କର ଶାଢ଼ି ବେଶ, ଫୁଲ ବେଶ, ଚନ୍ଦନ ବେଶ ଦିନ ୯ଟା ପର୍ଯ୍ୟନ୍ତ ଚାଲିଥିଲା। ଦିନ ୧୧ଟା ୩୦ ମିନିଟରେ ବଡ଼ ଶୃଙ୍ଗାର ବେଶ କରାଯାଇ ଦିନ ପୂଜାର ଆୟୋଜନ କରାଯାଇଥିଲା। ଦିନ ପୂଜା, ନୀତି ଓ କଳସ ପୂଜା ଦିନ ୨ଟା ୩୦ ମିନିଟ୍‌ରେ ସମାପନ ହେବା ପରେ ପହୁ? କରାଯାଇଥିଲା। ରଥ ଉପରେ ବିଜୟ ପ୍ରତିମାଙ୍କ ନିକଟରେ ପୂଜା ଦୈନନ୍ଦିନ ପହୁଡ଼ ପରେ ନିୟମିତ କରାଯାଉଅଛି। ଅପରାହ୍ନ ୪ଟାରେ ପହୁଡ଼ ଖୋଲା ଯାଇ ୪ଟା ୩୦ ମିନିଟ୍‌ରେ ରଥ ଯାତ୍ରାର ଆୟୋଜନ କରାଯାଇଥିଲା। ଆଜି ଏକ ଘଣ୍ଟା ରଥଯାତ୍ରା ମଧ୍ୟରେ ୧ ବେଢ଼ାରୁ ଅଧିକ ପରିକ୍ରମା କରାଯାଇ ପୂର୍ବ ଉତ୍ତର



କୋଣରେ ରଖାଯାଇଥିଲା। ରଥଯାତ୍ରା ବନ୍ଦ କରାଯିବା ପରେ ରଥରୁ ଆର୍ଶୀ, ଛତ୍ର, ତରାଶ, ମସାଲ ଅବତରଣ ପରେ ଗର୍ଭ ଗୃହକୁ ଆର୍ଶୀ ଦଣ୍ଡ ରଖାଯିବା ପରେ ସଂଧ୍ୟା ଆଳତୀ କରାଗଲା। ରାତ୍ର ୭ଟା ୩୦ ମିନିଟରେ ବୈତରଣୀ ଜଳରେ ମହାସ୍ନାନ ପରେ ପୁନରାୟ ଶାଢ଼ି ବେଶ, ଫୁଲ ବେଶ, ଚନ୍ଦନ ବେଶ କରାଯିବା ପରେ ବଡ଼ ଶୃଙ୍ଗାର ବେଶ କରାଯାଇ ରାତ୍ର ପୂଜାର ଆୟୋଜନ କରାଯାଇଛି। ଆଜି ପଞ୍ଚମୀ ତିଥି ଥିବାରୁ ରାତ୍ର ମହାସ୍ନାନ ପରେ ସୁନାବେଶର ପରମ୍ପରା ରହିଅଛି। ଏଣୁ ଆଜି ମହାସ୍ନାନରେ ମା'ଙ୍କର ସୁନା ମୁକୁଟ, ସୁନା ହାର, ସୁନା କାଚ ସହିତ ଅନ୍ୟାନ୍ୟ ଅଳଙ୍କାର ଲାଗ କରାଯାଇଅଛି।

### ଆଜି ଯଜ୍ଞ ଆରମ୍ଭ ଓ ସୁନାବେଶ

ଆଜି ପଞ୍ଚମୀ ଉପଲକ୍ଷେ ଉଭୟ ଦିନ ଓ ରାତ୍ରରେ ବଡ଼ ନିତୀର ବ୍ୟବସ୍ଥା କରାଯାଇଥିଲା। ଆଜିର ବଡ଼ ନିତୀର ପ୍ରସାଦକୁ ସମସ୍ତ ସେବାୟତମାନେ ନିଜର ଅଂଶ, ବଂଶ ଅନୁସାରେ ଭାଗ କରିନେଇଥିଲେ। ଆଜିର ରାତ୍ର ପୂଜା ପରେ ଯଜ୍ଞର ଆୟୋଜନ କରାଯାଇଅଛି। ଆଜି ଠାରୁ ପୂଜକଙ୍କ ସହିତ ଚରୁପାଳିଆ ଓ ସମିଧ ପାଳିଆ ବରଣୀ ହୋଇ ମନ୍ଦିର ମଧ୍ୟରେ ରହିବେ। ଏହି ଯଜ୍ଞ କାର୍ଯ୍ୟ ମହାଷ୍ଟମୀର ମଧ୍ୟରାତ୍ରି ପରେ ସମାପନ କରାଯାଇଥାଏ। ଆଜିର ଦିନ ପୂଜା, ରାତ୍ର ପୂଜା ଓ ମହାସ୍ନାନ କାର୍ଯ୍ୟକୁ ପୁରୋଧା ଜ୍ଞାନ ରଞ୍ଜନ ପତି, ପ୍ରଭାତ ପତି, ସରୋଜ ପତି, ପ୍ରମୋଦ ପତି, ପ୍ରତାପ ପତି ସମାପନ କରିଛନ୍ତି।

ଷୋଡଶୋପଚାର ପୂଜାରେ ୧୬ କଳଷ ମଧ୍ୟରୁ ମୂଳାଷ୍ଟମୀ ୧୦ଗୋଟି କଳସ ସ୍ଥାପନ କରାଯାଇଥିବା ବେଳେ ଆଜି ପଞ୍ଚମୀ ତିଥିରେ ୫ ଗୋଟି ଓ ମହାଷ୍ଟମୀରେ ୧ ଗୋଟି ଏହି ପରି ଭାବରେ ୧୬ ଗୋଟି କଳଷ ସ୍ଥାପନା କରାଯାଇଥାଏ। ମନ୍ଦିର ପ୍ରଶାସନ ତରଫରୁ ଏବେ ମନ୍ଦିର ସମେତ ବେଢ଼ାକୁ ଆଲୋକମୟ କରାଯାଇଅଛି। ଏବେ ଉଭୟ ଦିନ ଓ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଭକ୍ତମାନଙ୍କ ଗହଳୀ ଦେଖିବାକୁ ମିଳୁଛି। ଆଜି ପୂରା ରାତ୍ର ପୂଜା କାର୍ଯ୍ୟ ଚାଲିବାକୁ ଥିବା କାରଣୁ ମନ୍ଦିରର ସିଂହଦ୍ୱାର ପୁରା ରାତ୍ରି ଖୋଲା ରହିଛି। ଏଣୁ ମନ୍ଦିର ଭିତର ବାହାର ଓ ରଥ ନିକଟରେ ପୁଲିସ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଆଜି ରଥଯାତ୍ରା ସମୟରେ ମାଜିଷ୍ଟ୍ରେଟ ଭାବରେ ଦଶରଥପୁର ତହସିଲଦାର ଶୁଭ୍ରାଂଶୁ ଶେଖର ସାହୁ ଉପସ୍ଥିତ ଥିବା ବେଳେ ସକାଳ ମୁଖ ଦର୍ଶନ ସମୟରେ ସହକାରୀ ଜିଲ୍ଲାପାଳ ଅଶୋକ କୁମାର ବେହେରା ଉପସ୍ଥିତ ରହିଥିଲେ। ରଥଯାତ୍ରା ସରିବା ପରେ ଉପ-ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ ମନ୍ଦିର ଟ୍ରଷ୍ଟବୋର୍ଡ କାର୍ଯ୍ୟାଳୟରେ ପହଞ୍ଚି ସମସ୍ତ କାର୍ଯ୍ୟ ବିଷୟରେ କର୍ମଚାରୀ ମାନଙ୍କ ଠାରୁ ବୁଝିଥିଲେ। ରୋଷେଇ ସାମଗ୍ରୀ, ପୂଜା ସାମଗ୍ରୀ ବିଷୟ ବୁଝିବା ସହିତ ସକାଳ ଓ ସଂଧ୍ୟା ସମୟରେ ଭିଡ଼କୁ କିପରି ଭାବରେ ନିୟନ୍ତ୍ରଣ କରାଯାଇଛି ପଚାରି ବୁଝିଥିଲେ। ଏଥି ସହିତ ପ୍ରତ୍ୟେକ ଦିନ ରଥଯାତ୍ରା ପରେ ମନ୍ଦିରର ସମସ୍ତ କର୍ମଚାରୀ, ସିକ୍ୟୁରିଟି ଉପସ୍ଥିତ ରହି ସୂଚନା ଦେବା ପାଇଁ ଜଣାଇଥିଲେ।

## ବାର୍‌ହା ମାଂସ ଭାଗବେଳେ ଚଢ଼ଉ; ୩ ଶିକାରୀ ଗିରଫ

**ଆନନ୍ଦପୁର,୨୬।୯ (ସମିସ):** ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡର ଦେଓଗାଁ ବନାଞ୍ଚଳ ଭଗାମୁଣ୍ଡା ଅଟେଇ ସଂରକ୍ଷିତ ଜଙ୍ଗଲରେ ଶିକାର କରୁଥିବା ଖଡିବାହାଳି ଗ୍ରାମରେ ଚଢ଼ଉ କରିଛି ବନ ବିଭାଗ। ୩ ଜଣ ଶିକାରୀଙ୍କ ମଧ୍ୟରୁ ଗିରଫ ଅଭିଯୁକ୍ତ ଖଡିବାହାଳି ଗ୍ରାମର ଆମ୍ବଡାହି ଗ୍ରାମର ତାଇକାନ ଦରାଇ ଓ ନାଥରାମ ଦରାଇଙ୍କୁ ମାମଲା ରୁଜୁକରି କୋର୍ଟକୁ ଚାଲାଣ କରାଯାଇଛି। ଘଟଣାରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତ ଖଗେଶ୍ୱର ମହାନ୍ତ ଫେରାର ହୋଇଯାଇଥିଲା ବେଳେ ପରେ ସନ୍ଧ୍ୟାରେ ବିଭିନ୍ନ ସ୍ଥାନରେ ଚଢଉ କରାଯାଇ ଖଗେଶ୍ୱର ମହାନ୍ତକୁ ବ୍ରାହ୍ମଣୀପାଳ ବନପାଳ ମନ୍ମଥ ସାହୁ ଗିରଫ କରିଥିବା ଜଣାପଡିଛି।



ଏମାନେ ଅଟେଇ ସଂରକ୍ଷିତ ଜଙ୍ଗଲରୁ ଏକ ବାରହା ଶିକାର କରି ବାଇକ ଯୋଗେ ଆଣି କାଟି ଭାଗ କରୁଥିବା ସମୟରେ ବନ ବିଭାଗକୁ ଖବର ମିଳିଥିଲା। କେନ୍ଦୁଝର ବନ୍ୟପ୍ରାଣୀ ପ୍ରାଣୀ ବନଖଣ୍ଡ ଆନନ୍ଦପୁର ବନଖଣ୍ଡ ଅଧିକାରୀ ପ୍ରଶାନ୍ତ ପଣ୍ଡା ଓ ସହକାରୀ ବନସଂରକ୍ଷକ ଉମାକାନ୍ତ ଦାସଙ୍କ ନିର୍ଦ୍ଦେଶକ୍ରମେ ଭଗାମୁଣ୍ଡା ସେକ୍ସନର ବନପାଳ ସମେତ ସମସ୍ତ କର୍ମଚାରୀ ଖଗେଶ୍ୱର ଘରେ ଚଢଉ କରିଥିଲେ। ଖଗେଶ୍ୱର ମହାନ୍ତ ଫେରାର ହୋଇଥିବା ବେଳେ ଅନ୍ୟ ଦୁଇଜଣ ଧରାପଡ଼ିଛନ୍ତି। ବାରହାର ମୁଣ୍ଡ, ୪ଟି ଗୋଡ, କିଛି ମାଂସ ଜବତ କରାଯାଇଛି। ଏହାସହ ଅଭିଯୁକ୍ତଙ୍କଠାରୁ ଏକ ଟାଙ୍ଗିଆ, ଏକ ଛୁରି, ଏକ ଜରି ଅଖା ସହ ଗୋଟିଏ ମୋଟର ସାଇକଲ ଜବତ ହୋଇଛି। ଏହି ଚଢଉରେ ଭଗାମୁଣ୍ଡା ବନପାଳ ଧୀରେନ୍ଦ୍ର କୁମାର ପାତ୍ର, ଶଗଡପଟା ବନରକ୍ଷୀ ମଧୁସୂଦନ ସାହୁ ଏବଂ ସ୍କ୍ୱାଡ ମେମ୍ବର ସାମିଲ ଥିଲେ।

## ନ୍ୟାୟ ପାଇଁ ଏସ୍‌ପିଙ୍କୁ ଭେଟିଲେ ପୀଡ଼ିତ ପରିବାର

**ପାଣିକୋଇଲି, ୨୬।୯ (ସମିସ):** ଧର୍ମଶାଳା ପୁଲିସ ବାବୁଙ୍କ ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗତ ଅଗଷ୍ଟ ୩୧ ତାରିଖରେ ଘଟିଲା ଘଟଣା, ଅଭିଯୋଗ ହେଲା, କିନ୍ତୁ ମାମଲା ରୁଜୁ କଲାନି ପୁଲିସ। ଉପରିସ୍ଥ ଅଧିକାରୀଙ୍କ ଚାପରେ ସେପ୍ଟେମ୍ବର ୩ ତାରିଖ ମାମଲା ରୁଜୁ କଲା; କିନ୍ତୁ ଆଜି ପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ଶୂନ। ବାରମ୍ବାର ଉଚ୍ଚ ଅଧିକାରୀଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ପାଇଁ କୁହାଗଲା; କିନ୍ତୁ ନିର୍ବିକାର ଧର୍ମଶାଳା ପୁଲିସ। ଶେଷରେ ସବୁଠୁ ନିରାଶ ହୋଇ ଆଜି ନ୍ୟାୟ ପାଇଁ ପାଣିକୋଇଲିସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ପହଞ୍ଚି ଏସ୍‌ପିଙ୍କୁ ଗୁହାରି କରିଛନ୍ତି ପୀଡ଼ିତ ପରିବାର। ପ୍ରକାଶଯେ ଧର୍ମଶାଳା ଥାନା ଅନ୍ତର୍ଗତ ଉତ୍ତରପ୍ରତାପ ପଞ୍ଚାୟତ ନୀଳକଣ୍ଠପୁର ଗ୍ରାମର ଗୁଣନିଧି ମଳିକଙ୍କ ସ୍ତ୍ରୀ କାମିନୀ ମଳିକଙ୍କ ଅଭିଯୋଗ ମୁତାବକ ଗତ ୩୧ ତାରିଖ ତାଙ୍କ ଗ୍ରାମ ଓ ପାଖ ଗ୍ରାମର କେତେକ ଅସାମଜିକ ଯୁବକ ତାଙ୍କ ଘରେ ପହଞ୍ଚି ଜାତିଆଣ ଆପେକ୍ଷ କରି ଗାଳି ଗୁଲଜ ସହ ଗୁଣନିଧିକୁ ଖୋଜିଥିଲେ। ଜୋର ଜବରଦସ୍ତ ମାରଣାସ୍ତ୍ର ଓ ଠେଙ୍ଗା ବାଡ଼ି ଧରି ଘରେ ପଶିବାକୁ ଉଦ୍ୟମ କରିଥିଲେ। କାମିନୀ ଓ ତାର ତିନି ଝିଅ ପ୍ରତିବାଦ କରିବାରୁ ସେମାନଙ୍କୁ ମାଡ଼ ମାରିବା ସହ ଅସାଦାଚରଣ କରିଥିଲେ। ସେପଟେ ଯାଉଥିବା କେତେକ ଚାଷୀ ପହଞ୍ଚି ଏହାକୁ ବିରୋଧ କରିବାରୁ ସେମାନେ ପଳାଇଯାଇଥିଲେ। ଏନେଇ ଥାନାକୁ ଯାଇ ଲିଖିତ ଅଭିଯୋଗ କଲା ପରେ ମଧ୍ୟ ଏତଲା ପଞ୍ଜିକୃତ ହୋଇନଥିଲା। ଫଳରେ ଧର୍ମଶାଳା ଆମ୍ବେଦକର ସଂଘ ହସ୍ତକ୍ଷେପ କଲା ପରେ ଏତଲା ପଞ୍ଜିକୃତ ହେଲା। କିନ୍ତୁ କାର୍ଯ୍ୟାନୁଷ୍ଠାନ ନ ହେବାରୁ ଏସ୍‌ଡିଓ ଓ ପରେ ଅତିରିକ୍ତ ଏସ୍‌ପିଙ୍କୁ ଜଣାଇବା ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଘଟଣାକୁ ୨୪ ଦିନ ବିତିଥିଲେ ବି ପୁଲିସ ଅଭିଯୁକ୍ତ ୧୫ ଜଣଙ୍କୁ ଗିରଫ କରୁନାହିଁ। ଯାହା ଫଳରେ ସେମାନେ ରାସ୍ତାଘାଟରେ ଗାଳିଗୁଲଜ ଓ ଧମକ ଦେଉଛନ୍ତି। ଯାହା ଦ୍ୱାରା ପରିବାର ପ୍ରତି ବିପଦ ରହିଛି। ତୁରନ୍ତ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ୍ୟାୟ ପାଇଁ ଓ ପରିବାରର ସୁରକ୍ଷା ପାଇଁ ଗୁହାରି କରିଛନ୍ତି କାମିନୀ।

## ଶୁଖୁଆପଡ଼ା ପ୍ରାଥମିକ ବିଦ୍ୟାଳୟ

## ଭିତ୍ତିଭୂମି ଓ ଶିକ୍ଷକ ଅଭାବ; ଶିକ୍ଷାଦାନ ବାଧାପ୍ରାପ୍ତ

**କୁଦଳ, ୨୬।୯ (ସମିସ):** ରାଜ୍ୟ ସରକାର ବିଦ୍ୟାଳୟ ମାନଙ୍କରେ ଭିତ୍ତିଭୂମିର ବିକାଶ ଓ ଶିକ୍ଷାଦନକୁ ଗୁରୁତ୍ୱ ଦେଉଥିବା ବେଳେ ଅନେକ ଗୁଡ଼ିଏ ବିଦ୍ୟାଳୟ ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଛି। ସେଥି ମଧ୍ୟରୁ ବଡ଼ଚଣା ବ୍ଲକ ପଲେଇ ପଞ୍ଚାୟତ ଶୁଖୁଆପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟ ଅନ୍ୟତମ। ଏହି ବିଦ୍ୟାଳୟଟି ଆଦିବାସୀ ଅଧ୍ୟୁସିତ ଗ୍ରାମରେ ହୋଇଥିବା ବେଳେ ବିଦ୍ୟାଳୟଟି ୧୯୭୧ ମସିହାରେ ସ୍ଥାପିତ ହୋଇଥିଲା। ପ୍ରଥମ ଠାରୁ ପଞ୍ଚମ ପର୍ଯ୍ୟନ୍ତ ୫ଟି ଶ୍ରେଣୀ ରହିଥିବା ବେଳେ ୪୦ ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ଏମାନଙ୍କ ମଧ୍ୟରେ ସଂଖ୍ୟାଧିକ ଆଦିବାସୀ ସମ୍ପ୍ରଦାୟର ଛାତ୍ରଛାତ୍ରୀ ଅଛନ୍ତି। ୫ ଗୋଟି ଶ୍ରେଣୀକୁ କେବଳ ଦୁଇ ଜଣ ଶିକ୍ଷୟିତ୍ରୀ ଶିକ୍ଷାଦାନ କରୁଛନ୍ତି। ପାଠପଢ଼ା ସାଙ୍ଗକୁ ବିଭାଗୀୟ କାଗଜପତ୍ର ଓ ମଧ୍ୟାହ୍ନ ଭୋଜନ ଦାୟିତ୍ୱ ତୁଲାଇଲା ବେଳକୁ ଶିକ୍ଷାଦାନରେ ବାଧାପ୍ରାପ୍ତ ସୃଷ୍ଟି ହେଉଛି। ଅପରପକ୍ଷେ ବିଦ୍ୟାଳୟର ଭିତ୍ତିଭୂମିରେ ଅବ୍ୟବସ୍ଥା ଥିବାରୁ ସନ୍ଧ୍ୟା ସମୟରେ ମଦ୍ୟପ ମାନେ ଆଡ଼ା କରୁଥିବା ଜଣାପଡ଼ିଛି। ବିଦ୍ୟାଳୟର ଶ୍ରେଣୀ ଗୃହ ଖଣ୍ଡିଆଖାବରା ହୋଇଥିବା ବେଳେ ଆବଶ୍ୟକୀୟ କୋଠରୀ ନଥିବାରୁ କୋମଳମତୀ ଛାତ୍ରଛାତ୍ରୀ ମାନେ ତଳେ ବସି ପାଠପଢୁଥିବାରୁ ସେମାନଙ୍କ ଡ୍ରେସପଟା ଚିରିଯାଉଛି ବୋଲି ପିଲାମାନେ କହନ୍ତି। ଶୌଚାଳୟର ଅବସ୍ଥା କହିଲେ ନସରେ। ଯେଉଁ ଦୁଇ ଗୋଟି ଶୌଚାଳୟ ରହିଅଛି ସେ ପୁଣି ଜରାଜୀର୍ଣ୍ଣ ଅବସ୍ଥାରେ, ତାହା ଉପରେ ଲଟା ସବୁ ମାଡ଼ିଯାଇ ବ୍ୟବହାର ଅନୁପଯୋଗି ହୋଇପଡ଼ିଛି। ମହିଳା ଶିକ୍ଷୟିତ୍ରୀ ମାନେ ସେଠାରେ କାର୍ଯ୍ୟରତ ଥିବାରୁ ଛାତ୍ରଛାତ୍ରୀ ଓ ଶିକ୍ଷୟିତ୍ରୀମାନଙ୍କୁ ଶୌଚ ହେବା ପାଇଁ ସମସ୍ୟା ଦେଖାଦେଇଛି। ସେହିପରି ବିଦ୍ୟାଳୟର ସମ୍ମୁଖ ଭାଗରେ ପାଚେରି ଥିବା ବେଳେ ପଛଭାଗରେ ପାଚେରୀ ନିର୍ମାଣ ହୋଇନଥିବାରୁ ମଦ୍ୟପ ମାନେ ପଶି ଆଡ଼ା ଜମାଉଛନ୍ତି ବୋଲି କୁହାଯାଉଛି। ଏଥିପ୍ରତି ରାଜ୍ୟ ସରକାର ଓ ବଡ଼ଚଣା ବିଧାୟକ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଆବଶ୍ୟକୀୟ ଶିକ୍ଷକ ଯୋଗାଇଦେବା ସାଙ୍ଗକୁ ବିଦ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଚୋରା ମଦ ବ୍ୟବସାୟୀ ଗିରଫ

**କୟାଁଗୋଲା, ୨୬।୯ (ସମିସ):** କୟାଁ ଛକରେ ବହୁ ଦିନ ଧରି ଚୋରାରେ ମଦ ବିକ୍ରି କରୁଥିବା ବାଇଧର ମଲ୍ଲିକଙ୍କୁ ପୁଲିସ୍ ଗିରଫ କରିଛି। ସୂଚନା ମୁତାବକ ମଙ୍ଗଳପୁର ଥାନା ଅନ୍ତର୍ଗତ କୟାଁ ଛକ ବାଇଧର ଚୋରାରେ ମଦ ବେପାର କରୁଥିଲା। ଗତକାଲି ରାତିରେ ପୁଲିସ ଗିରଫ କରିଥିଲା। ପୁଲିସ ୨୭୧/୨୫ ମାମଲା ଏକ ରୁଜୁ କରି ଆଜି ଅଦାଲତ ଚାଲାଣ କରିଛି। ଏ ନେଇ ଏଏସ୍‌ଆଇ ସଂଯୁକ୍ତା ପଣ୍ଡା ସୂଚନା ଦେଇଛନ୍ତି।

## ସରପଞ୍ଚଙ୍କ ବିରୋଧରେ ଥିବା ଅନାସ୍ଥା

## ସପକ୍ଷରେ ଉପଜିଲ୍ଲାପାଳଙ୍କୁ ଦାବିପତ୍ର



**ଯାଜପୁର, ୨୬।୯ (ସମିସ):** ଗତ କିଛିଦିନ ତଳେ ବିଞ୍ଝାରପୁର ବ୍ଲକ ରଣପୁର ପଞ୍ଚାୟତର ସରପଞ୍ଚଙ୍କ ବିରୁଦ୍ଧରେ ୧୧ଜଣ ସଦସ୍ୟ ଅନାସ୍ଥା ପ୍ରକଟ କରି ଉପଜିଲ୍ଲାପାଳଙ୍କ ନିକଟରେ ସଦସ୍ୟ ଦସ୍ତଖତ ପ୍ରଦାନ କରିଥିଲେ। କିନ୍ତୁ ଶୁକ୍ରବାର ଦିନ ସରପଞ୍ଚଙ୍କ ସପକ୍ଷରେ କେତେକ ୱାର୍ଡ଼ ସଭ୍ୟ/ସଭ୍ୟା ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ନିୟମିତ ବୈଠକ ହେଉଥିବା ବେଳେ ସରକାରଙ୍କ ନିୟମ ଅନୁଯାୟୀ ସମସ୍ତ କାର୍ଯ୍ୟ ଜାରି ରହିଛି। ଏହାକୁ ସହି ନ ପାରି କେତେକ ସଦସ୍ୟ/ସଦସ୍ୟା ସରପଞ୍ଚଙ୍କ ବିରୁଦ୍ଧରେ ଅନାସ୍ଥା ଆଣିବା ପାଇଁ ଉପଜିଲ୍ଲାପାଳଙ୍କ ନିକଟରେ ଦସ୍ତଖତ କରି ପ୍ରଦାନ କରିଛନ୍ତି। ଏହି ସଦସ୍ୟ ମଧ୍ୟରୁ କେତେକଙ୍କ ଦସ୍ତଖତ ଜାଲ୍ କରାଯାଇଥିବା ନେଇ ସପକ୍ଷବାଦୀ ଅଭିଯୋଗ କରିଛନ୍ତି। ସମ୍ପୂର୍ଣ୍ଣ ଦସ୍ତଖତକୁ ଯାଞ୍ଚ କରାଗଲେ ଏହାର ରହସ୍ୟ ଉନ୍ମୋଚନ ହୋଇପାରିବ ବୋଲି ନିରଞ୍ଜନ ସାମଲ, ସନ୍ଧ୍ୟାରାଣୀ ଦାସ ସମେତ କେତେକ ସଦସ୍ୟ ଅଭିଯୋଗ କରି ଉପଜିଲାପାଳ ତାପସ ରଞ୍ଜନ ଦେହୁରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ଯେ, ଗତ କିଛିଦିନ ତଳେ ରଣପୁର ପଞ୍ଚାୟତ ସରପଞ୍ଚ ପ୍ରିୟଙ୍କା ଜେନା ଦୀର୍ଘ ୩ ବର୍ଷ ହେବ କୌଣସି ଉନ୍ନୟନମୂଳକ କାର୍ଯ୍ୟ କରୁନାହାଁନ୍ତି କି କାହା କଥା ଶୁଣୁନାହାଁନ୍ତି ବୋଲି ଅଭିଯୋଗ ହୋଇଥିଲା। ଏହି ଅଭିଯୋଗକୁ ଖଣ୍ଡନ କରି ଶୁକ୍ରବାର ଦିନ କିଛି ୱାର୍ଡ଼ ସଦସ୍ୟ/ସଦସ୍ୟା ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

## ଲକ୍ଷ୍ମୀ ବସ୍ ଗ୍ରାମକୁ ଯିବା ପାଇଁ ଦାବିପତ୍ର

**ଯାଜପୁର, ୨୬।୯ (ସମିସ):** ଲକ୍ଷ୍ମୀ ବସ୍ ଆହୁରି ୨କିମି ଆଗକୁ ଯିବା ପାଇଁ ଗୁରୁବାର ଦିନ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନାନୁଯାୟୀ, ଦଶରଥପୁର ବ୍ଲକର ସାଇଁକୁଳ, ବଡସିଂହା, ଚମ୍ପା ଓ ଅଜିପୁର ଗ୍ରାମବାସୀଙ୍କ କହିବା ଅନୁଯାୟୀ ଗ୍ରାମକୁ ଲକ୍ଷ୍ମୀ ବସ୍ କିମ୍ବା ଅନ୍ୟ କୌଣସି ବଡ଼ଗାଡ଼ି ଯାଉନାହିଁ। ଯାହାଫଳରେ ଉକ୍ତ ଗ୍ରାମର ଲୋକମାନେ ଯିବାଆସିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲକ୍ଷ୍ମୀ ବସ୍ ବୃନ୍ଦାବନପୁର ଠାରୁ ଭାୟା ଯାଜପୁର ଦେଇ ଦଶରଥପୁର ପର୍ଯ୍ୟନ୍ତ ଯାଉଛି। ଉକ୍ତ ବସ୍‌ଟି ଯଦି ଆଉ ୨କିମି ବଢ଼ାଯାଇ ସାଇଁକୁଳ, ଚମ୍ପା, ବଡସିଂହା ଓ ଅଜିପୁର ପର୍ଯ୍ୟନ୍ତ ବସ୍ ରୁଟ୍ କରାଯାଆନ୍ତା, ତେବେ ଉକ୍ତ ଗ୍ରାମବାସୀ ଯାତାୟାତ କରିବାରେ ସୁବିଧା ପାଇପାରନ୍ତେ। ତେବେ ଏନେଇ ଉକ୍ତ ଗ୍ରାମର ଲଲାଟେନ୍ଦୁ ପତି, ରେବତୀ ଜେନା, ଅବନି ଯେନା, ଭାମା ଜେନା, ଗିତାଳି ପଣ୍ଡା, ଶଶିରେଖା ପଣ୍ଡା, ସୁରାଣି ଯେନା ପ୍ରମୁଖ ଏହି ଲକ୍ଷ୍ମୀ ବସ୍ ଆଉ ୨ କି.ମି ଗଡ଼ାଯିବା ପାଇଁ ଗ୍ରାମବାସୀମାନେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

## ବନ୍ୟଜନ୍ତୁ ପ୍ରପୀଡ଼ିତ ସୁରକ୍ଷା ପରିଷଦର ଆଲୋଚନାଚକ୍ର




**କେନ୍ଦୁଝର,୨୬।୯ (ସମିସ):** କେନ୍ଦୁଝରର ବହୁଚର୍ଚ୍ଚିତ ୨୦୦୧ ହାତୀ ଆନ୍ଦୋଳନ ତଥା ପୁଲିସ ଗୁଳିର ଶିକାର ହୋଇଥିବା ଆନ୍ଦୋଳନକାରୀ ଏବଂ ବୁଦ୍ଧିଜୀବୀଙ୍କୁ ନେଇ ଗଠିତ ବନ୍ୟଜନ୍ତୁ ପ୍ରପୀଡ଼ିତ ସୁରକ୍ଷା ପରିଷଦ ପକ୍ଷରୁ କେନ୍ଦୁଝର ସହରର ରୋଟାରି କ୍ଲବ ପରିସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପରିଷଦର ବରିଷ୍ଠ ସଦସ୍ୟ ରାଧାକାନ୍ତ ମହାନ୍ତଙ୍କ ନେତୃତ୍ୱରେ କୁମୁଦିନୀ ସାହୁ, ସଞ୍ଜୟ କୁମାର ପଣ୍ଡା, କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ବନ୍ୟଜନ୍ତୁ ପ୍ରପୀଡ଼ିତଙ୍କ ସୁରକ୍ଷା ପାଇଁ ଏବଂ ଶସ୍ୟର କ୍ଷତିପୂରଣ ବୃଦ୍ଧି ପାଇଁ ଦାବି କରିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହାତୀ ଆକ୍ରମଣରେ ମଣିଷର ମୃତ୍ୟୁ ହେଲେ ପରିବାରକୁ ୬ଲକ୍ଷ କ୍ଷତିପୂରଣ ବଦଳରେ ୧୦ଲକ୍ଷ ଟଙ୍କାକୁ ବୃଦ୍ଧି କରିଥିବାରୁ କର୍ମକର୍ତ୍ତାମାନେ ଧନ୍ୟବାଦ ଦେଇଥିଲେ। ଆଗାମୀ ଦିନରେ ବନ୍ୟଜନ୍ତୁ ପ୍ରପୀଡ଼ିତ ସୁରକ୍ଷା ପାଇଁ ବିଭିନ୍ନ ପ୍ରସ୍ତାବ ମାନ ଦେଇଥିଲେ ଉପସ୍ଥିତ ବୁଦ୍ଧିଜୀବୀ। ବନ୍ୟଜନ୍ତୁ ପ୍ରପୀଡ଼ିତ ସୁରକ୍ଷା ପରିଷଦର ବରିଷ୍ଠ ସଦସ୍ୟ ବେଣୁଧର ମହାନ୍ତ ସଭା ପରିଚାଳନା କରିଥିବାବେଳେ ପରିବେଶବିତ ଭକ୍ତବତ୍ସଳ ମହାନ୍ତି, ଦେବରାଜ ଆଚାର୍ଯ୍ୟ, ସଂଗ୍ରାମ ଦାସ, ଦିଲ୍ଲୀପ କୁମାର ସାହୁ, ବଳଭଦ୍ର ମହାନ୍ତ, ଭୈରବ ମହାନ୍ତ, ସତ୍ୟଜିତ ମିଶ୍ର, ଯଜ୍ଞପ୍ରସାଦ ସାହୁ ପ୍ରମୁଖ ମତାମତ ଏବଂ ପ୍ରସ୍ତାବ ରଖିଥିଲେ।

## ଓସିଏସ୍ ପାଇଲେ ମୋନାଲିସା ଓ ସାଇକୃଷ୍ଣ





**ଯାଜପୁର, ୨୬।୯ (ସମିସ):** ଚଳିତ ଓଡ଼ିଶା ପବ୍ଲିକ ସର୍ଭିସ କମିଶନଙ୍କ ଦ୍ୱାରା ପରିଚାଳିତ ଓପିଏସସି ପରୀକ୍ଷାରେ ୯୧ର୍‌ୟାଙ୍କ ରଖି କୃତକାର୍ଯ୍ୟ ହୋଇଛନ୍ତି ଯାଜପୁର ଭୀମକରପୁର ଅଞ୍ଚଳର ମୋନାଲିସା ରାଉତ। ମୋନାଲିସା ଓପିଏସ୍‌ସି ପରୀକ୍ଷା ୨ଥର ଦେଇ ପାଇନଥିବା ବେଳେ ତୃତୀୟ ଥରରେ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ବରୀ ବ୍ଲକ ଅନ୍ତର୍ଗତ ଅଙ୍ଗାଳୋ ଗ୍ରାମର ଇଂ.ସାଇକୃଷ୍ଣ ସାମଲ ୭୭ର୍‌ୟାଙ୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ସେ ବର୍ତ୍ତମାନ ବାଙ୍ଗାଲୋର୍‌ରେ ସିନିୟର ସଫ୍ଟୱେର ଇଂଜିନିୟର ଭାବେ କାର୍ଯ୍ୟରତ ଅଛନ୍ତି। ସେ ନୋଟାରୀ ପବ୍ଲିକ୍ ଅମ୍ବିକା ପ୍ରସାଦ ସାମଲ ଓ ବାଣିଶ୍ରୀ ସାମଲଙ୍କ ଏକମାତ୍ର ପୁତ୍ର ଅଟନ୍ତି।

## ତାରିଣୀ ପାଇଲେ ଓସିଏସ୍



**ଧର୍ମଶାଳା, ୨୬।୯ (ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ହରିଦାସପୁର ଗ୍ରାମପଞ୍ଚାୟତସ୍ଥିତ ଚାରବାଟିଆ ଗ୍ରାମର ପ୍ରମୋଦ କୁମାର ଗୋଛାୟତଙ୍କ ପୁଅ ତାରିଣୀ ପ୍ରସାଦ ଗୋଛାୟତ ୨୦୨୩ ବର୍ଷ ଓସିଏସ୍ ପରୀକ୍ଷାରେ ୯୯ତମ ରାଙ୍କରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ତାରିଣୀଙ୍କ ବାପା ଜଣେ ଇଂଜିନିୟର, ମା' ରାଜଲକ୍ଷ୍ମୀ ବେହେରା ଜଣେ ଶିକ୍ଷୟିତ୍ରୀ। ବିଧାୟକ ହିମାଂଶୁ ଶେଖର ସାହୁ, ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଷାନ ପଣ୍ଡା ଶ୍ରୀ ଗୋଛାୟତଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଘରେ ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ପାଣିକୋଇଲି, ୨୬।୯ (ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ଜହ୍ନା ପଞ୍ଚାୟତ ନରପଦା ଗ୍ରାମରେ ଜଣେ ଯୁବକ ରଶି ଲଗାଇ ଆତ୍ମହତ୍ୟା କରିଛି। ଖବର ପାଇ ପୁଲିସ ଏକ ଅପମୃତ୍ୟୁ ମାମଲା ୩୫/୨୫ ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି। ପ୍ରକାଶଯେ ନରପଦା ଗ୍ରାମର ଚକ୍ରଧର ସାହୁଙ୍କ ପୁଅ ଆଶିଷ କୁମାର ସାହୁ(୨୪) କୌଣସି କାରଣରୁ ନିଜ ଘରେ ରଶି ଲଗାଇ ଆତ୍ମହତ୍ୟା କରିଥିଲା। ପରିବାର ପକ୍ଷରୁ ଏହା ଜାଣି ତାକୁ ଉଦ୍ଧାର କରି ଯାଜପୁରରୋଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ଏନେଇ ପାଣିକୋଇଲି ଥାନାରେ ଜଣାଇବା ପରେ ଶଙ୍ଖଚିଲା ଫାଣ୍ଡି ଅଧିକାରୀ ଦେବବ୍ରତ ମହାନ୍ତି ମେଡିକାଲରେ ପହଞ୍ଚି ପଞ୍ଚନାମା କରି ଶବ ବ୍ୟବଚ୍ଛେଦ ପାଇଁ ଦାନଗଦି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ବ୍ୟବଚ୍ଛେଦ ପରେ ତାର ମୃତ ଶରୀରକୁ ପରିବାରକୁ ହସ୍ତାନ୍ତର କରାଯାଇଛି। ହେଲେ ଆଶିଷ କେଉଁ କାରଣରୁ ଆତ୍ମହତ୍ୟା କଲା ତାହା ଏବେ ବି ଅସ୍ପଷ୍ଟ ରହିଛି।

## ପ୍ରସ୍ତାବିତ ୨୩୩ କେଭି ବିଦ୍ୟୁତ୍ ଗ୍ରୀଡ୍ ସ୍ଥାପନସ୍ଥଳରେ ପହଞ୍ଚିଲେ ଜିଲ୍ଲାପାଳ

ଦଶରଥପୁର, ୨୫।୯ (ସମିସ)

ଓପିଟିସିଏଲ ପକ୍ଷରୁ ଯାଜପୁର, ଦଶରଥପୁର ଓ ବିଞ୍ଝାରପୁର ଅଞ୍ଚଳର ବିଦ୍ୟୁତ ସମସ୍ୟା ଦୂର ପାଇଁ ଦଶରଥପୁର ବ୍ଲକ ଖଣ୍ଡରା ପଞ୍ଚାୟତ ରଣୁଆ ମୌଜାରେ ୨୩୩ କେଭି ବିଦ୍ୟୁତ ଗ୍ରୀଡ୍ ସ୍ଥାପନ ନିମନ୍ତେ ପୂର୍ବ ସରକାରଙ୍କ ପକ୍ଷରୁ ଅର୍ଥ ମଞ୍ଜୁର ହେବା ସହିତ ବିଦ୍ୟୁତ ଗ୍ରୀଡ୍ ପାଇଁ ଉଦ୍ଦିଷ୍ଟ ଜମି ଅଧିଗ୍ରହଣ ପ୍ରକ୍ରିୟା ଗ୍ରାମସଭା ମାଧ୍ୟମରେ କରାଯିବାକୁ ସ୍ଥିର ହୋଇଥିଲା। ପୂର୍ବତନ ଖଣ୍ଡରା ସରପଞ୍ଚ ଚିତ୍ତରଞ୍ଜନ ସାହୁଙ୍କ ସଞ୍ଚାଳନରେ ୨୦୨୪ ମସିହା ସେପ୍ଟେମ୍ବର ମାସରେ ଅନୁଷ୍ଠିତ ଗ୍ରାମସଭାରେ ସଂଖ୍ୟାଧିକ ଗ୍ରାମବାସୀ ରଣୁଆ ମୌଜାରେ ବିଦ୍ୟୁତ ଗ୍ରୀଡ଼ ସ୍ଥାପନକୁ ବିରୋଧ କରିଥିଲେ। ଯେଉଁଥିରେ ପ୍ରସ୍ତାବିତ ବିଦ୍ୟୁତ ଗ୍ରୀଡ୍ ସ୍ଥାପନା ନିକଟରେ ଥିବା ପଞ୍ଚାୟତର ସର୍ବବୃହତ ଶିକ୍ଷାନୁଷ୍ଠାନର ଶତାଧିକ ଛାତ୍ରଛାତ୍ରୀ ଶାରୀରିକ ଭାବେ କ୍ଷତିଗ୍ରସ୍ଥ ହେବା ସହିତ ସ୍ଥାନୀୟ ଅଞ୍ଚଳର ଚାଷୀକୁଳ, ଗୋ-ପାଳକ ସର୍ବାଧିକ ପ୍ରଭାବିତ ହେବାର ଆଶଙ୍କା ରହିଥିଲା। ଗ୍ରାମବାସୀଙ୍କ ଏପରି ଦୃଢ ବିରୋଧ ପରେ ଗ୍ରାମସଭା ଏକ ପ୍ରକାର ଫେଲ ମାରିଥିଲା।ମାତ୍ର ଓପିଟିସିଏଲ କର୍ତ୍ତୃପକ୍ଷ ହଠାତ ଗତ ଅପ୍ରେଲ ମାସରେ ପୁଲିସ ପ୍ରଶାସନ ସହାୟତା



ନେଇ ବଳପୂର୍ବକ ଜମି ଅଧିଗ୍ରହଣ ପକ୍ରିୟା ଆଗେଇ ନେବା ସହିତ ପ୍ରସ୍ତାବିତ ଜମିରେ ଅସ୍ଥାୟୀ ପିଲର ବସାଇବାକୁ ନେଇ ଗ୍ରାମବାସୀ ବିଦ୍ୟୁତ ବିଭାଗ କର୍ତ୍ତୃପକ୍ଷ ଏବଂ ଜମି ଅଧିଗ୍ରହଣରେ ସାମିଲ ଜିଲ୍ଲା ପ୍ରଶାସନ ଅଧିକାରୀଙ୍କୁ ପକ୍ଷଭୁକ୍ତ କରି ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଥିଲେ। ଏପରିକି ପ୍ରସ୍ତାବିତ ବିଦ୍ୟୁତ ଗ୍ରୀଡ୍ ସ୍ଥାପନକୁ ବାତିଲ କରିବା ନେଇ ଯାଜପୁର ଜିଲ୍ଲପାଳଙ୍କ ଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ନିକଟରେ ଲିଖିତ ଅପିଲ କରିଥିଲେ। ଗ୍ରାମବାସୀଙ୍କ ଭାବାବେଗକୁ ଦୃଷ୍ଟିରେ ରଖି ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଯାଜପୁର ଜିଲ୍ଲପାଳଙ୍କୁ କ୍ଷେତ୍ର ନିରୀକ୍ଷଣ କରି ପ୍ରସ୍ତାବିତ ବିଦ୍ୟୁତ ଗ୍ରୀଡ୍ ସ୍ଥାପନା ଉପରେ ରିପୋର୍ଟ କରିବାକୁ ଅବଗତ କରିବା ପରେ ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ଅମ୍ବର କୁମାର କର ରଣୁଆ ଗ୍ରାମରେ ପହଞ୍ଚି ପ୍ରସ୍ତାବିତ ବିଦ୍ୟୁତ ଗ୍ରୀଡ ସ୍ଥାପନକୁ ଗ୍ରାମବାସୀଙ୍କ ବିରୋଧର କାରଣ ଗୁଡିକୁ ନିରୀକ୍ଷଣ କରିବା ସହିତ ଚାଷଜମି ହରାଉଥିବା ଏକାଧିକ ଚାଷୀଙ୍କ ଅଭିଯୋଗ ଶୁଣିବା ସହିତ ଘଟଣା ସ୍ଥଳରେ ଉପସ୍ଥିତ ଜିଲ୍ଲା ଜମି ଅଧିଗ୍ରହଣ ଅଧିକାରୀ ବାସୁଦେବ ନାୟକ ଏବଂ ଓପିଟିସିଏଲ ଡିଜିଏମ ଉମାକାନ୍ତ ରାଉତଙ୍କ ଠାରୁ ଗ୍ରୀଡ୍ ସ୍ଥାପନାର ସମସ୍ତ କାର୍ଯ୍ୟକ୍ରମ ରୂପରେଖ ପଚାରି ବୁଝିଥିଲେ। ଏହି ସମୟରେ ଉପସ୍ଥିତ ଗ୍ରାମବାସୀ ଜିଲ୍ଲାପାଳ ଶ୍ରୀ କରଙ୍କୁ ପ୍ରାକ୍ତନ ଜିଲ୍ଲା ପ୍ରଶାସନ ମୁଖ୍ୟ ଏବଂ ଓପିଟିସିଏଲ କର୍ତ୍ତୃପକ୍ଷ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ନିଜ ପକ୍ଷ ରଖି ଶତାଧିକ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବିଦ୍ୟାଳୟ ଭିତ୍ତିଭୂମିର ୩ଶହ ମିଟର ଦୂରତା ଅବଧି ବାହାରେ ଜମି ଅଧିଗ୍ରହଣ କରିବାକୁ ଲିଖିତ ଭାବେ ଜଣାଇଥିବା ବେଳେ ନ୍ୟାୟାଳୟରେ ରଖିଥିବା ଲିଖିତ ପକ୍ଷନାମାକୁ ଉଲ୍ଲଙ୍ଘନ କରି ମାତ୍ର ୨୦୫ ମିଟର ଅବଧିରେ ଜମି ଅଧିଗ୍ରହଣ କରିଛନ୍ତି। ଯାହା ସମ୍ପୂର୍ଣ୍ଣ ବେଆଇନ ତଥା ଦୋଷଯୁକ୍ତ। ସମସ୍ତ ଆପତ୍ତି ଅଭିଯୋଗ ଶୁଣିବା ପରେ ଜିଲ୍ଲାପାଳ ଶ୍ରୀ କର ପ୍ରସ୍ତାବିତ ବିଦ୍ୟୁତ ଗ୍ରୀଡ୍ ସ୍ଥାପନକୁ ନେଇ ପୁନଶ୍ଚ ଅନ୍ୟ ଏକ ବିଶେଷଜ୍ଞ ଟିମକୁ ଏହାର ନିରୀକ୍ଷଣ ଦାୟୀତ୍ୱ ଦିଆଯିବ ଏବଂ ଉକ୍ତ ବିଶେଷଜ୍ଞ ଟିମର ନିରୀକ୍ଷଣ ରିପୋର୍ଟ ଯାଞ୍ଚ ପରେ ପ୍ରସ୍ତାବିତ ବିଦ୍ୟୁତ ଗ୍ରୀଡ୍‌ର ଭାଗ୍ୟ ନିର୍ଦ୍ଧାରଣ ହେବ ବୋଲି କହିଛନ୍ତି।

# କାଠ ମାଫିଆଙ୍କ ବିରୋଧରେ ଡିଏଫ୍‌ଓଙ୍କୁ ଅଭିଯୋଗ

ବୀରମହାରାଜପୁର,୨୬।୯ (ସମିସ)



ସୁବର୍ଣ୍ଣପୁର ବନଖଣ୍ଡ ବୀରମହାରାଜପୁର ରେଞ୍ଜ ଅନ୍ତର୍ଗତ ବହଳପଦର ପଞ୍ଚାୟତର ହାତିଲିମୁଣ୍ଡା ଜଙ୍ଗଲରୁ ମୂଲ୍ୟବାନ ଗଛକୁ ଦୁର୍ବୃର୍ତ୍ତ କାଟି ଦେଇଥିବାରୁ ଗ୍ରାମର ଶତାଧିକ ମହିଳା ସୁବର୍ଣ୍ଣପୁର ବନଖଣ୍ଡ ଅଧିକାରୀଙ୍କୁ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ହାତିଲିମୁଣ୍ଡା ଗ୍ରାମର ପ୍ରାୟ ୯୫ ପ୍ରତିଶତ ଲୋକ ଆଦିବାସୀ ଅଟନ୍ତି। ଗ୍ରାମର ସମସ୍ତେ ଜଙ୍ଗଲ ଉପରେ ନିର୍ଭର କରନ୍ତି। ଏବେ ସେହି ଜଙ୍ଗଲକୁ ନିକଟସ୍ଥ ଗ୍ରାମର କେତେକ ଲୋକ ଯାଇ ଗଛ ଗୁଡ଼ିକୁ ବେଧଡକ କାଟି ଦେଉଛନ୍ତି। କିଛି ବର୍ଷ ପୂର୍ବରୁ ଉକ୍ତ ଜମିରେ ବନ ବିଭାଗ ତରଫରୁ ଚାରାରୋପଣ କରାଯାଇଥିଲା। ବନ ବିଭାଗ ଉକ୍ତ ସ୍ଥାନରେ ଶାଗୁଆନ, ଶିଶୁ, ଖଇର ଆଦି ମୂଲ୍ୟବାନ ଗଛ ଲଗାଇ ସେଗୁଡ଼ିକର ରକ୍ଷଣାବେକ୍ଷଣ କରୁଥିଲା। ଏବେ ଉକ୍ତ ସ୍ଥାନରେ ପ୍ରାୟ ୨ଶହ ଏକରରୁ ଅଧିକ ଜମିରର ଜଙ୍ଗଲରେ ଗଛ କଟା ବେଧଡକ ଭାବେ ହୋଇଛି। ଏନେଇ ଗ୍ରାମର ମହିଳାମାନେ ବନ ବିଭାଗ ଓ ତହସିଲଦାରଙ୍କୁ ଅଭିଯୋଗ କଲେ ମଧ୍ୟ କୌଣସି ପଦକ୍ଷେପ ନେଉନାହାନ୍ତି। ଫଳରେ ଗ୍ରାମର ମହିଳାମାନେ ସୁବର୍ଣ୍ଣପୁର ଡିଏଫଓ ମଦନଲାଲ ଶର୍ମାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଜଙ୍ଗଲ ଜମି ତହସିଲ ଅଧୀନରେ ରହିଛି ବୋଲି ପ୍ରକାଶ କରିଥିଲେ। ହାତିଲିମୁଣ୍ଡା ଗ୍ରାମର ତିଳୋତ୍ତମା ଭୋଇ,ରିନା ଛତ୍ରିଆ, ବନିତା ଭୋଇ,ପିଙ୍କି ଭୋଇ,ଆରତୀ ଭୋଇ ,୬ସାବିତ୍ରୀ ଭୋଇ,ଉମା ଭୋଇଙ୍କ ସମତେ ଶତାଧିକ ମହିଳା ଡିଏଫଓ ଙ୍କ ନିକଟକୁ ଯାଇ ଦାବିପତ୍ର ପ୍ରଦାନ କରିଛନ୍ତି। ତେବେ ବନ ବିଭାଗ ଉକ୍ତ ଜଙ୍ଗଲ ର ସୁରକ୍ଷା ପାଇଁ ପଦକ୍ଷେପ ନେବାକୁ ସାଧାରଣ ରେ ଦାବୀ ହେଉଛି।

## ସୌର ପାନୀୟ ଜଳ ପ୍ରକଳ୍ପ ଅଚଳ



ଶଗଡା,୨୬।୯ (ସମିସ): ଗ୍ରାମାଞ୍ଚଳର ଲୋକଙ୍କ ସୁବିଧା ନିମନ୍ତେ ସୋଲାର ପ୍ରକଳ୍ପ ମାଧ୍ୟମରେ ପାନୀୟ ଜଳର ବନ୍ଦୋବସ୍ତ କରାଯାଉଛି; କିନ୍ତୁ ତାହାର ଯତ୍ନ ନିଆ ଯାଉନାହିଁ। ଏହାଫଳରେ କିଛିମାସ କାମ କଲାପରେ ତାହା ନଷ୍ଟ ହୋଇଯାଉଛି। କଣ୍ଢାମାଳ ବ୍ଲକ ବରଗାଁ ପଞ୍ଚାୟତ ବାଞ୍ଜିମୁଣ୍ଡା ଗ୍ରାମରେ ଲୋକଙ୍କ ନିମନ୍ତେ ୫ ହଜାର ଲିଟର ବିଶିଷ୍ଟ ଟାଙ୍କି ଲଗାଯାଇ ଶୌରଶକ୍ତି ଦ୍ୱାରା ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଛି; କିନ୍ତୁ ଦୀର୍ଘଦିନ ହେବ ପ୍ରକଳ୍ପର ପାଇପ ଖରାପ ହୋଇଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମରେ ଜଳ ଯୋଗାଣ ବନ୍ଦ ଥିବାରୁ ୨୦ଟି ପରିବାରର ଲୋକେ ଅସୁବିଧା ସମ୍ମୁଖୀନ ହେଉଛନ୍ତି। ଅଭିଯୋଗ ପରେ ବି କେହି ଶୁଣୁ ନ ଥିବା ଗାଁ ଲୋକେ କହୁଛନ୍ତି।

## ସାର୍ଥକ ମହାପାତ୍ର ଓଏଏସ୍ ପରୀକ୍ଷାରେ କୃତକାର୍ଯ୍ୟ

ବୌଦ୍ଧ,୨୬।୯ (ସମିସ): ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ ୨୨୦ ର୍‍ୟାଙ୍କ ରଖି ବୌଦ୍ଧର ସାର୍ଥକ ମହାପାତ୍ର କୃତକାର୍ଯ୍ୟ ହୋଇଛନ୍ତି। ଫଳାଫଳ ପ୍ରକାଶ



ପାଇବା ପରେ ତାଙ୍କୁ ସବୁ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ବୌଦ୍ଧ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ର ସାର୍ଥକ ରେଭେନ୍ସା ବିଦ୍ୟାଳୟରୁ ଭୂଗୋଳରେ ସ୍ନାତୋକତ୍ତର ଡିଗ୍ରୀ ହାସଲ କରିଛନ୍ତି। ବର୍ତ୍ତମାନ ସେ ପୁରୀ ମହିଳା କଲେଜରେ ଅତିଥି ଅଧ୍ୟାପକ ଭାବେ କାର୍ଯ୍ୟରତ। ତେବେ ସାର୍ଥକ ବୌଦ୍ଧ ସହର ସୁଦସାହି (ରାଜନପାଲୀ) ନିବାସୀ ଜୈମିନୀ ମହାପାତ୍ର ଓ ଶ୍ରୀମତୀ ଲିଲି ମହାପାତ୍ରଙ୍କ କନିଷ୍ଠ ପୁତ୍ର।

## ବୌଦ୍ଧରେ ଦୁର୍ଗାପୂଜା ପାଇଁ ଶାନ୍ତି କମିଟି ବୈଠକ




ବୌଦ୍ଧ,୨୬।୯ (ସମିସ): ବୌଦ୍ଧ ଜିଲ୍ଲାରେ ପାର୍ବଣ ସମୟରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ଶାନ୍ତି କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂଜା ମଣ୍ଡପଗୁଡିକର ବିଦ୍ୟୁତ ସଂଯୋଗ ଲାଗି ଅନୁମତି ନେବାକୁ ହେବ। ସେହିଭଳି ଅଗ୍ନିଶମ ବିଭାଗର ଅନୁମତି ଓ ମାଇକ ଲାଗି ଅନୁମତି ନେବାକୁ ପଡିବ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ ଜରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏସ୍‌ପି ରାହୁଲ୍ ଗୋୟଲ, ଅତିରିକ୍ତ ଏସ୍‌ପି ସୁବ୍ରତ ରାୟ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ ଜିଲ୍ଲାପାଳ ବିନୟ ଭୋଇ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଲରେନ୍ସ ରାଉତଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ। ବିଭିନ୍ନ ପୂଜା କମିଟିର ସଦସ୍ୟ ଓ ବିଭିନ୍ନ ସମ୍ପ୍ରଦାୟର ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ।

## ହିନ୍ଦୀ ପଖୱାଡା ଉଦ୍‌ଯାପନୀ କାର୍ଯ୍ୟକ୍ରମ




ତରଭା,୨୬।୯ (ସମିସ):ପିଏମଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ ତରଭାରେ ଗତ ୧୪ ରୁ ୨୮ ତାରିଖ ପର୍ଯ୍ୟନ୍ତ ଚାଲିଥିବା ହିନ୍ଦୀ ପଖୱାଡା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ବିଦ୍ୟାଳୟର ଅଧ୍ୟକ୍ଷ ନିଶିକାନ୍ତ ସାମ କୁଓରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ବରିଷ୍ଠ ହିନ୍ଦୀ ଶିକ୍ଷକ ପ୍ରବୀର କୁମାର ମଲ୍ଲିକ ମଞ୍ଚ ପରିଚାଳନା କରିଥିବା ବେଳେ ହିନ୍ଦୀ ଶିକ୍ଷକ ଧରମବୀର ସିଂହ, ଜଗନ୍ନାଥ ଶାସ୍ତ୍ରୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ହିନ୍ଦୀ ଦିବସ ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଗୋଗିତାର କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ କର୍ମଚାରୀ ସହଯୋଗ କରିଥିବା ବେଳେ ବରିଷ୍ଠ ଶିକ୍ଷକ ଶାଶ୍ୱତ ସାହୁ ଧନ୍ୟବାଦ୍ ଦେଇଥିଲେ।

## ତରଭା ଏନ୍‌ଏସିରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର




ତରଭା,୨୬।୯ (ସମିସ):ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦର ଟାଉନ ହଲରେ ନିର୍ବାହୀ ଅଧିକାରୀ ଲକ୍ଷ୍ମୀକାନ୍ତ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ସଫେଇ ମିତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ପରିମଳ ବିଶେଷଜ୍ଞ ହରିହର ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଏନ୍‌ଏସି ଅଧ୍ୟକ୍ଷା ବନ୍ଦିତା ନାଏକ ଉଦ୍‌ଘାଟନ କରିଥିଲେ।ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଗାୟତ୍ରୀ ପାଟଯୋଶୀ,ଫାର୍ମାସିଷ୍ଟ ଗଣେଶ ଗୌଡ଼, ସ୍ୱାସ୍ଥ୍ୟ କର୍ମୀ ରିତାଞ୍ଜଳୀ ମେହେର ଯୋଗଦେଇ ୭୫ ଜଣ ପରିମଳ କର୍ମଚାରୀ, ସଫେଇ ମିତ୍ର ଓ ଅନ୍ୟ ସମସ୍ତ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବିତରଣ କରିଥିଲେ। ଏହି ଅବସରରେ ଏକ ବଡା ଖାନା ମଧ୍ୟ ଅନୁଷ୍ଠିତ ହୋଇ ପରିମଳ କର୍ମଚାରୀ, ସଫେଇ ମିତ୍ର, ପରିଷଦର କର୍ମଚାରୀ, ୱାର୍ଡ ସଭ୍ୟସଭ୍ୟାଙ୍କ ସମେତ ସୁବର୍ଣ୍ଣପୁର ପିଡିଡ୍ରୁଡା ରାଜେନ୍ଦ୍ର ମାଝୀ,ସୁବର୍ଣ୍ଣପୁର ପୌରପରିଷଦ ନିର୍ବାହୀଅଧିକାରୀ ରୁଷି ମାଝୀ, ବିନକା ଏନ୍‌ଏସି ନିର୍ବାହୀ ଅଧିକାରୀ ମାନସ ରଞ୍ଜନ ଭୋଇ,ପ୍ରମୁଖ ଯୋଗଦାନ କରିଥିଲେ। ଶ୍ରୀ ଭୋଇ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମହୁଲ ପୋଚ ସହ ଦେଶୀ ମଦ ଜବତ

ଶଗଡା,୨୬।୯ (ସମିସ): କଣ୍ଢାମାଳ ଅବକାରୀ ବିଭାଗ ବିପୁଳ ମହୁଲ ପୋଚ ସହ ମଦ ଜବତ କରିଛି। ଅବକାରୀ ଏଏସ ଆଇ ପ୍ରିୟଜନ କହଁରଙ୍କ ନେତୃତ୍ୱରେ ଏକ ଟିମ କଣ୍ଢାମାଳ ଥାନା ବାଞ୍ଜିମୁଣ୍ଡା ଗ୍ରାମ ନିକଟ ନାଳରେ ଚଢ଼ଉ କରିଥିଲା। ସେଠାରୁ ୩୫୦ କେଜି ମହୁଲ ପୋଚ ସହ ୨୦ ଲିଟର ଦେଶୀ ମଦ ନଷ୍ଟ କରିଛି। ସେହିପରି ମନମୁଣ୍ଡା ଅବକାରୀ ବିଭାଗ ପକ୍ଷରୁ ସଦର ଥାନା ଡୁଙ୍ଗୁରିପାଲି ଗ୍ରାମ ନିକଟ ନାଳରେ ମଦ ପ୍ରସ୍ତୁତି ଚାଲିଥିବା ବେଳେ ଚଢ଼ଉ କରାଯାଇଥିଲା। ୩୫୦ କେଜି ମହୁଲ ପୋଚ ସହ ୩୦ ଲିଟର ଦେଶୀ ମଦ ନଷ୍ଟ କରାଯାଇଛି। ଏ ସମ୍ପର୍କରେ ଉଭୟ ଅବକାରୀ ଥାନାରେ ଦୁଇଟି ପୃଥକ ମାମଲା ରୁଜୁ ହୋଇଛି। ତେବେ ମାଫିଆମାନେ ଅବକାରୀ ଟିମ୍‌କୁ ଦେଖି ଘଟଣା ସ୍ଥଳରୁ ଫେରାର ମାରିଛନ୍ତି।

## ମହିଳାଙ୍କ ମୃତଦେହ ଉଦ୍ଧାର

ହରଭଙ୍ଗା,୨୬।୯ (ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ପୁରୁଣାକଟକ ଥାନା ବାରବାଣୀ ଗ୍ରାମରୁ ଶୁକ୍ରବାର ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହକୁ ପୁଲିସ ଉଦ୍ଧାର କରିଛି। ବାରବାଣୀ ଗ୍ରାମର ସଂଯୁକ୍ତା ବାଘ (୫୦) ନାମ୍ନୀ ଏହି ମହିଳାଙ୍କ ମୃତଦେହ ଏକ ବାଉଁଶ ଗୁଡା ନିକଟରେ ଝୁଲନ୍ତା ଅବସ୍ଥାରେ ଥିବା ଗାଁ ଲୋକେ ଦେଖିବାକୁ ପାଇଥିଲେ। ଖବର ପାଇ ହରଭଙ୍ଗା ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା। ପୁରୁଣାକଟକ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ବୌଦ୍ଧ ପଠାଇଛି।

## ବୌଦ୍ଧ ଆଦର୍ଶ କୃଷି ବଜାରରୁ ବାଇକ୍ ଚୋରି

ବୌଦ୍ଧ,୨୬।୯ (ସମିସ): ବୌଦ୍ଧ ସହର ନିୟନ୍ତ୍ରିତ ବଜାର କମିଟି ପରିଚାଳିତ ଆଦର୍ଶ କୃଷି ବଜାରରୁ ଜଣେ ବ୍ୟକ୍ତିଙ୍କ ବାଇକ୍ ଚୋରି ହୋଇଯାଇଥିବା ବୌଦ୍ଧ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପାଇବା ପରେ ବୌଦ୍ଧ ଆଦର୍ଶ ଥାନା ପୁଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ବୌଦ୍ଧ କେନ୍ଦ୍ରୀୟ ବିଦ୍ୟାଳୟର କର୍ମଚାରୀ ବିକ୍ରମ ସିହ୍ନା ତାଙ୍କ ପତ୍ନୀଙ୍କ ସହ ବାଇକ୍ ଯୋଗେ ପରିବା କିଣିବା ପାଇଁ ଆଦର୍ଶ କୃଷି ବଜାରକୁ ଆସିଥିଲେ। ବାଇକ ରଖା ଯାଉଥିବା ସ୍ଥାନରେ ଗାଡ଼ି ରଖି ପରିବା କିଣିବାକୁ ଯାଇଥିଲେ। ଫେରିବା ବେଳକୁ ବାଇକ ନ ଥିଲା। ଆଖପାଖରେ ଖୋଜାଖୋଜି କରି ନ ପାଇବାରୁ ବୌଦ୍ଧ ଥାନାରେ ଅଭିଯୋଗ କରିଛନ୍ତ। ପୁଲିସ ଆଦର୍ଶ ବଜାରରେ ଲାଗିଥିବା ସିସିଟିଭି ଫୁଟେଜ ଦେଖି ତଦନ୍ତ କରୁଛି। ଜଣେ ବ୍ୟକ୍ତି ବାଇକ୍ ଚୋରି କରି ଚାଲି ଯାଉଥିବା ପ୍ରମାଣ ମିଳିଛି। ଏହାକୁ ଆଧାର କରି ପୁଲିସ ତଦନ୍ତ ଆଗେଇଛି।

## ଗୋଛାବାରି ଜଙ୍ଗଲରୁ ମହିଳାଙ୍କ ମୃତଦେହ ଉଦ୍ଧାର

ହରଭଙ୍ଗା,୨୬।୯ (ସମିସ): ବୌଦ୍ଧ ଜିଲ୍ଲା ପୁରୁଣାକଟକ ଥାନା ଗୋଛାବାରୀ ଜଙ୍ଗଲରୁ ଶୁକ୍ରବାର ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଛି। ଗୋଛାବାରୀ ଗ୍ରାମର ରାଣିକା ସାହୁ ନିକଟସ୍ଥ ଜଙ୍ଗଲକୁ ଛେଳି ଚରାଇବାକୁ ଯାଇ ଜଙ୍ଗଲରେ ମହିଳାଙ୍କ ମୃତଦେହ ଦେଖିଥିଲେ। ଖବର ପାଇ ଲୋକଙ୍କ ଭିଡ ହୋଇଥିଲା। ସୂଚନା ପାଇ ପୁରୁଣାକଟକ ପୁଲିସ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ଘଟଣାର ଛାନଭିନ ଆରମ୍ଭ କରିଛି।

## ଅନ୍ତର୍ଜାତୀୟ ସାଙ୍କେତିକ ଭାଷା ସଚେତନତା ରାଲି




ବିନିକା,୨୬।୯ (ସମିସ): ଗତ ୨୨ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ବିଶ୍ୱବ୍ୟାପୀ ଆନ୍ତର୍ଜାତିକ ସାଙ୍କେତିକ ଭାଷା ଦିବସ ପାଳିତ ହୋଇଆସୁଛି।ଏହି ପରିପ୍ରେକ୍ଷୀରେ ବିନିକାରେ ଥିବା ହ୍ୟାପୀ ହେଣ୍ଡସ୍ ସ୍କୁଲର ଛାତ୍ରଛାତ୍ରୀ ମାନେ ଆନ୍ତର୍ଜାତୀୟ ସାଙ୍କେତିକ ଭାଷା ସଚେତନତା ରାଲି କରି ଏହାକୁ ନିରାଡମ୍ବର ଭାବରେ ପାଳନ କରିଥିଲେ। ଶୋଭାଯାତ୍ରାକୁ ବିନିକା ଏନ୍‌ଏସି ଅଧ୍ୟକ୍ଷ ସୁଭାଷ ଚନ୍ଦ୍ର ଭୋଇ ଓ ବିନିକା ଥାନା ଏସ ଆଇ ପ୍ରସଂଜିତ୍ ବେହେରା ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରା ବିନିକା ଏନ୍‌ଏସି ଛକଠାରୁ ମୁଖ୍ୟ ରାସ୍ତା ରଜାଜୀ ମାର୍ଗ,ଦୈନିକ ବଜାର, ତହସିଲ ଛକ ଦେଇ ଏନ୍‌ଏସିରେ ପହଞ୍ଚିଥିଲା। ଏହି ରାଲିର ଉଦ୍ଦ୍ୟେଶ ଶ୍ରବଣ ବାଧିତ ବ୍ୟକ୍ତିଙ୍କ ପାଇଁ ସାଙ୍କେତିକ ଭାଷା ଏକ ବରଦାନ। ସେମାନେ ପାଟିରେ କହି ଏବଂ କାନରେ ଶୁଣି ନ ପାରିଲେ ମଧ୍ୟ ହାତର ସଂକେତ ରେ କହି ଓ ଆଖିରେ ଦେଖି ପରସ୍ପର ସହ ଭାବର ଆଦାନ ପ୍ରଦାନ କରନ୍ତି।

## ଖଣ୍ଡହତାରେ କଂସ ଦରବାର ପାଇଁ ମହାରାଜ ବରଣ



ବୀରମହାରାଜପୁର,୨୬।୯ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ଖଣ୍ଡହତାରେ ଆସନ୍ତା ଅକ୍ଟୋବର ୬ତାରିଖରୁ ୧୩ ତାରିଖ ପର୍ଯ୍ୟନ୍ତ ୧୭ତମ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହେବ। ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ପ୍ରତ୍ୟେକ ଦିନ ରାତ୍ରୀରେ ହେବ କଂସ ମହାରାଜଙ୍କ ଦରବାର।

ଏଥିରେ ଚଳିତବର୍ଷ କଂସ ଭୂମିକାରେ ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ୍ ଆରିଗାଁର ପ୍ରସିଦ୍ଧ ମଞ୍ଚ କଳାକାର ଗୋପାଳ ଦାସ କଂସ ଭୂମିକାରେ ଅଂଶ ଗ୍ରହଣ କରିବେ।ଏଥିପାଇଁ ଶୁକ୍ରବାର କଂସ ମହାରାଜ ଙ୍କୁ ପୁଷ୍ପମାଲ୍ୟ, ଉତ୍ତରୀୟ ଓ ଗୁଆ ନଡିଆ ଦେଇ ବାରାନ କରାଯାଇଛି।

ଖଣ୍ଡହତା ଗଜଲକ୍ଷ୍ମୀ ପୂଜା କମିଟିର ସଭାପତି ରୁଦ୍ରପ୍ରକାଶ ମିଶ୍ରଙ୍କ ସମେତ ମଧୁସୂଦନ ମହକୁର, ସୁବାଷ ପଧାନ, ସୀତାକାନ୍ତ ଭୋଇ, ସୁଶାନ୍ତ କର୍ଣ୍ଣ, ବାବୁଲୁ ପ ଧାନ, ପୂର୍ଣ୍ଣଚନ୍ଦ୍ର ନାଏକ , ଟିକେଇ କର୍ମୀ, ଦଶରଥ ପଧାନ ପ୍ରମୁଖ କର୍ମ କର୍ତ୍ତା ମହାରାଜଙ୍କୁ ବରଣ ବେଳେ ଉପସ୍ଥିତ ଥିଲେ।

## ମିଶନ ଶକ୍ତି ସିଏସ୍‌ଏସ୍‌ଙ୍କ ଗଣଧାରଣା



ବୀରମହାରାଜପୁର,୨୬।୯ (ସମିସ): ବୀରମହାରାଜପୁର ବ୍ଲକ୍ କାର୍ଯ୍ୟାଳୟରେ ଏମବିକେ, ସିଆରପି, କୃଷିମିତ୍ରଙ୍କ ମିଳିତ ଗଣଧାରଣା ଦେବା ସହିତ ସରକାରଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ଦାବି ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜୀବ ହାଂସଦାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ୬ ମାସର ବକେୟା ଦରମା, ପୂର୍ବପରି ପାଉଥିବା ଦରମା, ଆକାଉଣ୍ଟରେ ଜମା ଦେବା, ସ୍ଥାୟୀ ନିଯୁକ୍ତି ଦାବିରେ ବ୍ଲକ୍ କାର୍ଯ୍ୟାଳୟରେ ସକାଳ ୧୦ଟାରୁ ଅପରାହ୍ନ ୪ଘଣ୍ଟା ପର୍ଯ୍ୟନ୍ତ ହୁଲସ୍ଥୁଲ କରିଥିଲେ। ବୀରମହାରାଜପୁର ବ୍ଲକ୍‌ର ୧୫ଟି ପଞ୍ଚାୟତର କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କ ସହ ସଭାନେତ୍ରୀ ମଥୁରା ପଧାନ ସମ୍ପାଦିକା ସସ୍ମିତା ବେହେରା ଓ ସମସ୍ତ ଏମବିକେ,ସିଆରପି ସାମିଲ ଥିଲେ। ଯଦି ଆଗାମୀ ଦିନରେ ଦାବୀଗୁଡିକ ପୂରଣ ନ ହେଲେ ଗଣଧାରଣା ଉଗ୍ରରୂପ ନେବ ବୋଲି ଚେତାବନୀ ଦେବା ସହ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଉଛନ୍ତି।

## ଫଳକରେ ସୀମିତ ବାହ୍ୟ ମଳମୁକ୍ତ ଗାଁ



ବୀରମହାରାଜପୁର,୨୬।୯ (ସମିସ): ସ୍ୱଚ୍ଛତା ଦିଗରେ ଆଉ ଗୋଟିଏ ପାଦ ଆଗେଇ ଲକ୍ଷ୍ୟରେ ସରକାର ସ୍ୱଚ୍ଛ ଭାରତ ମିଶନ ନାଁରେ ଲକ୍ଷ, ଲକ୍ଷ ଖର୍ଚ୍ଚ କରୁଛନ୍ତି। କିନ୍ତୁ ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଜଳ ଓ ପରିମଳ ବିଭାଗ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଦୂରଦୃଷ୍ଟି ଅଭାବରୁ ସ୍ୱଚ୍ଛତା ମିଶନ ବାଟବଣା ହୋଇପଡିଛି। ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) ନାଁରେ ବ୍ଲକ୍‌ର ବିଭିନ୍ନ ଗ୍ରାମରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ସତ୍ତ୍ୱେ ମଧ୍ୟ ପାଇଖାନା ଗୁଡ଼ିକ ଉନ୍ନତ ମାନର ହୋଇ ନ ଥିବାରୁ ବ୍ୟକ୍ତିଗତ ପାଇଖାନା ଆରମ୍ଭରୁ ଅଚଳ ହୋଇ ଖତଖାଉଛି।ଲୋକେ ଏବେବି ପୋଖରୀ ହୁଡ଼ା,ମୁଖ୍ୟ ରାସ୍ତା କଡରେ ମଳତ୍ୟାଗ କରୁଛନ୍ତି। କିନ୍ତୁ ବିଭାଗ ଦୋଷ ଲୁଚାଇବାକୁ ଗାଁ ମୁଣ୍ଡରେ ବାହ୍ୟ ମଳମୁକ୍ତ ଗାଁ ଲେଖି ବାହାବାହା ନେଉଛି।ପାଇଖାନା ଯେଣତେଣ ପ୍ରକାରେଣ ନୀତିରେ ନିର୍ମାଣ ପରେ କବାଟରେ ହିତାଧିକାରୀ ଙ୍କ ନାଁରେ ଲେଖି କେବଳ ଫୋଟ କରି ଜିଓଟ୍ୟାଗ୍ ପରେ ବିଭାଗ ଦାୟିତ୍ୱ ଶେଷ କରି ଦେଇଥିବା ଅଭିଯୋଗ ହେଉଛି।ଏପରିକି ନିର୍ମାଣ ହୋଇଥିବା ପାଇଖାନା ମଧ୍ୟରୁ ଅଧିକାଂଶ ହିତାଧିକାରୀଙ୍କ ଘରୁ ଅନେକ ଦୂରରେ ରହିଛି ତାହା ପୁଣି ସରକାରୀ ଜମିରେ। ଅନେକ ପାଇଖାନାରେ ପାଣିର ସୁବିଧା ନାହିଁ। ଅପରପକ୍ଷରେ ବ୍ଲକର ସମସ୍ତ ଗ୍ରାମ ୨୦୨୦ରୁ ବାହ୍ୟମଳମୁକ୍ତ ଗାଁ ଘୋଷଣା ହୋଇ ସାରିଛି।ଲକ୍ଷଲକ୍ଷ ଟଙ୍କାର ବ୍ୟୟରେ ନିର୍ମାଣ ହୋଇଥିବା ପାଇଖାନା ଗୁଡ଼ିକ ବାସ୍ତବ କ୍ଷେତ୍ରରେ କେତେ କାର୍ଯ୍ୟକ୍ଷମ , କେତେ ଗାଁ ଲୋକ ବ୍ୟବହାର କରୁଛନ୍ତି ତାର ତଦାରଖ କରାଯାଉ ନଥିବା ଦେଖାଯାଇଛି। ବିପୁଳ ଟଙ୍କାଖର୍ଚ୍ଚ ସତ୍ତ୍ୱେ ମଧ୍ୟ ଫଳ ଶୂନ ରହିଥିବା ଆଲୋଚନା ହେଉଛି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହ ଖର୍ଚ୍ଚ ହୋଇଥିବା ଟଙ୍କାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଦାବି ହେଉଛି।

# ସ୍କୁଲ୍ ରାସ୍ତା ଉନ୍ନତି ପାଇଁ ଜିଲ୍ଲାପାଳଙ୍କୁ ଛାତ୍ରଛାତ୍ରୀଙ୍କ ଅନୁରୋଧ

ତରଭା,୨୬।୯ (ସମିସ)



ଶ୍ରୀ ହରି ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଗୁରୁବାର ସୋନପୁର ଜିଲ୍ଲାପାଳ ଡ଼ ନୃପରାଜ୍ ସାହୁଙ୍କୁ ସାକ୍ଷାତକରି ଜାତୀୟ ରାଜପଥ ୫୭ରୁ ରମ୍ଭସିଡୋଲ ରାସ୍ତାର ପ୍ରସସ୍ଥିକରଣ ତଥା ଉନ୍ନତି ପାଇଁ ଅନୁରୋଧ କରିଛନ୍ତି।

ଶିବତୁଳାସ୍ଥିତ ଅନ୍ଧମୁକ ବଧିର ବିଦ୍ୟାଳୟକୁ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଆସିଥିବା ସମୟରେ ଶ୍ରୀ ହରି ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ରାସ୍ତାର ଦୂରବସ୍ଥା ବିଷୟରେ ସୂଚନା ପ୍ରଦାନ କରିଥିଲେ। ରାସ୍ତା ଉପରେ ଦୁଇଟି ବିଦ୍ୟାଳୟ,ଶିବତୁଳା ପେକ୍ସ୍, ନବ ନିର୍ମିତ ହର୍ଟିକଲଚର୍ ଅଫିସ, ପ୍ରସ୍ତାବିତ ଆରଆଇ ଅଫିସ, ପଞ୍ଚାୟତ ପାର୍କ ଓ ଖେଳ ପଡିଆ ଅବସ୍ଥିତି। ଏହା ସହ ଏହି ରାସ୍ତା ନିର୍ମାଣାଧୀନ ନୂତନ ୩୩କେଭି ବିଦ୍ୟୁତ୍ ସବଷ୍ଟେସନକୁ ଜାତୀୟ ରାଜପଥ ସହ ସଂଯୋଗ କରୁଅଛି। ନିଜର ନିତିଦିନିଆ କାମ ପାଇଁ ଅଞ୍ଚଳର ଶତାଧିକ ଚାଷୀ ଏହି ରାସ୍ତା ଉପରେ ନିର୍ଭର କରନ୍ତି। ଏହି ରାସ୍ତାର ଉନ୍ନତି ହେଲେ ଶତାଧିକ ଚାଷୀ, ଛାତ୍ର ଛାତ୍ରୀ ଓ ଅଞ୍ଚଳବାସି ଉପକୃତ ହେବେ।

ଏହି ଅବସରରେ ଶ୍ରୀ ହରି ପରିଚାଳନା କମିଟି ସଭାପତି ଜୟପ୍ରକାଶ ନାରାୟଣ ସାହୁ, ପରିଚାଳନା ନିର୍ଦ୍ଦେଶକ ଡ଼ରାଜେଶ କୁମାର ମେହେର, ପଞ୍ଚାୟତ ଅଧ୍ୟକ୍ଷ ସରୋଜ କର୍ମ, ଶିବତୁଳା ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ଉପେନ୍ଦ୍ର ନିଆଳି ଓ ଡୋଳାମନି ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ପୂଜାପାଇଁ ଥାନାରେ ଶାନ୍ତି ବୈଠକ



ବିନିକା,୨୬।୯ (ସମିସ): ବିନିକା ସହର ସମେତ ବ୍ଲକ୍ ଅଞ୍ଚଳର ବିଭିନ୍ନ ସ୍ଥାନରେ ହେଉଥିବା ଜଗତଜନନୀ ମାଁ ଦୁର୍ଗାଙ୍କ ପୂଜାକୁ ଶାନ୍ତି ଶୃଙ୍ଖଳା ସହ ପାଳନ ନେଇ ଆଜି ବିନିକା ଥାନାରେ ପୁଲିସ ଓ ପୂଜା କମିଟି ସଦସ୍ୟଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି।ଏସ୍‌ଆଇ ପ୍ରସଂଜିତ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୂଜା କମିଟି ସଦସ୍ୟ,ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଭାଗନେଇ ଆଲୋଚନା କରିଥିଲେ।ପୂଜାକୁ କିପରି ଶାନ୍ତି ଶୃଙ୍ଖଳା ସହିତ ପାଳନ କରାଯିବ ସେନେଇ ସଦସ୍ୟମାନେ ନିଜ ନିଜର ମତ ଉପସ୍ଥାପନ କରିଥିଲେ।ପୂଜା ଅବସରରେ ସହରର ମୁଖ୍ୟ ଛକ କୁହାଯାଉଥିବା କଲେଜ ଛକ,ବସଷ୍ଟାଣ୍ଡ ଛକ,ତହସିଲ ଅଫିସ ଛକ,ପାପ କ୍ଷୟ ଛକ ଆଦି ସ୍ଥାନରେ ହୋମଗାଡ ମୃତୟନ ପାଇଁ ପ୍ରସ୍ତାବ ଆଗତ ହୋଇଥିଲା। ସେହିପରି ରାତ୍ରୀରେ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିବାକୁ ଉପସ୍ଥିତ ସଚେତନ ନାଗରିକ ଦାବି କରିଥିଲେ।ଅନ୍ୟପକ୍ଷରେ ମାଁଙ୍କ ଦର୍ଶନ ପାଇଁ ସହରର ସମସ୍ତ ରାସ୍ତାରେ ଭିଡ ପରିଲକ୍ଷିତ ଆଶା ଥିବାରୁ ଟ୍ରାଫିକ ବ୍ୟବସ୍ଥା ପ୍ରତି ପୋଲିସ ଧ୍ୟାନ ଦେବାକୁ ଦାବି ହୋଇଥିଲା। ଚୋରି,ଲୁଟ ଘଟଣା ଉପରେ ମଧ୍ୟ ପୋଲିସ ପ୍ରଶାସନ କଡା ନଜର ରଖିବା ପାଇଁ ଦାବି ହୋଇଥିଲା ଶେଷରେ ଏଏସ୍‌ଆଇ ରଞ୍ଜୟ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଫୁଲେ ପାଠଶାଳା ଉଦ୍‌ଘାଟିତ



ଝାରସୁଗୁଡା,୨୬।୯(ସମିସ): ଫୁଲେ ପାଠଶାଳା ପରିଚାଳନା କମିଟି ଚିଠୁଆପଡା ଓ ଏସସି ଏସଟି ମିଳିତ କ୍ରିୟାନୁଷ୍ଠାନ କମିଟି, ଝାରସୁଗୁଡ଼ାର ମିଳିତ ପ୍ରୟାସରେ ଝାରସୁଗୁଡା ପୌରପରିଷଦ ୱାର୍ଡ ନଂ ୧୫ ଚିଠୁଆପଡାଠାରେ ଫୁଲେ ପାଠଶାଳା ଉଦ୍‌ଘାଟନ ହୋଇଯାଇଛି। ଏହି ଉତ୍ସବରେ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଗଡତିଆ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହି ପାଠଶାଳାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ କରମା ଆଖାଡା ମଣ୍ଡପ ଚିଠୁଆପଡାଠାରେ ଏସସି ଏସଟି ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ଲକ୍ଷ୍ମୀଚରଣ ପାଲଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥି ରୂପେ ଝାରସୁଗୁଡା ଓକିଲ ସଂଘ ସଭାପତି ତ୍ରିନାଥ ଗୁଆଲ, ଜିଲ୍ଲା ଓବିସି ମଞ୍ଚ ସଭାପତ ବିରଞ୍ଚି ସାହୁ, ମେଡିକାଲ ଅଫିସର ଡା. ଦିବେନ୍ଦୁ ସାହୁ, ସାମାଜିକ କର୍ମୀ ତଥା ସମ୍ମିଳିତ ଆଦିବାସୀ ସମାଜ ଉପଦେଷ୍ଟା ରତ୍ନାକର ପ୍ରଧାନ, ଛାତ୍ର ସାମ୍ମୁଖ୍ୟ ସଭାପତି ଅସୀମ ପଟେଲ, ରବି ଦାସ, ସମାଜର ରାଜ୍ୟ ଯୁଗ୍ମ ସଂପାଦକ ସୀତାରାମ ରୋହିଦାସ, ଗଣ୍ଡା ସମାଜ ବିକାଶ ପରିଷଦ ସଭାପତି ରବୀନ୍ଦ୍ର ସୋହେଲା, ଓବିସି ମଞ୍ଚ ଜିଲ୍ଲା ସଂପାଦକ ଗୋପିନାଥ ବେହେରା, ସମନ୍ୱିତ ଆଦିବାସୀ ସମାଜ ଉପଦେଷ୍ଟା ସୋଡାମାଲ ପ୍ରେମସାଗର ଧୁରୁଆ, ବାମସେଫ ସୁନ୍ଦରଗଡ ସଭାପତି ଶ୍ରବଣ ଗର୍ଡିଆ, ନାରୀନେତ୍ରୀ ଶୁରୁ ଦେହେରିଆ ଯୋଗ ଦେଇଥିଲେ। ଏହି ପାଠଶାଳାରେ ଆଖପାଖ ଅଞ୍ଚଳର ଅତି ଗରିବ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ଉନ୍ନତ ମାନର ଶିକ୍ଷା ଦେବା ସହିତ ବୌଦ୍ଧିକ ଓ ନୈତିକ ଶିକ୍ଷା ଦିଆଯିବ ବୋଲି କୁହାଯାଇଛି। ମୂଖ୍ୟ ଉଦ୍ୟୋକ୍ତା ପ୍ରଭାକର ଓରାମ ଏହାକୁ ପରିଚାଳନା କରିଥିବା ବେଳେ ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ଓରାମ, ସଂପାଦକ ଗୋବିନ୍ଦ ଓରାମ, କୋଷାଧ୍ୟକ୍ଷ ମୁକେଶ ଓରାମ, ଅଜୟ ଓରାମ, ସପନ ଓରାମ, ଗଣେଶ ଓରାମ, ପ୍ରକାଶ ଦାସ, ସମଲ ଓରାମ, ମନିରାମ ଓରାମ, ଶୀତଳ ଓରାମ,ସବିନା ଓରାମ, ବାଲମତୀ ଓରାମ, ସନ୍ତୋଷୀ ଓରାମ, ସୁଭଦ୍ରା ଓରାମ ପ୍ରମୁଖ ସହଯୋଗ କରିଥିଲେ।

## ଓଡିଶା ନାଟ୍ୟ ସଙ୍ଘର ୩୮ ତମ ପ୍ରତିଷ୍ଠା ଦିବସ



ଦେବଗଡ଼,୨୬।୯(ସମିସ): ଓଡ଼ିଶା ନାଟ୍ୟ ସଙ୍ଘର ୩୮ ତମ ପ୍ରତିଷ୍ଠା ଦିବସ ସ୍ଥାନୀୟ ସଂସ୍କୃତି ଭବନଠାରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ଈଶ୍ୱର ଚନ୍ଦ୍ର ଗୁରୁ, ସମ୍ମାନିତ ଅତିଥି ଭାବେ ସଂସ୍କୃତି ପରିଷଦର ସଂଯୋଜକ ଦିଲ୍ଲୀପ କୁମାର ଗୁରୁ ଯୋଗଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ଅନୁଷ୍ଠାନର ସମ୍ପାଦକ ସୁକିତ କୁମାର ପାତ୍ର ଦିବସର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଅଧ୍ୟାପକ ଚିତ୍ତରଞ୍ଜନ ଦାସ, ବ୍ରହ୍ମଜ୍ୟୋତି ନାଟ୍ୟ ସଂସଦର ସମ୍ପାଦକ ଶ୍ରବଣ କୁମାର ନାଏକ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଅନୁଷ୍ଠାନର କର୍ମକର୍ତ୍ତା ପ୍ରଦୀପ କୁମାର ପାତ୍ର, ଜନ୍ମଜୟ ନାୟକ, ରାକେଶ କୁମାର ଶତପଥୀ, ଅମ୍ଳାଂଶୁ ପୂଜାରୀ, ଶୁଭମ୍ ମହାଙ୍କୁର, ବିଶାଳ କୁମାର ନାୟକ, ଶିବାଶିଷ ଝାଙ୍କର, ନମନ ନୟନ ନାୟକ, ବିଷ୍ଣୁ ପ୍ରିୟା ଗଡ଼ତିୟା, ଜୁଲି ଷଣ୍ଢ ଏବଂ ରେଶମା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ଉପସଭାପତି ପ୍ରକାଶ ଦେବତା ଧନ୍ୟବାଦ ଅର୍ପଣ କରିଥିଲେ।

## ପୌର ପରିଷଦ ପକ୍ଷରୁ ମାରାଥନ ଓ ପ୍ରତିଯୋଗିତା

ଦେବଗଡ଼,୨୬।୯(ସମିସ): ସ୍ୱଚ୍ଛତା ପକ୍ଷ ଅବସରରେ ଦେବଗଡ଼ ପୌର ପରିଷଦ ଆନୁକୂଲ୍ୟରେ ବିଭିନ୍ନ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଜି ସକାଳ ୭ଟାରେ ଦେବଗଡ଼ ପୌର ପରିଷଦର ନିର୍ବାହୀ ଅଧିକାରୀ କୃପାସିନ୍ଧୁ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ମରାଥନ ତଥା ଗଣଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ବରଣ୍ୟ ଅତିଥି ଭାବେ ଭାରପ୍ରାପ୍ତ ପୌରପରିଷଦ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ ଯୋଗଦେଇ ସ୍ୱଚ୍ଛତା ଗଣଦୌଡ଼କୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରେ ପୌର ପରିଷଦର କର୍ମଚାରୀଙ୍କ ସମେତ ବହୁ ଜନ ସାଧାରଣ ଅଂଶ ଗ୍ରହଣ କରି ସହର ପରିକ୍ରମା କରିବା ପରେ ଇଣ୍ଡୋର ଷ୍ଟାଡିୟମ୍‌ଠାରେ ପହଞ୍ଚି ଥିଲେ। ପୂର୍ବାହ୍ନରେ ମହିଳା ମହାବିଦ୍ୟାଳୟଠାରେ ପୌରପରିଷଦ ପକ୍ଷରୁ ସ୍ୱଚ୍ଛତା ସମ୍ପର୍କିତ ଓଡ଼ିଆ ବକ୍ତୃତା, ପ୍ରବନ୍ଧ ଓ ଝୋଟି ପ୍ରତିଯୋଗିତା ଆୟୋଜିତ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୌର ପରିଷଦ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ବିଚାରକ ଭାବେ ଅଧ୍ୟାପକ ଚିତ୍ତରଞ୍ଜନ ଦାସ, ଡ. ଭାରତ ଭୂଷଣ ନନ୍ଦ, ଡ. ତନ୍ମୟ ମହାନ୍ତି, ପ୍ରଦୀପ ପାତ୍ର ଓ ଲତିକା ନନ୍ଦ ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ପ୍ରୋଗ୍ରାମ ମ୍ୟାନେଜର ଆଶିଷ ବାରିକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର, ପୌରପରିଷଦ କର୍ମଚାରୀ ଓ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ।



# ଝାରସୁଗୁଡ଼ାରେ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

ଝାରସୁଗୁଡା,୨୬।୯(ସମିସ)

ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଝାରସୁଗୁଡ଼ା ଗସ୍ତରେ ଆସି ଯୁବ ସମାବେଶ କାର୍ଯ୍ୟକ୍ରମରେ ଯୋଗଦେବେ। ଏହା ପୂର୍ବରୁ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଗୁରୁବାରଠାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଝାରସୁଗୁଡ଼ା ଗସ୍ତ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଝାରସୁଗୁଡା ଗସ୍ତ ଓ ଦକ୍ଷିଣ ଓଡିଶା ସହିତ ରାଜ୍ୟରେ ବିଭିନ୍ନ ସ୍ଥାନରେ ହୋଇଥିବା ବନ୍ୟା ପରିସ୍ଥିତିକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଝାରସୁଗୁଡାର ଏକ ଘରୋଇ ହୋଟେଲରେ ବିଭାଗୀୟ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ତଥା ବିଭାଗୀୟ ଅଧିକାରୀ ଏବଂ ସମସ୍ତ ଜିଲ୍ଲାର ଜିଲ୍ଲାପାଳଙ୍କ ସହିତ ଭିଡିଓ କନ୍‌ଫେରେନ୍ସ ମାଧ୍ୟମରେ ସମୀକ୍ଷା କରିଛନ୍ତି। ଆସନ୍ତାକାଲିଠାରୁ ଲଘୁଚାପ ଜନିତ ବର୍ଷା ଜାରି ରହିବାକୁ ଥିବା ବେଳେ ଦକ୍ଷିଣ ଓଡିଶାର ବହୁ ଜିଲ୍ଲା ସହିତ ଓଡିଶାର ବିଭିନ୍ନ ସ୍ଥାନରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇସାରିଛି।

ଏହାକୁ ଦୃଷ୍ଟିରେ ରଖି ସହରର ଏକ ଘରୋଇ ହୋଟେଲରେ ମୁଖ୍ୟମନ୍ତ୍ରୀଙ୍କ ଅସ୍ଥାୟୀ କାର୍ଯ୍ୟାଳୟ ଖୋଲିବା ସହ ସମ୍ଭାବ୍ୟ ବାତ୍ୟା ପାଇଁ ପ୍ରସ୍ତୁତି ଓ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମ୍ପର୍କୀତ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଥିବା ଜଣାପଡ଼ିଛି। ଏହି ସମୟରେ ମୁଖ୍ୟମନ୍ତ୍ରୀଙ୍କ ସହ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟଶାସନ ସଚିବ ମନୋଜ ଆହୁଜା, ପୁଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ପ୍ରମୁଖ ଉପସ୍ଥିତ ଥିବା ବେଳେ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ, ବିଭାଗୀୟ ସଚିବମାନେ ଆଭାସୀ ମାଧ୍ୟମରେ ଯୋଡି ହୋଇଥିଲେ। ବାତ୍ୟା ସମୟରେ କିଭଳି ଭାବେ ଲୋକଙ୍କୁ ଥଇଥାନ କରାଯିବ, ପାଣି ଯୋଗୁ ବିଚ୍ଛିନ୍ନ ହେଉଥିବା ଅଞ୍ଚଳରେ କିଭଳି ମରାମତି କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ, ପର୍ଯ୍ୟାପ୍ତ ସାପ କାମୁଡ଼ା ସମ୍ପର୍କୀତ ଆଣ୍ଟି ଭେନମ, ତାରପୋଲିନ ଗଚ୍ଛିତ ରଖିବା ଆଦି ପ୍ରସଙ୍ଗ ଉପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମୀକ୍ଷା କରିଥିବା ଜଣାପଡ଼ିଛି।

## ବାଣ ଜବତ;୪ ଗିରଫ

ରିଆମାଳ,୨୬।୯(ସମିସ): ବେଆଇନ ବାଣ ରଖିବା ଅଭିଯୋଗରେ ଦେବଗଡ଼ ଜିଲ୍ଲା ରିଆମାଳ ଥାନା ପୁଲିସ ଥାନା ଅଧିକାରୀ ସତ୍ୟବ୍ରତ ରାଉତ ସଦଳବଳେ ରାତି ଅଧରେ ଚଢ଼ଉ କରିଥିଲେ। ଚଢ଼ଉରେ ବିପୁଳ ବିସ୍ଫୋରକ ବାଣ ଜବତ କରିବା ସହ ୪ ଜଣଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ ରିଆମାଳ ଗ୍ରାମର ଲଳିତ ମୋହନ ପ୍ରଧାନ (୪୭), ମହେଶ୍ୱର ପ୍ରଧାନ (୪୩), କୁମାଳ ଗ୍ରାମର ବାବୁଲି ଭୋଜ(୪୨), କୃଷ୍ଣ ସୁନା (୪୭)ଙ୍କୁ ଗିରଫ କରିବା ସହ ସମସ୍ତଙ୍କ ନିକଟରୁ ବିଭିନ୍ନ ବିସ୍ଫୋରକ ବାଣ ସହ ବାରୁଦ ଜବତ କରାଯାଇଛି। ବେଆଇନ ବିପୁଳ ବାଣ ରଖି ବିକ୍ରି କରୁଥିବା ଖବର ପାଇ ରିଆମାଳ ପୁଲିସ ଚଢ଼ଉ କରିଥିଲେ। ରିଆମାଳ ପୁଲିସ ୪ ଜଣଙ୍କ ନାମରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛନ୍ତି।

## ତ୍ରିଦିବସୀୟ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ



ଦେବଗଡ,୨୬।୯(ସମିସ): ବାରକୋଟ ବ୍ଲକ୍ ବସାଲଇ ପଞ୍ଚାୟତ ସଦର ମହକୁମାରେ ପଞ୍ଚାୟତ ଆଥଲେଟିକ ଆସୋସିଏସନ୍ ଆନୁକୂଲ୍ୟରେ ମୋଟ ୧୬ଟି ଦଳକୁ ନେଇ ଆଜି ତ୍ରି ଦିବସୀୟ ନକ୍‌ଆଉଟ ଫୁଟବଲ୍ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ପଞ୍ଚାୟତ ଆଥଲେଟିକ ଆସୋସିଏସନ୍‌ର ସଭାପତି ରଞ୍ଜନ କୁମାର ଦେହୁରୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ଼ ଜିଲ୍ଲା ଓକିଲ ସଂଘର ସମ୍ପାଦକ ସିଦ୍ଧେଶ୍ୱର ଗୁରୁ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡ଼ା ସଂସଦର ସମ୍ପାଦକ ଧିରେନ୍ଦ୍ର କୁମାର ନାୟକ, ଦେବଗଡ଼ ଜିଲ୍ଲା କ୍ରୀଡ଼ା ସଂସଦର କବାଡି ସମ୍ପାଦକ ସୁବାସ ଚନ୍ଦ୍ର ଭୋଇ, ପୂର୍ବତନ ସରପଞ୍ଚ ସଚ୍ଚିଦାନନ୍ଦ ପଟ୍ଟନାୟକ, ବରିଷ୍ଠ କଂଗ୍ରେସ ନେତା ବିନୋଦ ବିହାରୀ ନାୟକ, ଜଗଦୀଶ ସାମଲ ଓ କ୍ଷୀରସିନ୍ଧୁ ବେହେରା ଯୋଗଦେଇ ଆୟୋଜକ ଏବଂ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଆଜିର ଉଦଘାଟନୀ ମ୍ୟାଚ ରେଙ୍ଗାଲବାହାଲ ଫୁଟବଲ ଦଳ ଓ ଆଦିଶକ୍ତି ଫୁଟବଲ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଆୟୋଜନରେ ଆୟୋଜକ ପଞ୍ଚାୟତ ଆଥଲେଟିକ ଆସୋସିଏସନ୍‌ର ସମ୍ପାଦକ ଓମପ୍ରକାଶ ସାହୁଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ଓପିଏସ୍‌ସି ପରୀକ୍ଷାରେ ଶୁଭଦର୍ଶନ ଓ ସାହିଲଙ୍କ କୃତିତ୍ୱ

ଦେବଗଡ଼,୨୬।୯(ସମିସ): ଆଜି ସଦ୍ୟ ପ୍ରକାଶିତ ଓଡିଶା ଲୋକ ସେବା ଆୟୋଗ(ଓପିଏସ୍‌ସି) ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ମୋଟ ୩୯୮ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଦେବଗଡ଼ ଜିଲ୍ଲାର ଦୁଇଜଣ କୃତକାର୍ଯ୍ୟ ହୋଇଛନ୍ତି। ରିଆମାଳ ବ୍ଲକ୍ ପରା ପଞ୍ଚାୟତର ସୁଭଦର୍ଶନ ବିଶ୍ୱାଳ ୨୪୫ ର୍‌ୟାଙ୍କରେ ଉର୍ତ୍ତୀର୍ଣ୍ଣ ହୋଇଥିବା ବେଳେ ପୌରାଞ୍ଚଳ ନୀଳବେର୍ଣ୍ଣି ସାହିର ସାହିଲ ହେମ୍ବ୍ରାମ ୩୫୦ ର୍‌ୟାଙ୍କରେ ଉର୍ତ୍ତୀର୍ଣ୍ଣ ହୋଇଥିବା ଜଣାପଡିଛି। ସୁଭଦର୍ଶନଙ୍କ ପିତା ଡିଲେଶ୍ୱର ବିଶ୍ୱାଳ ଜଣେ ଅବସର ପ୍ରାପ୍ତ ଶିକ୍ଷକ ଥିବା ବେଳେ ମା' ବୁଢାପାଳ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଥିବା ଜଣାପଡିଛି। ସେହିପରି ସାହିଲ ହେମ୍ବ୍ରାମ ଜିଲ୍ଲା କଂଗ୍ରେସ ସଭାପତି ସେମ୍ ହେମ୍ବ୍ରମ ଓ ମିନତୀ ନାଏକଙ୍କ ପୁଅ। ନିଜସ୍ୱ ଉଦ୍ୟମରେ ଓପିଏସସି ପରୀକ୍ଷା ପାଇଁ ଦ୍ୱିତୀୟ ପ୍ରୟାସରେ ଉଭୟ ସାହିଲ ଓ ସୁଭଦର୍ଶନ କୃତକାର୍ଯ୍ୟ ହୋଇଥିବା ଉଭୟେ କହିଛନ୍ତି।





## ଦୀନ ଦୟାଳ ଉପାଧ୍ୟାୟଙ୍କ ଜୟନ୍ତୀ



ପାଇକମାଳ,୨୬।୯(ସମିସ): ପାଇକମାଳ ବିଜେପି କାର୍ଯ୍ୟାଳୟ ଠାରେ ରାଷ୍ଟ୍ରବାଦୀ ଜନନାୟକ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୧୧୦ତମ ଜୟନ୍ତୀ ପାଳନ ହୋଇଯାଇଛି। ଏଥିରେ ପାଇକମାଳ ବିଜେପି ମଣ୍ଡଳ ସଭାପତି ଅକ୍ଷୟ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମଣ୍ଡଳ ଉପସଭାପତି ସୁଶାନ୍ତ ନାଗଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଭାରୀ ଭାବେ ଡ.ଲମ୍ବୋଦର ପଣ୍ଡା ଯୋଗଦେଇ ଦୀନଦୟାଲ ଉପାଧ୍ୟାୟଙ୍କ ବଳିଦାନ ଉପରେ ଆଲୋକପାତ କରିଥିଲେ।

କାର୍ଯ୍ୟକ୍ରମରେ ବିଜେପି ନେତା ଗୋବର୍ଦ୍ଧନ ଅଗ୍ରୱାଲ, ପୂର୍ବତନ ମଣ୍ଡଳ ସଭାପତି କୈଳାଶ ଦିଶ୍ରୀ, ଯୁବନେତା ଯୋଗେନ୍ଦ୍ର ଭୋଇ, ଏମଡିରାଜା, ପର୍ଶୁରାମ ନାଏକ, ତିଳକରଣା, ଗୁଣ ନାଗ, ରାଜେନ୍ଦ୍ର ସାହୁ, ଇନ୍ଦ୍ରଜିତ ଭୋଇ, ହିରାଧର ବିହାର, ରାଜେନ୍ଦ୍ର ସେଠ, ନନ୍ଦି ନନ୍ଦ, କନୁ ସାହୁଙ୍କ ସମେତ ବିଜେପିର କର୍ମକର୍ତ୍ତା ସଦସ୍ୟମାନେ ଉପସ୍ଥିତ ଥିଲେ।

## ବରିଷ୍ଠ ନାଗରିକ ଦିବସ ପାଇଁ ପ୍ରସ୍ତୁତି




ବରଗଡ଼,୨୬।୯(ସମିସ): ପ୍ରତି ବର୍ଷ ଅକ୍ଟୋବର ୧ ତାରିଖରେ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳନ ହୁଏ। ଚଳିତ ବର୍ଷ ଦଶହରା ସକାଶେ ବରିଷ୍ଠ ନାଗରିକ ମହାସଂଘ ସହିତ ଆଲୋଚନା ପରେ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ମତେ ପ୍ରତି ଜିଲ୍ଲାରେ ଏହି ଦିବସକୁ ଆସନ୍ତା ଅକ୍ଟୋବର ୧୦ ତାରିଖରେ ପାଳନ କରିବାକୁ ପ୍ରସ୍ତାବ ଦିଆଯାଇଛି। ଏନେଇ ପ୍ରଶାସନର ପ୍ରସ୍ତୁତି ବୈଠକରେ ଜିଲ୍ଲା ବରିଷ୍ଠ ନାଗରିକ ସଂଘ, ବରଗଡ଼, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ଓ ଭାରତ ନିର୍ମାଣ ସଂଘ, ଭଟିଲି ବରିଷ୍ଠ ନାଗରିକ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ।

ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ସମାଜିକ ସୁରକ୍ଷା ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ପୁଲିସ ବିଭାଗ, ଜିଲ୍ଲା ସଂସ୍କୃତି ବିଭାଗ, ଜିଲ୍ଲା ପ୍ରଚାର ପ୍ରସାର ବିଭାଗଙ୍କ ଅଧିକାରୀ ଗଣ ଉପସ୍ଥିତ ଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ତାହିର ହୁସେନ ଗତବର୍ଷର କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ବରିଷ୍ଠ ନାଗରିକ ସଂଘର କେଦାର ମିଶ୍ର ଗତବର୍ଷର ଭୁଲକୁ ସୁଧାରି ଚଳିତ ବର୍ଷ ହାରାହାରି ୪୦୦ରୁ ଅଧିକ ବରିଷ୍ଠ ନାଗରିକ ଯୋଗ ଦେବେ ବୋଲି ପ୍ରକାଶ କରିଥିଲେ। ପ୍ରସ୍ତୁତିରେ ସମସ୍ତ ବରିଷ୍ଠ ନାଗରିକ ସଂଗଠନର କର୍ମକର୍ତ୍ତାଙ୍କୁ କମିଟିରେ ରଖିବାକୁ ଅନୁରୋଧ କରି କାର୍ଯ୍ୟକ୍ରମରେ ସହଯୋଗ କରିବୁ ବୋଲି ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରକାଶ କରିଥିଲେ। ସଭାପତି ପ୍ରମୋଦ ଝାଙ୍କର, ଧ୍ରୁବ ହୋତା, ଉଦ୍ଧବ ବେହେରା, ଭରତ ଦାଶ, ଦେବୀ ପଟ୍ଟନାୟକ, ପ୍ରଦୀପ ସାହୁ, ଶଙ୍କର ପଟ୍ଟନାୟକ, ସୁରେନ୍ଦ୍ର ମୋହନ ଚାନ୍ଦ, ହରିନାରାୟଣ ପଟ୍ଟନାୟକ ପ୍ରମୁଖ ଆଲୋଚନାରେ ଭାଗ ନେଇଥିବା ବେଳେ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ପରୀକ୍ଷା, ପୁଲିସ ପରିଚୟପତ୍ର ପ୍ରଦାନ, ଜିଲ୍ଲାରେ ୯୦ ବର୍ଷରୁ ଅଧିକ ବରିଷ୍ଠଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିବା ସହ ସମସ୍ତ ବରିଷ୍ଠଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରାଯିବ ବୋଲି ତାହିର ହୁସେନ ପ୍ରକାଶ କରିଥିବା ବେଳେ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

# 'ସାମ୍ପ୍ରତିକ ଇତିହାସର ଧାରା' ଉପରେ ଆଲୋଚନାଚକ୍ର



ବରଗଡ଼,୨୬।୯(ସମିସ): ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟର ଇତିହାସ ବିଭାଗରେ 'ସାଂପ୍ରତିକ ଇତିହାସର ଧାରା' ପ୍ରସଙ୍ଗ ଆଧାରିତ ଏକ ଦିବସୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ରଞ୍ଜିତା ନାୟକଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସମ୍ବଲପୁର ବିଶ୍ୱ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ.ପତିତପାବନ ମିଶ୍ର ଓ ସରକାରୀ ମହିଳା ମହାବିଦ୍ୟାଳୟ ସମ୍ବଲପୁରର ଅଧକ୍ଷା ଡ.କଳ୍ପନା ମେହେର ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପକ ରାଧାକାନ୍ତ ମିଶ୍ର ଅତିଥି ପରିଚୟ ଦେଇଥିଲେ। ଦ୍ୱିତୀୟ ଅଧିବେସନରେ ଇତିହାସ ଉପରେ ବକ୍ତବ୍ୟ ରଖିଥିଲେ ଡ.ସତ୍ୟ ନାରାୟଣ ନନ୍ଦ। ପ୍ରାଚୀନ ଇତିହାସ ଲିଖନର ଧାରା ଓ ସାଂପ୍ରତିକ ସମୟରେ ଇତିହାସର ପରିବର୍ତ୍ତନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ ଆଲୋଚକ ଡ.ପତିତପାବନ ମିଶ୍ର। ଏହି ଭାବ ଗର୍ଭକ ସମ୍ମାନରେ ଅଧ୍ୟାପକ ଅଶୋକ ବେହେରା, ନନ୍ଦିନୀ ନିରଦ ପଣ୍ଡା, ଡ.ସୁରେନ୍ଦ୍ର ହୋତା ଓ ଇତିହାସ ବିଭାଗର ସ୍ଥାନୀୟ ଅଧ୍ୟାପକ ଗଣ ତଥା ଅନେକ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ ଇତିହାସ ସମ୍ମାନର ନବାଗତାଙ୍କୁ ସ୍ୱାଗତ ସମାରୋହ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ଆୟୋଜନ ଓ ଧନ୍ୟବାଦ ଅର୍ପଣ କରିଥିଲେ ଅଧ୍ୟାପିକା ଅଙ୍କିତା ସାହୁ।

ସିଆଇଏସ୍‌ସିଇ ଜାତୀୟ ହ୍ୟାଣ୍ଡବଲ ପ୍ରତିଯୋଗିତା

# ଓଡ଼ିଶା ଦଳରେ ବିଇଏମ୍ ବିଦ୍ୟାଳୟର ୧୨ ଛାତ୍ର




ଝାରସୁଗୁଡା,୨୬।୯(ସମିସ): ଉତ୍ତର ପ୍ରଦେଶର ଖୋରଖପୁରରେ ଆୟୋଜିତ ହେବାକୁଥିବା ସିଆଇଏସ୍‌ସିଇ ଜାତୀୟ ବାଳକ ହ୍ୟାଣ୍ଡବଲ ପ୍ରତିଯୋଗିତା ପାଇଁ ଓଡ଼ିଶା ଦଳ ଖୋରଖପୁର ଯାଇଛନ୍ତି। କାଉନସିଲ ଫର ଦି ଇଣ୍ଡିଆନ ସ୍କୁଲ ସାର୍ଟିଫିକେଟ ଏକ୍‌ଜାମିନେଶନ ବୋଡର୍ (ସିଆଇଏସ୍‌ସିଇ) ଦ୍ୱାରା ଆୟୋଜିତ ହେଉଥିବା ଏହି ଜାତୀୟ ପ୍ରତିଯୋଗିତା ପାଇଁ ଓଡ଼ିଶା ଦଳରେ ବେଲପାହାଡ଼ ଇଂଲିଶ ମିଡିୟମ(ବିଇଏମ) ବିଦ୍ୟାଳୟର ୧୨ ଜଣ ଛାତ୍ର ସ୍ଥାନ ପାଇଛନ୍ତି। ୧୪ ବର୍ଷରୁ କମ୍ ବାଳକ ଦଳରେ ବିଦ୍ୟାଳୟର ସାଥତ୍ୟ ସାହୁ, ବିରାଟ ସିଂ, ଆର୍ୟନ ମହାପାତ୍ର, ମହମ୍ମଦ ଆତିଫ, ଆର୍ୟନ ଶର୍ମା ଓ ଗୌରବ ଶର୍ମା ଥିବାବେଳେ ୧୭ ବର୍ଷରୁ କମ୍ ଦଳରେ ଆଦିତ୍ୟ ଟେଟେ, ଲିପିକାନ୍ତ ସାହୁ, ଆଦିତ୍ୟ ରାୟ, ଆୟୁଶ ସିଂ, ଏମତି ଅନଶ ଓ ପ୍ରବେଶ ଜେନା ସ୍ଥାନ ପାଇଛନ୍ତି। ବିଇଏମ୍ ବିଦ୍ୟାଳୟର ଶାରିରୀକ ଶିକ୍ଷା ଶିକ୍ଷକ ହମିଦ କୁମାର ମହାପାତ୍ର ଓଡ଼ିଶା ଦଳର କୋଚ ଦାୟିତ୍ୱ ନିର୍ବାହ କରିବେ ବୋଲି ଜଣାପଡ଼ିଛି। ଏହି ପ୍ରତିଯୋଗିତା ଖୋରଖପୁରର ସୟଦ ମୋଦି ରେଲୱେ ଷ୍ଟେଡିୟମରେ ୨୬ ରୁ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ।

ଛାତ୍ରମାନଙ୍କର ଏହି ସଫଳତା ପାଇଁ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ, ବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୟ କୁମାର ମିଶ୍ର, ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ମହାପାତ୍ର, ଉପାଧ୍ୟକ୍ଷ ବିଜୟ କୁମାର ଗୌଡ଼, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଶୁଭେଚ୍ଛା ଜଣାଇଛନ୍ତି।

# ୩ ପୁଅ ଓ ୫ ଝିଅ ଥାଇ ରାସ୍ତାରେ ବୃଦ୍ଧ ବାପା

## ବୃଦ୍ଧାଶ୍ରମରେ ଥଇଥାନ କଲା ନିଷ୍ଠା ପରିବାର

ବରଗଡ଼,୨୬।୯(ସମିସ): ୩ ପୁଅ ଓ ପାଞ୍ଚ ଝିଅ ଥାଇ ମଧ୍ୟ ରାଜରାସ୍ତରେ ନିରାଶ୍ରୟ ହୋଇ ବସିରହିଥିବା ଜଣେ ବୃଦ୍ଧଙ୍କୁ ଉଦ୍ଧାର କରି ବୃଦ୍ଧା ଶ୍ରମରେ ଥଇଥାନ କରିଛି ନିଷ୍ଠା ପରିବାର। ସୂଚନାନୁଯାୟୀ, ପଦ୍ମପୁର ଜମଲା କଲେଜରେ ରକ୍ତଦାନ ଶିବିର ସାରି ନିଷ୍ଠା ପରିବାରର ସଦସ୍ୟ ବରଗଡ଼ ଫେରୁଥିବା ବେଳେ ତେଲ ମହୁଲରାସ୍ତା କଡରେ ୮୦ ବର୍ଷରୁ ଊର୍ଦ୍ଧ୍ୱ ଜଣେ ବୃଦ୍ଧ ମଉସା ବସିଥିବା ଦେଖିଥିଲେ। ଗାଡିରୁ ଓହ୍ଲାଇ ତାଙ୍କ ବିଷୟରେ ପଚାରି ବୁଝିବା ପରେ ବୃଦ୍ଧ ଜଣକ କୋହ ଭରା ସ୍ୱରରେ ତାଙ୍କ ନାମ ଦନାର ସାହୁ ଓ ସେ ମେଲଛାମୁଣ୍ଡା ଥାନା ଗାଁ ପନରି ପାଏଁନର ବୋଲି କହିବା ସହ 'ମୋର ତିନ୍‌ଟା ପୁଅ ଆଉ ପାଞ୍ଚ ଝି ବୁଆ, ହେଲେ କିହେ ମତେ ଥିର୍ ତୁକେ (ତୋରାଣି ଟିକେ) ବି ନାଇଁ ଦିଅନ୍ ବୋଲି ନିଜ ଭାଷାରେ କହିଥିଲେ। ଚାଲିବା ବି ତାଙ୍କ ପକ୍ଷେ ଖୁବ୍ କଷ୍ଟକର ଥିଲା। ମାଉସୀ କଥା ପଚାରିବାରୁ, ବୁଢ଼ୀ ଅଛେ ଯେ ତାର ଦିହେ ବି କେଥନୀ ଖରାପ, ସାନ ପିଲା ରଖିଛେ'ବୋଲି କହିଥିଲେ। ମତେ କିହେ ନାଇଁ ରଖଲେ ପୂତା ବୋଲି କହି କାନ୍ଦକାନ୍ଦ ହୋଇଯାଇଥିଲେ। ୮୦ ବର୍ଷୀୟ ବୃଦ୍ଧଙ୍କ ଏପରି କରୁଣ କାହାଣୀ ନିଷ୍ଠା ପରିବାର ସଦସ୍ୟଙ୍କୁ ଖୁବ୍ ବ୍ୟଥିତ ଓ ବିଚଳିତ କରିଥିଲା। ତୁରନ୍ତ କାରରେ ବୃଦ୍ଧଙ୍କୁ ବସାଇ ବିଜେପୁରରେ ଥିବା ପାର୍ବତୀ ଗିରି ବୃଦ୍ଧାଶ୍ରମରେ ତାଙ୍କର ଥଇଥାନ କରିଥିଲା ନିଷ୍ଠା ପରିବାର। ବୃଦ୍ଧାଶ୍ରମର ମୁଖ୍ୟ ଜଳନ୍ଧର ପଟେଲଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।





# ଭୁବନେଶ୍ୱର କଟକ

## ରୁପାରେ ସଜେଇ ହେବ ରୌପ୍ୟନଗରୀ

# ୩୭ ମେଢ଼ରେ ଲାଗିବ ଶହେ କୋଟିର ଚାନ୍ଦି



କଟକ, ୨୬।୯(ସମିସ): ଆଉ କିଛି ଦିନ ପରେ ମହାମାୟୀଙ୍କ ଅଗମନ ହେବ। ଦଶଭୂଜାଙ୍କ ଆଗମନ ପରେ ଏବେ ଚଳଚଞ୍ଚଳ ହୋଇ ଉଠିବ ତମାମ କଟକ। ରୁପାରେ ସଜେଇ ହୋଇଛି ରୌପ୍ୟନଗରୀ। ଏଥର ଚାନ୍ଦି ମେଢ଼ ତାଲିକାରେ ଯୋବ୍ରା ଦୁର୍ଗା ମନ୍ଦିର ପରିଚାଳନା

**ବିଭିନ୍ନ ମେଢ଼ରେ ଲାଗିଛି ୯୭ କେଜି ସୁନା**

**ଏଥର ପୁଣି ଯୋଡ଼ି ହେଲା ଦୁଇ ଚାନ୍ଦିମେଢ଼**

ସମିତି ଓ ମା ମଙ୍ଗଳା ପୂଜା କମିଟି ଗୋପାଳଜୀଉ ଲେନ, ମଠସାହି ଯୋଡି ହୋଇଛି। ଫଳରେ ଏହି ୨ଟି କମିଟିକୁ ମିଶାଇ ସହରରେ ଚାନ୍ଦି ମେଢ଼ ସଂଖ୍ୟା ୩୭ରେ ପହଞ୍ଚିଛି। ସମସ୍ତ ୩୭ଟି ମେଢ଼ରେ ଦେଖିବାକୁ ଗଲେ ୧୦୦କୁଇଣ୍ଟାଲରୁ ଅଧିକ ଓଜନର ଚାନ୍ଦି ବ୍ୟବହାର କରାଯାଇଛି। ସେହିପରି ସହରରେ ପ୍ରାୟ ବିଭିନ୍ନ ମେଢ଼ରେ ପ୍ରାୟ ୯୭କେଜିରୁ ଅଧିକ ଓଜନର ସୁନା ଅଳଙ୍କାର ବ୍ୟବହୃତ ହୋଇଛି। ସହରରେ ନିର୍ମିତ ମେଢ଼ ଗୁଡ଼ିକ ସୁନା-ଚାନ୍ଦି ଅଳଙ୍କାରରେ ଝଲସିବ। ଦଶହରାରେ ପୂଜା ମଣ୍ଡପ ଗୁଡ଼ିକରେ ସଜାଯାଇଥିବା ଚାନ୍ଦିର ମୂଲ୍ୟ ପ୍ରାୟ ୧୦୦କୋଟି ଟଙ୍କାରୁ ଅଧିକ ହେବ। ପୁଲିସ ପ୍ରଶାସନ ପକ୍ଷରୁ ଏହି ୩୭ଟି ଚାନ୍ଦି ମେଢ଼କୁ ସୁରକ୍ଷା ଦେବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ୪ଜଣ ଲେଖାଁଏ ବନ୍ଧୁକଧାରୀ ପୁଲିସ ମୂଲ୍ୟବାନ ମେଢ଼କୁ ଦିନ ରାତି ଜଗିବାକୁ ନିଷ୍ପତ୍ତି ହୋଇଛି।

ପ୍ରକାଶ ଥାଉ କି, ମହାନଗରରେ ୧୭୦ରୁ ଉର୍ଦ୍ଧ୍ୱ ମଣ୍ଡପରେ ମା'ଙ୍କ ମୃଣ୍ମୟ ମୂର୍ତ୍ତି ପୂଜାର୍ଚ୍ଚନା କରାଯାଉଛି। ୧୯୫୬ ମସିହାରେ ସହରରେ ପ୍ରଥମଥର ଚୌଧୁରୀବଜାରରେ ଚାନ୍ଦି ମେଢ଼ ନିର୍ମାଣ କରାଯାଇଥିଲା। ୧୯୯୧ ମସିହାରେ ସହରର ଦ୍ୱିତୀୟ ଚାନ୍ଦି ମେଢ଼ ଭାବେ ଶେଖ୍ ବଜାର ପୂଜା କମିଟି ଚାନ୍ଦିର ମେଢ଼ ନିର୍ମାଣ କରିଥିଲା। ଧୀରେ ଧୀରେ ଚାନ୍ଦି ମେଢ଼ର ସଂଖ୍ୟା ବୃଦ୍ଧି ପାଇବାକୁ ଲାଗିଲା। ଶିଖରପୁର-ଗଣ୍ଡରପୁର ପୂଜା କମିଟି, ଚାଉଳିଆଗଞ୍ଜ ପୂଜା କମିଟି, ବାଖରାବାଦ, ଛତ୍ରବଜାର, ରାଣୀହାଟ, ଖାନନଗର-ଖପୁରିଆ ଶିଳ୍ପାଞ୍ଚଳ ପୂଜା କମିଟି, କାଜୀ ବଜାର, ଫିରିଙ୍ଗି ବଜାର, ନୟାସଡ଼କ, ଅଲିଶା ବଜାର, ବାଲୁବଜାର-ବିନୋଦବିହାରୀ, କାଠଗଡ଼ା ସାହି, ଗଣେଶ ଘାଟ, ଶଙ୍କରପୁର-ବାଦାମବାଡ଼ି, ଦରଘାବଜାର, ଗଙ୍ଗାମନ୍ଦିର, ମାଛୁଆ ବଜାର, ମଙ୍ଗଳାବାଗ, ପିଠାପୁର କାଳୀୟଦଳନ, ହରିପୁର-ଦୋଳମୁଣ୍ଡାଇ, ଚାନ୍ଦିନୀଚୌକ, ବୁଢ଼ୀ ଠାକୁରାଣୀ କାଳିଗଳି, ବିଡ଼ାନାସୀ, ତୁଳସୀପୁର ମହାଦେବ ଏବଂ ଖଟବିନ୍ ସାହିରେ ଚାନ୍ଦି ମେଢ଼ କରାଯାଇଛି।

ମିଳିଥିବା ସୂଚନା ଅନୁସାରେ କଲେଜ ଛକରେ ୩ କୁଇଣ୍ଟାଲ୍ ଓଜନର ଚାନ୍ଦି, ଶେଖ ବଜାରରେ ୩ କୁଇଣ୍ଟାଲ ୧୦ କେଜି, ରାଣୀହାଟରେ ୫ କୁଇଣ୍ଟାଲ୍, ଦରଘା ବଜାରରେ ୨କୁଇଣ୍ଟାଲ ୫୦କେଜି, କାଜିବଜାରରେ ୧କୁଇଣ୍ଟାଲ୍ ୬୦କେଜି, ଚାନ୍ଦିନୀଚୌକରେ ୪ କୁଇଣ୍ଟାଲ୍, ଫିରିଙ୍ଗିବଜାରରେ ୨କୁଇଣ୍ଟାଲ୍, ଚୌଧୁରୀ ବଜାରରେ ୨କୁଇଣ୍ଟାଲ୍ ୫୦କେଜି, ଅଲିଶା ବଜାରରେ ୩ କୁଇଣ୍ଟାଲ୍,



ଚାଉଳିଆଗଞ୍ଜରେ ୪କୁଇଣ୍ଟାଲ୍ ୫୦କେଜି, ବାଲୁବଜାରର ୩ କୁଇଣ୍ଟାଲ୍ ୫୪କେଜି, ହରିପୁର-ଦୋଳମୁଣ୍ଡାଇର ସାଢ଼େ ୩ କୁଇଣ୍ଟାଲ୍, କାଠଗଡ଼ା ସାହିର ୩ କୁଇଣ୍ଟାଲ୍ ୭୦କେଜି, ମାଛୁଆବଜାରର ୩ କୁଇଣ୍ଟାଲ୍, ଶିଖରପୁର-ଗଣ୍ଡରପୁରର ୨ କୁଇଣ୍ଟାଲ୍ ୨୦କେଜି, ଗଣେଶ ଘାଟର ୧କୁଇଣ୍ଟାଲ୍ ୨୦କେଜି, ଖାନନଗର ୩ କୁଇଣ୍ଟାଲ୍, ଖଟବିନ୍ ସାହିର ୧କୁଇଣ୍ଟାଲ୍ ୫୦କେଜି, ପିଠାପୁରର ୨ କୁଇଣ୍ଟାଲ୍ ୩୦କେଜି, ବୁଢ଼ୀ ଠାକୁରାଣୀର ୨ କୁଇଣ୍ଟାଲ, ତୁଳସୀପୁରର ୨କୁଇଣ୍ଟାଲ୍, ଛତ୍ରବଜାରର ୨ କୁଇଣ୍ଟାଲ୍ ୫୦କେଜି ଏବଂ ଗଙ୍ଗାମନ୍ଦିରର ୧କୁଇଣ୍ଟାଲ୍ ୫୨କେଜି ଚାନ୍ଦିରେ ମେଢ଼ ନିର୍ମାଣ କରାଯାଇଛି।

ସେହିପରି ମେଢ଼ରେ ସୁନାର ବ୍ୟବହାର ମଧ କଟକର ପୂଜାକୁ ଅଧିକ ଆକର୍ଷଣୀୟ କରିଛି। ଚୌଧୁରୀବଜାର ମେଢ଼ରେ ୯ଟି ସୁନା କଲିକା ଲାଗିଛି। ପ୍ରତି କଲିକାର ଓଜନ ୧କିଲୋରୁ ଅଧିକ ହେବ। ଶେଖବଜାର ମେଢ଼ରେ ୫କିଲୋରୁ ଅଧିକ ସୁନା କାରୁକାର୍ଯ୍ୟ ହୋଇଛି। କାଠଗଡ଼ା ସାହି, ମଙ୍ଗଳାବାଗ, ଚାଉଳିଆଗଞ୍ଜ, ରାଣୀହାଟ, ଖାନନଗର, ହରିପୁର-ଦୋଳମୁଣ୍ଡାଇ ଏବଂ କଲେଜଛକ ଭଳି ପୂଜା ମଣ୍ଡପରେ ସୁନାର ମୁକୁଟ ଲାଗିଛି। ଏହି ୭ଟି ମଣ୍ଡପରେ ହାରାହାରି ୫ କିଲୋ ଲେଖାଁଏ ସୁନା ବ୍ୟବହାର କରାଯାଇଛି। ପ୍ରାୟ ୯୭ କିଲୋରୁ ଅଧିକ ସୁନାର ବ୍ୟବହାର ହୋଇଥିବା ଜଣାପଡ଼ିଛି। ଏଠାରେ ସୂଚନାଯୋଗ୍ୟ ଯେ, ଏଭଳି ସୁନା ଚାନ୍ଦିର ପରମ୍ପରା ସମଗ୍ର ଦେଶରେ କେଉଁଠି ନ ଥିବା ବେଳେ କଟକରେ ଏହି ପରମ୍ପରା ପ୍ରଚଳିତ ହୋଇଆସୁଛି।



କଟକ ସହରରେ ହେଉଥିବା ଚାନ୍ଦିମେଢ଼ ସାରା ଭାରତରେ ଆମକୁ ପରିଚୟ ଦେଇଛି। ଏହି ନିଖୁଣ କାରୁକାର୍ଯ୍ୟ ସମ୍ପନ୍ନ କଳା ଆମର କୌଳିକ ବୃତ୍ତି। ପୂଜା ମଣ୍ଡପ କର୍ମକର୍ତ୍ତାଙ୍କ ମନପସନ୍ଦ ଡିଜାଇନ ମୁତାବକ ଆମେ ଚାନ୍ଦିମେଢ଼ ନିର୍ମାଣ କରିଥାଉ। ଦୀର୍ଘ ୩୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ମୁଁ ଏହି ଚାନ୍ଦିମେଢ଼ ନିର୍ମାଣ କାର୍ଯ୍ୟ କରିଆସୁଛି। ରାଜ୍ୟର ବିଭିନ୍ନ ସ୍ଥାନରେ ଚାନ୍ଦିମେଢ଼ ନିର୍ମାଣ କରି ମୁଁ ଗଭୀର ଆତ୍ମସନ୍ତୋଷ ପାଇଛି।

- ପ୍ରଦୀପ ପୃଷ୍ଟି, ତାରକସୀ କାରିଗର



ବାଦାମବାଡ଼ି, ଶିଖରପୁର, ନୟାସଡ଼କ, ଗଣେଶଘାଟ, ନିମଚୌଡ଼ି, ଗଙ୍ଗାମନ୍ଦିର, ତୁଳସୀପୁର, ରାମଗଡ଼ ପୂଜା ମଣ୍ଡପରେ ଶୋଭା ପାଉଥିବା ଚାନ୍ଦିମେଢ଼କୁ ମୁଁ ଓ ମୋର ସହଯୋଗୀମାନେ ନିର୍ମାଣ କରିଛୁ। ଚାନ୍ଦିମେଢ଼ ନିର୍ମାଣ କରିବା ପାଇଁ ପ୍ରାୟ ଏକ ବର୍ଷ ଲାଗିଥାଏ। ମେଢ଼ ନିର୍ମାଣ ସରିବା ପରେ ପୂଜା କମିଟି କର୍ମକର୍ତ୍ତାଙ୍କ ପ୍ରଶଂସାରେ ଆନନ୍ଦ ମିଳିଥାଏ।

- ନିରାକାର ଦାସ, ତାରକସୀ କାରିଗର

## ମା'ଙ୍କ ବେଶ



କଟକ ଚଣ୍ଡୀଙ୍କ ଷୋଡ଼ଶୀ ବେଶ

## ବଡ଼ ତୋରଣକୁ ଲଘୁଚାପ ବର୍ଷା ବିପଦ

କଟକ, ୨୬।୯(ସମିସ): କଟକର ପ୍ରସିଦ୍ଧ ଦୁର୍ଗାପୂଜା ଆଉ ମାତ୍ର ଦୁଇ ଦିନ ରହିଲା। ହେଲେ ଆଜିଠାରୁ ଆରମ୍ଭ ହୋଇଥିବା ଲଘୁଚାପ ଜନିତ ଲଗାଣ ବର୍ଷା ଚୂଡାନ୍ତ ପ୍ରସ୍ତୁତିରେ ବାଧକ ସାଜିଛି। ଲଗାଣ ବର୍ଷା ଦୁର୍ଗାପୂଜା ଅବସରରେ ହେଉଥିବା ବଡ ତୋରଣ ପାଇଁ ବିପଦ ହୋଇ ଉଭା ହୋଇଛି। ଏପରିକି ବିଗତ ବର୍ଷରେ ଖାନନଗର ଠାରେ ତୋରଣ ଭୁଶୁଡିଥିବାର ନଜିର ରହିଛି। ବଡ ବଡ ତୋରଣ ଗୁଡିକର ନିରାପତ୍ତା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ବିଶେଷକରି ପୂର୍ତ୍ତ ବିଭାଗର ଏଥିପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାରୁ ଏହି ବଡ ତୋରଣ ଗୁଡିକର ଉପଯୁକ୍ତ ଯାଞ୍ଚ କରିବା ପାଇଁ ହାଇକୋର୍ଟ କହିଛନ୍ତି। ସୂଚନାନୁସାରେ ବିଭିନ୍ନ ଲାଇନ ବିଭାଗର ୬ ଅଧିକାରୀ/କର୍ମଚାରୀଙ୍କୁ ନେଇ ବଡ ତୋରଣ ଯାଞ୍ଚ କରିବା ପାଇଁ ଦୁଇଟି ଦଳ ଗଠନ କରାଯାଇଛି। କଟକ ସହରର ବିଭିନ୍ନ ପୂଜାମଣ୍ଡପରେ ହେଉଥିବା ବଡ ତୋରଣ କାମ ବର୍ଷା ପାଇଁ ଅଗ୍ରଗତି କରିପାରିନାହିଁ। ତେବେ ଏଗୁଡିକର ନିରାପତ୍ତା ସଂକ୍ରାନ୍ତରେ ଆବଶ୍ୟକ ପରାମର୍ଶ ଦିଆଯାଇଛି।

## ଆସ ବୁଲିଯିବା ପୂଜାମଣ୍ଡପ

ରଣସିଂହପୁର



## କାଳ୍ପନିକ ତୋରଣରେ ବିରାଜିବେ ମା'

ଭୁବନେଶ୍ୱର, ୨୬।୯(ସମିସ): ରାତି ପାହିଲେ ଧରାପୃଷ୍ଠରେ ଅବତରଣ କରିବେ ମହିଷାମର୍ଦ୍ଦିନୀ ମା' ଦୁର୍ଗା। ତୋରଣ ପ୍ରସ୍ତୁତି ପ୍ରତିଯୋଗିତା ଠାରୁ ଦୂରରେ ରହି ୮ଟି ଗାଁର ମିଳିତ ସହଯୋଗରେ ପୂଜା କରୁଥିବା ରଣସିଂହପୁର ଗ୍ରାମପଞ୍ଚାୟତ ପୂଜା କମିଟି ଏଥର ମଧ ପାରମ୍ପରିକ ଭାବେ ପୂଜା ପାଳନ କରୁଛନ୍ତି। ୪ବର୍ଷରେ ପଦାର୍ପଣ କରୁଥିବା ଏହି ପୂଜା କମିଟିରେ ଚଳିତ ବର୍ଷ କାଳ୍ପନିକ ତୋରଣ ନିର୍ମାଣ କରାଯାଇଥିବା ବେଳେ ଏହାର ଉଚ୍ଚତା ୫୫ଫୁଟ ଓ ଚଉଡ଼ା ୫୪ ଫୁଟ ରହିଛି। ସେହିପରି ମା'ଙ୍କ ମୂର୍ତ୍ତିର ଉଚ୍ଚତା ରହିଛି ୧୬ଫୁଟ। ୪ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ଉଚ୍ଚତା ୫୫ଫୁଟ ଓ ଓସାର ରହିଛି ୫୪ ଫୁଟ। ମା'ଙ୍କ ଉଚ୍ଚତା ୧୬ ଫୁଟ ରହିଥିବା ବେଳେ। ଚଳିତ ବର୍ଷ ପୂଜା ବଜେଟ୍ ୧୨ଲକ୍ଷ ଟଙ୍କା ରହିଥିବା କମିଟି ପକ୍ଷରୁ କୁହାଯାଇଛି। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଷ୍ଟମୀରେ ଯଜ୍ଞ ଓ ଭଜନ ପରିବେଷଣ ସହ ନବମୀରେ ଛୋଟ ପିଲାଙ୍କର ନୃତ୍ୟ କାର୍ଯ୍ୟକ୍ରମ, ଦଶମୀରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା କରାଯାଇ ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ପୂଜାକୁ ଶାନ୍ତି ଶୃଙ୍ଖଳାର ସହ ସମାପନ କରାଯିବା ଯାଏ ଅନୁଷ୍ଠାନ ପକ୍ଷରୁ ୧୫୦ ସ୍ୱେଚ୍ଛାସେବୀ ଉପସ୍ଥିତ ରହିବେ ସହଯୋଗ କରିବେ। ଏଥର କମିସନରେଟ୍ ପୁଲିସ ଡିଜେ ପରିବେଷଣ ପାଇଁ କଟକଣା ଲଗାଇଥିବାରୁ ସମ୍ପୂର୍ଣ୍ଣ ଭାବେ ପାରମ୍ପରିକ ଭସାଣି ଅନୁଷ୍ଠିତ ହେବ। ପାରମ୍ପରିକ ବାଦ୍ୟରେ ନୂଆପଲ୍ଲୀ ଭସାଣି ଉତ୍ସବରେ ସାମିଲ ହୋଇ ମା'ଙ୍କୁ ବିସର୍ଜନ କରାଯିବ ବୋଲି କମିଟି ପକ୍ଷରୁ ବିକ୍ରମ କେଶରୀ ଛୋଟରାୟ, ଭୋଳାନାଥ ଜେନା ପ୍ରମୁଖ ସଦସ୍ୟମାନେ କହିଛନ୍ତି।

## ଚାନ୍ଦି ମେଢ଼ରେ ଲାଗିଛି ଦେଢ଼ କ୍ୱିଣ୍ଟାଲ ରୁପା

ଭୁବନେଶ୍ୱର, ୨୬।୯(ସମିସ): ଧରାପୃଷ୍ଠରେ ମା'ଙ୍କ ଆଗମନକୁ ନେଇ ଉତ୍ସବମୁଖର ହୋଇଛି ସହର। ପୁରୁଣା ଭୁବନେଶ୍ୱରସ୍ଥିତ ପ୍ରତ୍ୟକ ମଣ୍ଡପରେ ମଧ ମା' ଦୁର୍ଗାଙ୍କ ଆଗମନ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଁଚିଛି।

ସେଥିମଧ୍ୟରୁ ସର୍ବପୁରାତନ ପୂଜା ମଣ୍ଡପ ଭାବେ ପରିଚିତ ତଥା ଶ୍ରୀ ଲିଙ୍ଗରାଜଙ୍କ ବ୍ରାହ୍ମଣ ନିଯୋଗରେ ମଧ ମା'ଙ୍କ ପୂଜା ଲାଗି ପ୍ରସ୍ତୁତି ସରିବା ଉପରେ। ୨୦୧୯ ମସିହାଠାରୁ ମା'ଙ୍କ ଲାଗି ତିଆରି ହୋଇଆସୁଛି ଚାନ୍ଦୀ ମେଢ଼, ଯାହା ପୁରୁଣା ଭୁବନେଶ୍ୱରର ଏକମାତ୍ର ଚାନ୍ଦୀ ମେଢ଼ ଭାବେ ପରିଚିତ। ପ୍ରାୟ ଦେଢ କୁଇଣ୍ଟାଲ ରୁପା ଲାଗି ଏହି ମେଢ଼ଟି ତିଆରି ହୋଇଥିଲା।



ସମସ୍ତ ଦେବାଦେବୀଙ୍କ ଚାନ୍ଦୀ ମୁକୁଟ, ଅସ୍ତ୍ର, ଅଳଙ୍କାର ଆଦି ରୁପା ଛାଉଣୀ କରାଯାଇଛି। ସାଜସଜ୍ଜା ପାଇଁ ଦୁଇଟି ୫୦ ଫୁଟ୍‌ର ବିଶାଳ ଲାଇଟି ଗେଟ୍ ସହ ବଡଦାଣ୍ଡ ସାରା ଏଲ୍‌ଇଡି ଲାଇଟ୍‌ରେ ଆଚ୍ଛାଦିତ କରାଯାଇଛି ବୋଲି ସୂଚନା ଦେଇଛନ୍ତି ସଭାପତି ଭାଗିରଥି ମହାସୁଆର।

## ପୂଜା ମଣ୍ଡପରେ 'ମିନି ଭୁବନେଶ୍ୱର'



ଭୁବନେଶ୍ୱର, ୨୬।୯(ସମିସ): ପ୍ରତିବର୍ଷ ଦୁର୍ଗାପୂଜା ମଣ୍ଡପକୁ ଆର୍ଟ ଡିଜାଇନ୍‌ରେ ଆକର୍ଷଣୀୟ ରୂପ ଦେଇ ଚର୍ଚ୍ଚାରେ ରହିଥାଏ ଷ୍ଟେସନ୍ ବଜାର ପୂଜା କମିଟି। ଚଳିତବର୍ଷ ମଧ ଭିନ୍ନ ତୋରଣ ନିର୍ମାଣ କରି ପୂର୍ଜ ପୂର୍ବରୁ ପ୍ରଶଂସା ସାଉଁଟିଛି ଏହି ପୂଜା କମିଟି। ତନ୍ତ୍ର ସାଧନା ଭଳି ଅନ୍ଧବିଶ୍ୱାସକୁ ନେଇ ନିର୍ମିତ ତୋରଣ ସାଙ୍ଗକୁ ସାଙ୍ଗକୁ ମଣ୍ଡପ ପରିସରରେ ନିର୍ମାଣ ହୋଇଛି ମିନି ଭୁବନେଶ୍ୱର। ଯାହାକି ଚଳିତ ବର୍ଷର ବେଶ୍ ଆକର୍ଷଣ ପାଲଟିଛି। ପୂଜା ମଣ୍ଡପକୁ ପ୍ରବେଶ ପଥର ଉପରେ ନିର୍ମାଣ ହୋଇଛି ଭୁବନେଶ୍ୱର ସହର। ଆକାଶ ମାର୍ଗରୁ ଭୁବନେଶ୍ୱରକୁ ଦେଖିଲେ ଯେଉଁଭଳି ଅନୁଭବ ହୋଇଥାଏ ଠିକ୍ ଅନୁରୂପ ଅନୁଭବ ଦେବ ଏହି ଭୁବନେଶ୍ୱରର ମିନିଏଚର। ଧଉଳି ଶାନ୍ତିସ୍ତୂପ ଠାରୁ ଆରମ୍ଭ କରି ଲିଙ୍ଗରାଜ ମନ୍ଦିର, ବିନ୍ଦୁସାଗର, ରାମନ୍ଦିର, ସମେତ ବଡ଼ବଡ଼ ଅଟ୍ଟାଳିକା, ରେଳ ଷ୍ଟେସନ୍, ବିମାନବନ୍ଦର ସାଙ୍ଗକୁ ଭୁବନେଶ୍ୱରର ଗଳିକନ୍ଦିରେ ରହିଥିବା ପ୍ରସିଦ୍ଧ ଓ ଦର୍ଶନୀୟ ସ୍ଥାନ ରହିଛି। ଫାଇବରରେ ନିର୍ମିତ ହୋଇଥିବା ଏହି କାରୁକାର୍ଯ୍ୟକୁ ଓଡ଼ିଶାର କାରିଗରମାନେ ପ୍ରାୟ ୩ମାସ ହେବ ତିଆରି କରୁଥିବା କହିଛନ୍ତି ପୂଜା କମିଟିର ସଭାପତି ଦୀପକ କୁମାର ଜେନା। ତେଣୁ ଗୁଗୁଲ ମ୍ୟାପ୍‌ରେ ଭୁବନେଶ୍ୱରକୁ ଦେଖିଲେ ଯେମିତି ଦିଶେ ଏବଂ କେଉଁଠାରେ କ'ଣ ରହିଛି ସବୁ ଜାଣି ହୁଏ ଠିକ୍ ସେମିତି ଏହାକୁ ଦେଖିଲା ପରେ ଭୁବନେଶ୍ୱର ବିଷୟରେ ଜଣେ ନୂଆ ଲୋକେ ସମ୍ପୂର୍ଣ୍ଣ ଭାଭବେ ଜାଣିପାରିବେ। ଏହା ବେଳେ ଲାଇଟ୍ ଲାଗିଛି। ଓଡ଼ିଆ କାରିଗର ମାନେ ୩ ମାସ ହେଲା କରୁଛନ୍ତି।

# ବରମୁଣ୍ଡାରେ ପୋଡ଼ିବ ୬୦ ଫୁଟ୍‌ର ରାବଣ

**ନୂଆପଲ୍ଲୀ, ଚନ୍ଦକାରେ ୫୦ ଫୁଟ୍‌ର ରାବଣ**

**ଏଥର ପଳାଶୁଣିଲେ ହେବନି ରାବଣପୋଡ଼ି**

ଭୁବନେଶ୍ୱର, ୨୬।୯(ସମିସ): ଜମିଲାଣି ପୂଜା ବଜାର। ତା' ସାଙ୍ଗକୁ ସନ୍ଧ୍ୟା ହେଲା ମାତ୍ରେ ଆକର୍ଷଣୀୟ ଆଲୋକମାଳାରେ ଝଲସି ଉଠୁଛି ରାଜଧାନୀ। ସତେ କି ଏଥରର ପାର୍ବଣ ନିଆରା। ସେପଟେ ପୂଜା ମଣ୍ଡପ ବୁଲା ସାଙ୍ଗକୁ ଅପେକ୍ଷା ରହିଛି ରାବଣ ପୋଡ଼ିକୁ। ରାବଣ ପୋଡ଼ି ସୂଚେଇ ଦିଏ ଅଧର୍ମ ଉପରେ ଧର୍ମର, ଅସତ୍ୟ ଉପରେ ସତ୍ୟର ବିଜୟ କଥା। ସେ ନେଇ ମଧ ଚଳଚଞ୍ଚଳ ରାବଣ ପୋଡ଼ି ଆୟୋଜନ କରୁଥିବା କମିଟି ଓ ତା'ର କର୍ମକର୍ତ୍ତା। କେଉଁଠାରେ ସୁରକ୍ଷାକୁ ପ୍ରାଧାନ୍ୟ ଦିଆ ଯାଇଛି ତ ଆଉ କଉଠି ରାମଲୀଳା ପ୍ରଦର୍ଶନ କରାଯିବାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ। ତେବେ ଏଥର ସବୁଠାରୁ ଉଚ୍ଚ ରାବଣ ବରମୁଣ୍ଡାରେ ପ୍ରସ୍ତୁତ କରାଯାଉଛି।

ରାଜଧାନୀର ଅନ୍ୟତମ ବଡ଼ ଦୁର୍ଗାପୂଜା କହିଲେ ନୂଆପଲ୍ଲୀ ରାବଣପୋଡ଼ି। ଚଳିତ ବର୍ଷ ମଧ ନୂଆପଲ୍ଲୀ ଦୂର୍ଗାପୂଜା ସମିତି ପକ୍ଷରୁ ରାବଣ ପୋଡ଼ି ଉତ୍ସବ ଅନୁଷ୍ଠିତ ହେବ। ଅନୁଷ୍ଠାନ ପକ୍ଷରୁ ମା'ଙ୍କ ପୂଜା ୩୮ ବର୍ଷରେ ପହଞ୍ଚିଛି। ପ୍ରତିଷ୍ଠାତା ସନାତନ ବେହେରାଙ୍କ କହିବା ଅନୁଯାୟୀ ପୂଜା ଆରମ୍ଭ ବର୍ଷରୁ ହିଁ ରାବଣ ପୋଡି ଉତ୍ସବ ପାଳନ ହୋଇ ଆସୁଛି। ସେହିଭଳି ଚଳିତ ବର୍ଷ ସମିତି ପକ୍ଷରୁ ୫୦ ଫୁଟ୍‌ର ରାବଣ ପୋଡା ଯିବ, ସେ ପୁଣି ବିନା ବାଣରେ। ରାବଣପୋଡ଼ି ଉତ୍ସବ ମଣ୍ଡପ ସମ୍ମୁଖ କସ୍ତୁରବା ପଡ଼ିଆରେ ଅନୁଷ୍ଠିତ ହେବ।

ସେହିଭଳି ବରମୁଣ୍ଡା ଦୁର୍ଗାପୂଜାରେ ଏଥର ସର୍ବବୃହତ ରାବଣ ନିର୍ମାଣ ଚାଲିଛି। ଯାହାର ଉଚ୍ଚତା ରହିଛି ୬୦ ଫୁଟ୍। ୨୬ ବର୍ଷରେ ପଦାର୍ପଣ କରିବାକୁ ଯାଉଥିବା ବରମୁଣ୍ଡା ଦୁର୍ଗାପୂଜା ପାଇଁ କମିଟି ପକ୍ଷରୁ ଏଥିପାଇଁ ଚାଲିଛି



ଜୋରଦାର ପ୍ରସ୍ତୁତି। ସେହିପରି କାଳ୍ପନିକ ତୋରଣ ନିର୍ମାଣ ସାଙ୍ଗକୁ ସବୁଠୁ ଉଚ୍ଚ ରାବଣ ବିଶେଷ ଆକର୍ଷଣ ସାଜିବ ବୋଲି କମିଟି ପକ୍ଷରୁ ଅକ୍ଷୟ ପାଇକରାୟ କହିଛନ୍ତି। ତାଙ୍କ କହିବା ଅନୁଯାୟୀ ଯେବେଠାରୁ ପୂଜା ଆୟୋଜିତ ହେଉଛି ସେହିଦିନଠାରୁ ଅର୍ଥାତ ୨୫ ବର୍ଷ ହେବ ରାବଣ ପୋଡି ମଧ ଆୟୋଜିତ ହେଉଛି।

ସେହିଭଳି ୧୪ ବର୍ଷରେ ପଦାର୍ପଣ କରିଥିବା ଗୋପୀନାଥଜିଉ ଦୂର୍ଗାପୂଜା କମିଟି ପକ୍ଷରୁ ଚଳିତ ବର୍ଷ ବିଜୟା ଦଶମୀରେ ୫୦ ଫୁଟ୍‌ର ରାବଣ ପୋଡ଼ା ଯିବ। କିନ୍ତୁ ଶବ୍ଦ ପ୍ରଦୂଷଣ କଲାଭଳି ବାଣ ବ୍ୟବହାର ହେବ ନାହିଁ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ପୂଜା ଆରମ୍ଭରୁ ଏଠାରେ ରୋବଣ ପୋଡି ମଧ ଆୟୋଜିତ ହୋଇ ଆସୁଛି। ଚନ୍ଦକା ଦୁର୍ଗାପୂଜା ସମିତି ପକ୍ଷରୁ ପୂଜା ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତ ବର୍ଷ ସମିତି ୭୮ ବର୍ଷରେ ପଦାର୍ପଣ କରୁଥିବା ବେଳେ ପ୍ଲାଟିନମ୍ ଜୁବୁଲି ପାଳନ କରିବାକୁ ପ୍ରସ୍ତୁତି ମଧ ଚାଲିଛି। ପ୍ରତିବର୍ଷ ଅନୁଷ୍ଠାନ ପକ୍ଷରୁ ରାବଣ ପୋଡି ଆୟୋଜିତ ହେଉଥିବା ବେଳେ ଚଳିତ ବର୍ଷ ପ୍ଲାଟିନମ୍ ଜୁବୁଲି ଅବସରରେ ୫୦ ଫୁଟର ରାବଣ ପୋଡ଼ି ଆକର୍ଷଣ ପାଲଟିବ।

ଏଥର ପଳାଶୁଣି ଦୁର୍ଗାପୂଜା କମିଟି ପକ୍ଷରୁ ତୋରଣ ଏବଂ ମୂର୍ତ୍ତି ତିଆରିକୁ ବିଶେଷ ଭାବେ ଗୁରୁତ୍ୱ ଦିଆଯାଇଛି। ତେଣୁ ରାବଣ ପୋଡି ପଳାଶୁଣି ଦୁର୍ଗାପୂଜାର ପ୍ରମୁଖ ଆକର୍ଷଣ ହେଉଥିବାବେଳେ ଚଳିତ ବର୍ଷ ଆଉ ରାବଣ ପୋଡି ହେବ ନାହିଁ ବୋଲି କମିଟି ପକ୍ଷରୁ କୁହାଯାଇଛି। ତେବେ ନବରାତ୍ରି ବ୍ରତଧାରୀଙ୍କ ପାଇଁ ପ୍ରସାଦ ସେବନ ଆଦିର ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି।

# ଭୁବନେଶ୍ୱର ସିଟି








## ଚିଙ୍ଗିଡ଼ି ଓ ରାଜେଶ ପୁଣି ଦୋଷୀ ସାବ୍ୟସ୍ତ



ଭୁବନେଶ୍ୱର, ୨୬।୯ (ସମିସ): ଏୟାରପୋର୍ଟ ଥାନା ଅଞ୍ଚଳର ଏକ ସୁନା ଚେନ ଲୁଟ୍ ମାମଲାରେ ରାଜେଶ କୁମାର ପଣ୍ଡା ଓ ଲିଙ୍ଗରାଜ ଦଳେଇ ଓରଫ୍ ଚିଙ୍ଗିଡ଼ିକୁ ଶୁକ୍ରବାର ଜେଲ୍ ଦଣ୍ଡାଦେଶ ଦେଇଛନ୍ତି ଭୁବନେଶ୍ୱର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ-୫ର ବିଚାରପତି ଇତିଶ୍ରୀ ମହାପାତ୍ର। ଉଭୟଙ୍କୁ ୧୪ ମାସର କାରାଦଣ୍ଡ ସହ ୨ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି ବିଚାରପତି। ଜରିମନା ଅନାଦେୟ କ୍ଷେତ୍ରରେ ଅଧିକ ୨ ମାସ ଜେଲଦଣ୍ଡ ଭୋଗିବାକୁ ଆଦେଶ ଦେଇଛନ୍ତି। ଏଲଡି. ଆସିଷ୍ଟାଣ୍ଟ ପବ୍ଲିକ୍ ପ୍ରୋସିକ୍ୟୁଟର ରାଜଲକ୍ଷ୍ମୀ ନାୟକ ଓ ସଞ୍ଜୟ କୁମାର ସାହୁ ପ୍ରମୁଖ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରିଥିଲେ। ପ୍ରକାଶ ଥାଉ କି ଗତ ଏପ୍ରିଲ ମାସ ୨୨ ତାରିଖ ସକାଳ ୬ଟା ସମୟରେ ଏୟାରପୋର୍ଟ ଥାନା ଅନ୍ତର୍ଗତ ଏରୋଡ୍ରମ ଏରିଆ ଲେନ୍ ୨ରେ ରହୁଥିବା ମମତା ପଣ୍ଡା ଫୁଲ ତୋଳୁଥିବା ସମୟରେ ଚିଙ୍ଗିଡ଼ି ଓ ରାକେଶ ବାଇକରେ ଆସି ତାଙ୍କ ବେକରୁ ସୁନା ଚେନ ଛଡ଼ାଇ ନେଇଥିଲେ। ମମତାଙ୍କ ଅଭିଯୋଗ କ୍ରମେ ଏୟାରପୋର୍ଟ ଥାନା ପୁଲିସ କେସ୍ ନଂ - ୧୧୪ ରେ ବିଏନ୍ଏସ୍ ଧାରା-୩୦୯(୪)/୩(୫)ରେ ମାମଲା ରୁଜୁ କରିଥିଲା। ରାକେଶ ଓ ଲିଙ୍ଗରାଜକୁ ଗିରଫ କରି ଅଦାଲତରେ ଚାର୍ଜସିଟ ଦାଖଲ କରିଥିଲେ ତଦନ୍ତକାରୀ ଅଧିକାରୀ ଏସ୍ଆଇ ସତ୍ୟ ନାରାୟଣ ବାରିକ। ସୂଚନାଯୋଗ୍ୟ ଯେ, ରାଜେଶ ଓ ଚିଙ୍ଗିଡ଼ି ପୂର୍ବରୁ ମଧ୍ୟ ଏକାଧିକ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି।

## ୧୨ ବର୍ଷ ପରେ ଧରାପଡ଼ିଲା ବାଇକ୍ ଚୋର

ଭୁବନେଶ୍ୱର, ୨୬।୯ (ସମିସ): ବାଇକ୍ ଚୋରି ଘଟଣାର ଅଭିଯୁକ୍ତକୁ ୧୨ ବର୍ଷ ପରେ ଗିରଫ କରିଛି ଖାରବେଳ ନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଭଦ୍ରକ ଜିଲ୍ଲା ବନ୍ତ ଥାନା ଖଳାଗାଡ଼ିଆର ହିମାଂଶୁ ଭୂଷଣ ଜେନା (୪୭)। ପୁଲିସ ସୂଚନାନୁସାରେ, ୨୦୧୩ ଅଗଷ୍ଟ ୨୧ ତାରିଖ ଦିନ ପଞ୍ଜାବୀ କଲୋନୀର ଲକ୍ଷ୍ମୀଧର ବୈରିଗଞ୍ଜନ ତାଙ୍କ ଘର ସାମ୍ନାରେ ବାଇକ୍ ପାର୍କିଂ କରିଥିଲେ। ସେହି ସମୟରେ ହିମାଂଶୁ ତାଙ୍କ ଗାଡ଼ିଟିକୁ ଚୋରି କରି ନେଇଥିଲେ। ଏନେଇ ଲକ୍ଷ୍ମୀଧର ଖାରବେଳ ନଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଥିଲା। ସେହି ସମୟରେ ନନ୍ଦିପଡ଼ା ଥାନା ପୁଲିସ ଅନ୍ୟ ଏକ ଘଟଣାରେ ହିମାଂଶୁକୁ ଗିରଫ କରିବା ସହ ହେପାଜତରୁ ଚୋରି ବାଇକ୍ ଜବତ କରିଥିଲା। କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଜବତ ଗାଡ଼ିକୁ ଜିମାନାମାରେ ଲକ୍ଷ୍ମୀଧରଙ୍କୁ ଦିଆଯାଇଥିଲା। ଆଜି ସକାଳେ ଖାରବେଳ ନଗର ଥାନା ପୁଲିସ ଓ ବନ୍ତି ପୁଲିସ ସହାୟତାରେ ହିମାଂଶୁକୁ ଗିରଫ କରିଥିଲା।

## ପ୍ରଥମ ପର୍ଯ୍ୟାୟ ଗଣନା ଶେଷ

# ରାଜଧାନୀରେ ୪୬ ହଜାର ବୁଲାକୁକୁର

ଭୁବନେଶ୍ୱର, ୨୬।୯(ସମିସ): ଭୁବନେଶ୍ୱରର ଦୁଇଟି ପର୍ଯ୍ୟାୟରେ ହୋଇଥିବା କୁକୁର ଗଣନା ଶେଷ ହୋଇଛି। ବିଏମ୍ସିର ସମସ୍ତ ୩ଟି ୱାର୍ଡରେ ପ୍ରଥମ ପର୍ଯ୍ୟାୟର କୁକୁର ସଂଖ୍ୟା ୪୬ହଜାର ବୋଲି ଗଣନା ପରେ ରିପୋର୍ଟରୁ ଜଣାପଡ଼ିଛି। ବିଏମ୍ସିର ଉତ୍ତର ଜୋନ୍ରେ ୧୫୮୦୦ କୁକୁର ଥିଲା ବେଳେ ଦକ୍ଷିଣ-ପୂର୍ବ ଜୋନରେ ୧୪, ୯୦୦ ଏବଂ ଦକ୍ଷିଣ-ପଶ୍ଚିମ ଜୋନ୍ରେ ଏହି ସଂଖ୍ୟା ୧୫ ହଜାରରୁ ସାମାନ୍ୟତମ ଅଧିକ ବୋଲି ବିଶ୍ୱସ୍ତ ସୂଚନା ମିଳିଛି। ତେବେ ଭୁବନେଶ୍ୱରରେ ମାତ୍ର ୪୬ ହଜାର କୁକୁର ଥିବା ନେଇ ଜଣାପଡ଼ିବା ପରେ ଏବେ ବିଏମ୍ସିର କୁକୁର ଗଣନାକୁ ନେଇ ଅନେକ ପ୍ରଶ୍ନ ଉଠିଛି। କୁକୁର ଗଣନା ଠିକ୍ ଭାବେ ହୋଇଛି କି ନାହିଁ। ଗଣନା ଠିକ୍ ସମୟରେ ହୋଇଛି କିମ୍ବା ନାହିଁ ବୋଲି ଏକ୍ସପର୍ଟମାନେ ପ୍ରଶ୍ନ ଉଠାଇଛନ୍ତି।

ଭୁବନେଶ୍ୱର ସହରରେ ପ୍ରାୟ ୮୫ହଜାର କୁକୁର ଥିବା ନେଇ ବିଶେଷଜ୍ଞ ଅନୁମାନ କରିଥିଲେ। ହେଲେ କୁକୁର ସଂଖ୍ୟା ଅନୁମାନର ବି ଅଧାରେ ପହଞ୍ଚିଛି। ଏହାକୁ ନେଇ ଏବେ ଚିନ୍ତାରେ ବିଏମ୍ସି। କ'ଣ ଗଣନା ଠିକ୍ ଭାବେ ହେଲା ନାହିଁ ନା ବିଏମ୍ସି ମନଇଚ୍ଛା କୁକୁର ଗଣନା କରି ନିଜର ଦାୟିତ୍ୱ ସାରିଦେଲା।



ରାଜଧାନୀରେ ଦୀର୍ଘବର୍ଷ ଧରି କୁକୁର ବନ୍ଧ୍ୟାକରଣ ବନ୍ଦ ଥିଲା। କେତେବେଳେ ହାଇକୋର୍ଟରେ ମାମଲା ଚାଲିଥିବାରୁ ବନ୍ଧ୍ୟାକରଣ ଉପରେ ରହିତାଦେଶ ଜାରି ହୋଇଥିଲା। ପୁଣି କେତେବେଳେ ଉପଯୁକ୍ତ ସଂସ୍ଥା ନ ମିଳିବାରୁ କୁକୁର ବନ୍ଧ୍ୟାକରଣକୁ ବନ୍ଦ କରାଯାଇଥିଲା। ଏବେ ଉପଯୁକ୍ତ ସଂଖ୍ୟାକ ଡାକ୍ତର ନ ଥିବାରୁ ବନ୍ଧ୍ୟାକରଣ ପ୍ରକ୍ରିୟା ସ୍ଥିର ହୋଇଯାଇଛି। କୁକୁର ବନ୍ଧ୍ୟାକରଣ ବନ୍ଦ ରହିବା ଯୋଗୁଁ ରାଜଧାନୀରେ କୁକୁର ସଂଖ୍ୟା ହୁ ହୁ ହୋଇ ବଢ଼ିବା କଥା। ହେଲେ କୁକୁର ସଂଖ୍ୟା ସେହି ତୁଳନାରେ କିଭଳି ବଢ଼ି ନାହିଁ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଦେଇଛି।

**ଉତ୍ତରରେ ୧୬ ହଜାର, ଦକ୍ଷିଣରେ ୧୫ ହଜାର**

**ବନ୍ଧ୍ୟାକରଣ ବନ୍ଦ ସତ୍ତ୍ୱେ କମିଲା କୁକୁରଙ୍କ ସଂଖ୍ୟା**

**ସଂଖ୍ୟାକୁ ନେଇ ଅନେକ ପ୍ରଶ୍ନବାଚୀ**

ସୂଚନାଯୋଗ୍ୟ ଯେ, ଗତ ୧୮ ତାରିଖରୁ ୨୫ ତାରିଖ ମଧ୍ୟରେ ସମୁଦାୟ ୬୭ଟି ୱାର୍ଡରେ କୁକୁର ଗଣନା ହୋଇଥିଲା। ବୁଲା କୁକୁର ଗଣନା ପାଇଁ ଜୋନ୍, ୱାର୍ଡ ଓ ୱାର୍ଡରେ ଥିବା ପ୍ରତ୍ୟେକ ଗଳି ପାଇଁ ଟିମ୍ ଗଠନ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟ ସେପ୍ଟେମ୍ବର ୧୮ ରୁ ୨୧ ତାରିଖ ଏବଂ ଦ୍ୱିତୀୟ ପର୍ଯ୍ୟାୟ ୨୨ରୁ ୨୫ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଭୋର ୫ଟାରୁ ସକାଳ ୭ଟା ପର୍ଯ୍ୟନ୍ତ ଏହି କୁକୁର ଗଣନା ଚାଲିଥିଲା। ଏକ କାଳୀନ ୪୧୦ଟି ଟିମ୍ ଭୁବନେଶ୍ୱରର ବିଭିନ୍ନ ଗଳିକନ୍ଦିରେ କୁକୁର ଗଣନା କରିଥିଲେ।

ଦୁଇଟି ପର୍ଯ୍ୟାୟର ଗଣନା ଶେଷ ହୋଇଥିଲା ବେଳେ ପ୍ରଥମ ପର୍ଯ୍ୟାୟର ମିଶ୍ରଣ ପ୍ରକ୍ରିୟା ଶେଷ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟ ମିଶ୍ରଣ ପରେ ଫଳାଫଳ ସ୍ପଷ୍ଟ। ଏସମ୍ପର୍କରେ ବିଏମ୍ସିର ବିଭାଗୀୟ ବରିଷ୍ଠ ଅଧିକାରୀ କହିଛନ୍ତି ଏବେ ସମ୍ପୂର୍ଣ୍ଣ ଗଣନାର ଫଳାଫଳ ଜଣାପଡ଼ି ନାହିଁ। ଦ୍ୱିତୀୟ ପର୍ଯ୍ୟାୟ ପରେ ଫଳାଫଳ ଗଣମାଧ୍ୟମକୁ ଜଣାଇ ଦିଆଯିବ। ପ୍ରଥମ ପର୍ଯ୍ୟାୟରେ ଯାହା ଗଣନା ହୋଇଛି, ଦ୍ୱିତୀୟ ପର୍ଯ୍ୟାୟରେ ଏହି ସଂଖ୍ୟା ବଢ଼ିବା କିମ୍ବା କମିବାର ସମ୍ଭାବନା ରହିଛି।

## ପତ୍ନୀହନ୍ତା ସ୍ୱାମୀକୁ ୮ ବର୍ଷ ଜେଲ୍‌ଦଣ୍ଡ

ଭୁବନେଶ୍ୱର, ୨୬।୯ (ସମିସ): ଭରତପୁର ଥାନା ଅଞ୍ଚଳରେ ଘଟିଥିବା ଏକ ପତ୍ନୀ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଖୋର୍ଦ୍ଧା ଜିଲ୍ଲା ଓ ସେସନ୍ସ କୋର୍ଟର ବିଚାରପତି ବିରଞ୍ଚି ନାରାୟଣ ମହାନ୍ତି ଅଭିଯୁକ୍ତ ସ୍ୱାମୀ ସାଗର ପ୍ରଧାନକୁ ସଜା ଶୁଣାଇଛନ୍ତି।

ପୁଲିସ ସୂଚନାନୁସାରେ, ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଅଞ୍ଚଳର ମାମା ପ୍ରଧାନ ଓ ସ୍ୱାମୀ ସାଗର ପ୍ରଧାନ ଭରତପୁର ତେଲୁଗୁ ସାହିରେ ରହୁଥିଲେ। ସାଗର ପତ୍ନୀଙ୍କ ଚରିତ୍ରକୁ ସନ୍ଦେହ କରିବାରୁ ଉଭୟଙ୍କ ମଧ୍ୟରେ ଝଗଡ଼ା ଲାଗି ରହୁଥିଲା। ୨୦୨୩ ଏପ୍ରିଲ ୧୮ ତାରିଖରେ ସାଗର ଉତକ୍ଷିପ୍ତ ହୋଇ ମାମାଙ୍କ ବେକକୁ ଚାପି ଦେବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ତଦନ୍ତକାରୀ ଅଧିକାରୀ ତତ୍କାଳୀନ ସବ୍ ଇନ୍ସପେକ୍ଟର ବିଜୟ କୁମାର ଦାସ ସାଗରକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଏଥିସହିତ ଅଦାଲତରେ ଚାର୍ଜସିଟ ଦାଖଲ କରିଥିଲେ।

ଅଦାଲତ ଘଟଣା ସହିତ ସମ୍ପୃକ୍ତ ୧୩ ସାକ୍ଷ୍ୟ ଓ ବିଭିନ୍ନ ଦଲିଲ ଆଧାରରେ ଉପରୋକ୍ତ ମାମଲାର ବିଚାର କରି ଆସାମୀ ସାଗରକୁ ୮ ବର୍ଷର କାରାଦଣ୍ଡାଦେଶ ସହ ୫ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ କ୍ଷେତ୍ରରେ ଅଧିକ ୬ ମାସର କାରାଦଣ୍ଡ ଆଦେଶ ମଧ୍ୟ ଦେଇଛନ୍ତି। ପବ୍ଲିକ୍ ପ୍ରୋସିକ୍ୟୁଟର ସିପ୍ରାଞ୍ଜଳି ସ୍ୱାଇଁ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରୁଥିଲେ।

### କଲପେବଲ୍ ହୋମିସାଇଡ୍ କ'ଣ

କଲପେବଲ୍ ହୋମିସାଇଡ୍ ଭଳି ଅପରାଧ ଘଟାଇଲେ ବିଏନ୍ଏସ୍ ଦଫା ୧୦୫ (ଆଇପିସି ୩୦୪) ଲାଗିବାର ପ୍ରାବଧାନ ରହିଛି। 'କ' ଓ 'ଖ' ଉଦାହରଣ ଭାବେ ନେଇପାରିବା। ଯଦିଓ କାହାରିକୁ ହତ୍ୟା କରିବା 'କ' ର ଉଦ୍ଦେଶ୍ୟ ନୁହଁ। କିନ୍ତୁ 'କ' ର କାର୍ଯ୍ୟ ଦ୍ୱାରା 'ଖ' ର ମୃତ୍ୟୁ ଘଟିଥାଏ। ଯେଉଁଠି କି 'କ' ଜାଣିଥାଏ ଯେ, ସେ କରୁଥିବା କାମ ଅତ୍ୟନ୍ତ ବିପଦଜନକ ଓ ଏହା ନିଶ୍ଚିତ ଭାବରେ 'ଖ' ର ମୃତ୍ୟୁ ଘଟାଇପାରେ କିମ୍ବା ମୃତ୍ୟୁ ହେବାର ସମ୍ଭାବନା ରହିଛି। ସେହି କ୍ଷେତ୍ରରେ ଦଫା ୧୦୫ ବିଏନ୍ଏସ୍ଏସ୍ (ଆଇପିସି ୩୦୪) ଲାଗିଥାଏ।

ମାମାଙ୍କ ମୃତ୍ୟୁ ଘଟଣାରେ, ଯଦିଓ ତାଙ୍କୁ ହତ୍ୟା କରିବା ସାଗରର ଉଦ୍ଦେଶ୍ୟ ନୁହଁ। କିନ୍ତୁ ସାଗର ଜାଣିଥିଲା ଯେ ମାମାଙ୍କ ବେକକୁ ଚାପିବା ଦ୍ୱାରା ତାଙ୍କର ପ୍ରାଣହାନୀ ହୋଇପାରେ। ମାମାଙ୍କୁ ହତ୍ୟା କରିବା ଯଦିଓ ସାଗରର ଉଦ୍ଦେଶ୍ୟ ନଥିଲା, କିନ୍ତୁ ତା'ର କାର୍ଯ୍ୟ ଦ୍ୱାରା ମାମା ପ୍ରାଣ ହରାଇଥିଲେ। ସେଥିଲାଗି ସାଗର ବିରୋଧରେ ଆଇପିସି ଦଫା - ୩୦୪ (କଲପେଡଲ୍ ହୋମିସାଇଡ୍) ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଗଲା।

## ଫୁଡ୍ ଲାଇସେନ୍ସ ପାଇଁ ଜାଲ୍ ଦସ୍ତାବିଜ୍ ଦେଇ ଗିରଫ

ଭୁବନେଶ୍ୱର, ୨୬।୯(ସମିସ): ଫୁଡ୍ ଲାଇସେନ୍ସ ପାଇଁ ଜାଲ ଦସ୍ତାବିଜ୍ ବଳରେ ବିଏମ୍ସି ପୋର୍ଟାଲରେ ଆବେଦନ କରିଥିବା ଅଭିଯୁକ୍ତକୁ ଭରତପୁର ଥାନା ପୁଲିସ ନୂଆଗାଁ ଛକ ନିକଟରୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲା ଜୟଦୁର୍ଗା ନଗରର ଅଭିଷେକ ରାଉତ। ଅଭିଷେକ ରେଣ୍ଟ ଚୁକ୍ତିକୁ ନକଲି କରିଥିବା ନେଇ ଘର ମାଲିକା ପାର୍ଥ ବିଶ୍ୱାଳଙ୍କ ଅଭିଯୋଗ କରିବା ପରେ ତାକୁ ଗିରଫ କରାଯାଇଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ, ଗତ ୨୦୨୫ ଜୁନ୍ ୧୩ରେ ମେସର୍ସ ଫର୍ଚୁନ୍ ରିକ୍ରିଏସନ୍ ପ୍ରାଇଭେଟ୍ ଲିମିଟେଡ୍ର ଜଣେ ନିର୍ଦ୍ଦେଶକ ଅଭିଯୋଗକାରୀଙ୍କୁ ଜଣାଇଥିଲେ ଯେ ଆପାର୍ଟମେଣ୍ଟ କମ୍ପ୍ଲେକ୍ସ ସହିତ ସଂଲଗ୍ନ କ୍ଲବ୍ ହାଉସ୍ ଅଭିଯୁକ୍ତ ଅଭିଷେକ ରାଉତଙ୍କୁ ଭଡା ଦିଆଯାଇଛି। ଯଦିଓ ଅଭିଷେକଙ୍କର ସମ୍ପତ୍ତି ସହିତ କୌଣସି ସମ୍ପର୍କ ନାହିଁ। ଯାଞ୍ଚ ପରେ, ଅଭିଯୋଗକାରୀ ଜାଣିବାକୁ ପାଇଲେ ଯେ ୨୦୨୩ ଏପ୍ରିଲ ୧୧ତାରିଖର ଏକ ଜାଲ୍ ଭଡ଼ା ଚୁକ୍ତିନାମା ତାଙ୍କର ଜାଲ୍ ଦସ୍ତଖତ ଏବଂ ଅନ୍ୟ ଏକ କମ୍ପାନୀର ଠିକଣା ବ୍ୟବହାର କରି ପ୍ରସ୍ତୁତ କରାଯାଇଥିଲା। ଏବଂ ଏହାକୁ ନୋଟାରି କରାଯାଇ ବେଆଇନ ଉପାୟରେ ବାଣିଜ୍ୟ ଏବଂ ଖାଦ୍ୟ ଲାଇସେନ୍ସ ପାଇବା ପାଇଁ ବ୍ୟବହାର କରାଯାଇଥିଲା। ତଦନ୍ତରୁ ଜଣାପଡ଼ିଛି ଯେ, ମେସର୍ସ ଫର୍ଚୁନ୍ ରିକ୍ରିଏସନ୍ ପ୍ରାଇଭେଟ୍ ଲିମିଟେଡ୍ ପୂର୍ବରୁ ମେସର୍ସ ସହିତ ବାସିନ୍ଦାଙ୍କ ପାଇଁ କ୍ଲବ୍ ହାଉସ୍, ସୁଇମିଂ ପୁଲ୍ ୫୦୦୦ ବର୍ଗଫୁଟ ଖୋଲା ଅଞ୍ଚଳର ପରିଚାଳନା ପାଇଁ ଏକ କାର୍ଯ୍ୟକ୍ଷମ ଚୁକ୍ତିନାମା କରିଥିଲା। କିନ୍ତୁ, ଅଭିଯୁକ୍ତ ଅଭିଷେକ ତାଙ୍କ ବାପା ରଞ୍ଜନ କୁମାର ରାଉତଙ୍କ ସହ ମିଶି ଜାଲିଆତି କରି ଏକ ଜାଲ୍ ଭଡ଼ା ଚୁକ୍ତିନାମା ପ୍ରସ୍ତୁତ କରି ଖାଦ୍ୟ ଲାଇସେନ୍ସ ପାଇବା ପାଇଁ ବିଏମ୍ସିର ପୋର୍ଟାଲରେ ଅପଲୋଡ୍ କରିଥିଲେ ଏବଂ ଏହା ପରେ ବେଆଇନ ଭାବରେ ପରିସରରେ 'ବ୍ଲାକ୍ ହୋଲ୍' ନାମକ ଏକ ରେଷ୍ଟୁରାଣ୍ଟ ଚଲାଇଥିଲେ।

## ବୁଲେଟ୍ ଚୋରକୁ ୧୧ ମାସ ଜେଲଦଣ୍ଡ

ଭୁବନେଶ୍ୱର, ୨୬।୯ (ସମିସ): ଖଣ୍ଡଗିରି ଥାନା ଅଞ୍ଚଳର ଏକ ବୁଲେଟ ଚୋରି ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ଭୁବନେଶ୍ୱର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ-୫ ର ବିଚାରପତି ଇତିଶ୍ରୀ ମହାପାତ୍ର ମାମଲାର ବିଚାର କରି ଅଭିଯୁକ୍ତ ମନୀଷ ପଟ୍ଟନାୟକକୁ ଜେଲଦଣ୍ଡ ଶୁଣାଇଛନ୍ତି।

ପୁଲିସ ସୂଚନା ଅନୁଯାୟୀ, ବରମୁଣ୍ଡା ତଳ ସାହିର ବାଦଲ କୁମାର ପାତ୍ର ଗତ ମେ ମାସ ୧୪ ତାରିଖ ରାତିରେ ତାଙ୍କ ବୁଲେଟ୍ ଗାଡ଼ିଟିକୁ ଘର ଆଗରେ ପାର୍କିଂ କରିଥିଲେ। ବିଳମ୍ବିତ ରାତିରେ ମନୀଷ ସେହି ଗାଡ଼ିଟିକୁ ଚୋରି କରି ନେଇଥିଲା। ବାଦଲ ଏନେଇ ଅଭିଯୋଗ କରିବା ପରେ ଖଣ୍ଡଗିରି ଥାନା ପୁଲିସ ମାମଲା ରୁଜୁ କରିଥିଲା। ତଦନ୍ତକାରୀ ଅଧିକାରୀ ତଥା ଏଏସ୍ଆଇ ରାଜୀବ ନାୟକ ଅଭିଯୁକ୍ତ ମନୀଷକୁ ଗିରଫ କରିବା ସହ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଅଦାଲତରେ ଚାର୍ଜସିଟ ଦାଖଲ କରିଥିଲେ। ଅଦାଲତ ଘଟଣା ସହିତ ସମ୍ପୃକ୍ତ ୬ ଜଣ ସାକ୍ଷ୍ୟ ଓ ୧୭ଟି ଦଲିଲ ଆଧାରରେ ଉପରୋକ୍ତ ମାମଲାର ବିଚାର କରି ଆସାମୀ ମନୀଷକୁ ଭାରତୀୟ ନ୍ୟାୟ ସଂହିତା ଧାରା-୩୦୩(୨) ଆଧାରରେ ୧୧ ମାସର କାରାଦଣ୍ଡ ସହ ୨ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମନା ଅନାଦେୟ କ୍ଷେତ୍ରରେ ଅଧିକ ୨ ମାସର କାରାଦଣ୍ଡ ଆଦେଶ ମଧ୍ୟ ଦେଇଛନ୍ତି। ସରକାରଙ୍କ ତରଫରୁ ଏଲଡି ଆସିଷ୍ଟାଣ୍ଟ ପବ୍ଲିକ୍ ପ୍ରୋସିକ୍ୟୁଟର ରାଜଲକ୍ଷ୍ମୀ ନାୟକ ଓ ସଞ୍ଜୟ କୁମାର ସାହୁ ମାମଲା ପରିଚାଳନା କରୁଥିଲେ।

## ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ଅବ୍ୟବସ୍ଥା | ଗରମ, ଗୁଳୁଗୁଳିରେ ଜଳୁଛନ୍ତି ବସ୍ ଯାତ୍ରୀ

# ଦୁଇ ମାସ ହେଲା ଏସି ଅଚଳ, ଭାଙ୍ଗିଗଲାଣି ପାଣିକଳ

ଭୁବନେଶ୍ୱର, ୨୬।୯(ସମିସ): କାଇଁ ଥଣ୍ଡା ଲାଗୁନି ତ!! ଗୁଳୁଗୁଳି ହଉଛି ହେଲେ ଆଗରୁ ବହୁତ ଜୋରରେ ଥଣ୍ଡା ଲାଗୁଥିଲା ହେଲେ ଏବେ କାଇଁ ଥଣ୍ଡା ଲାଗୁନି ବୋଲି ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ବସ୍‌କୁ ଅପେକ୍ଷା କରିଥିବା ସୁନ୍ଦରଗଡ଼ର ବିଜୟଲକ୍ଷ୍ମୀ ରାଉତ କହିଛନ୍ତି। ଏହିପରି ମଧ୍ୟ ନୟାଗଡ଼ର ରାହୁଲ କୁମାର ସାହୁ କୁହନ୍ତି ଏସି ଲାଗିଛି ହେଲେ ନାଁକୁ ମାତ୍ର। କେବଳ କାମ ଚଳାକୁ ଲଗାଯାଇଛି। ଏହାଠୁ ଭଲ ଏସି ବନ୍ଦ କରିଦେବା କଥା ବୋଲି ସେ କହିଛନ୍ତି।



ବରମୁଣ୍ଡା ବସ୍ ଟର୍ମିନାଲକୁ ପ୍ରତିଦିନ ଶହଶହ ଲୋକଙ୍କ ଯିବା ଆସିବା ଲାଗି ରହିଛି। ଅନେକ ଲୋକ ସକାଳୁ ରାତି ପର୍ଯ୍ୟନ୍ତ ବସ୍ ପାଇଁ ଅପେକ୍ଷା କରୁଛନ୍ତି। ହେଲେ ରାଜକୀୟ ପ୍ରସାଦ ଭଳି ତିଆରି ହୋଇଥିବା ବିଏସ୍‌ବିଟି ବସ୍‌ଷ୍ଟାଣ୍ଡରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ବିଭିନ୍ନ ପ୍ରକାରର ସୁବିଧା କରାଯାଇଥିଲା। ହେଲେ ଏହି ବସ୍‌ଷ୍ଟାଣ୍ଡରେ ଆସ୍ତେ ଆସ୍ତେ ଜିନିଷ ସବୁ ଖରାପ ହେବାକୁ ଲାଗିଲାଣି ବୋଲି ଅଭିଯୋଗ ହେଉଛି।

ବିଶେଷ କରି ବସ୍‌ଷ୍ଟାଣ୍ଡ ଭିତରେ ରହିଥିବା ଅନେକ ପାଣି ଟ୍ୟାପ ଖରାପ ହୋଇଥିବା ବେଳେ ଆହାର କେନ୍ଦ୍ରରେ ରହିଥିବା ଚେୟାର ସବୁ ଅଧା ଭାଙ୍ଗି କେଁ କେଁ ଡ଼ାକ ଦେଲାଣି। ଅନେକ ସମୟରେ ଖାଇ ବସିଲା ବେଳେ ଚେୟାରଗୁଡ଼ିକ ଭାଙ୍ଗି ଯାଇଛି। ଠିକ୍ ଏମିତି ମଧ୍ୟ ଛୁଆମାନଙ୍କ ପ୍ଲେ ଗ୍ରାଉଣ୍ଡରେ ବିଭିନ୍ନ ଉପକରଣ ଆଦି ଭାଙ୍ଗିଗଲାଣି। ତତ୍ ସହିତ ଏସି ମଧ୍ୟ ଠିକ୍‌ରେ ଲାଗୁନାହିଁ। ଯେଉଁଥିପାଇଁ ଯାତ୍ରୀମାନେ ଗୁଳୁଗୁଳିରେ ବସ୍‌ପାଇଁ ଅପେକ୍ଷା କରୁଛନ୍ତି।

ବିଡ଼ିଏ ପକ୍ଷରୁ ବ୍ରିଜ୍ ଆଣ୍ଡ ରୁଫ୍ କମ୍ପାନୀକୁ ୫ ବର୍ଷ ପାଇଁ କଣ୍ଟ୍ରାକ୍ଟ ଦିଆଯାଇଥିଲା। ହେଲେ ବ୍ରିଜ୍ ଆଣ୍ଡ ରୁଫ୍ କମ୍ପାନୀ ଅନ୍ୟ ଏକ ଡ଼ାଇଟିନ୍ କମ୍ପାନୀକୁ ଏସି ଲଗାଇବା ପାଇଁ ସୁପାରିଶ କରିଥିଲେ। ଏସିର ୱାରେଣ୍ଟି ସରିବା ପରେ ପ୍ରାୟ ବର୍ଷେ ହୋଇଯିବ ମେଣ୍ଟେନ୍ ଠିକ୍‌ରେ କରାନଯିବାରୁ ବାରମ୍ବାର ଏସି ଆସୁବିଧା ଦେଖାଉଛି। ହେଲେ ଏସିର ଆନୁଆଲ୍ ଏମ୍‌ସି ରିପୋର୍ଟ ହୋଇନାହିଁ ବୋଲି ଏସିରେ କିଛି ଅସୁବିଧା ହେଲେ କମ୍ପାନୀ ଆସି ସଜାଡ଼ୁନାହିଁ। ବିଡ଼ିଏ ପକ୍ଷରୁ ବ୍ରିଜ୍ ଆଣ୍ଡ ରୁଫ୍ କମ୍ପାନୀକୁ ଏସିର ମେଣ୍ଟେନ୍ କରିବାକୁ କୁହାଯାଉଛି। ବ୍ରିଜ୍ ଆଣ୍ଡ ରୁଫ୍ ବିଡ଼ିଏକୁ ଡ଼ାଇଟିନ୍ କମ୍ପାନୀକୁ ଏସି ମେଣ୍ଟେନ୍ କରିବା ପାଇଁ କହୁଛି। ଏମିତି ଟଣାଓଟରା ଭିତରେ ପ୍ରାୟ ଦୁଇ ମାସ ହେଲେ ଏସି ବହୁତ ଅସୁବିଧା ଦେଖାଉଛି। ଯେଉଁଥିପାଇଁ ଲୋକମାନେ ଗରମ ଓ ଗୁଳୁଗୁଳି ସହୁଛନ୍ତି। ଏସି ଟିକେ ଆସୁବିଧା ହେଲେ ଆମ ସପକ୍ଷରେ ଯେତିକି ହେଇ ପାରୁଛି ଆମେ ସାଧାରଣ ମେକାନିକ୍ ଡ଼ାକି ସଜାଡ଼ୁଛୁ। ଯଦି କମ୍ପାନୀ ପକ୍ଷରୁ ମେକାନିକ୍ ଆସି ସଜାଡ଼ି ଯାଆନ୍ତେ ତେବେ ଏମିତି ଆସୁବିଧା ହୁଅନ୍ତା ନାହିଁ ବୋଲି ବିଏସ୍‌ବିଟି ଦାୟିତ୍ୱରେ ଥିବା ଇପ୍ସିକାନ୍ତ ମହାପାତ୍ର କହିଛନ୍ତି।







# ସ୍କନ୍ଦମାତା ରୂପରେ ପୂଜା ପାଇଲେ ଆଦିଶକ୍ତି

ବ୍ରହ୍ମପୁର,୨୬।୯(ସମିସ): ଗଞ୍ଜାମ ଜିଲ୍ଲା ସମେତ ବ୍ରହ୍ମପୁର ସହରର ସମସ୍ତ ଦେବୀ ପୀଠ, ଶକ୍ତିପୀଠ ଓ ଦୁର୍ଗାମେଢ଼ ଆଦିରେ ନବରାତ୍ର ପୂଜା ଜାରି ରହିଛି। ପଞ୍ଚମ ଦିବସରେ ମା' ସ୍କନ୍ଦମାତା ରୂପରେ ପୂଜା ପାଇଛନ୍ତି। ନୀତିକାନ୍ତିରେ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିବା ବେଳେ ଶ୍ରଦ୍ଧାଳୁମାନେ ଆଶିଷ ନେଉଛନ୍ତି। ମା' ସ୍କନ୍ଦମାତା ହିନ୍ଦୁ ଦେବୀଦେବୀଙ୍କ ଏକ ରୂପ। ଯାହାଙ୍କୁ ଯୁଦ୍ଧ ଦେବତା କାର୍ତ୍ତିକେୟଙ୍କ ମାତା ଭାବରେ ମଧ୍ୟ ପୂଜା କରାଯାଇଥାଏ। ସେ ନବଦୁର୍ଗାର ପଞ୍ଚମ ଅବତାର। ସ୍କନ୍ଦମାତାଙ୍କ ଚାରି ହାତ, ତିନି ଆଖି ଏବଂ ତାଙ୍କ ରଥରେ ଏକ ସିଂହ ଅଛି। ତାଙ୍କର ଗୋଟିଏ ହାତରେ ଭୟ ଦୂରକାରୀ ଅଭୟମୁଦ୍ରା ଇଙ୍ଗୀତ ପ୍ରଦର୍ଶନ କରାଯାଏ। ଯେତେବେଳେ ଅନ୍ୟଟି ତାଙ୍କ କୋଳରେ ତାଙ୍କ ପୁତ୍ର ସ୍କନ୍ଦର ଶିଶୁ ରୂପ ଧରିବା ପାଇଁ ବ୍ୟବହୃତ ହୁଏ। ତାଙ୍କର ବାକି ଦୁଇଟି ତଳ ହାତରେ ସାଧାରଣତଃ ପଦ୍ମ ଫୁଲ ଧରିଥିବା ଦେଖାଯାଏ। ପ୍ରାୟତଃ ପଦ୍ମ ଉପରେ ବସିଥିବା ଚିତ୍ରିତ କରାଯାଏ। ତେଣୁ ତାଙ୍କୁ କେତେକ ସମୟରେ ପଦମାସାନୀ ବୋଲି କୁହାଯାଏ। ପଞ୍ଚମ ଦିନରେ ମା'ଙ୍କୁ ଦର୍ଶନ କଲେ ଶୁଭଫଳ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି।





# ଗଞ୍ଜାମକୁ ଅରେଞ୍ଜ ୱାର୍ଣ୍ଣିଂ; ମତ୍ସ୍ୟଜୀବୀକୁ ସମୁଦ୍ର ବାରଣ

ବ୍ରହ୍ମପୁର,୨୬।୯(ସମିସ): ବଙ୍ଗୋପସାଗରରେ ସୃଷ୍ଟି ଲଘୁଚାପ ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଫଳରେ ଗଞ୍ଜାମ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ବିଜୁଳି, ଘଡ଼ଘଡ଼ି ସହ ପ୍ରବଳ ବର୍ଷା ଓ ଘଣ୍ଟା ପ୍ରତି ୫୦ରୁ ୬୦ କିମି ପର୍ଯ୍ୟନ୍ତ ପବନ ବହିବାର ସମ୍ଭାବନା ରହିଛି। ସମୁଦ୍ର ଅଶାନ୍ତ ଓ ଉଚ୍ଚ ଜୁଆର ହେବାକୁ ଥିବାରୁ ମତ୍ସ୍ୟଜୀବୀଙ୍କୁ ରବିବାର ପର୍ଯ୍ୟନ୍ତ ସମୁଦ୍ର ବାରଣ କରାଯାଇଛି। ଗୋପାଳପୁରରେ ଅପରାହ୍ନ ସାଢେ ୫ଟା ପର୍ଯ୍ୟନ୍ତ ୧୨.୮ ମିମି ବର୍ଷା ରେକର୍ଡ ହୋଇଥିବା ପାଣିପାଗ କେନ୍ଦ୍ରରୁ ସୂଚନା ମିଳିଛି। ଏହାର ପ୍ରଭାବରେ ଆଜି ଦିନ ତମାମ ଗଞ୍ଜାମ ଜିଲ୍ଲାରେ ମେଘୁଆ ପାଗ ସହ ବର୍ଷା ହୋଇଛି। ଗୋପାଳପୁର ବେଳାଭୂମିକୁ ପର୍ଯ୍ୟଟକଙ୍କ ଗହଳି କମ୍ ରହିଥିବା ଦେଖିବାକୁ ମିଳିଛି। ତୁହାକୁ ତୁହା ବର୍ଷା ଯୋଗୁଁ ଲୋକଙ୍କ ଯାତାୟତରେ ବାଧା ସୃଷ୍ଟି ହେଉଥିବା ବେଳେ ଗୋପାଳପୁର ବେଳାଭୂମିରେ ଉଠା ଦୋକାନୀ ଓ ଫାଷ୍ଟଫୁଡ୍ ଦୋକାନ ବନ୍ଦ ରହିଥିବା ଦେଖିବାକୁ ମିଳିଛ।

## ବ୍ରହ୍ମପୁର ମହାନଗର ନିଗମର ସ୍ୱତନ୍ତ୍ର ବୈଠକ

# ବର୍ଷାଜଳ ନିଷ୍କାସନ ଓ ସଂରକ୍ଷଣ ଲାଗି ସ୍ୱତନ୍ତ୍ର ଯୋଜନା



ବ୍ରହ୍ମପୁର,୨୬।୯(ସମିସ): ବ୍ରହ୍ମପୁର ମହାନଗର ନିଗମ (ବିଏମସି)ର ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ମେୟର ସଂଘମିତ୍ରା ଦଳେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଡେ଼ପୁଟି ମେୟର ଇ. ବିବେକ ରେଡ୍ଡୀ, କମିଶନର ପ୍ରଥମେଶ ଅରବିନ୍ଦ ରାଜର୍ଶିକେ, ଡେ଼ପୁଟି କମିଶନର ଆଶୀର୍ବାଦ ପରିଡ଼ାଙ୍କ ସମେତ ଅନ୍ୟାନ୍ୟ ଅଧିକାରୀଗଣ ମଞ୍ଚାସିନ ଥିଲେ। ବୈଠକ ପ୍ରାରମ୍ଭରେ କର୍ପୋରେଟର ବି ପୁଷ୍ପାବତୀଙ୍କ ନାତିଙ୍କ ମୃତ୍ୟୁ ନେଇ ନିରବ ପ୍ରାର୍ଥନା କରାଯାଇଥିଲା। ବୈଠକରେ ବିଶେଷ କରି ବର୍ଷାଜଳ ନିଷ୍କାସନ ଓ ଏହାର ସଂରକ୍ଷଣ, ଦୁର୍ଗାପୂଜା ପ୍ରସ୍ତୁତି ଆଦି ସମ୍ପର୍କରେ ବିଷଦ ଭାବେ ଆଲୋଚନା କରାଯାଇଥିଲା। ସହରରେ ସାମାନ୍ୟ ବର୍ଷା ହେଲେ ବିଭିନ୍ନ ସ୍ଥାନରେ ପାଣି ଜମୁଛି। ଏହାର ନିଷ୍କାସନ ସମେତ ଲଘୁଚାପରେ ସହରକୁ ଜଳମୁକ୍ତ କରିବା ଲାଗି ମହାନଗର ନିଗମ ପକ୍ଷରୁ ସ୍ୱତନ୍ତ୍ର ଯୋଜନା ଆପଣାଯାଇଛି। ଏନେଇ ଏକ ସଂସ୍ଥା ଏହାର ଡ଼ିପିଆର ପ୍ରସ୍ତୁତ କରୁଛନ୍ତି। ପରବର୍ତ୍ତୀ ସମୟରେ ଏହାକୁ ମହାନଗର ନିଗମ କାର୍ଯ୍ୟକାରୀ କରିବ ବୋଲି ଜଣାପଡ଼ିଛି। ତେବେ ଦାୟିତ୍ୱ ନେଇଥିବା ସଂସ୍ଥା ଆଜି ବୈଠକରେ ଜଳମୁକ୍ତ ନେଇ କାର୍ଯ୍ୟକାରୀ ହେବାକୁ ଥିବା ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ପ୍ରଦର୍ଶନ କରିଥିଲେ। ଏନେଇ ସହରରେ ଡ୍ରୋନ ସର୍ଭେ, ଲୋକମତ ଆଦି ବିଭିନ୍ନ ପ୍ରକାର କାର୍ଯ୍ୟ ଆପଣାଯିବା ସହ ଏକ ସ୍ୱତନ୍ତ୍ର ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯିବା ନେଇ ବୈଠକରୁ ଜଣାଯାଇଛି। କେଉଁ ସ୍ଥାନରେ କେତେ ମାତ୍ରାରେ ପାଣି ଜମୁଛି, ଏହାର ପୁନଃ ବ୍ୟବହାର, ପୁଷ୍କରିଣୀରେ ଗଚ୍ଛିତ ରଖିବା ସମ୍ପର୍କରେ ଆଲୋଚନା କରାଯାଇଛି। ସେହିଭଳି ସହରର ଜଳ ବାହାନା ଓ ସାପୁଆ ନାଳ ଦେଇ ସମୁଦ୍ରକୁ ଚାଲିଯାଉଛି। ଏହା କିଭଳି ପୁର୍ନବ୍ୟବହାର ଯୋଗ୍ୟ ହେବ ସେନେଇ ସଂରକ୍ଷଣ ପ୍ଲାଣ୍ଟ କାର୍ଯ୍ୟକ୍ଷମ ସମ୍ପର୍କରେ ମଧ୍ୟ ମତପ୍ରକାଶ ପାଇଛି। ସେହିଭଳି ଆଗାମୀ ଲଘୁଚାପ ବର୍ଷାକୁ ଦୃଷ୍ଟିରେ ରଖି ବିଏମସି ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଥିବା ବୈଠକରେ କୁହାଯାଇଛି। ଅପରପକ୍ଷେ ଦୁର୍ଗାପୂଜା ଲାଗି ବ୍ରହ୍ମପୁର ମହାନଗର ନିଗମ ସମସ୍ତ ପୂଜା କମିଟିଙ୍କ ଲାଗି ମାର୍ଗଦର୍ଶିକା ଜାରିବା କରିବା ନେଇ ମତପ୍ରକାଶ ପାଇଛି। ଅନୁରୂପ ଭାବେ ସହରର ସମସ୍ତ ରାସ୍ତାକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବାକୁ କର୍ପୋରେଟରମାନେ ବୈଠକରେ ଜୋର ଦେଇଛନ୍ତି। ଏହାକୁ ତୁରନ୍ତ କାର୍ଯ୍ୟକାରୀ କରାଯିବା ନେଇ ବିଏମସି କର୍ତ୍ତୃପକ୍ଷ ଆଶ୍ୱାସନା ଦେଇଛନ୍ତି। ତେବେ ଏହି ସ୍ୱତନ୍ତ୍ର ବୈଠକରେ ପୁନଃ ଗିରିମାର୍କେଟ ନିର୍ମାଣ ନେଇ ପ୍ରସ୍ତୁତ ଡ଼ିପିଆର ଏକ ଆର୍କେଟିକ୍ ସଂସ୍ଥା ପକ୍ଷରୁ ପ୍ରଦର୍ଶନ କରାଯାଇଛି। ଯାହାକୁ ନେଇ କର୍ପୋରେଟମାନେ କ୍ଷୋଭ ପ୍ରକାଶ କରିଛନ୍ତି। ବାରମ୍ବାର ଏନେଇ ଯୋଜନା କରାଯାଉଥିଲେ ହେଁ କାର୍ଯ୍ୟାରମ୍ଭ ହେଉନି। ତୁରନ୍ତ ଗିରିମାର୍କେଟ କାର୍ଯ୍ୟ ସାରିବାକୁ କର୍ପୋରେଟମାନେ ଦାବି କରିଥିଲେ। ବୈଠକରେ ବହୁ କର୍ପୋରେଟର ଓ ଅଧିକାରୀଗଣ ଉପସ୍ଥିତ ଥିଲେ।

## ୨ ଦିନ ମୁଖ୍ୟଦପ୍ତର ନ ଛାଡ଼ିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ

# ସ୍କୁଲ ଓ ଅଙ୍ଗନବାଡ଼ି ଛୁଟି ଘୋଷଣା

ବ୍ରହ୍ମପୁର,୨୫।୯(ସମିସ): ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲ୍ଲାର ଅଧିକାରୀଙ୍କୁ ମୁଖ୍ୟଦପ୍ତର ନଛାଡିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ହୋଇଛି। ସେହିପରି ପ୍ରବଳ ବର୍ଷା ଆଶଙ୍କାରେ ଶନିବାର ଜିଲ୍ଲାର ସମସ୍ତ ବିଦ୍ୟାଳୟକୁ ଛୁଟି ଘୋଷଣା କରାଯାଇଛି। ଆସନ୍ତା ୨୭ ଓ ୨୮ ତାରିଖ ଦୁଇ ଦିନ ଧରି ଗଞ୍ଜାମ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଶୁକ୍ରବାର ଠାରୁ ଜିଲ୍ଲାରେ ବର୍ଷା ଆରମ୍ଭ ହୋଇଛି। ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ପ୍ରଶାସନିକ ଅଧିକାରୀଙ୍କୁ ଏହି ୨ ଦିନ ମୁଖ୍ୟଦପ୍ତର ନଛାଡ଼ିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଜାରି କରିଛନ୍ତି। ଶନିବାର ଜିଲ୍ଲାର ସମସ୍ତ ଅଙ୍ଗନବାଡ଼ିକୁ ମଧ୍ୟ ଛୁଟି ଘୋଷଣା କରାଯାଇଛି।

# ମୁକ୍ତିଲାଭ କଲା 'ଚ୍ୟାଲେଞ୍ଜ'; ବ୍ରହ୍ମପୁରରେ ପ୍ରିମିଅର ଶୋ'

ବ୍ରହ୍ମପୁର,୨୬।୯(ସମିସ)



ମୁକ୍ତିଲାଭ କଲା ବଡ଼ ବଜେଟର ଓଡିଆ ଚଳଚ୍ଚିତ୍ର "ଚ୍ୟାଲେଞ୍ଜ'। ବ୍ରହ୍ମପୁର ସହରରେ ଏହାର ପ୍ରିମିଅର ଶୋ' ହୋଇଛି। ରିଅଲ୍ ଷ୍ଟାର ଅର୍ଦ୍ଧେନ୍ଦୁ ସାହୁ ଏବଂ ଅଭିନେତ୍ରୀ ଲିପି ମହାପାତ୍ର ବ୍ରହ୍ମପୁର ବାସିନ୍ଦା ହୋଇଥିବାରୁ ବ୍ରହ୍ମପୁର ସହରରେ ଆଜି ଖୁସି ଖେଳିଯାଇଥିଲା। ବାଇକ୍ ରାଲିରେ ଚ୍ୟାଲେଞ୍ଜ ଟିମ୍‌କୁ ସ୍ୱାଗତ କରାଯାଇଥିଲା। ସୁପରଷ୍ଟାର ଅର୍ଦ୍ଧେନ୍ଦୁ ସାହୁ, ନାୟିକା ଏଲିନା ସାମନ୍ତରାୟ, ନିର୍ଦ୍ଦେଶକ ସାଇ କିରଣ ମଙ୍ଗରାଜ, କ୍ୟାମେରାମ୍ୟାନ ପ୍ରତାପ ଚନ୍ଦ୍ର ରାଉତ, ପ୍ରଚାର ଓ ପ୍ରସାର ମୁଖ୍ୟ ମିଡ଼ିଆ ପ୍ଲାନର ପ୍ରଣୟ ଜେଠୀ, ଅଭିନେତା ଭୂପିନ୍ଦର ସିଂହ, ଲିପି ମହାପାତ୍ର, ବିଭାସ ପ୍ରମୁଖ ବ୍ରହ୍ମପୁର ରୁକ୍ମିଣୀ ସିନେମା ହଲରେ ପହଞ୍ଚି ତାଙ୍କ ଫ୍ୟାନ୍ସଙ୍କ ସହିତ ରିଲ୍ସ ଏବଂ ସେଲ୍ଫିରେ ଅନେକ ସମୟ ବିତେଇବା ସହିତ ପ୍ରେକ୍ଷାଳୟରେ ଏକାସାଙ୍ଗରେ ବସି ସମ୍ପୂର୍ଣ୍ଣ ସିନେମାଟିକୁ ଉପଭୋଗ କରିଥିଲେ। ସାରା ଓଡ଼ିଶାରେ ୫୦ଟି ପ୍ରେକ୍ଷାଳୟରେ ଏକାସାଙ୍ଗରେ ୧୫୦ଟି ଶୋ ଚାଲିଛି। ବଲିଉଡର ଖ୍ୟାତନାମା କଳାକାର ପୁନିତ ଇଶାର ଓରଫ ଦୁର୍ଯ୍ୟୋଧନଙ୍କୁ ଦେଖିବାକୁ ଦର୍ଶକ ଚାହିଁ ରହିଥିଲେ। ସୁପର ଆକ୍ସନ, ଭରପୁର ଫ୍ୟାମିଲି ଡ୍ରାମା ସାଙ୍ଗକୁ ଜବରଦସ୍ତ ଗୀତ ଆଉ ନାଚର ମଜା ନେଉଛନ୍ତି ଦର୍ଶକ। ନାଚରେ ପାରମ୍ପରିକ ଓଡ଼ିଆ କଳା ଓ ପରମ୍ପରାକୁ ସ୍ଥାନ ଦିଆଯାଇଛି। ଦଶହରାରେ ଚ୍ୟାଲେଞ୍ଜ ଦର୍ଶକଙ୍କୁ ନିଶ୍ଚୟ ଭରପୁର ମନୋରଞ୍ଜନ ଯୋଗାଇବ ବୋଲି ପ୍ରଯୋଜନା ସଂସ୍ଥା ପ୍ରକାଶ କରିଛ।

# ଧାନମେରା ସାହିରେ ବୋମାମାଡ଼; ଜଣେ ଆହତ

ବ୍ରହ୍ମପୁର,୨୬।୯(ସମିସ): ବଡ଼ବଜାର ଥାନା ଅନ୍ତର୍ଗତ ଧାନମେରା ସାହିରେ ଶୁକ୍ରବାର ବୋମାମାଡ଼ ହୋଇଛି। ଏଥିରେ ଜଣେ ଯୁବକ ଆହତ ହୋଇଛନ୍ତି। ଆହତ ଜଣକ

**୨ ଭାଇ ଅଟକ**

ହେଲେ ବୃନ୍ଦାବନ ନାୟକ। ସୂଚନାଯୋଗ୍ୟ ଯେ, ଉକ୍ତ ସାହିରେ ଶୁକ୍ରବାର ବୋମାମାଡ଼ ହୋଇଥିବା ଖବର ମିଳିବା ପରେ ପୁଲିସ ପହଞ୍ଚି ଘଟଣାର ତଦନ୍ତ କରିଥିଲା। ଗୁରୁବାର ରାତ୍ର ସେଠାରେ ରହୁଥିବା ଦୁଇ ପରିବାର ମଧ୍ୟରେ ଝଗଡ଼ା ହୋଇଥିଲା। ଘର ଭିତରେ ଭୟଭୀତ ହୋଇ ରହିଥିବା ଅଞ୍ଜଳୀ ବିଷୋୟୀ ୧୧୨କୁ ଫୋନ କରି ଜଣାଇଥିଲେ। ପୁଲିସ ପହଞ୍ଚି ଅଞ୍ଜଳୀ ଓ ଅଭୟ ବିଷୋୟୀଙ୍କ ପରିବାରକୁ ବୁଝାସୁଝା କରିଥିଲା। ଏପରିକି ଅଭୟ ଓ ତାଙ୍କ ଭାଇଙ୍କୁ ଶୁକ୍ରବାର ଥାନାକୁ ଆସିବାକୁ କହିଥିଲା। ଏଣୁ ସେମାନେ ଉତ୍କ୍ଷୀପ୍ତ ହୋଇ ଅଞ୍ଜଳୀଙ୍କ ଘର ଉପରକୁ ବୋମାମାଡ଼ କରିଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଅଞ୍ଜଳି ବିଷୋୟୀ (୬୦)ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମାଲ ରୁଜୁ କରି ଦୁଇ ଭାଇ ଅଭୟ ବିଷୋୟୀ ଓ ଉଦୟ ବିଷୋୟୀଙ୍କୁ ଥାନାରେ ଅଟକ ରଖିଛି।




## ଜୁଆଖେଳରେ ନାମିଦାମୀ ବ୍ୟବସାୟୀ, ସୁନା ବେପାରି, ଆଇପିଏଲ୍ ବୁକି

# ୩୨ ଜୁଆଡ଼ି ଗିରଫ; ୬ ଲକ୍ଷ ଟଙ୍କା ଜବତ

ବ୍ରହ୍ମପୁର,୨୬।୯(ସମିସ): ଆଗକୁ ଦଶହରା। ଏବେଠୁ ରେଶମ ସହରରେ ଜମିଲାଣି ଜୁଆଆଡ୍ଡା। ବଡ଼ବଜାର ଥାନା ପୁଲିସ ଶୁକ୍ରବାର ବିଳମ୍ବିତ ରାତିରେ ସ୍ଥାନୀୟ ଲକ୍ଷ୍ମୀନୃସିଂହ ସାହିରେ ଚାଲିଥିବା ବଡ଼ ଧରଣର ଜୁଆ ଆଡ୍ଡାରେ ଚଢ଼ଉ କରି ୧୬ ଜଣ ଜୁଆଡ଼ିଙ୍କୁ ଗିରଫ କରିବା ସହ ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜବତ କରିଥିଲା। ସେହିପରି ନିମଖଣ୍ଡି ଥାନା ପୁଲିସ ଏହି ଗ୍ରାମରେ ଚାଲିଥିବା ଜୁଆ ଖେଳରେ ଚଢ଼ଉ କରି ୧୬ ଜୁଆଡ଼ିଙ୍କୁ ଗିରଫ କରିବା ସହ ପ୍ରାୟ ୫୭ ହଜାର ଟଙ୍କା ଜବତ କରିଛି।



ସୂଚନା ଅନୁଯାୟୀ, କିଛି ପୁରୁଣା ଜୁଆଡ଼ି ପୁଲିସକୁ ଚକ୍‌ମା ଦେବାକୁ ନୂଆ ସ୍ଥାନ ଚିହ୍ନଟ କରି ସେଠାରେ ଜୁଆ ଖେଳ ଚଳାଉଥିଲେ। ମାତ୍ର କେଇଟା ଦିନ ହେବ ଆରମ୍ଭ କରିଥିଲେ ଜୁଆ ଖେଳ। ସେପଟେ ପାର୍ବଣକୁ ନେଇ ପୁରୁଣା ଅପରାଧୀଙ୍କ ଉପରେ ନଜର, ଜୁଆଆଡ୍ଡା ଉପରେ ତୀକ୍ଷଣ ନଜର ରଖିବାକୁ ସମସ୍ତ ଥାନା ଅଧିକାରୀଙ୍କୁ ଏସ୍‌ପିଙ୍କ ନିର୍ଦ୍ଦେଶ ପରେ ପୁଲିସ ଜୋରଦାର ପେଟ୍ରୋଲିଂ ଚଳାଇଛି। ବଡ଼ବଜାର ଥାନା ଅନ୍ତର୍ଗତ ଲକ୍ଷ୍ମୀନୃସିଂହ ନଗର ଅଞ୍ଚଳରେ ଏକ ପ୍ରତିଷ୍ଠିତ ବ୍ୟବସାୟୀଙ୍କ ଘରେ କେତେକ ଯୁବକ ଏକାଠି ହୋଇ ଜୁଆ ଖେଳୁଥିବା ଖବର ପାଇ ଥାନା ଅଧିକାରୀ ବାବା ଶଙ୍କର ସରଫ୍ ଏକ ସ୍ୱତନ୍ତ୍ର ଟିମ୍ ସହ ଚଢ଼ଉ କରିଥିଲେ। ଚାଦର ଉପରେ ଥିବା ଗଦା ଗଦା ଟଙ୍କାକୁ ପୁଲିସ ଜବତ କରିନେଇଥିଲା। ଏହାସହ ଜୁଆଡ଼ିମାନେ ଖସି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ପୁଲିସ ସେମାନଙ୍କୁ କାବୁ କରିନେଇଥିଲା। ପ୍ରାୟ ୧୬ ଜଣ ଜୁଆଡ଼ିଙ୍କୁ ପୁଲିସ କାବୁ କରିବା ସହ ଘଟଣାସ୍ଥଳରୁ ୫ ଲକ୍ଷ ୧୮ ହଜାର ଟଙ୍କା, ୮ରୁ ଊର୍ଦ୍ଧ୍ୱ ମୋବାଇଲ, ବାଇକ୍ ଚାବି ସମେତ ଏକାଧିକ ତାସ କାଟା ଜବତ ହୋଇଥିଲା।

ସବୁଠାରୁ ବଡ଼ କଥା ହେଲା ଏହି ଜୁଆ ଆଡ୍ଡାରେ ସୁନା ବ୍ୟବସାୟୀ, ହୋଟେଲ ମାଲିକ, ଆଇପିଏଲ ବୁକି ଓ ପ୍ରତିଷ୍ଠିତ ବ୍ୟବସାୟୀ ଓ ପେଷାଦାର ଜୁଆଡ଼ି ରହିଥିବା ପୁଲିସ ତଦନ୍ତରୁ ଜଣାପଡିଛି। ଜୁଆଡ଼ିଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବ୍ରହ୍ମପୁର ଏସ୍‌ପି ଡ଼ା ସର୍ବଣା ବିବେକ ଏମ ସୂଚନା ଦେଇଛନ୍ତି। ସେହିପରି ନିମଖଣ୍ଡି ଅଞ୍ଚଳରେ ଚାଲିଥିବା ଜୁଆଆଡ୍ଡା ଉପରେ ଚଢ଼ଉ କରି ପୁଲିସ ୧୬ ଜୁଆଡ଼ିଙ୍କୁ ଗିରଫ କରିବା ସହ ୫୬ ହଜାର ୩୦୦ ଟଙ୍କା ଜବତ କରିଛି। ନିମଖଣ୍ଡି ଥାନା ଅଧିକାରୀ କୃଷ୍ଣ ଶାହାଙ୍କ ନେତୃତ୍ୱରେ ଏସ୍‌ଆଇ ଅଭିଷେକ ପାଣ୍ଡବ, ଜ୍ଞାନ ରଞ୍ଜନ ବେହେରା, ଏଏସଆଇ ଦେବ ସାହୁ, ସନ୍ତୋଷ ପଟ୍ଟନାୟକଙ୍କ ସମେତ ଅନ୍ୟ ପୁଲିସ କର୍ମଚାରୀ ସାମିଲ ଥିଲେ। ଚଳିତମାସ ପହିଲାରୁ ଏଯାବତ ୧୦୦ରୁ ଅଧିକ ଜୁଆଡ଼ି ଗିରଫ ହେଲେଣି। ଏହାସହ ପ୍ରାୟ ୯ ଲକ୍ଷ ଟଙ୍କା ଜବତ କରିଛି ପୁଲିସ।

୨୬/୯/୨୦୨୫ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୨,୯୦,୭୯୫/- | ସୁନା: ୧୨.୮୦୦ ଗ୍ରାମ୍ | ରୁପା: ୬୮.୭୦୦ ଗ୍ରାମ୍








# ଶ୍ରୀଶ୍ରୀତୃତୀୟା ଦେବ ବିଗ୍ରହଙ୍କ ବନକଲାଗି ଓ ମନ୍ଦିର ପୁନଃପ୍ରତିଷ୍ଠା

ପୁରୀ,୨୬।୯ (ସମିସ): ଭକ୍ତ ମନେଇ ସାହୁଙ୍କ ଜନ୍ମସ୍ଥାନ କାଣ୍ଡଗୋଦା ଦୀର୍ଘ ୫୦୦ ବର୍ଷର ପୁରାତନ ଐତିହ୍ୟ ପୀଠ । ଏହି ମନ୍ଦିର ଭକ୍ତ ମନେଇ ସାହୁ ନିଜ ହସ୍ତରେ ପ୍ରତିଷ୍ଠା କରିଥିଲେ ବୋଲି କିମ୍ବଦନ୍ତୀ ରହିଛି । ଆଜିକା ଦିନରେ ଏତେ ପୁରାତନ ବିଗ୍ରହ ବୋଧହୁଏ ଦେଖାଯିବା ବିରଳ । ହେଲେ ଦୁର୍ଭାଗ୍ୟର ବିଷୟ କିଛିଦିନ ତଳେ କାଣ୍ଡଗୋଦା ଗ୍ରାମର ଶ୍ରୀଜଗନ୍ନାଥ ମନ୍ଦିର ଗର୍ଭଗୃହରେ ଭୁଲ୍‌ବଶତଃ



ଅଗ୍ନି ସଂଯୋଗ ହୋଇ ଶ୍ରୀବିଗ୍ରହଙ୍କ ଅଙ୍ଗ ବସ୍ତ୍ର ପୋଡ଼ିଯାଇଥିଲା । କିନ୍ତୁ ଶ୍ରୀବିଗ୍ରହଙ୍କ କୌଣସି କ୍ଷତି ହୋଇ ନ ଥିଲା । ଶ୍ରୀମନ୍ଦିର ମୁକ୍ତି ମଣ୍ଡପରେ ଥିବା ବିଜ୍ଞ ପଣ୍ଡିତ ଶ୍ରୀବିଗ୍ରହଙ୍କ ବନକଲାଗି କରିବା ପାଇଁ ପରାମର୍ଶ ଦେଇଥିଲେ । ବିଶ୍ୱ ପ୍ରସିଦ୍ଧ ରଥର ବରିଷ୍ଠ ମହାରଣା ସେବାୟତ ଶ୍ରୀବିଗ୍ରହଙ୍କ ରୂପରେଖ କରିଥିଲେ । ତୃତୀୟ ଦେବଙ୍କ ବନକଲାଗି ନୀତି କରାଯାଇ ମନ୍ଦିର ପୁନଃପ୍ରତିଷ୍ଠା କରାଯାଇଛି । କର୍ତ୍ତା କାମଦେବ ରାଉତରାୟ, ମନେଇ ସାହୁ ସେବା ସଂସଦର ସଦସ୍ୟ ଓ ଗ୍ରାମବାସୀଙ୍କ ଭକ୍ତି ସହଯୋଗରେ ଯଜ୍ଞର ପୂର୍ଣ୍ଣାହୁତି କରାଯାଇଛି ।

# ଓଏଏସ୍ ପାଇଲେ ସେବାୟତ ପୁଅ



ପୁରୀ,୨୬।୯ (ସମିସ): ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି ସେବାୟତ ପରିବାରର ପୁଅ ସୌମ୍ୟରଞ୍ଜନ ପଣ୍ଡା । ଶ୍ରୀମନ୍ଦିର ବିମାନବଡ୍ଡୁ ସେବକ କୃଷ୍ଣଚନ୍ଦ୍ର ପଣ୍ଡା ଓ ସଂଯୁକ୍ତାଙ୍କ ପୁଅ ସୌମ୍ୟରଞ୍ଜନ ପ୍ରଥମ ପ୍ରଚେଷ୍ଟାରେ ୨୨ତମ ର୍‌ୟାଙ୍କ୍‌ରେ ସଫଳତା ହାସଲ କରିଛନ୍ତି । ସେ ଏସ୍‌ସିଏସ୍ କଲେଜରେ 'ଦର୍ଶନ'ରେ ପିଜି କରୁଥିବାବେଳେ ମହାପ୍ରଭୁଙ୍କ ବଲ୍ଲଭ ଓ ମଣ୍ଡଣି ସେବା କରି ଆସୁଥିଲେ । ଜଣେ ପ୍ରଶାସନିକ ଅଧିକାରୀ ହୋଇ ସେବା କରିବା ପାଇଁ ଛୋଟବେଳୁ ମନସ୍ଥ କରିଥିଲେ ସୌମ୍ୟରଞ୍ଜନ । ସେଇ ଲକ୍ଷ୍ୟ ନେଇ ସେ ପ୍ରସ୍ତୁତି ଆରମ୍ଭ କରିଥିଲେ । ଜାଭିୟର ସ୍କୁଲ୍‌ରେ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିବା ପରେ ଚତୁର୍ଥ ଶ୍ରେଣୀରୁ କଟକ ଫୁଲନଖରାସ୍ଥିତ ଶୁଦ୍ଧାନନ୍ଦ ବିଦ୍ୟାଳୟରେ ଅଧ୍ୟୟନ କରିଥିଲେ । ଭୁବନେଶ୍ୱରରେ ଡି.ଏମ୍ ସ୍କୁଲରେ ଯୁକ୍ତ ୨ ପଢ଼ିଥିଲେ । ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଯୁକ୍ତ ୩ ପଢ଼ିବା ବେଳୁ ହିଁ ପ୍ରଶାସନିକ ସେବା ପରୀକ୍ଷା ପାଇଁ ପ୍ରସ୍ତୁତି କରି ଆସୁଥିଲେ । ୟୁପିଏସ୍‌ସି ପରୀକ୍ଷାରେ ମଧ୍ୟ ସେ ପ୍ରିଲିମ୍‌ନାରିରେ ଉତ୍ତୀର୍ଣ୍ଣ ହୋଇଛନ୍ତି । କଲେକ୍ଟର ହୋଇ ସେବା କରିବାର ଇଚ୍ଛା ରଖିଥିବା ସୌମ୍ୟରଞ୍ଜନଙ୍କୁ ତାଙ୍କର ଏହି ସଫଳତା ପାଇଁ ସେବାୟତ ପରିବାରର ସଦସ୍ୟମାନେ ଶୁଭେଚ୍ଛା ଜଣାଇଛନ୍ତି ।

# ପୁରୀରେ ଖୋଲିଲା ସଞ୍ଜୀବ ହିରୋର ଦ୍ୱିତୀୟ ଶୋ'ରୁମ୍

ପୁରୀ,୨୬।୯ (ସମିସ): ବାଇକ୍ ଏବଂ ସ୍କୁଟର କ୍ଷେତ୍ରରେ ପୁରୀର ଭରସାଯୋଗ୍ୟ ଶୋ'ରୁମ୍ 'ସଞ୍ଜୀବ ହିରୋ'ର ଦ୍ୱିତୀୟ ଶୋ'ରୁମ୍ ଅଠରନଳା ଠାରେ ଖୋଲିଛି । ନୂଆ ଶୋ'ରୁମ୍‌କୁ ଶ୍ରୀମନ୍ଦିରର ବରିଷ୍ଠ ସେବାୟତ ତଥା ଶ୍ରୀଜଗନ୍ନାଥଙ୍କ ମୁଖ୍ୟ ବାଡ଼ଗ୍ରାହୀ ଜଗନ୍ନାଥ ସ୍ୱାଇଁ ମହାପାତ୍ର (ଜଗୁନି) ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ସେ କହିଛନ୍ତି, ଦୀର୍ଘବର୍ଷ ହେବ ପୁରୀରେ ସଞ୍ଜୀବ ହିରୋ ତା'ର ପ୍ରଥମ ଶୋ'ରୁମ୍ ମାଧ୍ୟମରେ ଗ୍ରାହକମାନଙ୍କ ଭରସା ଓ ବିଶ୍ୱାସ ଜିତିପାରିଛି । ପୁରୀକୁ ସବୁ ବର୍ଗଙ୍କ ପାଇଁ ବାଇକ୍ ଏବଂ ସ୍କୁଟର ଉପଲବ୍ଧ କରାଇ ଗ୍ରାହକଙ୍କ ଚାହିଦା ପୂରଣ କରିଛି ।



ବଜାରକୁ ବିଭିନ୍ନ ପ୍ରକାର ଆକର୍ଷଣୀୟ ବାଇକ୍ ଏବଂ ଇଭି ସ୍କୁଟର ଆସୁଛି । ଗ୍ରାହକଙ୍କ ଚାହିଦାକୁ ପୂରଣ କରି ସେମାନଙ୍କୁ କମ୍ ସମୟ ମଧ୍ୟରେ ବାଇକ୍ ଏବଂ ସ୍କୁଟର ପ୍ରଦାନ କରିବା ଲାଗି ସଞ୍ଜୀବ ହିରୋ ପୁରୀରେ ତା'ର ଦ୍ୱିତୀୟ ଶୋ' ରୁମ୍ ଖୋଲିଛି । ମହାପ୍ରଭୁଙ୍କ ଆଶୀର୍ବାଦରୁ ଏହା ନିଶ୍ଚିତ ଗ୍ରାହକଙ୍କ ଆକର୍ଷଣର କେନ୍ଦ୍ର ସାଜିବ ବୋଲି ବରିଷ୍ଠ ସେବାୟତ ଶ୍ରୀ ମହାପାତ୍ର କହିଛନ୍ତି । ସଞ୍ଜୀବ ହିରୋର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଅମିତ୍ କୁମାର ମଲ୍ଲିକ କହିଛନ୍ତି, ଦୀର୍ଘବର୍ଷ ହେବ ଗ୍ରାହକ ଆମ ଉପରେ ଯେଉଁ ଭରସା, ବିଶ୍ୱାସ ରଖିଛନ୍ତି ତାହାକୁ ବଜାୟ ରଖିବା ପାଇଁ ସର୍ବଦା ଚେଷ୍ଟା ଜାରି ରଖିଛୁ । ଏଣୁ ପୁରୀରେ ଦ୍ୱିତୀୟ ଶୋ'ରୁମ୍ ନୂଆ ଖୋଲାଯାଇଛି । ପାର୍ବଣରେ ସ୍ୱତନ୍ତ୍ର ରିଆତିର ବ୍ୟବସ୍ଥା ରହିଛି । ଏଠାରେ ହିରୋର ପେଟ୍ରୋଲ ଏବଂ ଇଭି ମଡେଲର ସମସ୍ତ ପ୍ରକାର ବାଇକ୍ ଓ ସ୍କୁଟର ଉପଲବ୍ଧ ହେବ ବୋଲି ଏମ୍‌ଡି ଶ୍ରୀ ମଲ୍ଲିକ କହିଛନ୍ତି । ଏହି ଅବସରରେ ଶୋ'ରୁମ୍ ମ୍ୟାନେଜର ଅମ୍ବିକା ପ୍ରସାଦ ମିଶ୍ର, ଡିଏନ୍‌ଏମ୍ ସନ୍ତୋଷ କୁମାର ଭଟ୍ଟାଚାର୍ଯ୍ୟ, ସର୍ଭିସ୍ ମ୍ୟାନେଜର ପ୍ରଦୀପ କୁମାର ବେହେରା, ନମ୍ରତା ପାଠକ ପ୍ରମୁଖ ଉପସ୍ଥିତ ଥିଲେ ।

## ଅସୁରକ୍ଷିତ ସମୁଦ୍ର ସ୍ନାନ

# ୧୦ ବର୍ଷରେ ଟାଣିନେଇଛି ୬୭ ଜୀବନ

ପୁରୀ,୨୬।୯ (ସମିସ): ପୂର୍ବାପେକ୍ଷା ପୁରୀକୁ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିଛି । ପ୍ରତିଦିନ ଦେଶ ବିଦେଶର ପର୍ଯ୍ୟଟକ ପୁରୀ ଆସିଥା'ନ୍ତି । ବିଶେଷକରି ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ମଧ୍ୟରେ ପର୍ଯ୍ୟଟକଙ୍କ ପ୍ରମୁଖ ଆକର୍ଷଣ ପାଲଟିଥାଏ ପୁରୀ ବେଳାଭୂମି । ମହାପ୍ରଭୁଙ୍କ ଦର୍ଶନ ପରେ ଅନେକ ଭକ୍ତ, ପର୍ଯ୍ୟଟକ ବେଳାଭୂମି ବୁଲିବା ସହ ସମୁଦ୍ରରେ ସ୍ନାନ କରିବାକୁ ପସନ୍ଦ କରିଥା'ନ୍ତି । ହେଲେ ବିଭିନ୍ନ ସମୟରେ ଏହି ସମୁଦ୍ରସ୍ନାନ ପର୍ଯ୍ୟଟକଙ୍କ ପାଇଁ ବିପଦ ସାଜିଛି । ସମୁଦ୍ରରେ ଗାଧୋଇବା ବେଳେ ଜୁଆରମାଡ଼ରେ ଅଧିକାଂଶ ଦିନ ପର୍ଯ୍ୟଟକ ଆହତ ହେଉଛନ୍ତି । କେବଳ ଆହତ ହେଉନାହାନ୍ତି ଜୀବନ ବି ଯାଉଛି । ୧୦ ବର୍ଷରେ ସମୁଦ୍ର ଟାଣିନେଇଛି ୬୭ ପର୍ଯ୍ୟଟକଙ୍କ ଜୀବନ ।

ଚାରିଧାମ ମଧ୍ୟରୁ ଶ୍ରୀଜଗନ୍ନାଥ ଧାମ ଅନ୍ୟତମ । ଏଠାରେ ମଧ୍ୟ ଏକ ସୁନ୍ଦର ବେଳାଭୂମି ରହିଛି । ମହାପ୍ରଭୁଙ୍କ ଦର୍ଶନ କରିବା ପରେ ସମୁଦ୍ରରେ ସ୍ନାନ କରି ଏକ ନିଆରା ଅନୁଭୂତି ନେଇ ଶ୍ରୀକ୍ଷେତ୍ରରୁ ଫେରିଥା'ନ୍ତି । ବିଦେଶୀ ପର୍ଯ୍ୟଟକମାନେ ମଧ୍ୟ ପୁରୀର ଆଧ୍ୟାତ୍ମିକ ପର୍ଯ୍ୟଟନ ପ୍ରତି ଆକର୍ଷିତ ହୋଇଆସିଥା'ନ୍ତି । ପୁରୀର ମନୋରମ ବେଳାଭୂମିରେ ବୁଲାବୁଲି କରିବା ସହ ସମୁଦ୍ରସ୍ନାନ କରିବାର ମଜା ନେଇଥା'ନ୍ତି । ଅନେକ ସମୁଦ୍ରରେ ମଧ୍ୟ ବୁଡ଼ ପକାଇଥା'ନ୍ତି । ହେଲେ ସଚେତନତାର ଅଭାବ ଏବଂ କିଛି ଅମାନିଆ ପର୍ଯ୍ୟଟକଙ୍କ ପାଇଁ ଅନେକ ସମୟରେ ସମୁଦ୍ରସ୍ନାନ ବେଳେ ଦୁର୍ଘଟଣା ଘଟିଥାଏ । ଫଳରେ ବିଭିନ୍ନ ସମୟରେ ସମୁଦ୍ରରେ ଅକାଳରେ ଜୀବନ ଚାଲିଯାଇଥାଏ । ମିଳିଥିବା ତଥ୍ୟ ଅନୁଯାୟୀ, ଗତ ୧୦ ବର୍ଷରେ ୬୭ ଜଣ ପର୍ଯ୍ୟଟକ ପୁରୀ ସମୁଦ୍ରରେ ସ୍ନାନବେଳେ ବୁଡ଼ି ପ୍ରାଣ ହରାଇଛନ୍ତି । ୨୦୧୫ରେ ୧୧ ଜଣ, ୨୦୧୬ରେ ୧୨ ଜଣ, ୨୦୧୭ରେ ୭ ଜଣ, ୨୦୧୮ରେ ୮ ଜଣ, ୨୦୧୯ରେ ୪ ଜଣ, ୨୦୨୦ରେ ୨ ଜଣ, ୨୦୨୧ରେ ୧ଜଣ, ୨୦୨୨ରେ ୬ ଜଣ, ୨୦୨୩ରେ ୬ ଜଣ, ୨୦୨୪ରେ ୬ ଜଣ ଏବଂ ଚଳିତ ବର୍ଷ ଅଗଷ୍ଟ ମାସ ସୁଦ୍ଧା ୪ ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଛି ।

ସେହିପରି ଗତ ୪ ବର୍ଷ ମଧ୍ୟରେ ୧,୧୫୯ ଜଣଙ୍କୁ ସମୁଦ୍ରରେ ବୁଡ଼ି ଯାଉଥିବାବେଳେ ଉଦ୍ଧାର କରାଯାଇଛି । ମୁଖ୍ୟତଃ ବେଳାଭୂମିରେ ମୁତୟନ ଲାଇଫ୍ ଗାର୍ଡଙ୍କ ଯୋଗୁଁ ଅନେକ ଜୀବନ ରକ୍ଷା ହୋଇପାରୁଛି । କିନ୍ତୁ ଲାଇଫ୍ ଗାର୍ଡଙ୍କ ସଂଖ୍ୟା ଯଥେଷ୍ଟ ନୁହେଁ । ଦିନକୁ ଦିନ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଉଥିଲେ ମଧ୍ୟ ସେହି ଅନୁଯାୟୀ ଲାଇଫ୍ ଗାର୍ଡଙ୍କ ସଂଖ୍ୟା ବୃଦ୍ଧି କରାଯାଉ ନାହିଁ । ପୁରୀ ବେଳାଭୂମିର ପରିସର ଯଥେଷ୍ଟ ବୃଦ୍ଧି ପାଇଛି ।



ପେଣ୍ଟକଟାଠାରୁ ଷ୍ଟର୍ଲିନ ଛକ ଯାଏ ୮ କିଲୋମିଟର ବ୍ୟାପିଛି ପୁରୀ ବେଳାଭୂମି । ଏହାକୁ ୧୬ଟି ସେକ୍ଟରରେ ବିଭକ୍ତ କରାଯାଇ ଅଗ୍ନିଶମ ବାହିନୀର ୯୭ ଜଣ ଲାଇଫ୍ ଗାର୍ଡ ମୁତୟନ କରାଯାଇଛି । ଲାଇଫ୍ ଗାର୍ଡମାନେ ସମୁଦ୍ରର ଅଧିକ ଭିତରକୁ ନ ଯିବାକୁ ପର୍ଯ୍ୟଟକଙ୍କୁ ପରାମର୍ଶ ଦେଇଥାନ୍ତି । ଏତଦ୍‌ବ୍ୟତୀତ ସମୁଦ୍ରର ଅଶାନ୍ତ ରୂପ ଏବଂ ରିପ୍ କରେଣ୍ଟ ଥିବାବେଳେ ପ୍ରବେଶ ନ କରିବା ପାଇଁ ବାରଣ କରିଥା'ନ୍ତି । ହେଲେ ଅନେକ ସମୟରେ କିଛି ପର୍ଯ୍ୟଟକ ଅମାନିଆ ହୋଇ ମନଇଚ୍ଛା ଯେଉଁଠି ପାରିଲେ ସେଠାରେ ସ୍ନାନ କରୁଥିବାରୁ ବିପଦରେ ପଡ଼ିଥା'ନ୍ତି । ସେହିଭଳି କେଉଁ ସ୍ଥାନରେ ଗାଧୋଇବା ଉଚିତ୍ ଏବଂ କେଉଁଠି ଉଚିତ୍ ନୁହେଁ, ସମୁଦ୍ରର ସ୍ଥିତି କିଭଳି ରହିଛି, କେତେବେଳେ ଗାଧୋଇବା ନିରାପଦ ଏସବୁ ପର୍ଯ୍ୟଟକଙ୍କୁ ସଚେତନ କରାଇବା ପାଇଁ ବେଳାଭୂମିରେ ସୂଚନାଫଳକ ନାହିଁ । ଫଳରେ ବାହାରୁ ଆସୁଥିବା ପର୍ଯ୍ୟଟକମାନେ ସମୁଦ୍ର ବିଷୟରେ ଅଜ୍ଞ ଥିବାରୁ ସମୁଦ୍ର ସ୍ନାନବେଳେ ଅସାବଧାନତା ହେତୁ ମୃତ୍ୟୁମୁଖରେ ପଡୁଛନ୍ତି । ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ବେଳାଭୂମିରେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା ଲାଗି ସରକାର ପଦକ୍ଷେପ ନେବାକୁ ପର୍ଯ୍ୟଟକ ଓ ବୁଦ୍ଧିଜୀବୀ ଦାବି କରିଛନ୍ତି ।

ଅନ୍ୟପକ୍ଷରେ କେବଳ ପୁରୀ ବେଳାଭୂମି ନୁହେଁ, ବେଲେଶ୍ୱର, ରାମଚଣ୍ଡୀ, ଚନ୍ଦ୍ରଭାଗା ଆଦି ବେଳାଭୂମିରେ ମଧ୍ୟ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି । ଏ ସବୁ ସ୍ଥାନ ପ୍ରତି ମଧ୍ୟ ଗୁରୁତ୍ୱ ଦିଆଯିବା ଦରକାର । ଏଠାରେ ଯେପରି ପର୍ଯ୍ୟଟକମାନେ ସୁରକ୍ଷିତ ଭାବେ ସ୍ନାନ କରିବେ ସେଥିଲାଗି ଆବଶ୍ୟକ ବ୍ୟବସ୍ଥା କରାଯିବା ଉଚିତ୍ ବୋଲି ମତ ଦେଇଛନ୍ତି ବାଲେଶ୍ୱରରୁ ଆସିଥିବା ପର୍ଯ୍ୟଟକ ଶମ୍ଭୁନାଥ ଦାସ । ମୋଟାମୋଟି ପର୍ଯ୍ୟଟକଙ୍କ ସମୁଦ୍ର ସ୍ନାନ ନିରାପଦ ରହିଲେ ଆଗକୁ ଆହୁରି ସଂଖ୍ୟା ବୃଦ୍ଧି ପାଇବ ବୋଲି ମତ ଦେଇଛନ୍ତି ବୁଦ୍ଧିଜୀବୀ । ତେଣୁ ଏ ଦିଗରେ ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନ ଗୁରୁତ୍ୱ ଦେବା ଦରକାର ବୋଲି ମତପ୍ରକାଶ ପାଇଛି ।

# ଇଂ. ରାଜେଶ ମିଶ୍ର ହେଲେ ପୁରୀ ଜିଲ୍ଲା କଂଗ୍ରେସ ସଭାପତି



ପୁରୀ,୨୬।୯ (ସମିସ): ଓଡ଼ିଶାରେ କଂଗ୍ରେସ ତା'ର ସ୍ଥିତି ସୁଦୃଢ଼ କରୁଛି । ଦଳୀୟ ସଂଗଠନ କିପରି ଆହୁରି ମଜଭୁତ୍ ହୋଇପାରିବ ସେଥିଲାଗି ଜୋର୍‌ଦାର ଉଦ୍ୟମ ଚଳାଇଛି । ବିଶେଷକରି ଜିଲ୍ଲା ମୁଖିଆ ଦାୟିତ୍ୱ ଯଦି ଠିକ୍ ବ୍ୟକ୍ତିଙ୍କୁ ଦିଆଯିବ ତେବେ ଦଳ ନିଶ୍ଚିତ ଭଲ ପ୍ରଦର୍ଶନ କରିବ । ଏଭଳି ଆଭିମୁଖ୍ୟ ରଖି ଜାତୀୟ କଂଗ୍ରେସ ଏଥର ଏକ ନୂଆ ଫର୍ମୁଲା ଆପଣାଇଥିଲା । ଏସି ରୁମ୍ ଭିତରେ ୫/୬ ଜଣ ମୁଖିଆ ବସି ଜିଲ୍ଲା ସଭାପତି ଚୟନ କରିବାର ଧାରା ବଦଳାଇଥିଲା । ଜାତୀୟ ନେତୃତ୍ୱ ଗ୍ରାଉଣ୍ଡକୁ ଆସି ବିଭିନ୍ନ ବର୍ଗର ଲୋକଙ୍କ ମତାମତ ନେଇଥିଲେ । ସେହି ଆଧାରରେ ଜିଲ୍ଲା ସଭାପତି ଚୟନ କରାଯାଇଛି । ଅଖିଳ ଭାରତୀୟ କଂଗ୍ରେସ କମିଟି ସଭାପତି ମଲ୍ଲିକାର୍ଜୁନ ଖଡ୍‌ଗେଙ୍କ ଅନୁମୋଦନ କ୍ରମେ ସଂଗଠନ ସୃଜନ ଅଭିଯାନ ଜରିଆରେ ଓଡ଼ିଶାର ୩୫ଟି ସାଂଗଠନିକ ଜିଲ୍ଲାରେ ଜିଲ୍ଲା ସଭାପତି ନିଯୁକ୍ତ ପ୍ରକ୍ରିୟାର ଅନ୍ତ ଘଟିଛି । ଏଆଇସିସି ସାଂଗଠନିକ, ସାଧାରଣ ସମ୍ପାଦକ କେ.ସି. ଭେନୁଗୋପାଲ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସମସ୍ତ ଜିଲ୍ଲା ସଭାପତିଙ୍କ ତାଲିକା ପ୍ରକାଶ କରିଛନ୍ତି । ସେହି କ୍ରମରେ ପୁରୀ ଜିଲ୍ଲା ସଂଯୋଜକ ଥିବା ଇଂ. ରାଜେଶ ମିଶ୍ରଙ୍କୁ ପୁରୀ ଜିଲ୍ଲା ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲାର ସଭାପତି ରୂପେ ଅବସ୍ଥାପିତ କରିଛନ୍ତି । ଏଭଳି ଏକ ଗୁରୁଦାୟିତ୍ୱ ଦଳ ତାଙ୍କ ଉପରେ ନ୍ୟସ୍ତ କରିଥିବାରୁ ଇଂ. ମିଶ୍ର ଏଥିପାଇଁ ଦଳର ଜାତୀୟ ଏବଂ ରାଜ୍ୟ ନେତୃତ୍ୱଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଜିଲ୍ଲା ସଂଯୋଜକ ଦାୟିତ୍ୱ ପରେ ସେ ଯଉଁପରି ଭାବେ ଦଳକୁ ଜିଲ୍ଲାରେ କ୍ରିୟାଶୀଳ କରାଉଛନ୍ତି ସେହି ଧାରା ଆଗକୁ ଆହୁରି ଦ୍ରୁତଗତିରେ ଆଗେଇବ ବୋଲି ଇଂ. ମିଶ୍ର କହିଛନ୍ତି ।

# ପରଲୋକରେ ବରିଷ୍ଠ ସେବାୟତ ଶ୍ରୀଧର ପ୍ରଧାନୀ

● ଶ୍ରୀମନ୍ଦିରରୁ ବୈଷ୍ଣବାଗ୍ନି ନିଆଯାଇ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ

ପୁରୀ,୨୬।୯ (ସମିସ): ଶ୍ରୀମନ୍ଦିରର ବରିଷ୍ଠ ସେବାୟତ ତଥା ପ୍ରଧାନୀ ନିଯୋଗ, ବିମାନବଡ୍ଡୁ ନିଯୋଗ, ଭଗବତୀ କୋଟ ଆଖଡ଼ାର ପୂର୍ବତନ ସଭାପତି ଶ୍ରୀଧର ପ୍ରଧାନୀଙ୍କର ୮୪ ବର୍ଷ ବୟସରେ ପରଲୋକ ହୋଇଯାଇଛି । ଶୁକ୍ରବାର ସକାଳ ୯ଟାରେ ବିମାନବଡ୍ଡୁ ସାହି ନିଜସ୍ୱ ବାସଭବନରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ମୃତ୍ୟୁ ସମୟରେ ତାଙ୍କର ଦୁଇ ପୁତ୍ର, ବୋହୂ, ତିନି କନ୍ୟା, ନାତି-ନାତୁଣୀ ଓ ସ୍ୱର୍ଗତ ପ୍ରଧାନୀଙ୍କ ତିନି ଭାଇ ଦାମୋଦର, ଗଙ୍ଗାଧର ଓ ଗଦାଧର ଶେଷ ଦର୍ଶନ କରିଛନ୍ତି । ସ୍ୱର୍ଗତ ପ୍ରଧାନୀ ଶ୍ରୀମନ୍ଦିରରେ ବିଭିନ୍ନ ସମୟରେ ଉପୁଜୁଥିବା ସମସ୍ୟା ନେଇ ଗଜପତି ମହାରାଜା ଓ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସନକୁ ମାର୍ଗଦର୍ଶନ କରାଇବା ସହିତ ମୁକ୍ତିମଣ୍ଡପ ବିଭିନ୍ନ ସମସ୍ୟାକୁ ସମାଧାନ କରାଇଥା'ନ୍ତି । ଗତ ୬୦ ବର୍ଷରୁ ଉର୍ଦ୍ଧ୍ୱ ମହାପ୍ରଭୁଙ୍କ ଦୈନିକ ସେବା କରି ଆସିଛନ୍ତି । ସ୍ୱର୍ଗଦ୍ୱାରଠାରେ ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ରବିନାରାୟଣ ଦାସଙ୍କ ସମେତ ଶ୍ରୀମନ୍ଦିରର ବରିଷ୍ଠ ସେବାୟତମାନେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ବଡ଼ପୁଅ ସତ୍ୟନାରାୟଣ ପ୍ରଧାନୀ ମୁଖାଗ୍ନି ଦେଇଥିଲେ ।

# ଶ୍ରୀମନ୍ଦିର ଗୁମୁଟକୁ ଅକ୍ଷତ ରଖିବାକୁ ଦାବି

ପୁରୀ,୨୬।୯ (ସମିସ): ଶ୍ରୀମନ୍ଦିର ଗୁମୁଟକୁ ଅକ୍ଷତ କରିବା ଏବଂ କଣ୍ଟା ନ ବାଡ଼େଇବା ପାଇଁ ଦାବି କରିଛି ବଡ଼ଦାଣ୍ଡ ସେବା ସଂଗଠନ । ଏ ନେଇ ଶୁକ୍ରବାର ସଂଗଠନ ପକ୍ଷରୁ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକଙ୍କୁ ଦାବିପତ୍ର ଦିଆଯାଇଛି । ଶ୍ରୀମନ୍ଦିରକୁ ଆଲୋକିତ ଓ ସୌନ୍ଦର୍ଯ୍ୟ କରିବା ପାଇଁ ଗୁମୁଟରେ କଣ୍ଟା ବାଡ଼େଇଥିବାରୁ କ୍ଷତ ସୃଷ୍ଟି ହୋଇ ଏହା ଐତିହ୍ୟରେ କ୍ଷତ ସୃଷ୍ଟି କରୁଛି । ତେଣୁ ଶ୍ରୀମନ୍ଦିର ଭଳି ପୁରାତନ କୀର୍ତ୍ତିରାଜିରେ କଣ୍ଟା ବାଡ଼େଇବାରୁ ବିରତ ରହିବା ସହ ସୃଷ୍ଟି ହୋଇଥିବା କ୍ଷତକୁ ମରାମତି କରିବାକୁ ଦାବି ହୋଇଛି । ଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ଓ ନାକଚଣା ଦ୍ୱାର ଗୁମୁଟରେ ମଧ୍ୟ କଣ୍ଟା ବାଡ଼େଇ କ୍ଷତ ସୃଷ୍ଟି କରାଯାଇଛି । ତେଣୁ ଶ୍ରୀମନ୍ଦିର ଓ ଗୁଣ୍ଡିଚା ମନ୍ଦିରର ଐତିହ୍ୟକୁ ଅକ୍ଷତ ରଖିବା ପାଇଁ ଗୁରୁତ୍ୱ ଦେବାକୁ ଦାବି ହୋଇଛି । ବଡ଼ଦାଣ୍ଡ ସେବାର ସୂର୍ଯ୍ୟକାନ୍ତ ନାୟକ, ସୁକୁମାର ଦାସ, ଦିବାକର ବେହେରା, ଜଗନ୍ନାଥ ପାଢ଼ୀ, ବଟକୃଷ୍ଣ ମହାପାତ୍ର, ନାରାୟଣ ରାୟସିଂହ, ରାମଚନ୍ଦ୍ର ହାଲ୍‌ଦାର ଓ ମନୋଜ ସାହୁ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ ।






# ଅଟୋ-ଟୋଟୋ ଚାଳକଙ୍କ ବିକ୍ଷୋଭ

ପୁରୀ,୨୬।୯ (ସମିସ): ବିଭିନ୍ନ ଦାବି ନେଇ ପୁରୀରେ ଗର୍ଜିଛନ୍ତି ଅଟୋ ଏବଂ ଟୋଟୋ ଚାଳକ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି । ଅଟୋ ଏବଂ ଟୋଟୋ ଚାଳକମାନେ କହିଛନ୍ତି, ବେକାର ଯୁବକ ଆତ୍ମନିର୍ଭର ପାଇଁ ଅଟୋ କିଣି ବା ଭଡ଼ାରେ ଆଣି ସରକାରଙ୍କୁ ଟିକସ ଦେଇ ଅଟୋ ଚଳାଇ ରୋଜଗାରକ୍ଷମ ହେଉଛନ୍ତି । କିନ୍ତୁ ପୁରୀ ସହରରେ ଅଦ୍ୟାବଧି ଅଟୋ ରଖିବା ପାଇଁ ସ୍ଥାନ ଦେଇପାରିଲାନି ଜିଲ୍ଲା ପ୍ରଶାସନ । ଅଟୋ ଚଳାଚଳ ପାଇଁ ସଠିକ୍ ମାର୍ଗଦର୍ଶିକା ଜାରି କରିପାରୁ ନାହିଁ । ବିନା କାରଣରେ ଜୁଲମ କରି ହଜାର ହଜାର ଟଙ୍କା ଚାଲାଣ କରୁଛି ପୁଲିସ ।



ପ୍ରତିବାଦ କଲେ ଅଟୋ ଭିଡ଼ି ନେଇ ବହୁଦିନ ରଖି ଦେଉଛନ୍ତି । ବଡ଼ଦାଣ୍ଡରେ ମରିଚୀକୋଟ ପର୍ଯ୍ୟନ୍ତ ଟାଉନ ବସ୍ ଯାଉଥିଲାବେଳେ ଅଟୋକୁ ମାର୍କେଟ ଛକରେ ଅଟକାଇ ଦିଆଯାଉଛି । ଏହା ବିରୋଧରେ ଶୁକ୍ରବାର ପୁରୀ ସହରର ଅଟୋ-ଟୋଟୋ ମିଳିତ ମହାମଞ୍ଚର ଶହ ଶହ ଅଟୋ ଚାଳକ ଗୁଣ୍ଡିଚା ମନ୍ଦିର ପାଖରୁ ଶୋଭାଯାତ୍ରାରେ ଯାଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ରିତ ହୋଇଥିଲେ । ସେଠାରେ ବିଭିନ୍ନ ପ୍ରକାର ନାରାବାଜି କରି ବିକ୍ଷୋଭ ସମାବେଶ କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି । ଏଥିରେ କୁହାଯାଇଛି ଯେ, ପ୍ରଶାସନ ଅଟୋ ଚାଳନା ପାଇଁ ତୁରନ୍ତ ମାର୍ଗଦର୍ଶିକା ଜାରି କରୁ । ଅଟୋ ରଖିବା ପାଇଁ ସ୍ଥାନ ବା ଷ୍ଟାଣ୍ଡ ଦେବା, ଚାଲାଣ କାଟିବା ବନ୍ଦ, ଅଟୋ ଟାଉନ ବସ୍ ଗୋଟିଏ ସ୍ଥାନରେ ରହଣି କରିବାକୁ ଦାବି ହୋଇଛି । ଜିଲ୍ଲା ପ୍ରଶାସନ, ପୁଲିସ ଓ ଅଟୋ ସଂଘ କର୍ମକର୍ତ୍ତାଙ୍କୁ ନେଇ ମିଳିତ ବୈଠକ କରି ସମାଧାନ କାଟିବାକୁ ଦାବି କରାଯାଇଛି । ଏଥିରେ ମିଳିତ ମଞ୍ଚର ସଭାପତି ପ୍ରମୋଦ ଜେନା, କାର୍ଯ୍ୟକାରୀ ସଭାପତି ଶରତ କୁମାର ରାୟଗୁରୁ, ଉପସଭାପତି ବାବୁଲା ପ୍ରସାଦ, ସଞ୍ଜୀବ ମହାନ୍ତି, ରାଜକିଶୋର ସାହୁ, ଗଜପତି ସେନାପତି, କୃପାସିନ୍ଧୁ ପଣ୍ଡା, ଦାଶରଥୀ ସାହୁଙ୍କ ନେତୃତ୍ୱରେ ଶହ ଶହ ଅଟୋଚାଳକ ଯୋଗଦେଇଥିଲେ ।





### ଅନ୍‌ଲାଇନ୍ ଯୋଗୁଁ ଅଫ୍‌ଲାଇନ୍ ପୋଷାକ ବିକ୍ରି ମାନ୍ଦା

# ପାର୍ବଣ ଭିଡ଼ରେ ବି ଦୋକାନ ଖାଁ ଖାଁ

**୧୦ ବର୍ଷ ଭିତରେ କମିଛି ୯୦ ପ୍ରତିଶତ ବେପାର**

**ଗାଁ ଲୋକଙ୍କୁ ଭରସା କରୁଛନ୍ତି ସହରୀ ବସ୍ତ୍ରାଳୟ**

ଭୁବନେଶ୍ୱର, ୨୬।୯ (ସମିସ): ଅନ୍‌ଲାଇନ୍‌ରେ ବିଭିନ୍ନ ଭେରାଇଟ୍‌ର ପୋଷାକ ଏବଂ ଶାଢ଼ି ସାଲୁଆର ମିଳୁଥିବାରୁ ସବୁ ସମୟରେ ଲୋକେ ନିଜ ମନ ପସନ୍ଦର ପୋଷାକ କିଣିପାରୁଛନ୍ତି। ଫଳରେ ଗୁରୁତର ଭାବେ ହ୍ରାସ ପାଇବାରେ ଲାଗିଛି ଅଫ୍‌ଲାଇନ୍ ବସ୍ତ୍ର ବେପାର। ଏମିତି କି ଦୁର୍ଗାପୂଜା ଭଳି ଏକ ବଡ଼ ପୂଜା ପର୍ବାଣିରେ ବି ଲୋକେ ଆଉ ଦୋକାନକୁ ଆସି ପୋଷାକ କିଣୁନାହାନ୍ତି। ଫଳରେ ରାଜଧାନୀର ବଡ଼ବଡ଼ ମଲ୍‌କୁ ଛାଡ଼ିଲେ ଅନ୍ୟ ମଧ୍ୟମ ଧରଣର ପୋଷାକ ଏବଂ ଶାଢ଼ି ଦୋକାନ ଏବେ ଖାଁ ଖାଁ ହୋଇପଡ଼ୁଛି।

ରାଜଧାନୀ ଜୟଦେବ ବିହାର ପାଲହାଇଟ୍ସଠାରେ ଗାର୍ମେଣ୍ଟ ଦୋକାନ କରିଥିବା ଜଣେ ବ୍ୟବସାୟୀଙ୍କ କହିବାନୁଯାୟୀ ଗତ ୧୦ ବର୍ଷ ତଳେ ଏବେ ପରିମାଣର ବେପାର ହେଉଥିଲା ଯେ, ଦୁର୍ଗାପୂଜା, ଗଣେଶପୂଜା, ସାସ୍ୱତୀ ପୂଜା ପୂର୍ବରୁ ଆମକୁ ଅଧିକ କର୍ମଚାରୀଙ୍କୁ ଆଣିବାକୁ ପଡୁଥିଲା। କିନ୍ତୁ ଏବେ ଅନ୍‌ଲାଇନ୍ ବେପାର ଯୋଗୁଁ ଲୋକେ ଆଉ ଦୋକାନକୁ ଆସୁ ନାହାନ୍ତି। କିଛି କିଛି ଲୋକେ ସପରିବାର ବଡ଼ମଡ଼ ମଲ୍‌କୁ ବୁଲିବା ସହ ଅଳ୍ପ କିଛିମାତ୍ରାର ବସ୍ତ୍ର କିଣୁଛନ୍ତି। ଏବେ ଭିସାଲ ମେଗା ମାର୍ଟ, ବଜାର କୋଲକାତା, ବିଗ୍ ମାର୍ଟ, ରିଲାନ୍ସ, ପାଣ୍ଟାଲୁନ୍, ମ୍ୟାକ୍ସ, ଭିଟୁ ପରି ଅନେକ ଛୋଟ ବଡ଼ ସପିଂ ମଲ୍ ଦୋକାନ ବିଭିନ୍ନ ସ୍ଥାନରେ ଗଢ଼ି ଉଠିଛି। ଏଥିସହିତ ମାକେଟ୍ ବିଲଡ଼ିଂ ପରି ବଡ଼ ବଜାର ରହିଛି। ଏବଂ ଗଳି କନ୍ଦିରେ ମଧ୍ୟ ବୁଟିକ୍ ସହ ଘରେ ଘରେ ମହିଳାମାନେ ମଧ୍ୟ ବସ୍ତ୍ର ବ୍ୟବସାୟ କଲେନି। ଯେଉଁଥିରୁ ଲୋକମାନେ ବର୍ଷ ସାରା କିଛି ନା କିଛି କିଣାକିଣି କରୁଛନ୍ତି। ଯାହାଦ୍ୱାରା ପାର୍ବଣରେ ବ୍ୟବସାୟୀ ଗରାଖଙ୍କ ଅପେକ୍ଷାରେ ରହୁଛନ୍ତି।



ଆଗରୁ ଲୋକଙ୍କ ରୋଜଗାର କରିବାର ଦକ୍ଷତା କମ୍ ରହିବା ସହ ବିଦେଶୀ ବସ୍ତ୍ର ପ୍ରାୟ ଆସୁ ନ ଥିଲା। କିନ୍ତୁ ଏବେ ବାହାରୁ ବିଭିନ୍ନ ଭେରାଇଟ୍‌ର ପୋଷାକ ସାରା ବର୍ଷ ଆସୁଥିବାରୁ ଲୋକେ ସବୁ ସମୟରେ ପୋଷାକ ଏବଂ ଶାଢ଼ି କିଣି ନେଉଛନ୍ତି। ତେଣୁ ଲୋକେ ପୂଜା ପାର୍ବଣକୁ ଅପେକ୍ଷା କରୁ ନାହାନ୍ତି। ଯେ କୌଣସି ସମୟରେ ଚାହିଁଲେ ଅନ୍‌ଲାଇନ୍‌ରେ ପୋଷାକ କିଣୁଛନ୍ତି। ଯେଉଁଥିପାଇଁ ପାର୍ବଣରେ ବ୍ୟବସାୟ କିଛି ମାତ୍ରାରେ କମ୍ ହେଉଛି ବୋଲି ୟୁନିଟ୍ ୨ସ୍ଥିତ ଭଗବତୀ ଏଣ୍ଟରପ୍ରାଇଜେସ୍‌ର ପରିସରରେ ଲୁଗା ବ୍ୟବସାୟ କରୁଥିବା ଶିଶିର କୁମାର ପଣ୍ଡା କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଅଫ୍‌ଲାଇନ୍‌ରେ ମାତ୍ର ୧୦ ରୁ ୧୫ ପ୍ରତିଶତ ଅଫର ମିଳିଥାଏ ହେଲେ ଅନ୍‌ଲାଇନ୍‌ରେ ପାର୍ବଣ ସମୟରେ ଅଧିକ ଅଫର ଦିଆଯାଏ। ଯେଉଁଥିପାଇଁ ଅଫ୍‌ଲାଇନ୍ ଅପେକ୍ଷା ଅନ୍‌ଲାଇନ୍ ବିକ୍ରି ଅଧିକ ହୋଇଥାଏ। ତେବେ ଏସବୁ ଦୃଷ୍ଟିରେ ରଖି ଦୋକାନୀମାନେ ମଧ୍ୟ ନୂଆ ପୋଷାକ ଆସିଲେ ଗ୍ରାହକଙ୍କ ମୋବାଇଲ୍‌ରେ ମେସେଜ୍ କରୁଛନ୍ତି।

## ବିଜେଡି ପକ୍ଷରୁ ଯୁଧିଷ୍ଠିର ଦାସଙ୍କ ଜୟନ୍ତୀ



ଭୁବନେଶ୍ୱର, ୨୬।୯ (ସମିସ): ପୂର୍ବତନ ବାଚସ୍ପତି ଯୁଧିଷ୍ଠିର ଦାସଙ୍କ ଜୟନ୍ତୀ ସମାରୋହ ନୂଆପଲ୍ଲୀଠାରେ ଅବସ୍ଥିତ ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ପାଳନ କରାଯାଇଛି। ପ୍ରଥମେ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ବିଶ୍ୱଜିତ୍ ଜେନା, ଜାନକୀ ପ୍ରଧାନ, ମନୋରଞ୍ଜନ ମହାନ୍ତି, ପ୍ରାଧ୍ୟାପକ ରଙ୍ଗାଧର ସାହୁ, ଅଶୋକ ସେଠୀ, ଇସଲାମ ପ୍ରଧାନ, ସୋମ୍ୟରଞ୍ଜନ ରାଉତ ପ୍ରମୁଖ ଯୋଗଦେଇଥିଲେ। ଅମିତ୍ ପାତାଳସିଂ ଧନ୍ୟବାଦ ଦେଇଥିଲେ।

## ହାଇଟେକ୍‌ରେ ବିଶ୍ୱ ଫାର୍ମାସିଷ୍ଟ ଦିବସ

ଭୁବନେଶ୍ୱର, ୨୬।୯ (ସମିସ): ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ୍ ପ୍ରେକ୍ଷାଳୟରେ ଶତାଧିକ ବିଦ୍ୟାର୍ଥୀମାନଙ୍କ ଗହଣରେ ବିଶ୍ୱ ଫାର୍ମାସିଷ୍ଟ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ ଯୋଗ ଦେଇ ବିଦ୍ୟାର୍ଥୀମାନଙ୍କର ସରଳ ଜୀବନ ଓ ପିତାମାତାଙ୍କ ପ୍ରତି ଆଦର୍ଶବୋଧ ହୋଇ ସମାଜ ପାଇଁ କାର୍ଯ୍ୟ କରିବାକୁ ମତ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ସରକାର ଡ୍ରଗ କଣ୍ଟ୍ରୋଲର ଡ. ସୁଦର୍ଶନ ବିଶ୍ୱାଳ ଯୋଗ ଦେଇଥିଲେ। ଏଥିରେ ହାଇଟେକ୍ କଲେଜ ଅଫ୍ ଫାର୍ମାସୀର ପ୍ରିନ୍ସିପାଲ ପ୍ରଫେସର୍ ଡ. ପ୍ରସନ୍ନ କୁମାର କର, ହାଇଟେକ୍ ଗ୍ରୁପ୍‌ର ଟ୍ରଷ୍ଟି ଡ. ରାକେଶ କୁମାର ପାଣିଗ୍ରାହୀ, ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରିନ୍ସିପାଲ ପ୍ରଫେସର୍ ଡ. ଦେବାନନ୍ଦ ମହାପାତ୍ର, ଭାଇସ ପ୍ରିନ୍ସିପାଲ ପ୍ରଫେସର୍ ଡ. ଲିସା ଷଡଙ୍ଗୀ, ଡିନ୍ ଓ ନିର୍ଦ୍ଦେଶକ ଏକାଡେମି ପ୍ରଫେସର୍ ଡ. ରାଧାମାଧବ ତ୍ରିପାଠୀ, ଭାଇସ୍ ଚାନ୍ସେଲର ପ୍ରଫେସର୍ ଡ. କୁମର ବର ଦାଶ, ଶଲ୍ୟ ଚିକିତ୍ସା ବିଭାଗ ନିର୍ଦ୍ଦେଶକ ପ୍ରଫେସର୍ ଡ. ଅଶୋକ ଆଚାର୍ଯ୍ୟ, ଆର୍ ଏଣ୍ଡ ଡି ଅଧ୍ୟକ୍ଷ ଡ. ପାୟୋଧର ପାଢି, ଫିଜିଓଥେରାପି କଲେଜ ପ୍ରିନ୍ସିପାଲ ପ୍ରଫେସର ଡ. ଦୀପକ ସାମନ୍ତରାୟ, ଫାର୍ମାସୀ କଲେଜ ଭାଇସ୍-ପ୍ରିନ୍ସିପାଲ ପ୍ରଫେସର୍ ଡ. ବବିତା ସାହୁ ଉପସ୍ଥିତ ରହିଥିଲେ।

### ● ଗାନ୍ଧୀ ବିନୋବା ଆଶ୍ରମ ଉପରେ ବୁଲ୍‌ଡୋଜର ଚଳାଇବା ବିରୋଧ

## ରାଷ୍ଟ୍ରୀୟ ପଦଯାତ୍ରାରେ ସାମିଲ ହେବେ ଶତାଧିକ ଓଡ଼ିଆ ଗାନ୍ଧୀବାଦୀ

ଭୁବନେଶ୍ୱର, ୨୬।୯ (ସମିସ): ଉତ୍ତର ପ୍ରଦେଶର ବାରାଣସୀସ୍ଥିତ ରାଜଘାଟ ଠାରେ ଷାଠିଏ ଦଶକରେ ଅଖିଳ ଭାରତ ସର୍ବୋଦୟ ମଣ୍ଡଳ (ସର୍ବସେବା ସଂଘ) ପକ୍ଷରୁ ରେଳ ବିଭାଗ ଠାରୁ ଖରିଦ କରାଯାଇଥିବା ତେର ଏକର ସମ୍ପତ୍ତିକୁ ଗତ ବର୍ଷ ଉତ୍ତରପ୍ରଦେଶ ସରକାର, ଭାରତୀୟ ରେଳ ବିଭାଗ ମିଳିତ ଭାବରେ ବୁଲଡୋଜର ଚଳାଇ ମାଟିରେ ମିଶାଇ ଦେଇଛନ୍ତି। ଏହାକୁ ବିରୋଧ କରି ସଂଘ ପକ୍ଷରୁ ଦେଶବ୍ୟାପୀ ଶହେ ଦିନବ୍ୟାପୀ ସତ୍ୟାଗ୍ରହ କରାଯାଇଥିଲା। ଆଗାମୀ ଗାନ୍ଧୀ ଜୟନ୍ତୀ ଠାରୁ ଏକ ହଜାର କିଲୋମିଟର ବ୍ୟାପୀ ପଦଯାତ୍ରା ବାହାରି ଛପନ ଦିନରେ ନଭେମ୍ବର ୨୬ ତାରିଖ ସମ୍ବିଧାନ ଦିବସରେ ନୂଆଦିଲ୍ଲୀସ୍ଥିତ ରାଜଘାଟ ଗାନ୍ଧୀ ସମାଧୀ ପୀଠରେ ପହଞ୍ଚିବ। ଉତ୍କଳ ସର୍ବୋଦୟ ମଣ୍ଡଳର ନେତୃତ୍ୱରେ ଓଡ଼ିଶାର ୩୦ ଜିଲ୍ଲାରୁ ଶତାଧିକ ଗାନ୍ଧୀବାଦୀ, ସର୍ବୋଦୟ କର୍ମୀ, ସାମାଜିକ କର୍ମୀ ମହିଳା ପୁରୁଷ, ଯୁବ-ଛାତ୍ର ଗୋଷ୍ଠୀ ଏହି ପଦଯାତ୍ରାରେ ସାମିଲ ହେବା ସ୍ଥିର ହୋଇଛି। ଲୋହିଆ ଏକାଡେମୀଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଉତ୍କଳ ସର୍ବୋଦୟ ମଣ୍ଡଳର ସଭାପତି ମିହିର ପ୍ରତାପ ଦାସ, ସର୍ବସେବା ସଂଘ ଆନ୍ଦୋଳନ ସମିତିର ସଂଯୋଜକ ଡ଼ା ବିଶ୍ୱଜିତ୍, ଲୋହିଆ ଏକାଡେମୀର ସମ୍ପାଦକ ଦେବପ୍ରସାଦ ରାୟ, ରାଷ୍ଟ୍ରୀୟ ଯୁବା ସଂଗଠନର ରାଜ୍ୟ ସଂଯୋଜକ ମାନସ ପଟ୍ଟନାୟକ ଯୋଗ ଦେଇ ଏ ନେଇ ସୂଚନା ଦେଇଛନ୍ତି।

## ଓସିଏସ୍ ପରୀକ୍ଷାରେ 'ବାଜିରାଓ'ର ବାଜିମାତ୍

ଭୁବନେଶ୍ୱର, ୨୬।୯ (ସମିସ): ଓଡ଼ିଶା ସିଭିଲ ସର୍ଭିସ (ଓସିଏସ୍) ପରୀକ୍ଷାରେ ବାଜିରାଓ ଆଇଏଏସ୍ ଏକାଡ଼େମୀର ଛାତ୍ରଛାତ୍ରୀମାନେ ବ୍ୟାପକ ସଫଳତା ପାଇଛନ୍ତି। ୧୦୦ରୁ ଅଧିକ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଥିବାବେଳେ ଶ୍ରେଷ୍ଠ ୪୦ ମଧ୍ୟରେ ଶିକ୍ଷାନୁଷ୍ଠାନର ୧୦ଜଣ ସ୍ଥାନ ପାଇଛନ୍ତି। ସ୍ୱରୂପିଣୀ ପଟ୍ଟନାୟକ ତାଲିକାର ୧୨ତମ ସ୍ଥାନରେ ରହିବା ସହ ଏକାଡେମୀର ଟପ୍ପର ହୋଇଛନ୍ତି। ସେହିପରି ଦୀପସୀତା ବେହେରା, ସୁପ୍ରିୟା ମିଶ୍ର, ଅସୀମା ଅନ୍ୱେଷା, ଏମ୍‌ଜି ସୁବର୍ଣ୍ଣ ମହାନ୍ତି, ଆକାଶ କୁମାର ପ୍ରଧାନ, ସୌମ୍ୟ ରଞ୍ଜନ ପଣ୍ଡା, କଲ୍ୟାଣୀ ସାହୁ, ମୃତ୍ୟୁଞ୍ଜୟ ରାଉଳ ଓ ସାଇ ରମଣ ପାତ୍ର ପ୍ରମୁଖ ପ୍ରଥମ ୪୦ଟି ସ୍ଥାନରେ ରହି ଶିକ୍ଷାନୁଷ୍ଠାନକୁ ଗୌରବାନ୍ୱିତ କରିଛନ୍ତି। ଶିକ୍ଷାନୁଷ୍ଠାନର ଏହି ଐତିହାସିକ ସଫଳତା ପାଇଁ ଏକାଡ଼େମୀର ମୁଖ୍ୟ କାର୍ଯ୍ୟନିର୍ବାହୀ ସୁଭ୍ରାଂଶୁ ଶେଖର ଓଝା ଛାତ୍ରଛାତ୍ରୀ ଓ ଅଧ୍ୟାପକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



**୧୦୦ରୁ ଅଧିକ ଛାତ୍ରଛାତ୍ରୀ କୃତକାର୍ଯ୍ୟ, ଶ୍ରେଷ୍ଠ ୪୦ ମଧ୍ୟରେ ୧୦ଜଣ**

## ଗଳ୍ପ ସଂକଳନ 'ସାରସର ଶେଷ ସ୍ୱର' ଉନ୍ମୋଚିତ

ଭୁବନେଶ୍ୱର, ୨୬।୯ (ସମିସ): ବୁଲଗାରିଆ ଓ ଉତ୍ତର ମାସିଡୋନିଆରେ ଭାରତର ରାଷ୍ଟ୍ରଦୂତ ଥିବା ଅରୁଣ କୁମାର ସାହୁଙ୍କର ତୃତୀୟ ଗଳ୍ପ ସଂକଳନ 'ସାରସର ଶେଷ ସ୍ୱର' ଉନ୍ମୋଚିତ ହୋଇଯାଇଛି। ଏକ ହୋଟେଲରେ ଆୟୋଜିତ ଉନ୍ମୋଚନ ଉତ୍ସବରେ ଅତିଥି ଭାବେ କବି ଓ ଗୀତିକାର ଦେବଦାସ ଛୋଟରାୟ, କଥାକାର ଓ ଚିନ୍ତକ ଦାଶ ବେନହୁର ଯୋଗ ଦେଇଥିଲେ। ପ୍ରକାଶନ ସଂସ୍ଥା ପେନ୍ ଇନ୍ ବୁକ୍ସ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ଅନ୍ୟତମ ଅତିଥି ଭାବେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ କୁମାର ପାଢ଼ୀ ଯୋଗ ଦେଇଥିବା ବେଳେସ୍ତମ୍ଭକାର ଅଭିରାମ ବିଶ୍ୱାଳ ପୁସ୍ତକର ସମୀକ୍ଷା କରିଥିଲେ। ପ୍ରାରମ୍ଭରେ କଥାକାର ଶୁଭ୍ରାଂଶୁ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ।

## 'ପ୍ରୟାସ'ର ଦାଣ୍ଡିଆ ମହୋତ୍ସବ ଉଦ୍‌ଘାଟିତ



**୭ ଦିନ ଯାଏଁ ସନ୍ଧ୍ୟା ୬ରୁ ରାତି ୧୦ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ**

ଭୁବନେଶ୍ୱର, ୨୬।୯ (ସମିସ): ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରୟାସ ପକ୍ଷରୁ ଦୁର୍ଗୋତ୍ସବ ଅବସରରେ ୟୁନିଟ୍-୩ ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ୧୨ତମ ଦାଣ୍ଡିଆ ମହୋତ୍ସବ ଉଦ୍‌ଘାଟିତ ହୋଇଛି। ବିଧାୟକ ବାବୁ ସିଂହ, ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, କର୍ପୋରେଟର ରଞ୍ଜୁଲତା ରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଛନ୍ତି। 'ଓଡ଼ିଶା ଭାସ୍କର'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ତଥା ପ୍ରୟାସର ଟ୍ରଷ୍ଟୀ କୌସ୍ତୁଭ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରୟାସର ସଭାପତି ବନ ମହାନ୍ତି ସଂଗଠନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟା ମମତା ମହାନ୍ତି, ଜସ୍ମିନ୍ ମହାନ୍ତି, କୌଶିକ ମହାନ୍ତି, କମଳ ମହାନ୍ତି, ଚନ୍ଦ୍ରଶେଖର ପଣ୍ଡିତରା, ସୁରେଶ ପତ୍ରି, ସଂଗ୍ରାମ ମହାରଣା, ବୃନ୍ଦାବନ ପଢ଼ିହାରୀ, ରାଜଦୀପ୍ ଦାସ, ଜୟସେନ ପାତ୍ର, ଉମାକାନ୍ତ ତାଣ୍ଡି, ପ୍ରଶାନ୍ତ ଦାସ, ଲକ୍ଷ୍ମୀନାରାୟଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସୋନାଲୀ ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ଆଜିଠାରୁ ଆରମ୍ଭ ହୋଇଥିବା ଏହି ଦାଣ୍ଡିଆ ମହୋତ୍ସବ ଅକ୍ଟୋବର ୨ରେ ସରିବ। ୭ଦିନ ପର୍ଯ୍ୟନ୍ତ ସନ୍ଧ୍ୟା ୬ରୁ ରାତି ୧୦ ଯାଏଁ କାର୍ଯ୍ୟକ୍ରମ ହେବ।

## ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ

ଭୁବନେଶ୍ୱର, ୨୬।୯ (ସମିସ): ବିଭିନ୍ନ ସରକାରୀ ବିଭାଗରେ କାର୍ଯ୍ୟରତ ମହିଳା ଅଧିକାରୀ, କର୍ମଚାରୀ ଏବଂ ଗଣମାଧ୍ୟମର ମହିଳା ପ୍ରତିନିଧି ତଥା କର୍ମଚାରୀମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର ବିଭାଗୀୟ ମୁଖ୍ୟଙ୍କ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ମହିଳା ସ୍ୱାସ୍ଥ୍ୟ ସଚେତନତା ଓ ସମାଜରେ ରକ୍ତର ଉପଲବ୍ଧତା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ 'ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ' ଅଧୀନରେ ଆୟୋଜିତ ଏହି ଶିବିରରେ ୬ ଶହରୁ ଉର୍ଦ୍ଧ୍ୱ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ଦିଆଯାଇଛି।

## ଏକାମ୍ର ମା' ଦୁର୍ଗା ମହୋତ୍ସବରେ 'ମହାଦେବୀ' ଉନ୍ମୋଚିତ



**ବଟକୃଷ୍ଣ ମହାପାତ୍ରଙ୍କୁ 'ମହାଦେବୀ ସମ୍ମାନ'**

ଧଉଳି, ୨୬।୯ (ସମିସ): ଭୁବନେଶ୍ୱର ଲୁଇସରୋଜସ୍ଥିତ 'କେଦାରଗୌରୀ ରିସୋର୍ଟ'ରେ ଏକାମ୍ର ଦୁର୍ଗା ମହୋତ୍ସବ-୨୦୨୫ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ଉତ୍ସବରେ ଅତିଥି ଭାବରେ ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ପୂର୍ବତନ ସଂସଦ ଭୁବନେଶ୍ୱର ପ୍ରସନ୍ନ ପାଟଶାଣୀ, ଏକାମ୍ର-ଭୁବନେଶ୍ୱରର ବିଧାୟକ ବାବୁ ସିଂ, ମଧ୍ୟମ ଭୁବନେଶ୍ୱରର ମାନ୍ୟବର ବିଧାୟକ ଅନନ୍ତ ନାରାୟଣ ଜେନା, ଉତ୍ତର ଭୁବନେଶ୍ୱରର ମାନ୍ୟବର ବିଧାୟକ ସୁଶାନ୍ତ କୁମାର ରାଉତ, ବିଏମ୍‌ସି ମେୟର ସୁଲୋଚନା ଦାସ, ଓଡ଼ିଶା ରାଜ୍ୟ ବାର କାଉନ୍‌ସିଲର ଅଧ୍ୟକ୍ଷ ଶିତାଂସୁ ମୋହନ ଦ୍ୱିବେଦୀ, ଓଟିଡିସିର ପୂର୍ବତନ ଅଧ୍ୟକ୍ଷ ସନ୍ତୋଷ ମହାନ୍ତି, ଭୁବନେଶ୍ୱର ପଞ୍ଚାୟତ ସମିତି ଅଧ୍ୟକ୍ଷା ନିରୂପମା ସାହୁ, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥ, ବକ୍ସି ଜଗବନ୍ଧୁ ବିଦ୍ୟାଳୟର ସମ୍ପାଦକ ପ୍ରତାପ ଜେନା, ଦେବଯୁଗ ପରିବାର ଅଧ୍ୟକ୍ଷ ଦେବବ୍ରତ ନାୟକ, ବରିଷ୍ଠ ନେତା ବଟୁ, ରବୀନ୍ଦ୍ର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଧୀରେନ ପଟ୍ଟନାୟକଙ୍କ ସମ୍ପାଦନାରେ ପ୍ରକାଶିତ ସ୍ମରଣିକା 'ମହାଦେବୀ' ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ବରିଷ୍ଠ ମୂର୍ତ୍ତୀ କାରିଗର ବଟକୃଷ୍ଣ ମହାପାତ୍ରଙ୍କୁ 'ମହାଦେବୀ ସମ୍ମାନ-୨୦୨୫' ରେ ସମ୍ମାନିତ କରାଯାଇଥିଲା। ଏକାମ୍ର-ଭୁବନେଶ୍ୱରର ୫୦ ଗୋଟି କମିଟିର କାର୍ଯ୍ୟକର୍ତ୍ତା ଓ ସାହି ମୁରବୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡିଆ କଣ୍ଠଶିଳ୍ପୀ ମାନଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ଅନୁଷ୍ଠାନର ସଭାପତି ରାଜେନ୍ଦ୍ର ସମର୍ଥା ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡର ପୂର୍ବତନ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟ ସମ୍ପାଦକୀୟ ଅଭିଭାଷଣ ରଖିଥିଲେ। ଉପସଭାପତି ମଳୟ ମହାପାତ୍ର, ପ୍ରମୋଦ ମହାପାତ୍ର, ବିରଞ୍ଚି ନାରାୟଣ ମହାସୁପକାର, ଦେବୀ ପ୍ରସାଦ ନନ୍ଦ, ପ୍ରତାପ ସାହୁ, କବିରାଜ ସ୍ୱାଇଁ ପ୍ରମୁଖ ଏକାମ୍ରରେ ଶକ୍ତି ଆରାଧନା ଏବଂ ଅନୁଷ୍ଠାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅଭିଭାଷଣ ରଖିଥିଲେ।

## ଧର୍ମ ପରାୟଣ ଶିକ୍ଷୟିତ୍ରୀଙ୍କ ପରଲୋକ



ଭୁବନେଶ୍ୱର, ୨୬।୯ (ସମିସ): ଧର୍ମ ପରାୟଣ ଶିକ୍ଷୟିତ୍ରୀ ନର୍ମଦା ନାୟକଙ୍କର ୫୨ ବର୍ଷ ବୟସରେ ବ୍ରେନ୍ ଷ୍ଟୋକ୍‌ରେ ପରଲୋକ ଘଟିଛି। ସେ କେନ୍ଦ୍ରାପଡ଼ା ଜିଲ୍ଲା, ରାଜନଗର ଥାନା, ଭାଟପଡ଼ା ଗ୍ରାମର ମୂଳବାସିନ୍ଦା। ନବରଙ୍ଗପୁର ଜିଲ୍ଲା ସରକାରୀ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ରହିଥିଲେ। ପୁତ୍ର ଗୋପାଳକୃଷ୍ଣ ସାହୁ ମୁଖାଗ୍ନି ଦେଇଥିଲେ।

## ହେଲ୍ପଏଜ୍ ଇଣ୍ଡିଆ ପକ୍ଷରୁ ବରିଷ୍ଠ ନାଗରିକ ଦିବସ




ଭୁବନେଶ୍ୱର, ୨୬।୯ (ସମିସ): ହେଲ୍ପଏଜ୍ ଇଣ୍ଡିଆ ପକ୍ଷରୁ ଅନ୍ତର୍ଜାତୀୟ ବରିଷ୍ଠନାଗରିକ ଦିବସ ପାଳିତ ହୋଇଯାଇଛି। ଚଳିତ ବର୍ଷର ବିଷୟବସ୍ତୁ 'ବୟସ୍କମାନେ ନେତୃତ୍ୱ ନିଅନ୍ତି, ବୟସ୍କମାନେ ମୂଲ୍ୟବାନ' ଶୀର୍ଷକରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ରେଡକ୍ରସଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥିମାନେ ସମ୍ପ୍ରଦାୟର ନିଷ୍ପତ୍ତି ନେବାରେ ବୟସ୍କଙ୍କ ଅଂଶଗ୍ରହଣର ଗୁରୁତ୍ୱ, ବାର୍ଦ୍ଧକ୍ୟରେ ସ୍ୱାସ୍ଥ୍ୟ ଏବଂ ସୁସ୍ଥତା, ଆନ୍ତଃପିଢ଼ି ଏକତା ଏବଂ ସମର୍ଥନ ଆଦି ବିଷୟ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ବିଶିଷ୍ଟ ଗାଳ୍ପିକ, ଔପନାସିକ, ଶିଶୁ ସାହିତ୍ୟିକ ୯୨ ବର୍ଷୀୟ ଶାନ୍ତନୁ ଆଚାର୍ଯ୍ୟଙ୍କୁ ସମ୍ମାନୀତ କରାଯାଇଥିଲା। କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର, ଶାରଳା ପୁରସ୍କାରପ୍ରାପ୍ତ ଶ୍ରୀ ଆଚାର୍ଯ୍ୟ ବୟସର ସାୟହ୍ନରେ ବି ତାଙ୍କ ଲେଖନୀ ଚାଳନା ଜାରୀ ରଖିଛନ୍ତି। ସେହିପରି କ୍ରୀଡ଼ା କ୍ଷେତ୍ରରେ ଉତ୍କର୍ଷତା ପାଇଁ ସ୍ୱୀକୃତିପ୍ରାପ୍ତ ମାରାଥନ ଧାବକ ୭୬ ବର୍ଷୀୟ ଦୁଖିଶ୍ୟାମ ପାଢ଼ୀଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ହେଲ୍ପଏଜ୍ ଇଣ୍ଡିଆର ରାଜ୍ୟ ମୁଖ୍ୟ ଭାରତୀ ଚକ୍ର ପରିଚାଳନା କରିଥିବା ବେଳେ ହେଲ୍ପଏଜ୍ ଇଣ୍ଡିଆର ଷ୍ଟେଟ୍ ପ୍ରୋଗ୍ରାମ ମ୍ୟାନେଜର ରଞ୍ଜୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## କଥକ ନୃତ୍ୟଶିଳ୍ପୀ ସଙ୍ଗୀତା ସାହୁ ସମ୍ବର୍ଦ୍ଧିତ



ଭୁବନେଶ୍ୱର, ୨୬।୯ (ସମିସ): ଅପଡେଟ ଓଡ଼ିଶା ପକ୍ଷରୁ ବୁଦ୍ଧମନ୍ଦିର ପ୍ରେକ୍ଷାଳୟରେ ଅନୁଷ୍ଠିତ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଉତ୍ସବରେ ଓଡ଼ିଶାର ଅନ୍ୟତମ କଥକ ନୃତ୍ୟଶିଳ୍ପୀ ନୃତ୍ୟାଙ୍ଗନା ସଙ୍ଗୀତା ସାହୁଙ୍କୁ ଅପଡେଟ ଓଡ଼ିଶା ଏକ୍ସଲେନ୍ ଆୱାର୍ଡ଼ରେ ସମ୍ବର୍ଦ୍ଧିତ କରାଯାଇଛି। ଅପଡେଟ ଓଡ଼ିଶାର ପ୍ରତିଷ୍ଠାତା ସମ୍ପାଦକ ଟିକାୟତ ନାୟକଙ୍କ ସଭାପତିତ୍ୱରେ ଶିକ୍ଷାବିତ ସବିତା ପଟ୍ଟନାୟକ ଓ ସମାଜସେବୀ ସ୍ୱାତି ମହାନ୍ତି ସଙ୍ଗୀତାଙ୍କୁ ସମ୍ମାନିତ କରିଛନ୍ତି। ସୂଚନା ଯୋଗ୍ୟ ସଙ୍ଗୀତା ସାହୁ ଓଡ଼ିଶାରେ ଏକମାତ୍ର କଥକ ନୃତ୍ୟଶିଳ୍ପୀ ଭାବେ କଟକଠାରେ 'ସଙ୍ଗୀତା କଥକ ଡ୍ୟାନ୍ସ ଏକାଡେମୀ ' ମାଧ୍ୟମରେ ଶତାଧିକ ଛାତ୍ରୀଛାତ୍ରଙ୍କ ଦ୍ୱାରା କଥକ ନୃତ୍ୟର ପ୍ରଚାର ପ୍ରସାର କରିଆସୁଛନ୍ତି।

### ଅନ୍ତର୍ଜାତୀୟ ବାଣିଜ୍ୟ ମେଳା

## ଭୁବନେଶ୍ୱରରେ ବିଦେଶୀ ଡ୍ରାଏଫ୍ରୁଟ୍‌ସ ଷ୍ଟଲ୍

**■ ଏଥର ଆଫଗାନିସ୍ତାନରୁ ଆସିଛି ୪ ଷ୍ଟଲ୍**
**■ କିଲୋପ୍ରତି ଦର ୧୮ ଶହରୁ ୮ ହଜାର**

ଭୁବନେଶ୍ୱର, ୨୬।୯ (ସମିସ): ଏବେ ରାଜଧାନୀରେ ମିଳୁଛି ଆଫଗାନିସ୍ତାନର ଡ୍ରାଏଫ୍ରୁଟ୍‌ସ୍। କେବଳ ଗୋଟିଏ କି ଦୁଇଟା ନୁହଁ ବରଂ ୧୫ରୁ ୨୦ ପ୍ରକାରର ଡ୍ରାଏଫ୍ରୁଟସ ବିକ୍ରି ହେଉଛି। ଯେଉଁ ଡ୍ରାଏଫ୍ରୁଟସ୍‌କୁ ଲୋକ ଅନ୍‌ଲାଇନ ମାଧ୍ୟମରେ ଅର୍ଡର କରୁଥିଲେ। ତାହା ଏବେ ହାତପାହାନ୍ତାରେ ମିଳିଯାଉଛି। ବଜାରରେ ମିଳୁଥିବା ଡ୍ରାଏଫ୍ରୁଟସ୍ ଅଧିକାଂଶ ସମୟରେ ମିଶ୍ରଣ ହେଉଥିବା ଦେଖିବାକୁ ମିଳେ। ହେଲେ ଏବେ ଆଫଗାନିସ୍ତାନରୁ ବ୍ୟବସାୟୀ ଡ୍ରାଏଫ୍ରୁଟସ୍‌ର ସମ୍ଭାର ଧରି ଆସିଛନ୍ତି।

ଜନତା ମୈଦାନଠାରେ ଚାଲିଥିବା ଦ୍ୱାଦଶ ଭୁବନେଶ୍ୱର ଆନ୍ତର୍ଜାତିକ ବାଣିଜ୍ୟ ମେଳାରେ ଦେଖିବାକୁ ମିଳୁଛି ଏହି ସମ୍ଭାର। ଯେଉଁଠି ସନ୍ଧ୍ୟା ହେବା ମାତ୍ରେ ଗ୍ରାହକଙ୍କ ଗହଳି ହେଉଛି। ମେଳାରେ ବିଭିନ୍ନ ପ୍ରକାର ଷ୍ଟଲ ମଧ୍ୟରୁ ଆଫଗାନିସ୍ତାନର ଡ୍ରାଏ ଫ୍ରୁଟ୍‌ସ ଷ୍ଟଲ୍ ପାଖରେ ଲୋକଙ୍କ ଢେର ଭିଡ଼ ରହୁଛି। ପ୍ରତିବର୍ଷ ଏଠାରେ ଭିଡ ରହିବା ସହ ଶୀଘ୍ର ଡ୍ରାଏ ଫ୍ରୁଟ୍‌ସ ଶେଷ ହୋଇଯାଉଥିବାରୁ ଏଥର ୪ଟି ଷ୍ଟଲ ଆସିଛି। ଆଫଗାନିସ୍ତାନ ତାର ଡ୍ରାଏଫ୍ରୁଟ୍‌ସ ପାଇଁ ବିଶ୍ୱସ୍ତରରେ ବେଶ୍ ପରିଚିତ। ଏ ବର୍ଷ ମେଳାରେ ଆଫଗାନିସ୍ତାନ ସମେତ ଅନ୍ୟ ଦେଶର ବ୍ୟବସାୟୀ ମଧ୍ୟ ଭାଗ ନେଇଛନ୍ତି। ଆଫଗାନିସ୍ତାନରୁ ଆସିଥିବା ହାଜି ଆମିନ ସୋଫିଯାଦା ବ୍ୟବସାୟୀ କୁହନ୍ତି, ଭାରତରେ ଏଭଳି ଅନ୍ତର୍ଜାତିକ ବାଣିଜ୍ୟ ମେଳା ମାଧ୍ୟମରେ ତାଙ୍କ ଦେଶର ସାମଗ୍ରୀକୁ ଏଠାରେ ଆଣି ବିକ୍ରି କରିବାରେ ସୁବିଧା ହେଉଛି। ଓଡ଼ିଶାର ଲୋକ ଏହି ଡ୍ରାଏଫ୍ରୁଟ୍‌ସକୁ ବେଶ ପସନ୍ଦ କରୁଛନ୍ତି। ହେଲେ ଚଳିତ ବର୍ଷ ଆଫଗାନିସ୍ତାନରୁ ୪ ଜଣ ବ୍ୟବସାୟୀଙ୍କ ଷ୍ଟଲ ଲାଗିଥିବାରୁ ଏଥର ବେପାରରେ ମଧ୍ୟ ପ୍ରତିଯୋଗିତା ହେଉଛି। ତଥାପି ଏଠାରେ ଭଲ ଡ୍ରାଏ ଫ୍ରୁଟ୍‌ସ ବିକ୍ରି ହେଉଛି। ଗ୍ରାହକଙ୍କ ପସନ୍ଦର ବିଭିନ୍ନ ଭେରାଇଟି ତାଙ୍କୁ ମିଳୁଥିବାରୁ ସେମାନେ ଅଧିକ ମୂଲ୍ୟ ହେଲେ ବି କିଣିବାକୁ ପଛାଉ ନାହାନ୍ତି। ଏହି ମେଳାରେ ଡ୍ରାଏ ଫ୍ରୁଟ୍‌ସ କିଲୋ ପିଛା ୧୮ ଶହ ଟଙ୍କାରୁ ଆରମ୍ଭ କରି ୮ ହଜାର ଟଙ୍କା ପର୍ଯ୍ୟନ୍ତ ମୂଲ୍ୟରେ ବିକ୍ରି କରାଯାଉଛି। ଏଥିରେ ବାଦାମ, ପିସ୍ତା, ଆଡଜିର, କାଜୁ, ଫିଗ୍, ବ୍ଲାକ୍‌ବେରୀ, ମ୍ୟାଙ୍ଗୋ, ଖଜୁରୀ, ଚେରୀ, କିୱି, ଷ୍ଟ୍ରବେରୀ ଭଳି ୧୦ରୁ ୧୫ ପ୍ରକାରର ଡ୍ରାଏଫ୍ରୁଟ୍‌ସ ମିଳୁଛି। ଏସବୁ ପ୍ରାକୃତିକ ଉପାୟରେ ପ୍ରସ୍ତୁତ କରାଯାଉଛି। ଆଫଗାନିସ୍ତାନର ବିଭିନ୍ନ ଅଞ୍ଚଳର ଚାଷୀମାନଙ୍କଠାରୁ ଏହା ସଂଗ୍ରହ କରି ଏଠାରେ ଆଣି ବିକ୍ରି ହୋଇଥାଏ। ଦେଶରେ ବିଭିନ୍ନ ଅଞ୍ଚଳର ପାଣିପାଗ ଅନୁସାରେ ଏସବୁ ଦ୍ରବ୍ୟ ସଂଗ୍ରହ କରାଯାଏ। କିଛି ଡ୍ରାଏ ଫ୍ରୁଟ୍‌ସ ପ୍ରସ୍ତୁତ କରିବା ପାଇଁ ତିନିରୁ ଚାରିମାସ ସମୟ ଅପେକ୍ଷା କରିବାକୁ ପଡୁଥିବା ବେଳେ କିଛି ୧୦ରୁ ୧୫ ଦିନ ମଧ୍ୟରେ ପ୍ରସ୍ତୁତ କରାଯାଉଛି ବୋଲି ସେ କହିଥିଲେ।



## ସ୍କୁଲ ବସ୍ ଧକ୍କାରେ ଶିଶୁକନ୍ୟା ମୃତ

# କ୍ଷତିପୂରଣ ଦାବିରେ ଶବରଖି ରାସ୍ତାରୋକ



ପାଇକମାଳ,୨୬।୯ (ସମିସ): ପାଇକମାଳ ଥାନା ଟେମେରୀ ଗାଁରେ ଏକ ଘରୋଇ ସ୍କୁଲ ବସ୍ ଧକ୍କାରେ ଜଣେ ଶିଶୁ କନ୍ୟାର ମୃତ୍ୟୁ ଘଟିଛି। ମୃତ ଶିଶୁ କନ୍ୟା ଟେମେରୀ ଗାଁର ନରେଶ ବନ୍‌ଛୋରଙ୍କ ଝିଅ ରିୟାସିଂ ବନଛୋର(୨) ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ପାଇକମାଳ ମହାମାୟା ପବ୍ଲିକ ସ୍କୁଲ ବସ ସବୁଦିନ ଗାଁର ଛାତ୍ରଛାତ୍ରୀମାନଙ୍କୁ ନେବା ଆଣିବା କରୁଥିଲା। ଶୁକ୍ରବାର ମଧ୍ୟ ସ୍କୁଲରୁ ଛାତ୍ରଛାତ୍ରୀଙ୍କୁ ଟେମେରୀକୁ ଛାଡିବାକୁ ପ୍ରାୟେ ୨ଟା ୧୫ ମିନିଟରେ ଆସିଲା ବେଳେ ସେହି ଶିଶୁ କନ୍ୟା ରୋଡ ଉପରେ ଛିଡା ହୋଇଥିବାବେଳେ ବସ ଚାଳକ ଦେଖି ନପାରି ଧକ୍କାଦେଇ ଫେରାର ହୋଇଯାଇଥିଲା। ଗୁରୁତର ଶିଶୁଙ୍କୁ ତାଙ୍କ ବାପା ପଦ୍ମପୁର ସରକାରୀ ଡାକ୍ତରଖାନାକୁ ଆଣି ଡାକ୍ତରଙ୍କୁ ଦେଖା କରିଥିଲେ। ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଏନେଇ ତାଙ୍କ ବାପା ପାଇକମାଳ ପୁଲିସ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଗାଡ଼ି ଜବତ ରଖି ଡ୍ରାଇଭରକୁ ଅଟକ ରଖି ମାମଲା ରୁଜୁ କରିଛି। ଏନେଇ ପରିବାର ଲୋକେ ଓ ଗ୍ରାମବାସୀ କ୍ଷତିପୂରଣ ଦାବିରେ ପଦ୍ମପୁର ପାଇକମାଳ ବିଜୁ ଏକ୍ସପ୍ରେସୱେ ଭୁଲିଆବନ୍ଧ ଛକ ଠାରେ ଶବ ରଖି ରାସ୍ତାରୋକ କରିଛନ୍ତି। ରାସ୍ତାରୋକ ହେବା ଫଳରେ ଉଭୟ ପାର୍ଶ୍ୱରେ ଯାନବାହାନ ଅଟକି ରହିଥିବା ଜଣାପଡିଛି। ପାଇକମାଳ ପୁଲିସ ଘଟଣାସ୍ଥଳକୁ ପହଞ୍ଚି ବୁଝାସୁଝା ପରେ ରାସ୍ତାରୋକ ହଟିଥିଲା। ଏନେଇ ଥାନା ଅଧିକାରୀ କୈଳାସ ଚନ୍ଦ୍ର ପ୍ରଧାନଙ୍କୁ ପଚାରିବାରୁ ଘଟଣା ଉପରେ ତଦନ୍ତ ଚାଲିଛି ବୋଲି କହିଛନ୍ତି।

## ଫିଙ୍ଗିଦେଇ ଚାଲିଗଲା ଜନ୍ମଦାତ୍ରୀ

# ମୃତଦେହ ସତ୍କାର କଲା ସଂକଳ୍ପ ପରିବାର



ବରଗଡ଼,୨୬।୯ (ସମିସ): ଗର୍ଭରେ ନମାସ ଦଶଦିନ ଧରି ଶିଶୁକୁ ଜନ୍ମ ଦେବା ପରେ କେନାଲ ଭିତରକୁ ଫିଙ୍ଗିଦେଇ ଚାଲିଗଲା ଜନ୍ମଦାତ୍ରୀ ମା'। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ବରଗଡ଼ ଜିଲ୍ଲା ବରପାଲି ଥାନା ଅନ୍ତର୍ଗତ ବିଜୟପଲ୍ଲୀ ଫାଣ୍ଡି ଅଧୀନସ୍ଥ ଗବିନ୍ଦପୁର ଗ୍ରାମରେ। ଏନେଇ ଗ୍ରାମବାସୀ ଖବର ପାଇବା ପରେ ବରପାଲି ପୋଲିସକୁ ସୂଚନା ଦେଇଥିଲେ। ଘଟଣା ସ୍ଥଳରେ ପୋଲିସ ପହଞ୍ଚି ମୃତ ନବଯାତକର ଶବ ଜବତ କରିବା ସହିତ ବରପାଲି ଥାନାରେ ଏକ ଅପମୃତ୍ୟୁ ମାମଲା(୧୭/୨୫) ରୁଜୁ କରି ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ କରାଇଥିଲା। ଶୁକ୍ରବାର ଘଟଣାକୁ ୭୨ ଘଣ୍ଟା ବିତିଯାଇଥିଲେ ସୁଦ୍ଧା ମୃତ ଶିଶୁର କୌଣସି ପରିଚୟ ବା ଦାବିଦାର ନଆସିବାରୁ ବରପାଲି ପୋଲିସ ବରଗଡ଼ ଜିଲ୍ଲାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ସଂକଳ୍ପ ପରିବାରର ସଭାପତି ବିକାଶ ଅଗ୍ରୱାଲଙ୍କ ସହିତ ମୃତ ନବଜାତ ଶିଶୁର ଶବ ସତ୍କାର କରିବା ପାଇଁ ଯୋଗାଯୋଗ କରିଥିଲେ। ପରେ ବିକାଶ ଅଗ୍ରୱାଲ, ଶେଷଦେବ ପଧାନ, ରାଜକୁମାର ବନଛୋର, ଲୋକନାଥ ମେହେର ପ୍ରମୁଖ ବରଗଡ଼ ପିପଲମୁଣ୍ଡା ସ୍ଥିତ ସ୍ୱର୍ଗଦ୍ୱାରରେ ପହଞ୍ଚି ବରପାଲି ପୋଲିସ ଆସିଷ୍ଟାଣ୍ଟ ସବ୍ ଇନିସ୍ପେକ୍ଟର ଏମ୍ ବାଗଙ୍କ ଉପସ୍ଥିତିରେ ମୃତ ଶିଶୁକୁ ସମାଧି ଦେଇଥିଲେ। ସାମାଜିକ ଅନୁଷ୍ଠାନ ସଂକଳ୍ପ ପରିବାରର ଏତାଦୃଶ୍ୟ ସାମାଜିକ କାର୍ଯ୍ୟକୁ ପୋଲିସ କର୍ମଚାରୀ ସହିତ ବୁଦ୍ଧିଜୀବୀ ପ୍ରଶଂସା କରିଥିଲେ।

## କିଶୋରଙ୍କୁ 'ଭାଷା ସାରଥୀ' ସମ୍ମାନ



ବରପାଲି,୨୬।୯ (ସମିସ): ବରପାଲି ଜଗନ୍ନାଥ ନଗର ଦୁର୍ଗାପୂଜା ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ ଅବସରରେ ନୂଆଁଝରନ ସାହିତ୍ୟ ପତ୍ରିକା ସଂପାଦକ କବି କିଶୋର ସାହୁଙ୍କୁ 'ଭାଷା ସାରଥୀ' ସମ୍ମାନରେ ପୂଜାକମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଲଗାତାର ଭାବେ ସମ୍ବଲପୁରୀ ସାହିତ୍ୟ ପତ୍ରିକା ନୂଆଁଝରନ୍ ଗତ ପଚିଶ ବର୍ଷଧରି ପ୍ରକାଶନ ମାଧ୍ୟମରେ ଭାଷାର ପ୍ରଚାର ପ୍ରସାରଣ କରୁଥିବାରୁ ଶ୍ରୀମାନ ସାହୁଙ୍କୁ ଅତିଥିମାନଙ୍କ ଗହଣରେ କମିଟି ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ ଓ ସାଧାରଣ ସଂପାଦକ ଯଦୁମଣୀ ତ୍ରିପାଠୀ ସମ୍ମାନିତ କରିଥିଲେ। ପରେ ଏକ ହାସ୍ୟକବି ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ଅଞ୍ଚଳର ବିଶିଷ୍ଟ କବି ନିତିଶ ଆଚାର୍ଯ୍ୟ, ଦେବେନ୍ଦ୍ର ସାହୁ, ଶିଶିର ପୁରୋହିତ, ଜ୍ୟୋତିଲିନା ପଣ୍ଡା, ମନ ଲୁହା ପ୍ରମୁଖ ଯୋଗଦେଇ କବିତା ପାଠ କରିଥିଲେ।

## ମା' ଓ ଶିଶୁଙ୍କ ସୁରକ୍ଷା ନେଇ ପଥପ୍ରାନ୍ତ ନାଟକ

ବରପାଲି/ମହଦା,୨୬।୯ (ସମିସ): ବରଗଡ଼ ମମତା ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଫୋର୍ସ ଫର ମା' ଆଣ୍ଡ ଚାଇଲ୍ଡ଼ ପକ୍ଷରୁ ଚାଲିଥିବା ମା' ଓ ଶିଶୁ ସୁରକ୍ଷା ଅଭିଯାନରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ମା' ଓ ଶିଶୁଙ୍କ ସୁରକ୍ଷା ଉପରେ ସଚେତନତା କରାଯାଉଛି। ବରପାଲି ବ୍ଲକର ୧୦ଟି ଗାଁ ଆଗଲପୁର, ବାଗବାଡି, ତେନ୍ତେଲ ପାଲି, ବନ୍ଧପାଲି, ବାରଙ୍ଗପାଲି, ସୁଜିଆ, ଭଟିଗାଁ, ରେଟାମୁଣ୍ଡା, ବାରଗୁଡା, ଗ୍ରୀଣ୍ଡୋଲା ପ୍ରଭୃତି ଗ୍ରାମରେ ଦୁଇ ଦିନିଆ ପଥପ୍ରାନ୍ତ ନୁକ୍କଡ ନାଟକ ପ୍ରଦର୍ଶିତ ହୋଇଥିଲା। ପ୍ରତି ପରିବାର କିପରି ବିନା କୀଟନାଶକ ବ୍ୟବହାରରେ ଘରବାଡିରେ ସହଜରେ ଏକ ପୁଷ୍ଟିସାର ଉଦ୍ୟାନ ସ୍ଥାପନ କରିପାରିବେ ଏବଂ ବଗିଚାର ରକ୍ଷଣାବେକ୍ଷଣ ସରଳ ହୋଇପାରିବ ସେ ଉପରେ ଏଥିରେ ବୁଝାଯାଇଥିଲା। ମଞ୍ଚସ୍ଥ ନାଟକ ଗୁଡ଼ିକରେ ପନିପରିବା ଓ ଋତୁକାଳୀନ ଫଳର ସ୍ୱାସ୍ଥ୍ୟ ରକ୍ଷା ଉପରେ ବାର୍ତ୍ତା ରହିଥିଲା। ଗର୍ଭବତୀ, ମା' ଏବଂ କିଶୋର କିଶୋରୀମାନଙ୍କ ଖାଦ୍ୟର ଆବଶ୍ୟକତା ଉପରେ ଏଥିରେ ଗୁରୁତ୍ୱ ଦିଆଯାଇଥିଲା। ପରିଚାଳନାରେ ଗାଁର ଆଶା କର୍ମୀ, ଅଙ୍ଗନବାଡି କର୍ମୀ, ମମତା ଏଚ୍‌ଆଇଏମ୍ସ ଜାଗୃତି ଜିଲ୍ଲା ପର୍ଯ୍ୟାବେକ୍ଷକ ଆଦିତ୍ୟ ଜୈନ, କଳା ସୁପରଭାଇଜର ଯଶୋବନ୍ତ ପୂଜାରୀ, ଓଆରଡବ୍ଲ୍ୟୁ ଖିରସିନ୍ଧୁ ଭୂଏ, ମହାଦେବ ଭୁଏ, ପ୍ରହ୍ଲାଦ ପାଣିଗ୍ରାହୀ, ଖିରୋଦ୍ରି ପଧାନ ପ୍ରମୁଖ ସହଯୋଗ କରିଥିଲେ।

## ଏନ୍‌ସିସି ଅଧିକାରୀଙ୍କ ପଞ୍ଚାୟତ ମହାବିଦ୍ୟାଳୟ ପରିଦର୍ଶନ

ବରଗଡ଼,୨୬।୯ (ସମିସ): ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟ ପ୍ରଶାସନର କଠିନ ପରିଶ୍ରମ ଏବଂ ସ୍ଥାନୀୟ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀଙ୍କ ସହଯୋଗ କ୍ରମେ ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟରେ ଦୀର୍ଘ ଦିନ ଧରି ବନ୍ଦ ହୋଇଯାଇଥିବା ଏନ୍‌ସିସି ୟୁନିଟ୍ ପୁନଃ ପ୍ରତିଷ୍ଠା ହୋଇଛି। ଚଳିତ ୨୦୨୫-୨୬ ଶିକ୍ଷା ବର୍ଷରୁ ଏହାର ନାମଲେଖା ପାଇଁ ପଞ୍ଜିକରଣ ପ୍ରକ୍ରିୟା ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ମହାବିଦ୍ୟାଳୟ ପ୍ରଶାସନ ତରଫରୁ ସୂଚନା ମିଳିଛି। ବୁର୍ଲାର ସେନା ଅଧିକାରୀମାନେ ନୂତନ ଏନ୍‌ସିସି ପ୍ରତିଷ୍ଠା ପାଇଁ ଆବଶ୍ୟକ ଭିତ୍ତିଭୂମି ଏବଂ ଆନୁଷଙ୍ଗିକ ସୁବିଧା ମହାବିଦ୍ୟାଳୟରେ ଉପଲବ୍ଧ ଅଛି କି ନାହିଁ ତାହା ପରିଦର୍ଶନ କରିବାକୁ ଆସି ଯାଞ୍ଚକରି ଫେରିଛନ୍ତି। ଅଧ୍ୟକ୍ଷ ପ୍ରଫେସର ଡ. ନକୁଳ ସେଠ୍ ମହାବିଦ୍ୟାଳୟରେ ସେମାନଙ୍କୁ ସ୍ୱାଗତ କରିବା ସହିତ ଏନ୍‌ସିସି ପ୍ରତିଷ୍ଠା ନିମନ୍ତେ ପରିଦର୍ଶନରେ ଆସିଥିବା ହେତୁ ଧନ୍ୟବାଦ୍ ଜଣାଇଥିଲେ। ମହାବିଦ୍ୟାଳୟର ଏନ୍‌ସିସି ଦାୟିତ୍ୱରେ ଥିବା ସହକାରୀ ପ୍ରଫେସର ବାସନ୍ତୀ ଓରାମ୍ ଓ ଅନ୍ୟ ଅଧିକାରୀମାନେ ଏହି ସମୟରେ ଉପସ୍ଥିତ ଥିଲେ।

## ବରପାଲି ମହାବିଦ୍ୟାଳୟରେ ଆଲୋଚନାଚକ୍ର




ବରପାଲି,୨୬।୯ (ସମିସ): ବରପାଲି ମହାବିଦ୍ୟାଳୟ ପରିସରରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଦ୍ୱାରା ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ମହାବିଦ୍ୟାଳୟ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରାଧ୍ୟାପକ ସୁଶୀଳ କୁମାର ଶତପଥି ଯୋଗ ଦେଇଥିବା ବେଳେ ସଭାପତିତ୍ୱ କରିଥିଲେ ବିଭାଗିୟ ମୁଖ୍ୟ ଅଧ୍ୟାପକ ଉତ୍ତର କୁମାର ଗଡ଼ତିଆ। ଛାତ୍ରୀ ତପସ୍ୱିନୀ ଷଡ଼ଙ୍ଗୀ, ବିଜେ ମେହେର, ନିତ୍ୟମ୍ ପରିଡ଼ା, ଶ୍ରୀମନ୍ତ ନାରାୟଣ ତ୍ରିପାଠୀ ପ୍ରମୁଖ ଗବେଷଣାତ୍ମକ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଓଡ଼ିଆ ବିଭାଗ ଅଧ୍ୟାପକ ଉତ୍ତର କୁମାର ଗଡ଼ତିଆ, ଅଧ୍ୟାପିକା ଡ. ସମ୍ବିତା ପ୍ରଧାନ, ଅଧ୍ୟାପକ ଅରୁଣ କୁମାର ବାରିକ, ଅଧ୍ୟାପକ ଡ. ବିଶ୍ୱନାଥ ସାହୁ ପ୍ରମୁଖ ପ୍ରବନ୍ଧଗୁଡ଼ିକ ଉପରେ ମତାମତ ରଖିଥିଲେ। ଏହି ଅବସରରେ ବିଭାଗର ନୂତନ ପାଠଚକ୍ର ସଂପାଦନା ମଣ୍ଡଳୀ ଗଠନ କରାଯାଇଥିଲା। ଶେଷରେ ଛାତ୍ରୀ କବିତା ସା ଧନ୍ୟବାଦ ଅର୍ପଣ କରିଥିଲେ।

## ତାଳପଦରରେ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର

ବିଜେପୁର,୨୬।୯ (ସମିସ): ବରଗଡ ବିକାଶ ହସ୍ପିଟାଲ ଓ ତାଳପଦର ପଞ୍ଚାୟତବାସୀଙ୍କ ମିଳିତ ପ୍ରୟାସରେ ଶୁକ୍ରବାର ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରରେ ଚକ୍ଷୁ ବିଭାଗରୁ ଡା. ବୀରେନ୍ଦ୍ର ନନ୍ଦ, ଫିଜିଓଥେରାପି ବିଭାଗରୁ ଡା. ମୁକେଶ କୁମାର ଦ୍ୱିବେଦୀ, ଫୁସଫୁସ ରୋଗ ବିଶେଷଜ୍ଞ ଯଶମନ୍ତ, ମେଡିସିନ ବିଭାଗରୁ ଡା. ଗଣେଶ ଯାଦବ, ଦନ୍ତରୋଗ ବିଶେଷଜ୍ଞ ଡା. ହର୍ଷା ଅଗ୍ରୱାଲ, ଶିଶୁ ଓ ମାତୃ ସ୍ୱାସ୍ଥ୍ୟ ବିଭାଗର ଡା. ଅନ୍ନପୂର୍ଣ୍ଣା ମିଶ୍ର, ଡା. ଅଜିତ ବାରିକ ପ୍ରମୁଖ ରୋଗୀମାନଙ୍କୁ ପରୀକ୍ଷା କରି ପରାମର୍ଶ ଦେଇଥିଲେ। ସ୍ଥାନୀୟ ସରପଞ୍ଚ, ସମିତି ସଦସ୍ୟ, ସ୍ୱେଚ୍ଛାସେବୀ, ସ୍ଥାନୀୟ ମହାବିଦ୍ୟାଳୟ ଛାତ୍ରଛାତ୍ରୀ, ଗ୍ରାମବାସୀ ପ୍ରମୁଖ ସହଯୋଗ କରିଥିଲେ।

## ପଞ୍ଚାୟତ ମହାବିଦ୍ୟାଳୟ ଇଂରାଜୀ ବିଭାଗରେ ଜାତୀୟ ସଂପାନ

ବରଗଡ଼,୨୬। ୯ (ସମିସ): ସ୍ଥାନୀୟ ପଞ୍ଚାୟତ ମହାବିଦ୍ୟାଳୟ ଇଂରାଜୀ ବିଭାଗରେ ନାରୀ ନିର୍ଯ୍ୟାତନା ପ୍ରେକ୍ଷାପଟ୍ଟରେ ବୃତ୍ତିଗତ ନୈତିକତାର ପୁନର୍ମୂଲ୍ୟାୟନ: ଏକ ସାହିତ୍ୟିକ ଅନୁଶୀଳନ' ଶୀର୍ଷକ ଏକ ଦ୍ୱିଦିବସୀୟ ଜାତୀୟ ସମ୍ପାନ ଅଧ୍ୟକ୍ଷ ଡ. ନକୁଳ ସେଠଙ୍କ ସଭାପତିତ୍ୱରେ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟବକ୍ତା ଭାବରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଇଂରାଜୀ ବିଭାଗର ପ୍ରାକ୍ତନ ପ୍ରଫେସର୍ ଡ.ଅଶୋକ କୁମାର ମହାପାତ୍ର ଯୋଗ ଦେଇ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ। ଡ.ନକୁଳ ସେଠ୍ ଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ପର୍ବରେ ମୁଖ୍ୟଅତିଥି ଭାବରେ ରୋଟାରିଏନ ଗଙ୍ଗା ସାଗର ପତି ଯୋଗ ଦେଇଥିଲେ ଓ ସହକାରୀ ପ୍ରଫେସର ଡ. ରାଜଶ୍ରୀ ଭଞ୍ଜ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ସନ୍ମୁଖ ରାଓ, ମୁଖ୍ୟବକ୍ତା ଭାବେ ଡ.ଚିତ୍ତରଞ୍ଜନ ସାହୁ, କୁଳସଚିବ ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ସମ୍ବଲପୁର ଓ ସମ୍ମାନିତ ଅତିଥି ଭାବରେ ବିଶିଷ୍ଟ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡାକ୍ତର ସସ୍ମିତା ଦାଶ ଯୋଗ ଦେଇଥିଲେ। ଡ.ମହେଶ ଚନ୍ଦ୍ର ଦାଶ ଓ ସୁମନ୍ ସେଲିଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭାଗ ମୁଖ୍ୟ ଡ. ଉମେଶ ଚନ୍ଦ୍ର ମହାପାତ୍ର ସମ୍ପାନର ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ବିଭାଗର ସହକାରୀ ପ୍ରଫେସର ସିମନ୍ତିନୀ ଭୋଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବାବେଳେ ବରିଷ୍ଠ ସହକାରୀ ପ୍ରଫେସର ମାନଭଞ୍ଜନ ପାଣିଗ୍ରାହୀ ଧନ୍ୟବାଦ୍ ପ୍ରଦାନ କରିଥିଲେ।

## ଜିଲ୍ଲାସ୍ତରୀୟ କବାଡି ପ୍ରତିଯୋଗିତା ପାଇଁ ପ୍ରସ୍ତୁତି

ପଦ୍ମପୁର,୨୬।୯ (ସମିସ): ସ୍ଥାନୀୟ ରାଜବୋଡ଼ାସମ୍ବର ଉଚ୍ଚବିଦ୍ୟାଳୟ ପରିସର ମଧ୍ୟରେ ଜିଲ୍ଲାସ୍ତରୀୟ କବାଡି ପ୍ରତିଯୋଗିତା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଶିକ୍ଷାଅଧିକାରୀ ଲୋକନାଥ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜବୋଡ଼ାସମ୍ବର ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ନିରାଲମ୍ବ ପ୍ରସାଦ ପଟେଲ, ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ, ଏବିଇଓ ଜୟ କୁମାର ସାହୁ, ରାମ ସିଂ ଭୋଇ, ପ୍ରାଥମିକ ଶିକ୍ଷକ ସଂଘର ସଭାପତି ସୋନୁ ଷଡ଼ଙ୍ଗୀ, ସତ୍ୟସେବା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରେମାନନ୍ଦ ବେହେରା ପ୍ରମୁଖ ମଞ୍ଚାସିନ ଥିଲେ। ଆସନ୍ତା ଅକ୍ଟୋବର ଶେଷ ସପ୍ତାହରେ ହେବାକୁ ଥିବା ଜିଲ୍ଲାସ୍ତରୀୟ କବାଡି ପ୍ରତିଯୋଗିତାକୁ ଶୃଙ୍ଖଳିତ ଭାବରେ କିପରି କରାଯାଇପାରିବ ସେ ସମ୍ବନ୍ଧରେ ସବିଶେଷ ଆଲୋଚନା ହୋଇଥିଲା। ବିଭିନ୍ନ କମିଟି ଗଠନ କରାଯାଇ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ବ୍ଲକ୍‌ର ସବୁ ସ୍କୁଲର ପ୍ରଧାନ ଶିକ୍ଷକ, ସମସ୍ତ ଖେଳ ଶିକ୍ଷକ ଓ ସମସ୍ତ ସିଆର୍‌ସିସି ଯୋଗଦେଇଥିଲେ। ବ୍ଲକ୍ କ୍ରୀଡ଼ାସଙ୍ଘର ସମ୍ପାଦକ ହରେକୃଷ୍ଣ ମେହେର କାର୍ଯ୍ୟକ୍ରମଟିର ସଂଯୋଜନା କରିଥିଲେ। ଗଙ୍ଗାଧର ମେହେର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କ୍ଷୀରସିନ୍ଧୁ ସୁନା ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାସ୍ତରୀୟ ଫୁଟବଲ ପ୍ରତିଯୋଗିତା; ଫାଇନାଲରେ ବରଗଡ



ସୋହେଲା,୨୬।୯ (ସମିସ): ସ୍ଥାନୀୟ ମିନି ଷ୍ଟାଡିୟମ୍‌ରେ ଶାରଦୀୟ ନବରାତ୍ର ଦୁର୍ଗାପୂଜା ଅବସରରେ ଚାଲିଥିବା ଜିଲ୍ଲାସ୍ତରୀୟ ଫୁଟବଲ ପ୍ରତିଯୋଗିତାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଆଜି ଅନୁଷ୍ଠିତ ହୋଇଛି। ସୋହେଲା ଓ ବରଗଡ ଅମୃତ ଧାରା ମଧ୍ୟରେ ଏହି ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ଅମୃତ ଧାରା ବରଗଡ ଦଳ ସୋହେଲାକୁ ୨-୦ ଗୋଲରେ ହରାଇ ଫାଇନାଲରେ ପ୍ରବେଶ କରିଛି। ଆଜିର ମ୍ୟାଚର ପ୍ରଥମାର୍ଦ୍ଧ ଖେଳରେ ଗୋଲ ଶୂନ୍ୟ ରହିଥିବା ବେଳେ ଦ୍ୱିତୀୟାର୍ଦ୍ଧ ଖେଳର ଅନ୍ତିମ ମୁହୂର୍ତ୍ତରେ ଅମୃତଧାରା ଦଳର କ୍ରିସ ଏବଂ ଭରତ ଗୋଟିଏ ଲେଖାଏଁ ଗୋଲ ସ୍କୋର କରି ନିଜ ଦଳକୁ ବିଜୟୀ କରିଥିଲେ। ସୋହେଲା ଥାନା ଆଇଆଇସି ହରିଶଙ୍କର ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଆଜିର ମ୍ୟାଚକୁ ରେଫରୀ ଅନିଲ ଭୋଇ, ପଞ୍ଚାନନ ପାତ୍ର, ଶିବୁ ଅଗ୍ରୱାଲ ଓ ରଞ୍ଜିତ ଛତରିଆ ପରିଚାଳନା କରିଥିଲେ।

## ବିନ୍ଧ୍ୟବାସିନୀ ସ୍ନାତକ ମହାବିଦ୍ୟାଳୟରେ ସ୍ୱଚ୍ଛତା ପକ୍ଷ

ପାଇକମାଳ,୨୬।୯ (ସମିସ): ବିନ୍ଧ୍ୟବାସିନୀ ସ୍ନାତକ ମହାବିଦ୍ୟାଳୟରେ ଯୁବ ରେଡକ୍ରସ ତଥା ଜାତୀୟ ସେବା ଯୋଜନା ମିଳିତ ଆନୁକୂଲ୍ୟରେ ଏକ ଇଣ୍ଡକସନ୍ ତଥା ସ୍ୱଚ୍ଛତା ହିଁ ସେବାକୁ ନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ଲୋହିତ କୁମାର ବାରିକ ଅଧ୍ୟକ୍ଷତା କରିଥିଲେ। ଯୁବ ରେଡକ୍ରସ ସଂଯୋଜିକା ପୁଷ୍ପମଞ୍ଜରୀ ପ୍ରଧାନ ଯୁବ ରେଡକ୍ରସର ସଦସ୍ୟତା ଗ୍ରହଣ ପୂର୍ବକ ପ୍ରତି କାର୍ଯ୍ୟକ୍ରମରେ ଜଡିତ ରହିବା ପାଇଁ କହିଥିଲେ। ଏନଏସଏସ ପୋଗ୍ରାମ ଅଫିସର ଅଙ୍କିତ କୁମାର ଦାସ ମହାବିଦ୍ୟାଳୟର ଜାତୀୟ ସେବାରେ ଜଡିତ ହେବା ପାଇଁ ଉଦ୍‌ବୋଧନ ଦେଇଥିଲେ। ଅଧ୍ୟାପକ ପ୍ରଦୀପ୍ତ କୁମାର ସାହୁ ଏନଏସଏସ ତଥା ଯୁବ ରେଡକ୍ରସ ମାଧ୍ୟମରେ ପୂର୍ବରୁ ମହାବିଦ୍ୟାଳୟରେ ହୋଇଥିବା ବିଭିନ୍ନ ଶିବିରର ସଫଳତା ଉପରେ ସୂଚାଇଥିଲେ। ଯୁବ ରେଡକ୍ରସ ସହସଂଯୋଜକ ଦେବାଶିଷ ଭାଇନା ସଭା ପରିଚାଳନା କରିଥିବା ବେଳେ ଅଧ୍ୟାପିକା ଝରଣା ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ମହିଳା ସ୍ନାତକ ମହାବିଦ୍ୟାଳୟରେ ପୋଷଣ ମାସ

ପଦ୍ମପୁର,୨୬।୯ (ସମିସ): ସ୍ଥାନୀୟ ମହିଳା ସ୍ନାତକ ମହାବିଦ୍ୟାଳୟ ପରିସରରେ ଗୃହବିଜ୍ଞାନ ବିଭାଗ ତରଫରୁ ରାଷ୍ଟ୍ରୀୟ ପୋଷଣ ମାସ ପାଳନ କରାଯାଇଛି। ଏହି ଅବସରରେ ଗୃହବିଜ୍ଞାନର ଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକାରର ପୋଷକ ଖାଦ୍ୟ ପରିବେଷଣ କରାଯାଇଥିଲା। ଅଧ୍ୟକ୍ଷା କଳ୍ପନାରାଣୀ ନାଥ ସଭାପତିତ୍ୱ କରିଥିଲେ। ପାର୍ବତୀଗିରି ମହିଳା ମହାବିଦ୍ୟାଳୟର ଗୃହବିଜ୍ଞାନ ଅଧ୍ୟାପିକା ବିନୋଦିନୀ ବରିହା ମୁଖ୍ୟଅତିଥି ଭାବେ ଯୋଗଦେଇ ପୁଷ୍ଟିକର ଖାଦ୍ୟ ଓ ପୋଷାକ ତତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଗୃହ ବିଜ୍ଞାନର ବିଭାଗର ମୁଖ୍ୟ ଅଧ୍ୟାପିକା ସଂଗୀତା ଗୌନ୍ତିଆ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଭାଗର ଅନ୍ୟତମ ଅଧ୍ୟାପିକା ସୁଶ୍ରୀ କାଦମ୍ବିନୀ ପାଣିଗ୍ରାହୀ, ସୁଶ୍ରୀ ରିକିତା ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସାହାଯ୍ୟ କରିଥିଲେ।

## ପ୍ରାଣୀବିଜ୍ଞାନ ବିଭାଗର ଆଲୋଚନାଚକ୍ର

ଅତାବିରା,୨୬।୯ (ସମିସ): ଅତାବିରା ବ୍ଲକ୍ ସ୍ଥିତ ଲରମ୍ଭା ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନ ବିଭାଗରେ ସର୍ବଭାରତୀୟସ୍ତରରେ ଓଡ଼ିଶାରେ ମାଛର ସ୍ଥିତି ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। କଲେଜ ଅଧ୍ୟକ୍ଷ ପ୍ରଫେସର ଅଶୋକ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆଲୋଚକ ଭାବରେ ଡେରାନଟଙ୍ଗ ସରକାରୀ ମହାବିଦ୍ୟାଳୟ ଇଟାନଗର ଅରୁଣାଚଳ ପ୍ରଦେଶର ପ୍ରାଣୀବିଜ୍ଞାନ ସହକାରୀ ପ୍ରାଧ୍ୟାପକ ଡ. ପ୍ରଶାନ୍ତ ନନ୍ଦ, ବିଭାଗ ମୁଖ୍ୟ କାଦମ୍ବିନୀ ଗୁରୁ, ପାଠଚକ୍ର ମୁଖ୍ୟ ସୁଭଦ୍ରା କୁମାରୀ ସାହୁ, ଉଦ୍ଭିଦ ବିଜ୍ଞାନ ବିଭାଗ ମୁଖ୍ୟ ମନୋରଞ୍ଜନ ତ୍ରିପାଠୀ, ଅଧ୍ୟାପକ ଡ. ଜୟନ୍ତ ସାହୁ ମଞ୍ଚାସୀନ ରହି ଓଡ଼ିଶାରେ ମାଛରସ୍ଥିତି ଉପରେ ଆଲୋଚନା କରିଥିଲେ। ଅଧ୍ୟାପିକା କାଦମ୍ବିନୀ ଗୁରୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସୁଭଦ୍ରା କୁମାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଅଧ୍ୟାପିକା ବୀଣା ମେହେର, ଶାଳିନୀ ପ୍ରଧାନ, ସୁପ୍ରସନ୍ନା ଦାଶ, ଶ୍ୱେତାରାନୀ ସାହୁ, ଶିବ ଭୋସାଗର ସମେତ ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଶିକ୍ଷା ବିଭାଗର ଆଲୋଚନାଚକ୍ର

ଭେଡେନ,୨୬।୯ (ସମିସ): ଭେଡେନ ବ୍ଲକ୍ ଅନ୍ତର୍ଗତ ଚିଚିଣ୍ଡା ଗାଁପଞ୍ଚାୟତ ସ୍ଥିତ ପଲ୍ଲୀଶ୍ରୀ ମହାବିଦ୍ୟାଳୟ ପରିସରରେ ଶିକ୍ଷା ବିଭାଗ ତରଫରୁ 'ଶିକ୍ଷାର୍ଥୀଙ୍କ ସଫଳତାରେ ମାନସିକ ସ୍ୱାସ୍ଥ୍ୟର ଭୂମିକା' ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ରାମଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଅଧ୍ୟାପକ ବୃନ୍ଦାବନ ମିଶ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଅଧ୍ୟାପକ ସନ୍ତୋଷ ତ୍ରିପାଠୀ, ମନମୟୀ ବାବୁ, ବୈଷ୍ଣବ ବାଗ ପ୍ରମୁଖ ଯୋଗଦେଇଥିଲେ। ଆଲୋଚକ ଭାବେ ଉଲୁଣ୍ଡା ମହାବିଦ୍ୟାଳୟର ଶିକ୍ଷା ବିଭାଗର ଅଧ୍ୟାପିକା ତେଜଶ୍ରୀ ମିଶ୍ର ଯୋଗଦେଇ ଶୀର୍ଷକ ବିଷୟରେ ଛାତ୍ରଛାତ୍ରୀଙ୍କୁ ଅବଗତ କରିଥିଲେ। ଅଧ୍ୟାପିକା ଜୟନ୍ତୀ ସାହୁ ଧନ୍ୟବାଦ ଦେଇଥିଲେ।

### ■ ସୋହେଲା ରାମଲୀଳା ମହୋତ୍ସବ

## ଅହଲ୍ୟା ଉଦ୍ଧାର ମଞ୍ଚସ୍ଥ

ସୋହେଲା,୨୬।୯ (ସମିସ): ସୋହେଲା ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ଆୟୋଜିତ ଶାରଦୀୟ ନବରାତ୍ର ଦୁର୍ଗାପୂଜା ଅବସରରେ ଚାଲିଥିବା ରାମଲୀଳା ମହୋତ୍ସବରେ ସ୍ଥାନୀୟ ପୁର୍ଣ୍ଣିବନ୍ଧଠାରେ ଥିବା ମୁକ୍ତାକାଶ ମଞ୍ଚରେ ଶ୍ରୀରାମ ଓ ଲକ୍ଷଣଙ୍କ ଅହଲ୍ୟା ଉଦ୍ଧାର ଓ ନୌଯାତ୍ରା ଉପାଖ୍ୟାନ ମଞ୍ଚସ୍ଥ ହୋଇଥିଲା। ଏଥିରେ ରାମ ଭୂମିକାରେ ଆକାଶ ପଣ୍ଡା, ଲକ୍ଷଣ ଭୂମିକାରେ ତୁଷାରରଞ୍ଜନ ପାଢ଼ୀ, ବିଶ୍ୱାମିତ୍ର ଭୂମିକାରେ ଶୁଶାନ୍ତ ସାହୁ, ଅହଲ୍ୟା ଭୂମିକାରେ ମୁଗ୍ଧା ଦାସ ଓ ଧୀବର ଭୂମିକାରେ ହଳଧର ମେହେର ଅଭିନୟ କରୁଥିଲେ। ଏହାକୁ ପରିଚାଳନା କରିଥିଲେ। ଗୋପାଳ ନାୟକ, କିଶୋର ଗଡତିଆ, ଦିଲୀପ ଷଡଙ୍ଗୀ ଓ ସେଖ ଜଲିଲ ପ୍ରମୁଖ ଏହି ମୁକ୍ତାକାଶ ମଞ୍ଚକୁ ପରିଚାଳନା କରିଥିବାବେଳେ ଅଗସ୍ତି ଭୋଇ ନିର୍ଦ୍ଦେଶନା ଦେଇଥିଲେ।

# ବଞ୍ଚିତ ଚାଷୀଙ୍କୁ ପଞ୍ଜୀକରଣ ଦାବିରେ ତହସିଲ ଆଗରେ ଧାରଣା



ଅତାବିରା,୨୬।୯ (ସମିସ): ଅତାବିରା ତହସିଲ ଅଧୀନସ୍ଥ ଝିଲିମିଣ୍ଡା ପାକ୍ସର ଚାଷୀ ପଞ୍ଜୀକରଣରେ ବଞ୍ଚିତ ଚାଷୀମାନେ ଶୁକ୍ରବାର ତହସିଲ ଅଫିସରେ ଧାରଣା ଦେଇଛନ୍ତି। ଜଟିଳ ପଞ୍ଜୀକରଣ ପ୍ରକ୍ରିୟା ଯୋଗୁଁ ଝିଲିମିଣ୍ଡା ପାକ୍ସ ଅନ୍ତର୍ଗତ ବୁଗବୁଗା, ଝିଲିମିଣ୍ଡା ଓ ଜହ୍ନାପଡ଼ାର ପାଖାପାଖି ୬ ଶହ ଜଣ ଚାଷୀ ପଞ୍ଜୀକରଣରୁ ବଞ୍ଚିତ ହୋଇଛନ୍ତି। ପଞ୍ଜିକରଣର ବଂଶାବଳୀ ବାଇଧ୍ୟତାକୁ ବିରୋଧ କରି ଚାଷୀମାନେ ଅପେକ୍ଷା କରିଥିଲେ। ଶେଷ ସପ୍ତାହ ସେଲ୍ଫ କ୍ଲେୟାରେସନ୍ ଦେଲେ ଚଳିବ ବୋଲି କୁହାଗଲା। ସ୍ୱଳ୍ପ ସମୟରେ ଏତେ ଚାଷୀଙ୍କ ପଞ୍ଜୀକରଣ ଅସମ୍ଭବ ଥିବା ସହ ସର୍ଭର ସମସ୍ୟା ଯୋଗୁଁ ପଞ୍ଜୀକରଣ ଆଗକୁ ଗଲା ନାହିଁ। ଫଳରେ ପାଖାପାଖି ୬ଶହ ଚାଷୀ ପଞ୍ଜୀକରଣରୁ ବାଦ୍ ପଡ଼ିଲେ। ପଞ୍ଜୀକରଣ ପାଇଁ ଦୀର୍ଘ ୨୦/୨୫ ଦିନ ଧରି ଝିଲିମିଣ୍ଡା ପାକ୍ସ ତାଲା ଦେଲେ, ଜିଲ୍ଲାପାଳଙ୍କ ସହ ଆଲୋଚନା କଲେ ନାହିଁ। ପଞ୍ଜୀକରଣ ହେବ ବୋଲି ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଘୋଷଣା କଲେ। ଘୋଷଣା ଘେଷଣାରେ ରହିଯିବାରୁ ଓଡ଼ିଶା ରାଜ୍ୟ କୃଷକ ସଂଗଠନ ପକ୍ଷରୁ ଶୁକ୍ରବାର ତହସିଲ ଅଫିସରେ ଧାରଣା ଦିଆଯାଇଛି। ଅତିରିକ୍ତ ତହସିଲଦାର ଅଙ୍କିତ ପଣ୍ଡାଙ୍କ ସହ ଆଲୋଚନା କରି ପଂଜୀକରଣ କରା ନ ଗଲେ ଆଗାମୀ ଦିନରେ ବଡ଼ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଥିଲେ। ସଂଗଠନର ବ୍ଲକ୍ ସଭାପତି ବୀରେନ୍ଦ୍ର କର, କାର୍ଯ୍ୟକାରୀ ସଭାପତି ଟିକେଲାଲ ମିଶ୍ର, ସଂଯୁକ୍ତ କୃଷକ ସଂଗଠନର ଉପଦେଷ୍ଟା ରମେଶ ମହାପାତ୍ର, ଭଟଇଲୀର ଥବିର ସାହୁ, ସୁରେଶ ନିକେଣ୍ଟି, ଅତାବିରା ସଂଗଠନର ସୁବାସ ବିଶ୍ୱାଳ, ଭୁବନ ପ୍ରଧାନ, ବୃନ୍ଦଦେବ ନନ୍ଦ, ଯୁଗଳ ସିଂ ସମେତ ପ୍ରଭାବିତ ଚାଷୀ, ଚାଷୀ ନେତା ସାମିଲ ଥିଲେ।

■ ଓପିଏସ୍ ଫଳ

# ଘଷିପୁରା ବ୍ଲକ୍‌ରୁ ଆଶିଷ ସାହୁ, ପ୍ରକାଶ ସାହୁଙ୍କ ବାଜିମାତ





ରାମଚନ୍ଦ୍ରପୁର,୨୬।୯ (ସମିସ): ଶୁକ୍ରବାର ପ୍ରକାଶ ପାଇଛି ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା ଫଳାଫଳ। ୱେବସାଇଟରେ ଏହାର ଫଳାଫଳ ଉପଲବ୍ଧ ହୋଇସାରିଛି। କ୍ରମସଂଖ୍ୟା ୧୬୫ରେ ଉତ୍ତୀର୍ଣ୍ଣ ହୋଇଛନ୍ତି ଘଷିପୁରା ବ୍ଲକ ସରେଇ ଗାଁର ପ୍ରକାଶ ସାହୁ। ସେହିପରି ୨୨୩ କ୍ରମସଂଖ୍ୟାରେ ରହିଛନ୍ତି ବଡ଼ପଦନା ଗ୍ରାମର ମହେଶ୍ୱର ସାହୁଙ୍କ ପୁତ୍ର ଆଶିଷ। ପରୀକ୍ଷା ଫଳ ବାହାରିବା ପରେ ଉଭୟଙ୍କ ଗାଁ ବଡ଼ପଦନା ଓ ସରେଇରେ ଖୁସିର ଲହରୀ ଖେଳିଯାଇଛି। ଭବିଷ୍ୟତରେ ମୁଖ୍ୟତଃ ଗରିବଙ୍କ ହିତ ପାଇଁ କାର୍ଯ୍ୟ କରିବା ସହ ଜଣେ ସଚ୍ଚୋଟ ପ୍ରଶାସନିକ ଅଧିକାରୀ ଭାବେ ନିଜର ଭାବରେ ପରିଚୟ ସୃଷ୍ଟି ପାଇଁ ଲକ୍ଷ୍ୟ ରଖିଥିବା ଉଭୟ ପ୍ରକାଶ କରିଛନ୍ତି। ଏହି କୃତିତ୍ୱର ଶ୍ରେୟ ସେମାନେ ତାଙ୍କ ପିତା, ମାତା ପରିବାର ବର୍ଗ, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଶୁଭେଚ୍ଛୁଙ୍କୁ ଦେଇଛନ୍ତି।

# ମହିଳା ସୁରକ୍ଷା ନେଇ ଆଇନ ସଚେତନତା




କେନ୍ଦୁଝର, ୨୬।୯(ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ, କେନ୍ଦୁଝରର ଆୟୋଜନରେ ମଣ୍ଡୁଆ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଶିଶୁ ଯୌନ ସୁରକ୍ଷା ଆଇନ(ପୋକ୍ସୋ) ଏସିଡ୍ ଆକ୍ରମଣ ପୀଡିତାଙ୍କୁ ସହାୟତା ଓ ପୀଡିତା କ୍ଷତିପୂରଣ ସମ୍ବନ୍ଧୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଓ ରୋଜଜ୍ ଗୋପାଳ ଚନ୍ଦ୍ର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ, ପ୍ରାଧିକରଣ ସଦସ୍ୟ ତଥା ତଦାଶା ସଂପାଦକ ଅକ୍ଷୟ କୁମାର ଚକ୍ର, ଆରକ୍ଷୀ ପରିଦର୍ଶକ ଅବିନାଶ ପରିଡା, ସ୍ୱାସ୍ଥ୍ୟ ବିଭାଗର ଡ ବସନ୍ତ କୁମାର ପାତ୍ର, ପାନେଲ ଆଇନଜୀବୀ ସୁନୀଲ କୁମାର ମହାନ୍ତ, ଅର୍ଚ୍ଚନା ଦାଶ, ବ୍ଲକ କମ୍ପ୍ୟୁଟର ଅଧିକାରିଣୀ ମିତାଲି ମୋନାଲିସା ମହାପାତ୍ର ମହିଳାଙ୍କ ସୁରକ୍ଷା, ନିର୍ଯାତନା, ପୋକ୍ସୋ ଆଇନ ସମ୍ବନ୍ଧୀୟ ବିଭିନ୍ନ ପ୍ରସଂଗ ଉପରେ ଆଲୋଚନା କରି ଆଇନଗତ ସହାୟତା ଦିଗରେ ସଚେତନତା ସୃଷ୍ଟି କରିଥିଲେ। ସରପଞ୍ଚ କେତକୀ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଆଇନଜୀବୀ ବିଶ୍ୱରଞ୍ଜନ ସାହୁ, ଦୁର୍ଗାପ୍ରସାଦ ମହାନ୍ତି, ପିଏଲଭି ବସନ୍ତ କୁମାର ବାରିକ, ମମତା ମହାନ୍ତ, ଲୋକନାଥ ବାରିକ, ବିମଳା ମହାନ୍ତ, ପ୍ରାଧିକରଣ କର୍ମୀ ଦେବବ୍ରତ କୁମାର ଦାସ, ଶିଶିର ସାହୁ ଓ ପଞ୍ଚାୟତ କର୍ମଚାରୀଙ୍କ ସହ ୱାର୍ଡମେମ୍ବର, ସ୍ୱୟଂ ସହାୟକ ଗୋଷ୍ଠୀ କର୍ମକର୍ତ୍ତା, ବରିଷ୍ଠ ନାଗରିକ ଯୋଗଦାନ କରିଥିଲେ।

# ଘସିପୁରାରେ ନୂତନ ଆଇଆଇସି

ଆନନ୍ଦପୁର, ୨୬।୯ (ସମିସ): କେନ୍ଦୁଝର ଜିଲ୍ଲାର ଘସିପୁରା ଥାନାଧିକାରୀ ଭାବେ କିଶୋରଚନ୍ଦ୍ର ପ୍ରଧାନ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ଦାୟିତ୍ୱରେ ଥିବା ଥାନାଧିକାରୀ ମାନସ କୁମାର ବାରିକଙ୍କ ଜିଲ୍ଲା ମୁଖ୍ୟାଳୟକୁ ବଦଳି ହୋଇଥିଲା। ଶ୍ରୀ ପ୍ରଧାନ ପୂର୍ବରୁ ନୟାକୋଟ ଥାନାରେ କାର୍ଯ୍ୟ କରୁଥିଲେ। ଘସିପୁରା ଥାନା ଅଞ୍ଚଳରେ ମୁଖ୍ୟତଃ ନିଶା କାରବାର ବନ୍ଦ ଓ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ପ୍ରାଥମିକତା ଦେବେ ବୋଲି ସେ କହିଛନ୍ତି।



# ବାର୍‌ହା ମାଂସ ଭାଗବେଳେ ଚଢ଼ଉ; ୩ ଶିକାରୀ ଗିରଫ

ଆନନ୍ଦପୁର,୨୬।୯ (ସମିସ):

ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡର ଦେଓଗାଁ ବନାଞ୍ଚଳ ଭଗାମୁଣ୍ଡା ଅଟେଇ ସଂରକ୍ଷିତ ଜଙ୍ଗଲରେ ଶିକାର କରୁଥିବା ଖଡିବାହାଳି ଗ୍ରାମରେ ଚଢ଼ଉ କରିଛି ବନ ବିଭାଗ। ୩ ଜଣ ଶିକାରୀଙ୍କ ମଧ୍ୟରୁ ଗିରଫ ଅଭିଯୁକ୍ତ ଖଡିବାହାଳି ଗ୍ରାମର ଆମ୍ବଡାହି ଗ୍ରାମର ଡାଇକାନ ଦରାଇ ଓ ନାଥରାମ ଦରାଇଙ୍କୁ ମାମଲା ରୁଜୁକରି କୋର୍ଟକୁ ଚାଲାଣ କରାଯାଇଛି। ଘଟଣାରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତ ଖଗେଶ୍ୱର ମହାନ୍ତ ଫେରାର ହୋଇଯାଇଥିଲା ବେଳେ ପରେ ସନ୍ଧ୍ୟାରେ ବିଭିନ୍ନ ସ୍ଥାନରେ ଚଢଉ କରାଯାଇ ଖଗେଶ୍ୱର ମହାନ୍ତକୁ ବ୍ରାହ୍ମଣୀପାଳ ବନପାଳ ମନ୍ମଥ ସାହୁ ଗିରଫ କରିଥିବା ଜଣାପଡିଛି।



ଏମାନେ ଅଟେଇ ସଂରକ୍ଷିତ ଜଙ୍ଗଲରୁ ଏକ ବାରହା ଶିକାର କରି ବାଇକ ଯୋଗେ ଆଣି କାଟି ଭାଗ କରୁଥିବା ସମୟରେ ବନ ବିଭାଗକୁ ଖବର ମିଳିଥିଲା। କେନ୍ଦୁଝର ବନ୍ୟପ୍ରାଣୀ ପ୍ରାଣୀ ବନଖଣ୍ଡ ଆନନ୍ଦପୁର ବନଖଣ୍ଡ ଅଧିକାରୀ ପ୍ରଶାନ୍ତ ପଣ୍ଡା ଓ ସହକାରୀ ବନସଂରକ୍ଷକ ଉମାକାନ୍ତ ଦାସଙ୍କ ନିର୍ଦ୍ଦେଶକ୍ରମେ ଭଗାମୁଣ୍ଡା ସେକ୍ସନର ବନପାଳ ସମେତ ସମସ୍ତ କର୍ମଚାରୀ ଖଗେଶ୍ୱର ଘରେ ଚଢଉ କରିଥିଲେ। ଖଗେଶ୍ୱର ମହାନ୍ତ ଫେରାର ହୋଇଥିବା ବେଳେ ଅନ୍ୟ ଦୁଇଜଣ ଧରାପଡ଼ିଛନ୍ତି। ବାରହାର ମୁଣ୍ଡ, ୪ଟି ଗୋଡ, କିଛି ମାଂସ ଜବତ କରାଯାଇଛି। ଏହାସହ ଅଭିଯୁକ୍ତଙ୍କଠାରୁ ଏକ ଟାଙ୍ଗିଆ, ଏକ ଛୁରି, ଏକ ଜରି ଅଖା ସହ ଗୋଟିଏ ମୋଟର ସାଇକଲ ଜବତ ହୋଇଛି। ଏହି ଚଢଉରେ ଭଗାମୁଣ୍ଡା ବନପାଳ ଧୀରେନ୍ଦ୍ର କୁମାର ପାତ୍ର, ଶଗଡପଟା ବନରକ୍ଷୀ ମଧୁସୂଦନ ସାହୁ ଏବଂ ସ୍କ୍ୱାଡ ମେମ୍ବର ସାମିଲ ଥିଲେ।

# ମାତାରିଣୀ ୱାକର୍ସ କ୍ଲବ୍ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର



କେନ୍ଦୁଝର, ୨୬।୯(ସମିସ): କେନ୍ଦୁଝରଗଡ଼ ପୌରପାଳିକା ଅନ୍ତର୍ଗତ ବଣିଆପାଟରେ ଥିବା ମାତାରିଣୀ ୱାକର୍ସ କ୍ଲବ ଆନୁକୂଲ୍ୟରେ ତଥା ଇପକା, ମେୟର, ଆଲକେମ, ଷ୍ଟାଡ଼ମେଡ ଓ ଇଣ୍ଡିକେମ ଫର୍ମାସ୍ୟୁଟିକାଲ ସହାୟତାରେ ଏକ ମାଗଣା ସ୍ୱାସ୍ଥ୍ୟପରୀକ୍ଷା ଶିବିର ବଣିଆପାଟସ୍ଥିତ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଞ୍ଜୟ ଦାସ, ଦୁର୍ଗାଶଙ୍କର ବେହେରା, ପ୍ରଭୁଜିତ ନାୟକ ଓ ଐଶ୍ୱର୍ଯ୍ୟା ବେହେରା, ଦେବବ୍ରତ ସେଠୀ, ଚନ୍ଦନ ରାଉତ, ସ୍ୱପ୍ନେଶ୍ୱର ଜେନା ପ୍ରମୁଖ ସ୍ୱାସ୍ଥ୍ୟ ପରୀକ୍ଷା ସହ ମାଗଣା ଔଷଧ ବଣ୍ଟନ କରିଥିଲେ। କ୍ଲବର ସଭାପତି ତଥା ଅବସରପ୍ରାପ୍ତ ସିଡିଏମଓ ଡାକ୍ତର ପ୍ରଫୁଲଚନ୍ଦ୍ର ଦାସ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ନିଦାନର ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। ଶିବିରରେ ମୋଟ ୮୦ ଜଣଙ୍କର ସ୍ୱାସ୍ଥ୍ୟପରୀକ୍ଷା ସହ ନିଦାନ ଯୋଗାଇ ଦିଆ ଯାଇଥିଲା। କ୍ଲବର ଉପସଭାପତି ପ୍ରଶାନ୍ତ ସ୍ୱାଇଁଙ୍କ ସହ ସଦସ୍ୟ ରାମଚନ୍ଦ୍ର ତ୍ରିପାଠୀ, ଆର୍ତ୍ତ ରାଉତ, ଭାଗୀରଥି ହେମ୍ବ୍ରମ, ବିବେକାନନ୍ଦ ମଇତି, କରୁଣାକର ନାଏକ, ବ୍ରଜକିଶୋର ଓଝା, ଆଲୋକ ଜେନା, ବିଦ୍ୟାଧର ଚୌଧୁରୀ, ଭାଗୀରଥି ସାହୁ, ଜିତେନ୍ଦ୍ର ଦାସଙ୍କ ସମେତ ଭଏସ ଅଫ କେନ୍ଦୁଝରର ପ୍ରତିଷ୍ଠାତା ଡ ସନ୍ଦୀପ ପଟ୍ଟନାୟକ ସାମିଲ ହୋଇଥିଲେ। ଆଗାମୀ ଦିନରେ ଏହିପରି ଆହୁରି ଅନେକ ସ୍ୱାସ୍ଥ୍ୟ ସଚେତନତା ଶିବିର କରାଯିବ ବୋଲି କ୍ଲବର ସଭାପତି ଡ ଦାସ ପ୍ରକାଶ କରିଛନ୍ତି।

# ଦୋକାନ ଗୋଦାମଗୃହରେ ଅଗ୍ନିକାଣ୍ଡ

ତୁରୁମୁଙ୍ଗା, ୨୬।୯(ସମିସ): ପାଟଣା ବ୍ଲକ ତୁରୁମୁଙ୍ଗା ନୂଆସାହିରେ ଥିବା ସାଇ ଟ୍ରେଡର୍ସ ନାମକ ହୋଲ ସେଲିଂ ଦୋକାନର ଉପର ମହଲାର ଥିବା ଗୋଦାମ ଗୃହରେ ଶୁକ୍ରବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜଳିପୋଡି ନଷ୍ଟ ହୋଇଯାଇଛି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିବା ବେଳେ ସର୍ଟସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିବା ଜଣାପଡିଛି। ତୁରୁମୁଙ୍ଗା ଗ୍ରାମର ସଞ୍ଜୟ ସାହୁ ହୋଲ ସିଲିଂ ବ୍ୟବସାୟ କରୁଥିବା ବେଳେ ଗୋଦାମ ଘରେ ଧୂପ, ବିସ୍କୁଟ, ଚକଲେଟ କୁରକୁରେ ଆଦି ସାମଗ୍ରୀ ରଖିଥିଲେ। ନିଆଁ ଲାଗିବା ପରେ ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିଥିଲେ। ଘଟଣାସ୍ଥଳରେ ଅଗ୍ନିଶମବାହିନୀ ଏବଂ ସ୍ଥାନୀୟ ପୁଲିସ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।



# ବନ୍ୟଜନ୍ତୁ ପ୍ରପୀଡ଼ିତ ସୁରକ୍ଷା ପରିଷଦର ଆଲୋଚନାଚକ୍ର




କେନ୍ଦୁଝର,୨୬।୯ (ସମିସ): କେନ୍ଦୁଝରର ବହୁଚର୍ଚ୍ଚିତ ୨୦୦୧ ହାତୀ ଆନ୍ଦୋଳନ ତଥା ପୁଲିସ ଗୁଳିର ଶିକାର ହୋଇଥିବା ଆନ୍ଦୋଳନକାରୀ ଏବଂ ବୁଦ୍ଧିଜୀବୀଙ୍କୁ ନେଇ ଗଠିତ ବନ୍ୟଜନ୍ତୁ ପ୍ରପୀଡ଼ିତ ସୁରକ୍ଷା ପରିଷଦ ପକ୍ଷରୁ କେନ୍ଦୁଝର ସହରର ରୋଟାରି କ୍ଲବ ପରିସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପରିଷଦର ବରିଷ୍ଠ ସଦସ୍ୟ ରାଧାକାନ୍ତ ମହାନ୍ତଙ୍କ ନେତୃତ୍ୱରେ କୁମୁଦିନୀ ସାହୁ, ସଞ୍ଜୟ କୁମାର ପଣ୍ଡା, କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ବନ୍ୟଜନ୍ତୁ ପ୍ରପୀଡ଼ିତଙ୍କ ସୁରକ୍ଷା ପାଇଁ ଏବଂ ଶସ୍ୟର କ୍ଷତିପୂରଣ ବୃଦ୍ଧି ପାଇଁ ଦାବି କରିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହାତୀ ଆକ୍ରମଣରେ ମଣିଷର ମୃତ୍ୟୁ ହେଲେ ପରିବାରକୁ ୬ଲକ୍ଷ କ୍ଷତିପୂରଣ ବଦଳରେ ୧୦ଲକ୍ଷ ଟଙ୍କାକୁ ବୃଦ୍ଧି କରିଥିବାରୁ କର୍ମକର୍ତ୍ତାମାନେ ଧନ୍ୟବାଦ ଦେଇଥିଲେ। ଆଗାମୀ ଦିନରେ ବନ୍ୟଜନ୍ତୁ ପ୍ରପୀଡ଼ିତ ସୁରକ୍ଷା ପାଇଁ ବିଭିନ୍ନ ପ୍ରସ୍ତାବ ମାନ ଦେଇଥିଲେ ଉପସ୍ଥିତ ବୁଦ୍ଧିଜୀବୀ। ବନ୍ୟଜନ୍ତୁ ପ୍ରପୀଡ଼ିତ ସୁରକ୍ଷା ପରିଷଦର ବରିଷ୍ଠ ସଦସ୍ୟ ବେଣୁଧର ମହାନ୍ତ ସଭା ପରିଚାଳନା କରିଥିବାବେଳେ ପରିବେଶବିତ ଭକ୍ତବତ୍ସଳ ମହାନ୍ତି, ଦେବରାଜ ଆଚାର୍ଯ୍ୟ, ସଂଗ୍ରାମ ଦାସ, ଦିଲ୍ଲୀପ କୁମାର ସାହୁ, ବଳଭଦ୍ର ମହାନ୍ତ, ଭୈରବ ମହାନ୍ତ, ସତ୍ୟଜିତ ମିଶ୍ର, ଯଜ୍ଞପ୍ରସାଦ ସାହୁ ପ୍ରମୁଖ ମତାମତ ଏବଂ ପ୍ରସ୍ତାବ ରଖିଥିଲେ।

# ଆନନ୍ଦପୁରରେ ଗଣେଶ ଭସାଣିର ଚମକ





ଆନନ୍ଦପୁର, ୨୬।୯ (ସମିସ): ଆନନ୍ଦପୁର ସହରରେ ବହୁ ପ୍ରତୀକ୍ଷିତ ଗଣେଶ ଭସାଣ ଉତ୍ସବର ଆଜି ଷଷ୍ଠ ଦିନରେ ଶ୍ରୀଜଗନ୍ନାଥ କ୍ଲବ୍‌ର ରୋଶଣି ବେଶ୍ ମନଛୁଆଁ ହୋଇଥିଲା। କୋଲକାତାର ରଙ୍ଗୋଲି ନୃତ୍ୟ ଅଘୋରୀ ଡମ୍ବରୁ ବାଦ୍ୟ ସହ ପୁରୀର ଦେବଦାସୀ ନୃତ୍ୟରେ ଦର୍ଶକ ବିଭୋର ହୋଇଥିଲେ। ପ୍ରଥମ ଦିନରେ ସ୍ୱାଇସ୍ କ୍ଲବ୍ ପକ୍ଷରୁ ଭସାଣି ଉତ୍ସବ ଧୁମ୍‌ଧାମରେ ପାଳନ ହୋଇଥିଲା। ଆଇନଶୃଙ୍ଖଳା ଓ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ଆନନ୍ଦପୁର ଥାନାଧିକାରୀ ଫଣୀନ୍ଦ୍ର ଭୂଷଣ ନାୟକଙ୍କ ନେତୃତ୍ୱରେ ବ୍ୟାପକ ପୁଲିସ ମୁତୟନ ହୋଇଥିଲା। ୨୭ରେ କିଡ୍‌ସ କ୍ଲବ୍‌ର ଗଣେଶ ଭସାଣ ଉତ୍ସବ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି।

# ପଣ୍ଡିତ ଦୀନଦୟାଲ ଜୟନ୍ତୀ



ତେଲକୋଇ, ୨୬।୯(ସମିସ): ମଣ୍ଡଳ ବିଜେପି ପକ୍ଷରୁ ପଣ୍ଡିତ ଦିନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ତେଲକୋଇସ୍ଥିତ ବଡପାହାଡ଼ ସାଂସ୍କୃତିକ ସଙ୍ଗଠନର ଗିରି ଗୋବର୍ଦ୍ଧନ ମଇଦାନଠାରେ ପାଳିତ ହୋଇଯାଇଛି। ଚକ୍ରଧର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିକ୍ରମ କେଶରୀ ଚୌହାନ ମଞ୍ଚ ପରିଚାଳନା କରିଥିଲେ। ବିଧାୟକ ପ୍ରତିନିଧି ପଦ୍ମଲୋଚନ ସାହୁ ଓ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ପ୍ରଫୁଲ୍ଲ ସାହୁ ଅଭିଭାଷଣ ରଖିଥିଲେ। ପୂର୍ବତନ ମଣ୍ଡଳ ସଭାପତି ପ୍ରମୋଦ ସାହୁ ଓ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟା ମୀନାକ୍ଷୀ ଦେହୁରୀ ଯୋଗ ଦେଇଥିଲେ। ତେଲକୋଇ ମଣ୍ଡଳର ସମସ୍ତ ପଞ୍ଚାୟତରୁ କାର୍ଯ୍ୟକର୍ତ୍ତା ଓ ନେତୃବୃନ୍ଦ ଯୋଗ ଦେଇଥିଲେ।

# ବ୍ରାହ୍ମଣ ମହାସଂଘ ପକ୍ଷରୁ ସ୍ମୃତିସଭା



ଆନନ୍ଦପୁର, ୨୬।୯ (ସମିସ): ସର୍ବଭାରତରେ ବ୍ରାହ୍ମଣ ସମାଜର ସଂଗଠକ, ବିଦ୍ୱାନ, ଭାରତୀୟ ଶାସ୍ତ୍ରସଂସ୍କୃତ, ଗୀତା ଓ ଗୋ-ମାତାର ସୁରକ୍ଷା ପାଇଁ ଆଜୀବନ ପ୍ରଚେଷ୍ଟାରତ ଶଲ୍ୟ ଚିକିତ୍ସକ ଡା ବିଷ୍ଣୁଚରଣ ମିଶ୍ରଙ୍କ ବିୟୋଗରେ ଆନନ୍ଦପୁର ବ୍ରହ୍ମଣ ମହାସଂଘ ପକ୍ଷରୁ ଶୋକ ପ୍ରକାଶ ପାଇଛି। ମହାସଂଘର ସଭାପତି ପୁରୋଷ୍ଟମ ମିଶ୍ରଙ୍କ ସଂଯୋଜନାରେ ଉପଦେଷ୍ଟା ଶରତ କୁମାର ମିଶ୍ର ସଂଯୋଜକ ମଦନ ମୋହନ ମିଶ୍ର କାର୍ଯ୍ୟକାରୀ ସଭାପତି ଶାନ୍ତନୁ ମିଶ୍ର ଆବାହକ ମଦନ ପାଣି ଭାଗୀରଥି ଦାଶଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ସ୍ମୃତିଚାରଣ କରିବା ସହ ଶୋକସନ୍ତପ୍ତ ପରିବାର ଓ ବନ୍ଧୁବର୍ଗଙ୍କୁ ଧୈର୍ଯ୍ୟ ପ୍ରଦାନ କରନ୍ତୁ ବୋଲି ପ୍ରାର୍ଥନା କରିଥିଲେ।

# ଫକୀରପୁରରେ ଶାନ୍ତି କମିଟି ବୈଠକ




ଆନନ୍ଦପୁର,୨୬।୯ (ସମିସ): ଆନନ୍ଦପୁର ପୌରାଞ୍ଚଳର ଫକୀରପୁର କଲ୍ୟାଣ ମଣ୍ଡପଠାରେ ୩ଟି ଦୁର୍ଗା ପୂଜା କମିଟିର କର୍ମକର୍ତ୍ତାଙ୍କୁ ନେଇ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଦ୍ୟ ଦୁର୍ଗାପୂଜା କମିଟି, ନାଥସାହି ଦୁର୍ଗାପୂଜା କମିଟି ଓ ବଙ୍ଗାଳିସାହି ପୂଜା କମିଟିର କର୍ମକର୍ତ୍ତା କାଉନସେଲର ସୁରେନ୍ଦ୍ର କୁମାର ଦାସ, ସନତ କୁମାର କରଙ୍କ ଉପସ୍ଥିତିରେ ଅମ ପୁଲିସ କର୍ମକର୍ତ୍ତା ଏକ ଶାନ୍ତି କମିଟି ଗଠନ କରିଥିଲେ। ଦୁର୍ଗାପୂଜାରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ସହିତ ନିଶା କାରବାର ବିରୋଧ କରିବା ପାଇଁ ସମସ୍ତ ପ୍ରକାର ଉଦ୍ୟମ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।

# ସାଇଁକୁଳ ସିଏଚ୍‌ସିରେ ବିଶ୍ୱ ଫାର୍ମାସିଷ୍ଟ ଦିବସ




ରାମଚନ୍ଦ୍ରପୁର,୨୬।୯(ସମିସ): ସାଇଁକୁଳ ଗୋଷ୍ଠୀ ଚିକିତ୍ସାଳୟରେ ବିଶ୍ୱ ଫାର୍ମାସିଷ୍ଟ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଭାରପ୍ରାପ୍ତ ଚିକିତ୍ସାଧିକାରୀ ରାଜେନ୍ଦ୍ର ମୁର୍ମୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ସମାଜସେବୀ ବାଇଧର ଚିନ୍ଦ୍ରା ସମସ୍ତ ଫାର୍ମାସିଷ୍ଟଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ପାଞ୍ଚ ଦଫା ଦାବି ସମ୍ବଳିତ ଚିଠା ଶ୍ରୀ ଚିନ୍ଦ୍ରାଙ୍କ ମାଧ୍ୟମରେ ରାଜ୍ୟ ସରକାରଙ୍କ ନିକଟରେ ପହଞ୍ଚାଇବା ପାଇଁ ସ୍ୱାସ୍ଥ୍ୟକର୍ମୀମାନେ ଅନୁରୋଧ କରିଥିଲେ। ସିଏଚସିର ଫାର୍ମାସିଷ୍ଟ କବିନ୍ଦ୍ର କୁମାର ସାହୁ ସମେତ ସମସ୍ତ ସ୍ୱାସ୍ଥ୍ୟକର୍ମୀ ଏବଂ ସ୍ଥାନୀୟ ସମାଜସେବୀ ରବିନ୍ଦ୍ର ପଣ୍ଡା, ଅନନ୍ତ ଜେନା ସମେତ ଅନେକ କାର୍ଯ୍ୟକର୍ତ୍ତା ଅଂଶଗ୍ରହଣ କରିଥିଲେ।

# ସଫେଇମିତ୍ରଙ୍କ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟ ସୁରକ୍ଷା ଶିବିର








ହାଟଡ଼ିହୀ,୨୬।୯(ସମିସ):

ହାଟଡିହୀ ବ୍ଲକ ସଭାଗୃହରେ ସଫେଇମିତ୍ର ସୁରକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ହାଟଡିହୀ ବିଡିଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ପ୍ରତି ପଞ୍ଚାୟତରୁ ୨ଜଣ ଲେଖାଏଁ ସଫେଇମିତ୍ର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଏବିଡିଓ ରଶ୍ମିରେଖା ନାଏକ ଯୋଗ ଦେଇଥିଲେ। ମହିଳା ସଫେଇ ମିତ୍ରଙ୍କ ମଧ୍ୟରେ ବାସନ୍ତୀ ଦାସ, ଝରଣା ନାୟକ, ଉର୍ମିଳା ଜେନା ଏବଂ ପୁରୁଷ ସହଯୋଗୀମାନେ ସହଯୋଗ କରିଥିଲେ। ବ୍ଲକ ସାଧନ ସଂଯୋଜକ କାର୍ତ୍ତିକ ପାତ୍ର ପରିଚାଳନା କରିଥିଲା ବେଳେ ହାଟଡିହୀ ପ୍ରାଥମିକ ଚିକିତ୍ସା ଅଧିକାରୀ ପ୍ରୀତିଶ ସାହୁଙ୍କ ତତ୍ତ୍ୱାବଧାନ ଏବଂ ଏଏନଏମ୍ କର୍ମୀଙ୍କ ପୂର୍ଣ୍ଣ ସହଯୋଗରେ ରକ୍ତ ନମୁନା ପରୀକ୍ଷା ସହ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସମସ୍ତଙ୍କୁ ବ୍ଲକ ପକ୍ଷରୁ ସମ୍ମାନିତ କରାଯାଇଥିଲା।

**ଚମ୍ପୁଆ:** ଚମ୍ପୁଆ ବ୍ଲକ ପରିସରରେ ବିଡିଓ ସ୍ମୃତିରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏବିଡିଓ ତୁନୁ ହାଁସଦା, ସହକାରୀ ଅଧୀକ୍ଷଣ ଯନ୍ତ୍ରୀ ସବ୍ୟସାଚୀ ନାୟକ, ଜନସ୍ୱାସ୍ଥ୍ୟ ବିଭାଗର ଅଧିକାରୀ କରଣ ସୋରେନ, ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ହେମନ୍ତ ପାତ୍ର ଓ ଟିମ୍ ପ୍ରମୁଖ ଉପସ୍ଥିତ ଥିଲେ। ୨୨ଟି ପଞ୍ଚାୟତର ଦୈନନ୍ଦିନ ବର୍ଜ୍ୟବସ୍ତୁ ସଂଗ୍ରହ ଓ ସଫେଇ କାର୍ଯ୍ୟରେ ନିୟୋଜିତ ଥିବା ସମସ୍ତ ଅଧିକାରୀ, ପୁରୁଷ ଓ ମହିଳା କର୍ମଚାରୀ, ସଫେଇ ଦିଦି, ସ୍ୱଚ୍ଛ ସାଥୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଲକ୍ଷ୍ୟରେ ଅଣସଂକ୍ରାମକ ରୋଗର ପରୀକ୍ଷା ନିରୀକ୍ଷା କରାଯାଇ ଆବଶ୍ୟକ ଔଷଧ ବିତରଣ କରାଯାଇଥିଲା। ଏହି ଅବସରରେ ସେମାନଙ୍କୁ ବିଭିନ୍ନ ସଫେଇ ଉପକରଣ ବଣ୍ଟନ କରାଯାଇଛି। ୪୪ ଜଣ ସଫେଇ ମିତ୍ରଙ୍କ ସହ ସରପଞ୍ଚ, ଜେଇ, ଏପିଓ ଓ ସ୍ୱଚ୍ଛସାଥୀ, ସୁପରଭାଇଜରମାନେ ଯୋଗ ଦେଇଥିଲେ। ବ୍ଲକ ପରିସରରେ ସଫେଇ ମିତ୍ରମାନେ ସ୍ୱଚ୍ଛ ଭାରତ ଅଭିଯାନ ଅନ୍ତର୍ଗତ ସଫେଇ କାର୍ଯ୍ୟ କରିଥିଲେ। ବିଆରସି ସୁଷମା ମହାନ୍ତ ପରିଚାଳନା କରିଥିଲେ।

**ଆନନ୍ଦପୁର:** ଘଷିପୁରା ବ୍ଲକ୍ ସଭାଗୃହରେ ସଫେଇମିତ୍ର ସୁରକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଘଷିପୁରା ବିଡିଓ ବିନିତା ବିଜୟିନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ସାଇକୂଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର, ସ୍ୱାସ୍ଥ୍ୟକର୍ମୀମାନେ ୩୦ ଜଣ ସଫେଇ ମିତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବିଆର୍‌ସି ରଶ୍ମିରଞ୍ଜନ ନାୟକ ଶିବିର ପରିଚାଳନା କରିଥିବାବେଳେ ସମସ୍ତଙ୍କୁ ଏଠାରେ ପିପିଇ କିଟ୍ ପ୍ରଦାନ କରାଯାଇଛି।

# ଅନଲାଇନ୍ ଠକେଇ ମାମଲା: ମୁଖ୍ୟ ଏଜେଣ୍ଟ ସହ ୮ ଗିରଫ

**ସମ୍ବଲପୁର, ୨୬।୯ (ସମିସ)**

ଅଇଁଠାପାଲି ଥାନା ପୁଲିସ ଅନ୍‌ଲାଇନ ଠକେଇ ମାମଲାର ପର୍ଦ୍ଦାଫାଶ କରି ମୁଖ୍ୟ ଅଭିଯୁକ୍ତ ସହ ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେମାନଙ୍କଠାରୁ ୩୫ଟି ପାସବୁକ୍, ୨ଟି ଚେକ୍ ବୁକ୍, ୨୨ଟି ବିଭିନ୍ନ ବ୍ୟାଙ୍କର ଏଟିଏମ୍ କାର୍ଡ, ୪ଟି ଏଆରଟେଲ୍ ଓ ଗୋଟିଏ ଜିଓ ସିମ୍‌କାର୍ଡ, ୨ଟି ମୋବାଇଲ ଫୋନ, ୨ଟି ଜାଲ ଆଧାରକାର୍ଡ, ୯୩୦ ଟଙ୍କା ଥିବା ଗୋଟିଏ ମନିପର୍ସ ଓ ଗୋଟିଏ କେରିବ୍ୟାଗ୍ ଜବତ କରାଯାଇଥିବା ସାମ୍ବାଦିକ ସମ୍ମିଳନୀରେ ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ ସୂଚନା ଦେଇଛନ୍ତି।

ଏସ୍‌ପି ଶ୍ରୀ ଭାମୁଙ୍କ ସୂଚନା ଅନୁଯାୟୀ, ବହୁ ଲୋକ ଅନ୍‌ଲାଇନ ଠକେଇର ଶିକାର ହେଉଛନ୍ତି। ମ୍ୟୁଲ୍ ଆକାଉଣ୍ଟ ଭାବରେ ଏହି ଠକେଇ କରାଯାଉଛି। ମ୍ୟୁଲ୍ ଆକାଉଣ୍ଟର ଅର୍ଥ ହେଉଛି ବଡ଼ ଧରଣର ଟ୍ରାନ୍ସଫର୍‌କୁ ଛୋଟ ଛୋଟ କରି ବିଭିନ୍ନ ଆକାଉଣ୍ଟରେ ୩ ଲକ୍ଷ ବା ୫ ଲକ୍ଷ ଏଭଳି ପକାଇବେ, ସେମାନଙ୍କୁ କମିଶନ ମିଳିବ, ପୁଣି ଟଙ୍କା ଉଠାଇନେବେ। ଏଥିରେ ଅନିଲ କୁମାର ମଣ୍ଡଳ ଏଜେଣ୍ଟ ଭାବେ କାମ କରୁଥିଲା। କିଛି ଲୋକ ସନ୍ଦିଗ୍ଧ ଭାବେ ବୁଲୁଥିବା ପୁଲିସକୁ ଖବର ମିଳିଲା। ସେମାନେ ରହୁଥିବା ଅଞ୍ଚଳରେ ପୁଲିସ ଚଢ଼ଉ କରି ୩୫ଟି ଏଭଳି ଆକାଉଣ୍ଟ, ଚେକ୍‌ବୁକ୍ ଓ ଏଟିଏମ୍ କାର୍ଡ ପୁଲିସ ଜବତ କରିଛି। ଏଜେଣ୍ଟ ଅନିଲ କମିଶନ ଏଜେଣ୍ଟ ଭାବେ କାମ କରୁଥିଲା, ସେମାନଙ୍କ ରାକେଟ୍ ଚାଲୁଛି ଜାମତାରା ଝାଡ଼ଖଣ୍ଡରୁ ବୋଲି ଏସ୍‌ପି କହିଛନ୍ତି। ସେମାନଙ୍କ ଉଦ୍ଦେଶ୍ୟ ରହିଛି ଏଭଳି ୧୦ ହଜାର ଟଙ୍କା ଦେଇ ମ୍ୟୁଲ୍ ଆକାଉଣ୍ଟ



ଖୋଲାଯିବ, ସେଥିରେ ଟଙ୍କା ଜମା କରାଯାଇ ଟ୍ରାଞ୍ଜେକସନ୍ ହେଲେ ଉକ୍ତ ବ୍ୟକ୍ତିଙ୍କୁ କମିଶନ ଦିଆଯିବ। ଏଭଳି ୭-୮ ଜଣଙ୍କ ଆକାଉଣ୍ଟକୁ ୧୨ ଲକ୍ଷ ପର୍ଯ୍ୟନ୍ତ ଟଙ୍କା ଆସିଛି। ଏହା ମୋଟ ୫୦ ଲକ୍ଷ ଟଙ୍କାରୁ ଅଧିକ ହୋଇଥିବାବେଳେ ବ୍ୟାଙ୍କରୁ ବିସ୍ତୃତ ତଥ୍ୟ ମଗାଯାଇଛି ଏବଂ ଏହା କୋଟିଏରୁ ଊର୍ଦ୍ଧ୍ୱ ହୋଇପାରେ ବୋଲି ଏସ୍‌ପି କହିଛନ୍ତି। ସାଇବର ଠକେଇର ସମସ୍ତ ଟଙ୍କା ଏହି ଆକାଉଣ୍ଟ ମାନଙ୍କରେ ଜମା କରାଯାଉଛି। ସେମାନେ ଯେକୌଣସି ବ୍ୟକ୍ତିଙ୍କ ଆକାଉଣ୍ଟରେ ଟଙ୍କା ଥିବ ତାହାକୁ ଠକେଇ କରି ସେହି ଟଙ୍କାକୁ ଡାଇଭର୍ସିଫାଏ କରିବା ପାଇଁ ମ୍ୟୁଲ୍ ଆକାଉଣ୍ଟ ବ୍ୟବହାର କରୁଥିବା ସେ କହିଛନ୍ତି। ପୁଲିସ ଟ୍ରାପ୍ କଲେ ଗୋଟିଏ ଦୁଇଟି ଆକାଉଣ୍ଟ ପାଇବ ଏବଂ ବଳକା ଟଙ୍କା ସେମାନେ ନେଇଯାଇପାରିବେ। ଅନିଲ ମଣ୍ଡଳ ଲୋକମାନଙ୍କୁ ଫଶେଇ ସେମାନଙ୍କ ଆକାଉଣ୍ଟ ଖୋଲାଇବା ସହ ସେମାନଙ୍କୁ ଟଙ୍କା ମିଳିବ ବୋଲି ବୁଝାଉଥିଲା। ଏହି ମାମଲାରେ ଏଜେଣ୍ଟ ଅନିଲ ମଣ୍ଡଳ ସହ ସେଥିରେ ସହଯୋଗ କରୁଥିବା ୮ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଏସ୍‌ପି ସୂଚନା ଦେଇଛନ୍ତି।

> **ଝାଡ଼ଖଣ୍ଡରେ ଠକେଇର ଚେର**
> **ମ୍ୟୁଲ୍ ଆକାଉଣ୍ଟ ଖୋଲି ଚାଲିଥିବା କାରବାର**
> **ବ୍ୟାଙ୍କ ଦେଣନେଣ ୫୦ ଲକ୍ଷରୁ ଊର୍ଦ୍ଧ୍ୱ**

ଅଇଁଠାପାଲି ପୁଲିସ ଥାନାରେ ଅନ୍‌ଲାଇନ୍ ଠକେଇକୁ ନେଇ ୩୧୭ ତା ୨୧.୦୯.୨୦୨୫ ମାମଲା ରୁଜୁ ହୋଇଛି। ପୁଲିସ ମୁଖ୍ୟ ଅଭିଯୁକ୍ତ ଝାଡ଼ଖଣ୍ଡ ଜାମତାରା ଜିଲ୍ଲା କରମତାର ଥାନା ମୁରଲିଧିର ଅନିଲ କୁମାର ମଣ୍ଡଳ (୩୭)କୁ ଗିରଫ କରିବାସହ ସମ୍ବଲପୁର ଶାସନ ଥାନା ରସିଆପାଲିର ଭୀଷ୍ମ ପ୍ରଧାନ (୨୫), ଜମନକିରା ଥାନା ଖର୍ସେଲମାଲ ତାଲିମୁଣ୍ଡାର ପ୍ରମୋଦ ତାଣ୍ଡିଆ (୩୬), ଶାସନ ଥାନା ନୂଆତିହୁରାର ଉତ୍ତମ ଜଗଦଳା (୩୬), ଅଚ୍ୟୁତ ବିରା (୨୩), ଦେବେନ୍ଦ୍ର ମାଝି (୨୫), ଗୌତମ ଜଗଦଳା (୨୯), ଶାସନ ଥାନା ପରମାଣପୁରର ରିଙ୍କୁ ବାଗ (୩୦) ଓ ଜମନକିରା ଥାନା ଶରଦବାହାଲର ଶ୍ରୀକାନ୍ତ ତାଣ୍ଡିଆ (୨୫)କୁ ଗିରଫ କରି କୋର୍ଟଚାଲାଣ କରିଛି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅଇଁଠାପାଲି ପୁଲିସ ପାଟ୍ରୋଲିଂ ସମୟରେ ୨୧ ତାରିଖ ପ୍ରାୟ ୧୧ଟାବେଳେ ଅନିଲ ମଣ୍ଡଳକୁ ଧରିଥିଲା। ଏହାପରେ ତା' ବ୍ୟାଗ୍‌ରୁ ୩୫ଟି ବିଭିନ୍ନ ବ୍ୟାଙ୍କର ପାସବୁକ, ୨ଟି ଚେକ୍ ବୁକ, ୨୨ଟି ଏଟିଏମ୍ କାର୍ଡ, ୫ଟି ସିମକାର୍ଡ ଓ ୨ଟି ଜାଲ ଆଧାରକାର୍ଡ ଜବତ କରିଥିଲା। ପଚରାଉଚୁରା ସମୟରେ ଅନିଲ ମଣ୍ଡଳ ସ୍ୱୀକାର କଲା ଯେ ସେ ଝାଡ଼ଖଣ୍ଡ ଧାନବାଦର ଭିକି ମଣ୍ଡଳ ସହିତ କାମ କରୁଥିବାବେଳେ ତାହା ସହିତ ସମ୍ବଲପୁର ଜିଲ୍ଲାର ବହୁ ଆକାଉଣ୍ଟଧାରୀ ଅଛନ୍ତି। ସେମାନେ ବେଆଇନ ଟ୍ରାଞ୍ଜେକସନ୍ କରିବା ଜାଲ ଡକ୍ୟୁମେଣ୍ଟ ସାହାଯ୍ୟରେ ଏହି ମ୍ୟୁଲ୍ ଆକାଉଣ୍ଟ ଗୁଡ଼ିକ ଖୋଲିବାରେ ସମ୍ପୃକ୍ତ ଥିଲେ।



ଶାରଦୀୟ ନବରାତ୍ରର ପଞ୍ଚମ ଦିବସ



ମା' ସମଲେଶ୍ୱରୀ ଓ ମା' ପାଟଣେଶ୍ୱରୀ

# ବେଦାନ୍ତ ଆଲୁମିନିୟମ ଶୁଭଲକ୍ଷ୍ମୀ ସମବାୟ ପକ୍ଷରୁ ବିଦ୍ୟାର୍ଥୀଙ୍କୁ ସମ୍ମାନିତ




**ସମ୍ବଲପୁର, ୨୬।୯ (ସମିସ):** ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଓଡ଼ିଶାର ସର୍ବବୃହତ ମହିଳା ନେତୃତ୍ୱାଧୀନ ସମବାୟ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟରୁ ଅନ୍ୟତମ, ଶୁଭଲକ୍ଷ୍ମୀ ସମବାୟ ଦ୍ୱାରା ୪୮ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରିଛି। ଏହି ସମ୍ମାନ ଶିକ୍ଷାଗତ ପ୍ରତିଭାକୁ ସମ୍ମାନିତ କରିବା ଏବଂ ଅଞ୍ଚଳରେ ଅଧିକ ଶିକ୍ଷାଗତ ଉତ୍କର୍ଷତା ପାଇଁ ଛାତ୍ରଙ୍କୁ ଉତ୍ସାହିତ କରିବା ପାଇଁ ଏକ ବାର୍ଷିକ କାର୍ଯ୍ୟକ୍ରମର ଅଂଶ ଥିଲା। ମହିଳା କଲ୍ୟାଣ ପାଣ୍ଠି ଅଧୀନରେ ୭୦ ପ୍ରତିଶତରୁ ୯୬.୫ ପ୍ରତିଶତ ପର୍ଯ୍ୟନ୍ତ ମାର୍କ ରଖିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣ ସମାରୋହରେ ଝାରସୁଗୁଡାର ଜିଲ୍ଲା ଶିକ୍ଷା ଅଧିକାରୀ ଡ. ରାଧାକାନ୍ତ ଗର୍ତିଆ, ଆଇଡିବିଆଇ ବ୍ୟାଙ୍କ ପରିଚାଳକ ଆଦିତ୍ୟ ପରିଡ଼ା ଏବଂ ଶୁଭଲକ୍ଷ୍ମୀ ସମବାୟର ବରିଷ୍ଠ ସଦସ୍ୟଙ୍କ ସମେତ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ବେଦାନ୍ତ ଝାରସୁଗୁଡାର ସିଇଓ ସି. ଚନ୍ଦ୍ରୁ କହିଛନ୍ତି, ଶିକ୍ଷା ବ୍ୟକ୍ତି ଏବଂ ସମ୍ପ୍ରଦାୟକୁ ଗଠନ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଶୁଭଲକ୍ଷ୍ମୀ ସମବାୟ ମାଧ୍ୟମରେ, ଆମେ ସଶକ୍ତ ମହିଳା ଉଦ୍ୟୋଗୀଙ୍କୁ କେବଳ ନିଜ ପାଇଁ ନୁହେଁ, ବରଂ ପରବର୍ତ୍ତି ପିଢ଼ି ପାଇଁ ମଧ୍ୟ ସୁଯୋଗ ସୃଷ୍ଟି କରୁଥିବାର ଦେଖୁଛୁ ବୋଲି କହିଥିଲେ। ଶୁଭଲକ୍ଷ୍ମୀ ସମବାୟର ସଭାପତି ପଙ୍କଜିନୀ ଓରାମ କହିଛନ୍ତି, ଆଜି ସମ୍ମାନିତ ହୋଇଥିବା ପ୍ରତ୍ୟେକ ପିଲା ପାଇଁ ଆମେ ଗର୍ବିତ। ଆମ ପରିବାର ପାଇଁ ଉନ୍ନତ ଜୀବନ ଗଠନ ପାଇଁ କଠିନ ପରିଶ୍ରମ କରିଥିବା ମହିଳା ଭାବରେ, ଆମେ ଶିକ୍ଷାର ମୂଲ୍ୟ ବୁଝୁଛୁ। ବେଦାନ୍ତ ଆଲୁମିନିୟମର ସମ୍ପ୍ରଦାୟ ବିକାଶ ପଦକ୍ଷେପ ଅଧୀନରେ ଶୁଭଲକ୍ଷ୍ମୀ ସମବାୟ ସାମାଜିକ-ଆର୍ଥିକ ସଶକ୍ତିକରଣ ପାଇଁ ଏକ ଶକ୍ତିଶାଳୀ ଶକ୍ତିରେ ପରିଣତ ହୋଇଛି। ଏହିପରି ପଦକ୍ଷେପ ମାଧ୍ୟମରେ, କମ୍ପାନୀ ତୃଣମୂଳ ସ୍ତରରେ ବିକାଶକୁ ପ୍ରୋତ୍ସାହିତ କରି ଏକ ସ୍ଥାୟୀ ଭବିଷ୍ୟତକୁ ପୋଷଣ କରିବା ସହିତ ସ୍ଥାନୀୟ ସମ୍ପ୍ରଦାୟର ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣୁଥିବା ସାଧାରଣରେ ପ୍ରକାଶ ପାଇଛି।

## ରାସନ ଦୋକାନରୁ ଚୋରି ; ଜଣେ ଗିରଫ

**ସମ୍ବଲପୁର, ୨୬।୯ (ସମିସ):** ବୁର୍ଲା ପୁଲିସ ରାସନ ଦୋକାନରୁ ବିଭିନ୍ନ ସାମଗ୍ରୀ ଚୋରି ଅଭିଯୋଗରେ ଜଣକୁ ଗିରଫ କରିଛି। ସେ ହେଉଛି ବୁର୍ଲା ଥାନା ଧୀପପଡ଼ା ଗୌଡ଼ପାଲିର ଦେବରାଜ ମହାନନ୍ଦ(୨୦)। ସୂଚନା ଅନୁସାରେ ଗାନ୍ଧିପଡ଼ାର ଗୋବିନ୍ଦ କୁମ୍ଭାର(୩୮)ଙ୍କ ରାସନ ଦୋକାନରୁ ବିଭିନ୍ନ ସାମଗ୍ରୀ ଗତ ୨୪/୨୫ ତାରିଖ ବିଳମ୍ବ ରାତିରେ ଚୋରି ହୋଇଥିଲା। ଅଭିଯୁକ୍ତ ଦେବରାଜ ବିଭିନ୍ନ ସାମଗ୍ରୀ ସହ ଗୋଟାଏ ଷ୍ଟାଣ୍ଡ ଫ୍ୟାନ, ୧୭୦୦ ନଗଦ ଟଙ୍କା ଚୋରି କରିଥିଲା। ଥାନାରେ ଅଭିଯୋଗ ପରେ ପୁଲିସ ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ତା ନିକଟରୁ ବିଭିନ୍ନ ପାନମସଲା, ସାବୁନ, ତେଲ ଓ ଫ୍ୟାନ ଉଦ୍ଧାର କରିଛି।

## ସ୍ୱଚ୍ଛ ଉତ୍ସବ ଅବସରରେ ସ୍ୱାସ୍ଥ୍ୟ ଶିବିର

**ସମ୍ବଲପୁର, ୨୬।୯ (ସମିସ) :** ଗତ ୧୭ ତାରିଖରୁ ଆସନ୍ତା ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଦେଶବ୍ୟାପୀ ପାଳିତ ହେଉଥିବା 'ସେବା ପକ୍ଷ - ୨୦୨୫' ପାଳନ ଅବସରରେ ସମ୍ବଲପୁର ଜିଲ୍ଲା ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମ୍ବଲପୁର ମହାନଗର ନିଗମରେ ଜିଲ୍ଲାସ୍ତରୀୟ ସ୍ୱଚ୍ଛ ଉତ୍ସବ ପାଳନ କରାଯାଇଛି। ଏଥିରେ ମୁଖ୍ୟତଃ ସ୍ୱଚ୍ଛ ସାଥୀ / ସ୍ୱଚ୍ଛ ମିତ୍ରଙ୍କ ସ୍ୱାସ୍ଥ୍ୟଗତ ସମସ୍ୟାର ନିରାକରଣ ପାଇଁ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ବିନା ମୂଲ୍ୟରେ ବିଭିନ୍ନ ପରୀକ୍ଷା ନିରୀକ୍ଷା କରାଯାଇ ଉପାଦେୟ ପରାମର୍ଶ ଦିଆଯିବା ସହିତ ଔଷଧ ଯୋଗାଇ ଦିଆଯାଇଥିଲା।

## ବୁଲା କୁକୁର ଧରି ଅନ୍ୟତ୍ର ଛାଡ଼ିବା ପଡ଼ିଲା ମହଙ୍ଗା



**ସମ୍ବଲପୁର, ୨୬।୯ (ସମିସ):** ବୁର୍ଲାସ୍ଥିତ ଏକ କଲୋନୀରୁ କୁକୁର ଧରି ବାହାରେ ଛାଡ଼ିବା ମହଙ୍ଗା ପଡ଼ିଛି। ରାତିରେ କର୍ମଚାରୀମାନେ ବାହାରେ କୁକୁର ଫୋପାଡ଼ିବା ବେଳେ କିଛି ଲୋକ ସେମାନଙ୍କୁ ଧରିଛନ୍ତି। ପୂର୍ବରୁ ଅନେକ ଥର ଉକ୍ତ କଲୋନୀରୁ କୁକୁର ଧରି ଜାତୀୟ ରାଜପଥ କଡ଼ରେ ଛାଡ଼ି ଦିଆଯାଉଥିଲା। ଯାହାକୁ ନେଇ କିଛି ଲୋକ ବାରଣ କରିଥିଲେ। ହେଲେ ପୁଣି କିଛି କର୍ମଚାରୀ ଏଭଳି କାମ କରୁଥିବାର ଏକ ଭିଡ଼ିଓ ଭାଇରାଲ ହେବାରେ ଲାଗିଛି। ରାତିରେ କୁକୁର ମାନଙ୍କୁ ଧରି ଏପରି ଜାତୀୟ ରାଜପଥ କଡ଼ରେ କାହିଁକି ଛାଡ଼ି ଦିଆଯାଉଛି ବୋଲି ଉକ୍ତଲୋକମାନେ ପ୍ରଶ୍ନ କରିଥିଲେ। ପୂର୍ବରୁ ବାରଣ ଥିବା ସତ୍ତ୍ୱେ କାହିଁକି ଏପରି କରୁଛନ୍ତି ବୋଲି କହିଥିଲେ। ଯାହାକୁ ନେଇ ରାତିରେ ଅନେକ ସମୟ ପାଟିତୁଣ୍ଡ ଲାଗିଥିଲେ। ଉପରୋକ୍ତ ଅଧିକାରୀ ବାହାରେ କୁକୁର ଛାଡ଼ିବାକୁ ପରାମର୍ଶ ଦେଉଥିବା ସେମାନେ କହିଥିଲେ। ବାଧ୍ୟ ହୋଇ ପୁଲିସ ପିସିଆର ଭ୍ୟାନ ଘଟଣାସ୍ଥଳରେ ପହଞ୍ଚିଥିଲା।

## ପଶ୍ଚିମ ଓଡ଼ିଶାସ୍ତରୀୟ ଆଧ୍ୟାତ୍ମିକ ସମ୍ମିଳନୀ ପାଇଁ ପ୍ରସ୍ତୁତି



**ସମ୍ବଲପୁର, ୨୬।୯ (ସମିସ) :** ଆସନ୍ତା ଡିସେମ୍ବର ୧୩ ରୁ ୧୫ ତାରିଖ ପର୍ଯ୍ୟନ୍ତ ଦିବ୍ୟଜୀବନ ସଂଘର ପଶ୍ଚିମ ଓଡ଼ିଶାସ୍ତରୀୟ ଆଧ୍ୟାତ୍ମିକ ସମ୍ମିଳନୀ ପାଇଁ ସମନ୍ୱୟ ସମିତିର ଏକ ବୈଠକ ଆଜି ଦିବ୍ୟଜୀବନ ସଂଘ, ସମ୍ବଲପୁର ଶାଖା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଚିଦାନନ୍ଦ ଶାନ୍ତି ଆଶ୍ରମ, ବାଲିଗୁଆଳି, ପୁରୀର ସଭାପତି ଅକ୍ଷୟ କୁମାର ଦାସ ଏବଂ ସମ୍ପାଦକ ଅଦ୍ୱୈତ ପ୍ରସାଦ ବିଶ୍ୱାଳଙ୍କ ଉପସ୍ଥିତିରେ ଅନୁଷ୍ଠିତ ବୈଠକରେ ଦିବ୍ୟଜୀବନ ସଂଘ ସମ୍ବଲପୁର, ବଲାଙ୍ଗୀର, ବରଗଡ଼, ବୁର୍ଲା ଆଦି ବିଭିନ୍ନ ଶାଖାର ସଦସ୍ୟମାନେ ଯୋଗଦେଇଥିଲେ। ସେଠାରେ ଆଧ୍ୟାତ୍ମିକ ସମ୍ମିଳନୀ ଆୟୋଜନ ବିଷୟରେ ବିସ୍ତୃତ ଆଲୋଚନା ଓ ସମୀକ୍ଷା କରାଯାଇଥିଲା। ସଭା ପ୍ରାରମ୍ଭରେ ଦିବ୍ୟଜୀବନ ସଂଘ ସମ୍ବଲପୁର ଶାଖାର ସଭାପତି ତଥା ଆବାହକ ଡଃ ମୀନକେତନ ପାଠୀ ସ୍ୱାଗତ ବକ୍ତବ୍ୟ ରଖିବାସହ ସମ୍ମିଳନୀ ସମ୍ପର୍କିତ ସୂଚନା ଦେଇଥିଲେ। ସମ୍ବଲପୁର ଶାଖା ସମ୍ପାଦକ ବିଜୟ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଦିତ୍ୟ ଆଲୁମିନିୟମର ଜାତୀୟ ପୋଷଣ ମାସ ପାଳନ ଉତ୍ସବ

**ସମ୍ବଲପୁର, ୨୬।୯ (ସମିସ):** ଆଦିତ୍ୟ ଆଲୁମିନିୟମ ଓ ମହିଳା ଓ ଶିଶୁ ବିକାଶ ବିଭାଗ, ରେଙ୍ଗାଲିର ମିଳିତ ଆନୁକୂଲ୍ୟରେ ବ୍ଲକର ପାଞ୍ଚ ଗୋଟି ପଞ୍ଚାୟତ ଲପଙ୍ଗା, ବୋମାଲେଇ, କତରବଗା, ଜଙ୍ଗଲା ଓ ଗିଚାମୁରାର ବିଭିନ୍ନ ଅଙ୍ଗନାୱାଡ଼ି କେନ୍ଦ୍ରରେ ଜାତୀୟ ପୋଷଣ ମାସ ସେପ୍ଟେମ୍ବର ୧ ତାରିଖ ଠାରୁ ୨୬ ସେପ୍ଟେମ୍ବର ପର୍ଯ୍ୟନ୍ତ ପାଳିତ ହୋଇଛି। ସମସ୍ତ ବର୍ଗର ଲୋକମାନଙ୍କ ପାଇଁ




ପୋଷଣ ଆବଶ୍ୟକ, କେଉଁସବୁ ଖାଦ୍ୟ ଖାଇଲେ ଆମ ଶରୀରକୁ ପୋଷଣ, ମଣିଷ ଶରୀରକୁ ସ୍ନେହସାର, ଶ୍ୱେତସାର, ଖଣିଜ ଲବଣ ଓ ଧାତୁସାର ଆବଶ୍ୟକ ରହିଥାଏ ବୋଲି ଆଲୋଚନା କରାଯାଇଥିଲା। ଏଥି ସହିତ ଶିଶୁର ଯତ୍ନ ଓ ସ୍ତନ୍ୟପାନର ବିଭିନ୍ନ ପ୍ରଣାଳୀ ଉପରେ ଲୋକମାନେଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିଶୁ ମାନଙ୍କ ପାଇଁ କଙ୍ଗାରୁ ଯତ୍ନର ଆବଶ୍ୟକତା ବିଷୟରେ ବୁଝାଯାଇଥିଲା। କାର୍ଯ୍ୟକ୍ରମକୁ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ମୁଖ୍ୟ ରବି ନିୱାସ ଓ ଉପ ପ୍ରବନ୍ଧକ ମନୋରଞ୍ଜନ ବେହେରା ପରିଚାଳନା ରହିଥିଲେ। ସ୍ଥାନୀୟ ଅଧିବାସୀ କମ୍ପାନୀର ଏଭଳି ମହତ୍ କାର୍ଯ୍ୟକୁ ପ୍ରଶଂସା କରିଥିଲେ।

## ଜିଲ୍ଲାସ୍ତରୀୟ ଯୁବ ମାରାଥନ



**ସମ୍ବଲପୁର, ୨୬।୯ (ସମିସ):** ସମ୍ବଲପୁର ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା କ୍ରୀଡା ଓ ଯୁବସେବା ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ଯୁବ ମାରାଥନ୍ ଅନୁଷ୍ଠିତ ହୋଇଯାଇଛି। ଏହି ମାରାଥନରେ ବହୁସଂଖ୍ୟାରେ ବିଶେଷକରି ଯୁବବର୍ଗ ଅଂଶଗ୍ରହଣ କରିଥିଲେ। ମାରାଥନ ଆୟୋଜନର ଉଦ୍ଦେଶ୍ୟ ହେଉଛି ସମାଜରେ ସ୍ୱଚ୍ଛତା ସେବାଭାବ, ସ୍ୱାସ୍ଥ୍ୟ ଆଦି ବିଷୟରେ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା। ଏହି ମାରାଥନକୁ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ବିଧାୟକ ଶ୍ରୀ ମିଶ୍ର ଯୁବବର୍ଗଙ୍କୁ ପ୍ରଥମେ ନିଜ ଘର, ନିଜ ଅଞ୍ଚଳକୁ ସଫା ରଖିଲେ ଯାଇ ଆମ ଦେଶ ସ୍ୱଚ୍ଛ ହେବ, ଉନ୍ନତି ପଥରେ ଅଗ୍ରଗତି କରିବ ବୋଲି କହିଥିଲେ। ସମ୍ବଲପୁର ସହରକୁ ସ୍ୱଚ୍ଛତାରେ ଏକ ନମ୍ବର କରିବା ପାଇଁ ପ୍ରଚେଷ୍ଟା କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଆୟୋଜିତ ମାରାଥନରେ ଛାତ୍ର ବର୍ଗରେ ଆକାଶ ମିର୍ଦ୍ଧା ପ୍ରଥମ, ରାଜୁ ଓରାମ ଦ୍ୱିତୀୟ ଓ ନୀଳାଞ୍ଚଳ ବାଗ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ଛାତ୍ରୀ ବର୍ଗରେ ନମିତା ଓରାମ ପ୍ରଥମ, ଅମିଶା ଓରାମ ଦ୍ୱିତୀୟ ଓ ନାନୁ କେୱଟ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧିକ୍ଷକ ମୁକେଶ କୁମାର ଭାମୁ, ଜିଲ୍ଲା କ୍ରୀଡା ଅଧିକାରୀଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତି, ସ୍ୱେଚ୍ଛାସେବୀ ଓ ଯୁବକ ଯୁବତୀମାନେ ଉପସ୍ଥିତ ଥିଲେ।

**ଦଳେଇପଡ଼ା ରାବଣ ପୋଡ଼ି ଉତ୍ସବ**

## ଆକର୍ଷଣ ସାଜିବ ସବୁଜ ବାଣ ସହ ବାନରସେନା ଶୋଭାଯାତ୍ରା

**ସମ୍ବଲପୁର, ୨୬।୯ (ସମିସ):** ସମ୍ବଲପୁର ଦଳେଇପଡ଼ା ରାବଣ ପୋଡ଼ି କମିଟି ଓ ଦୁର୍ଗାପୂଜା କମିଟି ପକ୍ଷରୁ ଆସନ୍ତା ୨ ତାରିଖରେ ରାବଣ ପୋଡ଼ି ମହୋତ୍ସବ ଆୟୋଜିତ ହେବ। ଏଥିପାଇଁ ଦଳେଇପଡ଼ା ଘାଟରେ ଚଳିତ ବର୍ଷ ୫୦ ଫୁଟର ରାବଣ ପ୍ରତିମୂର୍ତ୍ତି ନିର୍ମାଣ କରାଯାଉଛି। ଅପରାହ୍ନରେ ୧୦୦ରୁ ଊର୍ଦ୍ଧ୍ୱ ବାନର ସେନା ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରିବେ। ଚଳିତ ବର୍ଷ ରାବଣ ପୋଡି ମହୋତ୍ସବରେ ସମ୍ପୂର୍ଣ୍ଣ ଭାବେ ସବୁଜ ବାଣ ବ୍ୟବହାର କରାଯିବ। ସୁରକ୍ଷାକୁ ଦୃଷ୍ଟିରେ ରଖି ଏସବୁ ବାଣ ରିମୋର୍ଟ ଦ୍ୱାରା ଫୁଟାଇବା ବ୍ୟବସ୍ଥା କରାଯାଇଛି। ଚଳିତ ବର୍ଷ ରାବଣ ପୋଡ଼ିରେ ମୋଟ ୧୨ ଲକ୍ଷ ୧୦ ହଜାର ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଶୁକ୍ରବାର ଜିଲ୍ଲା ସାମ୍ବାଦିକ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳେଇପଡ଼ା ରାବଣ ପୋଡ଼ି ଉତ୍ସବ ସଭାପତି ସିଦ୍ଧାର୍ଥ ସାହା ଏହା




କହିଥିଲେ। ସେ ଆହୁରି କହିଥିଲେ ଯେ, ଏହି ଦିନ ଅପରାହ୍ନ ୫ ଟାରେ ଶୋଭାଯାତ୍ରା ନଗର ପରିକ୍ରମା କରିବ। ଶୋଭାଯାତ୍ରା ଦଳେଇପଡ଼ାରୁ ବାହାରି କୁଞ୍ଜେଲ ପଡ଼ା, ବାଲିବନ୍ଧା, ରିଙ୍ଗରୋଡ ଦେଇ ଦଳେଇପଡ଼ା ମହାନଦୀ ଘାଟରେ ପହଁଚିବ। ଏଥିରେ ରାମ, ଲକ୍ଷ୍ମଣ, ହନୁମାନ ସହ ବାନର ସେନା ସାମିଲ ହେବେ। ମୁଖ୍ୟଅତିଥି ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ସମ୍ମାନିତ ଅତିଥି ଭବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ ଓ ଜୀବନ ଚେତନ୍ୟ ମହାରାଜ ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ସମସ୍ତ ଅତିଥି ରାବଣ ଦହନ ଅବସରରେ ଦଳେଇପଡ଼ା ଘାଟରେ ଉପସ୍ଥିତ ରହିବେ। ସମାଜ ପ୍ରତି ଉଲ୍ଲେଖନୀୟ ଅବଦାନ ଦେଇଥିବା ଦଳେଇପଡ଼ାର କିଛି ବରିଷ୍ଠ କର୍ମକର୍ତ୍ତାଙ୍କୁ ଏହି ଅବସରରେ ସମ୍ମାନିତ ମଧ କରାଯିବ। ସାମ୍ବାଦିକ ସମ୍ମିଳନୀରେ ମଧୁସୂଦନ ମିତ୍ର, ସମରଜିତ୍ ପଟ୍ଟନାୟକ, ଅନୁପ ତରିଆ ଓ ଜ୍ଞାନଦେବ ବାରିକ, ସଂଯମଜିତ୍ ପଟ୍ଟନାୟକ ଓ ରାହୁଲ ଠାକୁର, ଇନ୍ଦ୍ରଜିତ ଡନସେନା ଓ ବିମଲ ବେରିହା ପ୍ରମୁଖ ଉପସ୍ଥିତ ଥିଲେ।

## ଏନ୍‌ଏସି ମହାବିଦ୍ୟାଳୟ ଏବଂ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟରେ ସ୍ୱଚ୍ଛତା କାର୍ଯ୍ୟକ୍ରମ




**ସମ୍ବଲପୁର, ୨୬।୯ (ସମିସ):** ନେତାଜୀ ସୁଭାଷ ଚନ୍ଦ୍ର ବୋଷ (ଏନ୍‌ଏସି) ମହାବିଦ୍ୟାଳୟ ଏବଂ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟର ଏନ୍‌ଏସ୍‌ଏସ ସ୍ୱେଚ୍ଛାସେବୀ ମହାବିଦ୍ୟାଳୟ ପରିସରରେ ସଫେଇ କରିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ ଆଦିତ୍ୟ ମେହେରଙ୍କ ତତ୍ତ୍ୱାବଧାନରେ ପରିଚାଳିତ କାର୍ଯ୍ୟକ୍ରମରେ ହରିହର ମଲ୍ଲିକ, ଡ. ମିଲି ସାହୁ, ଡ. ରଶ୍ମିତା ରାଉତରାୟ, ପର୍ଶୁରାମ ଭୋଇ ପ୍ରମୁଖ ବହୁ ଅଧ୍ୟାପକ ଅଧ୍ୟାପିକାଙ୍କ ସହ ସ୍ୱେଚ୍ଛାସେବୀମାନେ ଶ୍ରମଦାନ କରିଥିଲେ। ଏତଦବ୍ୟତୀତ ମହାବିଦ୍ୟାଳୟର ଏନଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କ ଏକ ଦଳ ସ୍ଥାନୀୟ ଭତରା ଶଙ୍କର ମଠକୁ ଯାଇ ସଫେଇ କରିବା ସହ ବୃକ୍ଷରୋପଣ କରିଥିଲେ। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟ ଏନଏସଏସ ଅଧିକାରୀ ସୁରେଶ ଏକ୍କା, ମୋଞ୍ଜା ପୂର୍ତ୍ତି, ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ ଏନଏସଏସ ଅଧିକାରୀ ସତ୍ୟପ୍ରକାଶ ଟୁଡୁ, ରୋଜାଲି ସେଠ ପରିଚାଳନା କରିଥିବାବେଳେ ଡ. ରଘୁମଣି ନାୟକ, ପ୍ରଶାନ୍ତ କୁମାର ପଣ୍ଡା, ସେନ ସେଠ, ହର୍ଷିତା ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

# ଝାରସୁଗୁଡ଼ା-କୁଚିଣ୍ଡା-ଦେବଗଡ଼ ରେଳପ୍ରକଳ୍ପର ଶିଳାନ୍ୟାସ କେବେ?

**ସମ୍ବଲପୁର, ୨୬।୯ (ସମିସ)**

ଆସନ୍ତାକାଲି ୨୭ ତାରିଖ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଝାରସୁଗଡ଼ା ଗସ୍ତରେ ଆସି ଅନେକ ରେଳପ୍ରକଳ୍ପର ଶିଳାନ୍ୟାସ କରିବା ଏବଂ କେବଳ ଓଡ଼ିଶାକୁ ୧୬୦୦କୋଟି ଟଙ୍କାରୁ ଅଧିକ ମୂଲ୍ୟରେ ରେଳ ପ୍ରକଳ୍ପ ଭେଟି ଦେବେ। ସମ୍ବଲପୁର ଉନ୍ନୟନ ପ୍ରାଧିକରଣର ପୂର୍ବତନ ଅଧ୍ୟକ୍ଷ ବିଜୟ କୁମାର ମହାନ୍ତି ଏହି ପ୍ରସଙ୍ଗରେ ଏକ ପ୍ରେସ ବିବୃତିରେ କହିଛନ୍ତି ଯେ, ଝାରସୁଗୁଡା ରୁ କୁଚିଣ୍ଡା, ଦେବଗଡ଼ ରେଳସଂଯୋଗ କରି ବାରକୋଟ ପର୍ଯ୍ୟନ୍ତ ରେଳ ଲାଇନ ଯୋଡ଼ି ବିମଳାଗଡ଼ ତାଳଚେର ରେଳ ଲାଇନରେ ଏହା ସଂଯୋଗ ହେବାର ପ୍ରସ୍ତାବ ରହିଛି। ଉକ୍ତ ରେଳ ଲାଇନ୍ ପ୍ରସ୍ତାବିତ ତାଲିକାରେ ଉଲ୍ଲେଖ ଥିବା ବିଭିନ୍ନ ସମୟରେ ଗଣମାଧ୍ୟମରେ ପ୍ରକାଶିତ ହୋଇଯାଇଛି। ନିକଟରେ ସାଂସଦ ମାନଙ୍କ ବୈଠକରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଉପସ୍ଥିତିରେ ହୋଇଥିବା ଆଲୋଚନା ବେଳେ ମଧ୍ୟ ଏହି ପ୍ରସ୍ତାବିତ ରେଳପ୍ରକଳ୍ପର ନାମ ପ୍ରକାଶିତ ହୋଇଥିଲା। ସମ୍ବଲପୁର ଲୋକସଭା ସଦସ୍ୟ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ପ୍ରସ୍ତାବ ଉପସ୍ଥାପିତ କରିଥିବା ମଧ୍ୟ ପୂର୍ବରୁ ପ୍ରକାଶିତ ହୋଇଛି।

ଗତ ସାଧାରଣ ନିର୍ବାଚନ ପୂର୍ବରୁ ପୂର୍ବ ସରକାରଙ୍କ ଅମଳର ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବ ଯେକି ବର୍ତ୍ତମାନ ମଧ୍ୟ ରେଳମନ୍ତ୍ରୀ ଅଛନ୍ତି, ତାଙ୍କୁ କୁଚିଣ୍ଡାର ସଚେତନ ନାଗରିକ ମାନେ ବଲାଙ୍ଗୀରରେ ସାକ୍ଷାତ କରି ଏହି ରେଳପ୍ରକଳ୍ପ ପାଇଁ ସ୍ମାରକପତ୍ର ତଥା ପ୍ରସ୍ତାବ ଦେଇଥିଲେ। ଏହାପରେ ବର୍ତ୍ତମାନ ୨୦୨୪ ମସିହା ନିର୍ବାଚନ ପରେ ଏହା ତାଲିକାଭୁକ୍ତ ହୋଇଥିବା ଜଣାପଡ଼ିଛି। କିନ୍ତୁ ଗତ ଦୁଇବର୍ଷର କେନ୍ଦ୍ରୀୟ ବଜେଟ୍‌କୁ ଅନୁଧ୍ୟାନ କଲେ ଏହି ପ୍ରକଳ୍ପ ପାଇଁ ଆର୍ଥିକ ପ୍ରାବଧାନ ଥିବା କିମ୍ବା ସର୍ଭେ ହେଉଥିବା ସ୍ପଷ୍ଟ ଜଣାପଡୁନାହିଁ। ଏଥିପାଇଁ ସମ୍ବଲପୁର ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ସ୍ମରଣ କରାଇଥିଲେ ମଧ୍ୟ ଏହି ପ୍ରକଳ୍ପର ସ୍ପଷ୍ଟ ଚିତ୍ର ଲୋକଲୋଚନରେ ସ୍ପଷ୍ଟ ହେଉନାହିଁ। ଆଗାମୀକାଲି ପ୍ରଧାନମନ୍ତ୍ରୀ ଖାସ କରି ଝାରସୁଗୁଡା ଆସି ବିଭିନ୍ନ ରେଳପ୍ରକଳ୍ପ ଶିଳାନ୍ୟାସ କରୁଥିବାବେଳେ ଝାରସୁଗୁଡ଼ା - କୁଚିଣ୍ଡା - ଦେବଗଡ଼ - ବାରକୋଟ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ ଖୁବ୍ ଭଲ ହୋଇଥାନ୍ତା ଏବଂ ଉକ୍ତ ଅଞ୍ଚଳର ୩ଟି ନିର୍ବାଚନ ମଣ୍ଡଳୀ ତଥା କୁଚିଣ୍ଡା ଉପଖଣ୍ଡ ସଦର ମହକୁମା ଓ ଜିଲ୍ଲା ସଦର ମହକୁମା ଦେବଗଡ଼ର ରେଳସଂଯୋଗ ତ୍ୱରାନ୍ୱିତ ହେବାର ଏକ ଆଶାର ସଞ୍ଚାର ହୋଇଥାନ୍ତା ଏବଂ ନିଶ୍ଚିତ ହୋଇଥାନ୍ତା ବୋଲି ଶ୍ରୀ ମହାନ୍ତି ଉଲ୍ଲେଖ କରିଛନ୍ତି। କିନ୍ତୁ କୌଣସି କାରଣବଶତଃ ଏହା ହୋଇପାରିନାହିଁ। ଯାହାହେଉ ଆଗାମୀ ଦିନ ଓଡ଼ିଶାରୁ ନିର୍ବାଚିତ ହୋଇଥିବା ରାଜ୍ୟସଭା ସାଂସଦ ଓ ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବ ଓ ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଏଥିପ୍ରତି ଧ୍ୟାନ ଦେବାକୁ ଏସ୍‌ଡିଏ ପୂର୍ବତନ ଅଧ୍ୟକ୍ଷ ବିଜୟ ମହାନ୍ତି ସେମାନଙ୍କର ଦୃଷ୍ଟି ଆକର୍ଷଣ କରିବାସହ ଅନୁରୋଧ କରିଛନ୍ତି।





# ଆଦି କର୍ମଯୋଗୀ ଅଭିଯାନ ପାଇଁ ଯୋଜନା ପ୍ରସ୍ତୁତି

କିଶୋରନଗର,୨୬।୯ (ସମିସ)



କିଶୋରନଗର ବ୍ଲକ ପ୍ରଶାସନ ସହାୟତାରେ ଭାରତ ସରକାରଙ୍କ ପ୍ରଣୀତ ଆଦି କର୍ମଯୋଗୀ ଯୋଜନା କାର୍ଯକାରୀ କରିବା ସକାଶେ ଜାମୁନାଳୀ ପଞ୍ଚାୟତ ଅଶ୍ମୁବାହାଲ ଗ୍ରାମରେ ସଚେତନତା ଓ ଯୋଜନା ପ୍ରସ୍ତୁତି ସଭା ଅନୁଷ୍ଠିତ ହୋଇଛି। ବ୍ଲକ ଅଧ୍ୟକ୍ଷା ସଇରେନ୍ଦ୍ରୀ ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଡିଓ ସୁବ୍ରତ କୁମାର ବେହେରା ମୁଖ୍ୟଅତିଥି ଓ ଜିଲ୍ଲା ମଙ୍ଗଳ ଅଧିକାରୀ ଦିଲୀପ କୁମାର ମିଶ୍ର ସମ୍ମାନିତ ଭାବେ ଯୋଗଦେଇଥିଲେ। ଗ୍ରାମର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ଗାଁର ସମସ୍ୟା ଚିହ୍ନଟୀକରଣ, ଗାଁରେ ଥିବା ସମ୍ବଳର ଉପଯୋଗ, ଲୋକ ସହଭାଗିତା ଓ ଲୋକଙ୍କ ପାଇଁ ଯୋଜନା ପ୍ରସ୍ତୁତି କରିବା ପାଇଁ ବିଡିଓ ଆଲୋକପାତ କରିଥିଲେ। ଅନୁଗୋଳ ଜିଲ୍ଲାର ୫୦ ପ୍ରତିଶତରୁ ଅଧିକ ଆଦିବାସୀ ଥିବା ୫୯ଟି ଗ୍ରାମରେ ଓ କିଶୋରନଗର ବ୍ଲକର ୬ଟି ଗ୍ରାମରେ ଉକ୍ତ ଯୋଜନା କାର୍ଯକାରୀ କରାଯିବ। ଆଦିବାସୀ ତଥା ଗ୍ରାମର ସମସ୍ତ ପରିବାରର ଉନ୍ନତି ହେଉଛି ଏହି ଯୋଜନାର ଲକ୍ଷ୍ୟ। ମଙ୍ଗଳ ଅଧିକାରୀ ତ୍ରିଦେବ ସୁନ୍ଦର ବରାଳଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶ୍ୱ ଯୁବକେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ଓ ସହଯୋଗୀ ଅଭୟ ଚରଣ ସ୍ୱାଇଁ, ସରପଞ୍ଚ ରୀତା ବେହେରା, ଶିକ୍ଷକ ଲିଟିଲ ପ୍ରଧାନ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ରୁଦ୍ରନାରାୟଣ ରଥ, ଫରେଷ୍ଟର ଶୁଭେନ୍ଦୁ କୁମାର ପ୍ରଧାନ, ପଞ୍ଚାୟତ ନିର୍ବାହୀ ଅଧିକାରୀ ସରିତା ବର୍ଗେ, ଗ୍ରାମ ସମ୍ପାଦକ ନବକୁମାର ଦେହୁରୀ ଓ ସଭ୍ୟ ତପନ କୁମାର ସାହୁ ଗ୍ରାମ ଯୋଜନା ପ୍ରସ୍ତୁତିରେ ସାହାଯ୍ୟ କରିଥିଲେ। ନୋଡାଲ ଅଫିସର ଭାବେ ପଞ୍ଚାୟତ ନିର୍ବାହୀ ଅଧିକାରୀ ରହିବେ। ଏକ ୨୦ ଜଣିଆ କମିଟି ଗଠନ କରାଯାଇ ନବକୁମାର ଦେହୁରୀଙ୍କୁ ଟିମ ଲିଡର ଭାବେ ଚୟନ କରାଯାଇଥିଲା। ପ୍ରକାଶ ଥାଉକି କିଶୋରନଗର ବ୍ଲକ ସହାୟତାରେ ଫୁଲଝରି, ସୋଲଣ୍ଡା, ବଣିଆଦୌହଳି, କୁଷୁଣୀ ଓ ବ୍ରାହ୍ମଣୀଦେଇ ଗ୍ରାମରେ ଅନୁରୂପ ଯୋଜନା କରାଯାଇଛି।

# କୁଆଲୁ-ପରମହଂସପୁର ରାସ୍ତା ଶୋଚନୀୟ

ପରଜଙ୍ଗ,୨୬।୯ (ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ କୁଆଲୁ ପୁରୁଣା ଗାଁ ଦେଇ ପରମହଂସପୁର ଛକ ପର୍ଯ୍ୟନ୍ତ ରହିଥିବା ରାସ୍ତା ଦୀର୍ଘଦିନ ହେବ ଶୋଚନୀୟ ଅବସ୍ଥାରେ ପଡ଼ିରହିଛି। ଏହି ରାସ୍ତା ମରାମତି ହେଉ ନ ଥିବାରୁ ଖାଲଖମାରେ ପରିପୂର୍ଣ୍ଣ ହୋଇଛି। ବର୍ଷା ହେଲେ ରାସ୍ତା ଅବସ୍ଥା ଅତ୍ୟନ୍ତ କଦର୍ଯ୍ୟ ହୋଇପଡୁଛି। ଫଳରେ ପଥଚାରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତାରେ କୁଆଲୁ ପୁରୁଣା ଗାଁ ଚଉପାଢ଼ୀ ନିକଟରେ ଏକ ସାହି ରହିଛି। ବର୍ଷା ହେଲେ ସାହି ରାସ୍ତାରୁ ପାଣି ନିଷ୍କାସନ ହୋଇ ନ ପାରି ପୋଖରୀ ସଦୃଶ ଦେଖାଯାଉଛି। ପାଣି ଜମି ରହୁଥିବାରୁ ସେଥିରୁ ଦୁର୍ଗନ୍ଧ ବାହାରୁଛି। ଏହି ପଚାଶଢ଼ା ପାଣିରେ ପଶି ଲୋକେ ଯାତାୟାତ କରୁଥିବାରୁ ଚର୍ମ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏଥିସହ ମଶାବଂଶ ବୃଦ୍ଧି ହୋଇ ଡେଙ୍ଗୁ, ମେଲେରିଆ ଆଦି ରୋଗ ବ୍ୟାପିବା ସମ୍ଭାବନା ରହିଛି। ରାସ୍ତାରେ ଛୋଟ ପିଲାମାନେ ମଧ୍ୟ ସ୍କୁଲକୁ ଯାତାୟାତ କରୁଛନ୍ତି। ଏପରି ଅସ୍ୱାସ୍ଥ୍ୟକର ପରିବେଶରେ ଚଳପ୍ରଚଳ କରି ସେମାନେ ମଧ୍ୟ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ରାସ୍ତା ମରାମତି କରାଯାଉ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ରାସ୍ତା ମରାମତି ନ କଲେ ଲୋକେ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବେ ବୋଲି ଚେତାବନୀ ଦେଇଛନ୍ତି।

# ପିଲାଙ୍କ ବୌଦ୍ଧିକ ବିକାଶ ଲାଗି ବିଦ୍ୟାଳୟରେ ପର୍ଯ୍ୟାପ୍ତ ସୁଯୋଗ ଅଛି

ଢେଙ୍କାନାଳ,୨୬।୯ (ସମିସ): ପ୍ରାଥମିକ ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ବିକାଶ ପାଇଁ ବିଭିନ୍ନ ପ୍ରକାର ଖେଳ, ଗପ, ଗୀତ ଆୟୋଜନ କରାଯିବା ଉଚିତ। ବିଭିନ୍ନ ବସ୍ତୁକୁ ରଙ୍ଗ ଦେବା, ସାନ ବଡ଼ ଚିହ୍ନିବା, ସଜେଇ ରଖିବା, ପ୍ରଶ୍ନ କରିବା, ଆଲୋଚନା ଓ ତର୍କ କରିବାର ସୁଯୋଗ ଦେଲେ ପିଲାଙ୍କ ମାନସିକ ବିକାଶ ସନ୍ତୁଳିତ ହୋଇପାରିବ। ବୌଦ୍ଧିକ ବିକାଶର ବିଭିନ୍ନ ପର୍ଯ୍ୟାୟରେ ଯେଉଁସବୁ ଲକ୍ଷଣ ଦେଖାଯାଏ ତାକୁ ଶିକ୍ଷକମାନେ ବୁଝିଲେ ଛାତ୍ରଛାତ୍ରୀଙ୍କ ମାନସିକ ବିକାଶରେ ସହାୟକ ହୋଇପାରିବେ ବୋଲି ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁ ୩ୟ ଆନ୍ତଃ ଅନୁଷ୍ଠାନ ପାଠଚକ୍ରରେ ମତବ୍ୟକ୍ତ କରିଛନ୍ତି। ପ୍ରତିଷ୍ଠାନର ସେମିନାର ସୋସାଇଟି ଦ୍ୱାରା ଆହୁତ ୩ରୁ ୧୩ ବର୍ଷ ଶିକ୍ଷାର୍ଥୀଙ୍କ ବୌଦ୍ଧିକ ବିକାଶକୁ ନିଶ୍ଚିତ କରିବାରେ ସୁଯୋଗ ଓ ଆହ୍ୱାନ ଶୀର୍ଷକ ପାଠଚକ୍ରରେ ଅଧ୍ୟକ୍ଷତା କରି ଅଧ୍ୟକ୍ଷ ସାହୁ କହିଥିଲେ, ବିଦ୍ୟାଳୟରେ ଏଥିଲାଗି ଶିକ୍ଷକଙ୍କ ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି। ଶିକ୍ଷକ ସାମ୍ନା କରୁଥିବା ପ୍ରତିଟି ଆହ୍ୱାନକୁ ସୁଯୋଗରେ ରୂପାନ୍ତରିତ କରିପାରିଲେ ସବୁ ପିଲାଙ୍କ ମାନସିକ ବିକାଶକୁ ନିଶ୍ଚିତ କରାଯାଇ ପାରିବ। ସେମିନାର ସୋସାଇଟିର ଉପଦେଷ୍ଟା ପ୍ରଶିକ୍ଷିକା ପ୍ରଭାତୀ ସ୍ୱାଇଁଙ୍କ ନେତୃତ୍ୱରେ ଗୁରୁ ଛାତ୍ରଛାତ୍ରୀ ସ୍ମୃତିପ୍ରଜ୍ଞା ସାହୁ, ଅର୍ପିତା ହୋତା, ପ୍ରୀତି ବେହେରା, ଦୀପ୍ତିମୟୀ ସାହୁ, ବିଶ୍ୱସ୍ୱରୂପ ବେହେରା, ଦୀପ୍ତିରଞ୍ଜନ ସାହୁ, ଶୁଚି ସାହୁ ଓ ସାକ୍ଷୀ ବେହେରା ପ୍ରମୁଖ ନିଜ ସନ୍ଦର୍ଭ ପାଠ କରିଥିଲେ। ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ସ୍ନେହଲତା ରାଜ ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିବା ବେଳେ ପ୍ରଶିକ୍ଷିକା ସ୍ୱାଗତିକା ସ୍ୱାଇଁ ସନ୍ଦର୍ଭଗୁଡ଼ିକୁ ବିଶ୍ଳେଷଣ କରିଥିଲେ। ୧ମ ବର୍ଷର ସମସ୍ତ ଗୁରୁ ଛାତ୍ରଛାତ୍ରୀ ଓ ଶିକ୍ଷକ ପ୍ରଶିକ୍ଷକ ଉପସ୍ଥିତ ଥିଲେ। ଗୁରୁଛାତ୍ରୀ ସସ୍ମିତା ଖଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ପଦାର୍ଥ ବିଜ୍ଞାନ ବିଭାଗରେ ଆଲୋଚନାଚକ୍ର

ଗଁଦିଆ,୨୬।୯ (ସମିସ): ଯୋରନ୍ଦା ମହିମା ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଏହି ଅବସରରେ ବିଭାଗର ଯୁକ୍ତ ୩ ପ୍ରଥମ ବର୍ଷ ସମ୍ମାନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା। ସଂସ୍କୃତ ବିଭାଗ ମୁଖ୍ୟ ଡ. ଦୟାମ୍ବର ଶବର ମୁଖ୍ୟଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଆଦିକନ୍ଦ ମହାନ୍ତି ବକ୍ତବ୍ୟ ରଖିଥିଲେ। ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ଆଦିତ୍ୟ ନାରାୟଣ ବେହେରା ଛାତ୍ରଛାତ୍ରୀଙ୍କୁ ଉପାଦେୟ ପରାମର୍ଶ ଦେଇଥିଲେ। ଯୁକ୍ତ ୩ ଦ୍ୱିତୀୟ ବର୍ଷ ଛାତ୍ରୀ ଲକ୍ଷ୍ମୀପ୍ରିୟା ରାଉତ ସନ୍ଦର୍ଭ ପାଠ କରିଥିଲେ। ଅଧ୍ୟାପିକା ରତ୍ନପର୍ଣ୍ଣା ନାୟକ ଓ ସମସ୍ତ ଛାତ୍ରଛାତ୍ରୀ ସହଯୋଗ କରିଥିଲେ। କ୍ୟାପଟେନ ପୂର୍ଣ୍ଣଚନ୍ଦ୍ର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

# ନାଲକୋରେ ସ୍ୱଚ୍ଛତା ଶ୍ରମଦାନ କାର୍ଯ୍ୟକ୍ରମ



ଅନୁଗୋଳ,୨୬।୯ (ସମିସ): ଭାରତ ସରକାରଙ୍କ ନବରତ୍ନପ୍ରାପ୍ତ ଉପକ୍ରମ ନାଲକୋର ଅନୁଗୋଳଠାରେ ଅବସ୍ଥିତ ସ୍ମେଲଟର ଓ ପାୱାର କମ୍ପ୍ଲେକ୍ସରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଦିଲ୍ଲୀ ପବ୍ଲିକ ସ୍କୁଲ ପ୍ରାଙ୍ଗଣରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍କୁଲ ପ୍ରିନ୍ସିପାଲ ଡ. ଶର୍ମା ଅଧ୍ୟକ୍ଷତା କରିଥିଲେ। ପ୍ରଧାନଶିକ୍ଷକ ଡ. ରାଧାମାଧବ ଦାଶ ସମସ୍ତ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କୁ ସ୍ୱଚ୍ଛତା ଶପଥପାଠ କରାଇଥିଲେ। ସ୍କୁଲର ଆଞ୍ଚଳିକ ପରିଚାଳନା କମିଟି ସଦସ୍ୟ ହିମାଂଶୁ ପଣ୍ଡା, ନାଲକୋ ସିଜିଏମ (ବିଉ) ମୁଖ୍ୟଅତିଥି ରୂପେ ଯୋଗଦେଇ ଉଦବୋଧନ ଦେଇଥିଲେ। ପରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ନାଲକୋ କର୍ମଚାରୀଙ୍କ ଦ୍ୱାରା ସ୍କୁଲ ପ୍ରାଙ୍ଗଣରେ ସଫେଇ କରାଯାଇଥିଲା। ନାଲକୋ ଲୋକସମ୍ପର୍କ ବିଭାଗ ଏଜିଏମ ସମୀର ମାଝୀଙ୍କ ନେତୃତ୍ୱରେ ପିଆର ବିଭାଗ ଓ ପରିମଳ ଓ ଉଦ୍ୟାନ ବିଭାଗ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

# ୫୬ ବର୍ଷରେ ଗୁଜୁରିହାଟ ଦେଶ ଦୁର୍ଗାପୂଜା



ଭୁବନ,୨୬।୯ (ସମିସ): ଭୁବନ ଗୁଜୁରିହାଟ ଦେଶ ଦୁର୍ଗାପୂଜା ଚଳିତବର୍ଷ ୫୬ ବର୍ଷରେ ପହଞ୍ଚିଛି। ଅଞ୍ଚଳବାସୀଙ୍କ ସହଯୋଗରେ ଚାଳ ଛପର ଘରେ ପ୍ରଥମେ ମା' ପୂଜା ପାଉଥିଲେ। ଏବେ ପକ୍କା ମଣ୍ଡପ ନିର୍ମିତ ହୋଇ ପୂଜା ହେଉଛି। ଭୁବନ ଗାଁର ଶିଳ୍ପୀ ସୁରେନ୍ଦ୍ର ମିଶ୍ର ୫୨ ବର୍ଷ ଧରି ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କରୁଥିଲେ। ୪ ବର୍ଷ ହେଲା ପାଖ ଗ୍ରାମର ଶିଳ୍ପୀ ମଳୟ ମୂର୍ତ୍ତି ନିର୍ମାଣ କରୁଛନ୍ତି। ପୂଜାକୁ ଆକର୍ଷଣୀୟ କରିବା ପାଇଁ କମିଟି ସଭାପତି ପ୍ରଭାତ ସାହୁ, ସମ୍ପାଦକ ଲକ୍ଷ୍ମୀଧର ମହାରଣା, କୋଷାଧ୍ୟକ୍ଷ ପ୍ରଭାତ ଅଗ୍ରୱାଲ, ସଦସ୍ୟ ଯୁଗଳ କିଶୋର ଅଗ୍ରୱାଲ, ପ୍ରମୋଦ ପୃଷ୍ଟି, ଚିନ୍ମୟ ପୃଷ୍ଟି ପ୍ରମୁଖ ଲାଗିପଡ଼ିଛନ୍ତି। ରଙ୍ଗବେରଙ୍ଗର ଆଲୋକ ସଜ୍ଜା ସହ ତୋରଣ ନିର୍ମାଣ ଚାଲିଛି।

# ୯୯ ବର୍ଷରେ ବାଗଡ଼ିଆ ଦୁର୍ଗାପୂଜା

ଛେଣ୍ଡିପଦା,୨୬।୯ (ସମିସ): ଜଗତଜନନୀ ମା' ଦୁର୍ଗା ଧରାପୃଷ୍ଠକୁ ଅବତରଣ କରିବାକୁ ଆଉ ମାତ୍ର ଅଳ୍ପଦିନ ରହିଛି। ପବିତ୍ର ଶାରଦୀୟ ଦଶହରା ପାଇଁ ଚାରିଆଡ଼େ ସାଜସଜ୍ଜା ଆରମ୍ଭ ହେଲାଣି। ଛେଣ୍ଡିପଦା ବ୍ଲକ ବାଗଡ଼ିଆରେ ପ୍ରମୁଖ ପୂଜା ମଣ୍ଡପଗୁଡ଼ିକରେ ମଧ୍ୟ ପୂଜାପାଇଁ ପ୍ରସ୍ତୁତି ଆରମ୍ଭ ହେଲାଣି। ଚଳିତବର୍ଷ ବାଗଡ଼ିଆ ଦୁର୍ଗାପୂଜା କମିଟି ମହାଆଡମ୍ବରରେ ପୂଜା ଆୟୋଜନ କରୁଛି। ଏହି ପୂଜା କମିଟି ପକ୍ଷରୁ ୯୯ତମ ଶାରଦୀୟ ଦଶହରା ପୂଜା ପାଳିତ ହେବ। ଆସନ୍ତା ବର୍ଷ କମିଟି ପାଳନ କରିବ ଶତବାର୍ଷିକୀ। ବାଗଡ଼ିଆ ଛକରେ ଥିବା ପୂଜା ମଣ୍ଡପରେ ଏଥିପାଇଁ ବଡ଼ ତୋରଣ ଲାଗିଲାଣି। ସେହିପରି ବ୍ରାହ୍ମଣବିଲରୁ କାରିଗର ଆସି ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କରୁଛନ୍ତି। ଚଳିତ ବର୍ଷ ଆକର୍ଷଣୀୟ ମେଢ଼ ତିଆରି ହୋଇଛି। ପୂଜା ପାଇଁ ୧୦ ଲକ୍ଷ ଟଙ୍କା ବଜେଟ୍ ରଖାଯାଇଥିବା କମିଟି ସମ୍ପାଦକ ତନିଶ୍ କୁମାର ବେହେରା ପ୍ରକାଶ କରିଛନ୍ତି। ଅଷ୍ଟମୀ ଓ ନବମୀରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ଦଶମୀରେ ମେଲୋଡି କାର୍ଯ୍ୟକ୍ରମ ରହିଛି। ପୂଜା ମଣ୍ଡପକୁ ଆକର୍ଷଣୀୟ କରିବା ପାଇଁ ରଙ୍ଗୀନ ଆଲୋକମାଳାରେ ସୁସଜ୍ଜିତ କରାଯାଉଛି। କମିଟି କାର୍ଯ୍ୟକର୍ତ୍ତାମାନେ ସମସ୍ତ କାର୍ଯ୍ୟ ସୁଚାରୁରୂପେ ତୁଲାଉଛନ୍ତି। ନବମୀ ଓ ଦଶମୀ ଅବସରରେ ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନପ୍ରସାଦ ବ୍ୟବସ୍ଥା କରାଯିବ ବୋଲି କମିଟି ଉପସଭାପତି ସନ୍ତୋଷ କୁମାର ବେହେରା ସୂଚନା ଦେଇଛନ୍ତି।

# ଲକ୍ଷାଧିକ ଟଙ୍କାର ବେଆଇନ ବାଣ ଜବତ; ଜଣେ ଗିରଫ

ପାଲଲହଡ଼ା,୨୬।୯ (ସମିସ): ପାଲଲହଡ଼ା ବଜାରରେ ପୁଲିସ୍ ଅତର୍କିତ ଚଢ଼ଉ କରି ଏକ ଦୋକାନରେ ଗଚ୍ଛିତ ଥିବା ଲକ୍ଷାଧିକ ଟଙ୍କାର ବେଆଇନ ବାଣ ଜବତ କରିବା ସହ ଦୋକାନୀଙ୍କୁ ଗିରଫ କରିଛି। ଗିରଫ ଦୋକାନୀ ହେଲେ ସନ୍ତୋଷ ସାହୁ।

# ବିଶ୍ୱ ଫାର୍ମାସିଷ୍ଟ ଦିବସ ପାଳିତ




ଅନୁଗୋଳ,୨୬।୯ (ସମିସ): ଓଡ଼ିଶା ପଞ୍ଜିକୃତ ଫାର୍ମାସିଷ୍ଟ ମହାସଂଘ ଅନୁଗୋଳ ଶାଖା ତରଫରୁ ବିଶ୍ୱ ଫାର୍ମାସିଷ୍ଟ ଦିବସ ପାଳିତ ହୋଇଛି। ଏଥିରେ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମଦନ ମୋହନ ପ୍ରଧାନ ମୁଖ୍ୟଅତିଥି, ଡ୍ରଗ ଇନ୍ସପେକ୍ଟର ସୌରଭ ଗୌତମ, ଓଡ଼ିଶା ଫାର୍ମାସିଷ୍ଟ ମହାସଂଘ ରାଜ୍ୟ ସଭାପତି ଦୀପ୍ତିରଞ୍ଜନ ସ୍ୱାଇଁ, କୋଷାଧ୍ୟକ୍ଷ ପାର୍ଥସାରଥି କର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ଫାର୍ମାସିଷ୍ଟମାନଙ୍କ ବିଭିନ୍ନ ଦାବି ଯଥା ଡ୍ରଗ ଲାଇସେନ୍ସପ୍ରାପ୍ତ ତାଲିମଧାରୀ ଫାର୍ମାସିଷ୍ଟମାନେ ପ୍ରତ୍ୟେକ ଔଷଧ ଦୋକାନରେ କାମ କରିବା ଦରକାର, ଫାର୍ମାସିଷ୍ଟମାନଙ୍କୁ ଛାଡ଼ି ଅନ୍ୟ କୌଣସି ବ୍ୟକ୍ତିଙ୍କୁ ଔଷଧ ରକ୍ଷଣାବେକ୍ଷଣ ବା ବିତରଣ ଦାୟିତ୍ୱ ଦିଆ ନ ଯିବା, ଡ୍ରଗ ଓ କସମେଟିକ୍ ଆକ୍ଟ ଓଡ଼ିଶାରେ ପାଳନ କରାଯିବା, ପଞ୍ଜିକୃତ ଫାର୍ମାସିଷ୍ଟ ଯେଉଁଠି ବି କାର୍ଯ୍ୟ କରିବେ ସେମାନଙ୍କ ସର୍ବନିମ୍ନ ଦରମା ୩୦ ହଜାର ଟଙ୍କା ଧାର୍ଯ୍ୟ କରିବା, ପ୍ରତ୍ୟେକ ଔଷଧ ଦୋକାନର ଔଷଧ ବିଲ୍ ଉପରେ ଫାର୍ମାସିଷ୍ଟଙ୍କ ଦସ୍ତଖତ ଓ ଷ୍ଟାମ୍ପ ରହିବା, ପ୍ରତ୍ୟେକ ଔଷଧ ଦୋକାନରେ ଫାର୍ମାସିଷ୍ଟମାନେ ଧଳା ଆପରୋନ ଏବଂ ନିଜ ପରିଚୟପତ୍ର ବ୍ୟବହାର କରିବା ବାଧ୍ୟତାମୂଳକ ବୋଲି ଆଲୋଚନା ହୋଇଥିଲା। ଫାର୍ମାସିଷ୍ଟ ସଂଘ ଅନୁଗୋଳ ଶାଖାର ସଭାପତି ସତ୍ୟଜିତ୍ ନାଥଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିବାବେଳେ ବରିଷ୍ଠ ଉପଦେଷ୍ଟା ସଞ୍ଜୟ ପ୍ରଧାନ, ଉପସଭାପତି ବିଜୟାଲକ୍ଷ୍ମୀ ପ୍ରଧାନ, ସାଧାରଣ ସମ୍ପାଦକ ବିଭୂତି ଭୂଷଣ ସାହୁ, ଯୁଗ୍ମ ସମ୍ପାଦକ ରଶ୍ମିରଞ୍ଜନ ପ୍ରଧାନ, ଶକ୍ତି ମିଶ୍ର, ଅପିନ୍ଦ୍ର ଦେହୁରୀ, ରାଜ୍ୟ ସଂଯୋଜକ ବଲ୍ଲଭନନ୍ଦ ପ୍ରଧାନ ଏବଂ ସଂଗଠନ ସମ୍ପାଦକ ରଞ୍ଜନ କୁମାର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ କିଶୋର ବରାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ପାଳିତ



ଢେଙ୍କାନାଳ,୨୬।୯ (ସମିସ)

ସଦର ବ୍ଲକ ସପ୍ତଶଯ୍ୟାସ୍ଥିତ ଜେନାଦେବୀ ମନ୍ଦିର ପ୍ରାଙ୍ଗଣରେ ଜିଲ୍ଲା ବିଜେପି ପକ୍ଷରୁ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ପାଳନ କରାଯାଇଛି। ଏଥିରେ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସାଂସଦ ରୁଦ୍ରନାରାୟଣ ପାଣି, ଜିଲ୍ଲା ସଭାପତି ରାସବିହାରୀ ବେହେରା, ପୂର୍ବତନ ଜିଲ୍ଲା ସଭାପତି ନରେଶ ମହାପାତ୍ରଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଯୋଗଦେଇ ମନ୍ଦି ଚାରିପାଖ ସଫେଇ କରିଥିଲେ। ପରେ ପୂର୍ବତନ ଜିଲ୍ଲା ସଭାପତି ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ସଭା ଆୟୋଜନ କରାଯାଇଥିଲା। ଅତିଥିମାନେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଉପସଭାପତି ବିଷ୍ଣୁପ୍ରସାଦ ଲେଙ୍କା, ବରିଷ୍ଠ ନେତା ହର୍ଷବର୍ଦ୍ଧନ ସିଂହଦେଓ, ସପ୍ତଶଯ୍ୟା ସରପଞ୍ଚ ଅଭିମନ୍ୟୁ ବେହେରା, ଶଙ୍କରପୁର ମଣ୍ଡଳ ସଭାପତି ସୁଶୀଲ କୁମାର ରାଉତ, ଭାପୁର ମଣ୍ଡଳ ସଭାପତି ଲକ୍ଷ୍ମୀଧର ରାଉତ, ମନ୍ତ୍ରୀଙ୍କ ପ୍ରତିନିଧି ଜ୍ଞାନରଞ୍ଜନ ନାୟକ, ସନ୍ତୋଷ କୁମାର ରାଉତ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ, ପୂର୍ବତନ ମଣ୍ଡଳ ସଭାପତି ଧ୍ରୁବଚରଣ ସ୍ୱାଇଁ, ଧ୍ରୁବଚରଣ ରାଉତ, ରମେଶ ଚନ୍ଦ୍ର ସାମଲ, ପଦ୍ମଭୂଷଣ ସାହୁ, ନିରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

**ଢେଙ୍କାନାଳ:** ଗଁଦିଆ ବ୍ଲକ ଲାଉଲଇସ୍ଥିତ ପ୍ରିୟ କାର୍ଯ୍ୟାଳୟରେ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ପାଳିତ ହୋଇଛି। ମେରେ ଯୁବା ଭାରତ ଓ ପ୍ରିୟ ଯୁବ ଅନୁଷ୍ଠାନ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରିୟ ଅନୁଷ୍ଠାନର ନିର୍ଦ୍ଦେଶକ ଟଙ୍କଧର ବାରିକ ଯୋଗଦେଇ ଦୀନଦୟାଲଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ପ୍ରିୟ ଅନୁଷ୍ଠାନର କର୍ମକର୍ତ୍ତା ଅନ୍ନପୂର୍ଣ୍ଣା ଧଳ, ସୋନାଲି ଧଳ, ଲକ୍ଷ୍ମୀପ୍ରିୟା ନାୟକ, ରବୀନ୍ଦ୍ର ସାମଲ, ପର୍ଶୁରାମ ଦାସ ସହଯୋଗ କରିଥିଲେ।

**ହିନ୍ଦୋଳ:** ହିନ୍ଦୋଳ ବିଧାନସଭା କ୍ଷେତ୍ର ବାବନ୍ଧ ମଣ୍ଡଳ ଚିଉଳପୁର ଶକ୍ତିକେନ୍ଦ୍ରସ୍ଥିତ ପ୍ରସିଦ୍ଧ ଶୈବପୀଠ ଉଗ୍ରେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ହିନ୍ଦୋଳ ନିର୍ବାଚନ ମଣ୍ଡଳି ବିଜେପି ପକ୍ଷରୁ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୧୧୦ତମ ଜୟନ୍ତୀ ପାଳିତ ହୋଇଛି। ଜିଲ୍ଲା ସଭାପତି ରାସବିହାରୀ ବେହେରାଙ୍କ ପୌରୋହିତ୍ୟ ଏବଂ କାର୍ଯ୍ୟକ୍ରମର ଜିଲ୍ଲା ସହ ସଂଯୋଜକ ସୁଶାନ୍ତ ପତିଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ମୁଖ୍ୟଅତିଥି ଏବଂ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ବ୍ଲକ ଉପାଧ୍ୟକ୍ଷ ବରୁଣ ସର, ଜିଲ୍ଲା ସହ ସଂଯୋଜିକା ଇତିଶ୍ରୀ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ମନ୍ଦିର ପ୍ରାଙ୍ଗଣରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥିଙ୍କ ଦ୍ୱାରା ନିକଟସ୍ଥ ଶିଶୁ ଉଦ୍ୟାନରେ ଚାରା ରୋପଣ କରାଯାଇଥିଲା।







## ଆସୁଛନ୍ତି ମା' ଦୁର୍ଗା

# ୪୯ ବର୍ଷ ପୂଜା ପାଳିବ ସହଦେବଖୁଣ୍ଟା କମିଟି

ବାଲେଶ୍ୱର,୨୬।୯ (ସମିସ)

ଭାରତୀୟ ସଂସ୍କୃତିର ଏକ ପୁରାତନ ମନ୍ଦିର ସଦୃଶ ଥର୍ମୋକୁଲରେ ନିର୍ମାଣ ହେଉଛି ତୋରଣ। ସମ୍ପୂର୍ଣ ତୋରଣ ଥର୍ମୋକୁଲରେ ନିର୍ମାଣ ହେଉଛି। ଯାହାର ଓସାର ୫୮ ଫୁଟ୍ ଏବଂ ଉଚ୍ଚତା ୪୨ ଫୁଟ୍ ରହିଛି। ଏହି ନିଆରା ଓ ଆକର୍ଷଣୀୟ ତୋରଣକୁ ବାଲେଶ୍ୱର ଚାରୁ ଓ କାରୁକଳା ମହାବିଦ୍ୟାଳୟର ଛାତ୍ର ନିର୍ମାଣ କରୁଛନ୍ତି ବୋଲି କମିଟି ପକ୍ଷରୁ ସୂଚନା ମିଳିଛି। ସହରର ସହଦେବଖୁଣ୍ଟା ସାର୍ବଜନୀନ ଦୁର୍ଗାପୂଜା କମିଟି ପ୍ରତିବର୍ଷ କିଛି ନିଆରା ଓ ଆକର୍ଷଣୀୟ ତୋରଣ ନିର୍ମାଣ କରିଥାଏ। ଚଳିତ ବର୍ଷ ମଧ୍ୟ ଏକ ନିଆରା ତୋରଣ ସମସ୍ତଙ୍କୁ ଆକୃଷ୍ଟ କରିବ। ଆଉ ଦିନ କେଇଟା ପରେ ଆରମ୍ଭ ହେବ ଶାରଦୀୟ ଦୁର୍ଗା ପୂଜା। ସେଥିପାଇଁ କମିଟି ପକ୍ଷରୁ ପ୍ରସ୍ତୁତି ପାଖାପାଖି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସହରର ବିଭିନ୍ନ କମିଟି ପକ୍ଷରୁ ନିଆରା ତୋରଣ, ସାଜସଜ୍ଜା, ମୂର୍ତ୍ତି ନିର୍ମାଣ ହୋଇଥାଏ। ସେଥିମଧ୍ୟରୁ ବସ୍ତାଣ୍ଡ ସ୍ଥିତ ସହଦେବଖୁଣ୍ଟା ସାର୍ବଜନୀନ ଦୁର୍ଗାପୂଜା କମିଟି ଅନ୍ୟତମ। ୧୯୭୬ ମସିହାରୁ ଆରମ୍ଭ ହୋଇଥିବା ପୂଜା ଚଳିତ ବର୍ଷ କମିଟି ୪୯ ତମ ପୂଜା ପାଳନ କରିବ। ସେନେଇ ପ୍ରସ୍ତୁତି ଚାଲିଛି। ଚଳିତବର୍ଷ ପୂଜା ପାଇଁ ୬ ଲକ୍ଷ ଟଙ୍କା ବଜେଟ ରହିଛି। ଏଥିରେ ତୋରଣ, ସାଜସଜ୍ଜା, ଲାଇଟ୍, ମୂର୍ତ୍ତି ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ କରିବାର ଯୋଜନା ରହିଛି। ଏଥର ମଧ୍ୟ ଆକର୍ଷଣୀୟ ତୋରଣ ନିର୍ମାଣ ହେଉଛି। ଯାହାକୁ ଆର୍ଟକଲେଜ ପିଲାମାନେ ତିଆରି କରୁଛନ୍ତି। ଏଥିପାଇଁ ୨ ଲକ୍ଷ ୨୦ ହଜାର ଟଙ୍କା ନିର୍ଦ୍ଧାରଣ କରାଯାଇଛି। ମା'ଙ୍କ ମୂର୍ତ୍ତିର ଉଚ୍ଚତା ୧୫ ଫୁଟ୍ ରହିଛି। ମା'ଙ୍କ ମୂର୍ତ୍ତିକୁ ବଙ୍ଗୀୟ କାରିଗର ନିର୍ମାଣ କରୁଛନ୍ତି। ମା'ଙ୍କ ପାଟ ଶାଢ଼ୀ ସହ ଚାନ୍ଦି ଅଳଙ୍କାର ରହିଛି। ଏହି ପୂଜା ମଣ୍ଡପରେ ପାଖାପାଖି ୫୦୦ ଡାଲା ପୂଜା ପାଇଁ ଲାଗି ହୁଏ। ତେବେ କମିଟିର ୫୫ ସଦସ୍ୟଙ୍କ ସହଯୋଗରେ ପୂଜା ପାଳିତ ହୁଏ। ପ୍ରଦୀପ ଗିରି, ସତ୍ୟନାରାୟଣ ଦାସ, ଦୟାନିଧି ବେହେରା, ମୁକ୍ତିକାନ୍ତ ମହାପାତ୍ର, ନଳିନୀକାନ୍ତ ମହାପାତ୍ର, ସୁଜିତ ନନ୍ଦ, ରଞ୍ଜନ କୁମାର ମଲ୍ଲିକ, ହରି ମଲ୍ଲିକ, ସନ୍ତୋଷ ମିଶ୍ର, ଜିତେନ୍ଦ୍ର ଦାସ, ଜିତେନ୍ଦ୍ର ପ୍ରହରାଜ, ସୁଧାଂଶୁ କୁମାର ପଣ୍ଡା ପ୍ରମୁଖ ସଦସ୍ୟଙ୍କ ସହଯୋଗରେ ପୂଜା ସମ୍ପନ୍ନ ହୋଇଥାଏ।





### ଥର୍ମୋକୁଲରେ ଝଲସିବ ଭାରତୀୟ ସଂସ୍କୃତିର ପୁରାତନ ମନ୍ଦିର



ଆମର କାମ ୫୦ ପ୍ରତିଶତ ବି ସରିନାହିଁ। ବର୍ଷା ପାଇଁ ଏବେ ଅସୁବିଧା ହେଉଛି। ଲାଇଟ୍, ସାଜସଜ୍ଜା କାମ ସରିନି। ବର୍ଷା ପାଇଁ ଅସୁବିଧା ହେଉଛି। ବର୍ଷା ପାଇଁ କାମ ଅଟକି ପଡୁଛି। ପୂଜା ସମୟରେ ବର୍ଷାହେଲେ ପୂଜା ନିଶ୍ଚୟ ଫିକା ପଡ଼ିବ।

**ଶଶି ଶେଖର ମହାନ୍ତି, ସମ୍ପାଦକ**



ଏବର୍ଷ ପ୍ରସାଦ ସେବନର ବ୍ୟବସ୍ଥା ରହିଛି। ଏଥିସହିତ ଚଳିତବର୍ଷ ମଣ୍ଡପ ପରିସରରେ ଦଶହରା ଦିନ ରକ୍ତଦାନ ଶିବିର ଆୟୋଜିତ ହେବ।

**ଜିତେନ୍ଦ୍ର ପରମାଣିକ, ଉପସଭାପତି**

## ବାଇକ୍ ଚୋରକୁ ଧରି ଉତ୍ତମ ମଧ୍ୟମ ଦେଲେ ଲୋକେ

ସୋର,୨୬।୯ (ସମିସ): ସୋର ବ୍ଲକ ଦହିସଡା ପଞ୍ଚାୟତ ଜଗନ୍ନାଥପୁର ଗ୍ରାମରୁ ଗତକାଲି ବିଳମ୍ବିତ ରାତିରେ ଏକ ବାଇକ ଚୋରି କରି ନେଇଯାଉଥିବା ବେଳେ ବାଇକ୍‌କୁ ଉଦ୍ଧାର କରି ଚୋରକୁ ଧରି ଉତ୍ତମ ମଧ୍ୟମ ଦେଇ ଗ୍ରାମବାସୀ ସୋର ପୁଲିସ ଜିମା ଦେଇଥିଲେ। ସୂଚନା ଅନୁସାରେ ଏହି ଗ୍ରାମର ରମେଶ ରାଉତ ତାଙ୍କ ହିରୋ ହୋଣ୍ଡା ହଙ୍କ୍ ବାଇକକୁଘରବାରଣ୍ଡାରେରଖିଶୋଇଥିଲେ। ରାତି ଗୋଟାଏ ସମୟରେ ରମେଶଙ୍କ କାକା ପରିଶ୍ରା କରିବାକୁ ଉଠିଥିବା ବେଳେ ଚୋରମାନେ ବାଇକ ଟିକୁ ଚୋରି କରି ନେଇଯାଉଥିବା ଦେଖି ତାଙ୍କୁ ପଚାରିବାରେ ସେମାନେ ତାଙ୍କୁ ଭୁଜାଲିରେ ଆକ୍ରମଣ କରି ବାଇକ ନେଇ ଫେରାର ହୋଇଯାଇଥିଲେ। ପରେ ଏହି ଖବର ଜାଣିବା ପରେ ରମେଶ ଗ୍ରାମବାସୀଙ୍କୁ ଜଣାଇବା ପରେ ଗ୍ରାମବାସୀ ତାଙ୍କୁ ପିଛା କରିଥିଲେ। ନୀଳଗିରି ଥାନା ବାଉଁଶ ବଣିଆ ଛକ ନିକଟରେ ବାଇକକୁ ରାସ୍ତାରେ ରଖିଦେଇ ଚୋର ଜଣଙ୍କ ଦୌଡ଼ି ପଳେଇ ଯାଉଥିବା ବେଳେ ଗ୍ରାମବାସୀତାଙ୍କୁ ଧରି ଉତ୍ତମ ମଧ୍ୟମ ଦେଇ ସୋର ପୁଲିସକୁ ଖବର ଦେଇଥିଲେ। ଖବରପାଇ ସୋର ପୁଲିସ ଘଟଣାସ୍ଥଳରେ ପହଁଞ୍ଚି ବାଇକକୁ ଜବତ କରିବା ସହିତ ଚୋର ଧରି ଥାନାରେ ଆଣି ଅଟକ ରଖିଥିଲେ। ଆଜି ସକାଳେ ରମେଶ ଏ ବାବଦରେ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁକରି ଘଟଣାର ତଦନ୍ତ କରି ଅଟକ ଥିବା ଚାନ୍ଦିପୁର ଥାନା ଆଳଦା ଗ୍ରାମର ରିପୁନ ଜେନା (୨୪) କୁ ଗିରଫ କରିଥିଲେ। ସନ୍ଧ୍ୟାରେ ସୋର ମେଡିକାଲରେ ତାର ଡାକ୍ତରୀ ମାଇନା ପରେ ପୁଲିସ ତାକୁ କୋର୍ଟ ଚାଲାଣ କରି ଅଧିକ ତଦନ୍ତ ଆରମ୍ଭ କରିଛି।



## ବାଲେଶ୍ୱର ବଜାରକୁ ପ୍ରବେଶ କଲା ପ୍ରୋ ମ୍ୟାକ୍ସ ଓ ୱାର୍ଲଡ୍ ମ୍ୟାକ୍ସ




ବାଲେଶ୍ୱର,୨୬।୯ (ସମିସ): ରେମୁଣା ଗୋଲେଇଠାରେ ଅବସ୍ଥାପିତ ଗୀତା ଅଟୋ ମୋବାଇଲ୍ସରେ ଏସକୋର୍ଟ୍ସ କ୍ୟୁବାଟୋ ଲିଃ ତରଫରୁ ଉନ୍ନତମାନର ନୂଆ ଟ୍ରାକ୍ଟରର ଉଦ୍‌ଘାଟନ କରାଯାଇଥିଲା। ଏହି ଅବସରରେ ଗୀତା ଅଟୋ ମୋବାଇଲ୍ସର ପରିଚାଳନା ନିର୍ଦ୍ଦେଶକ ତଥା ଚେୟାରମ୍ୟାନ ଅଶୋକ କୁମାର ବେରାଙ୍କ ପୌରୋହିତ୍ୟରେ କୃଷକ ମିଳନ ଏବଂ ନୂଆ ଟ୍ରାକ୍ଟରର ଉଦ୍‌ଘାଟନୀ ସଭା ଆୟୋଜିତ ହୋଇଥିଲା। ସମ୍ପୃକ୍ତ ସଂସ୍ଥାର ମ୍ୟାନେଜର ରାଜେନ୍ଦ୍ର ଦାସଙ୍କ ମଞ୍ଚ ପରିଚାଳନାରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ବିଜୟ କୁମାର ପାଣିଗ୍ରାହୀ ଉପସ୍ଥିତ ଥିବା ବେଳେ ସମ୍ମାନିତ ଅତିଥି ଭାବେ ଓଡ଼ିଶା ପ୍ରଦେଶରେ କ୍ୟୁବାଟୋ ଲିଃର ସେଲସ୍ ଏବଂ ମାର୍କେଟିଙ୍ଗ ମ୍ୟାନେଜର ଚନ୍ଦନ କୁମାର ଗିରି, ଜୋନାଲ ରିଟେଲ ଏବଂ ଫାଇନାନ୍ସ ମ୍ୟାନେଜର ଆନ୍ନା ମାଲାଇ, ସର୍ଭିସିଙ୍ଗ ଇଞ୍ଜିନିୟର ଇଂ ଆଶିଷ ଆନନ୍ଦ ପଣ୍ଡା ଉପସ୍ଥିତ ରହି କୃଷକମାନଙ୍କୁ ଟ୍ରାକ୍ଟର ଚଷାପୁଅର ବନ୍ଧୁ ବୋଲି ଉଦବୋଧନ ଦେଇଥିଲେ। ଏହି ଅବସରରେ ଉତ୍ତର ଓଡ଼ିଶାକୁ ପ୍ରଥମ ଥର ପ୍ରବେଶ କରିଥିବା ପ୍ରୋ ମ୍ୟାକ୍ସ ଏବଂ ୱାର୍ଲଡ ମ୍ୟାକ୍ସ ପ୍ରବେଶ କରିବା ଅତ୍ୟନ୍ତ ଶୁଭ ଦାୟକ ଏବଂ ଏହାର ବୈଶିଷ୍ଟ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ଜିତେନ୍ଦ୍ର ନାଥ କର, ସଦାନନ୍ଦ ନାୟକ, ଶିବ ଶଙ୍କର ଦାସ, ରଞ୍ଜିତ ବେହେରା, ସୁମିତ୍ରା ସାମନ୍ତ ରାୟ, ବିଜୟ ଦାସ, କଳ୍ପନା ବାରିକ ଏବଂ ଅଜୟ ବାରିକ ପ୍ରମୁଖ ବିଶେଷ କୃଷକମାନଙ୍କୁ ନୂଆ ଗାଡି ଡେଲିଭରୀ କରାଯାଇଥିଲା।

### ଅବକାରୀ ଚଢ଼ଉ

## ଗୁଡ଼ପୋଚ ନଷ୍ଟ ସହ ଦେଶୀମଦ ଜବତ, ୩ ଗିରଫ

ସୋର,୨୬।୯ (ସମିସ): ସୋର ଅବକାରୀ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଗୁଡ଼ପୋଚ ନଷ୍ଟ କରିବା ସହିତ ଦେଶୀମଦ ଜବତ କରି ୩ ଜଣଙ୍କୁ ଗିରଫକରି କୋର୍ଟଚାଲାଣ କରିଛି। ସୋର ଆଦର୍ଶ ଅବକାରୀ ଥାନାଧିକାରୀ ସୁରଜ କୁମାର ଟୀଗାଙ୍କ ନେତୃତ୍ୱରେ ଏକ ଟିମ୍ ଶିଙ୍ଗାଖୁଣ୍ଟା ଜଙ୍ଗଲରେ ବେଆଇନ ଭାବେ ଗଢି ଉଠିଥିବା ମଦ ରନ୍ଧା କାରଖାନା ଉପରେ ଚଢ଼ଉ କରି ୨୪୫୦ ଲିଟର ଗୁଡପୋଚ ନଷ୍ଟ କରିବା ସହିତ ୧୭୦ ଲିଟର ଦେଶୀମଦ ସମେତ ମଦରନ୍ଧା ସାମଗ୍ରୀକୁ ଜବତ କରିଥିଲେ। ଚଢ଼ଉ ହେଉଥିବା ଜାଣିପାରି ଅଭିଯୁକ୍ତମାନେ ଫେରାର ହୋଇଯାଇ ଥିଲେ। ସେହିପରି ଏହି ଟିମ ମୁନି ସବିରା ଗ୍ରାମରେ ଚଢ଼ଉ କରି ମନୁ ଦଳେଇ ନିକଟରୁ ୩୫ ଲିଟର, ରାଧିକାନଗର ଗ୍ରାମର ରୁକ୍ମଣୀ ପୃଷ୍ଟି ନିକଟରୁ ୪୦ ଲିଟର ଏବଂ ଡିପାସାହି ଗ୍ରାମର ହୀରା ମଣ୍ଡଳ ନିକଟରୁ ୩୫ ଲିଟର ଦେଶୀମଦ ଜବତ କରିବା ସହିତ ସମସ୍ତଙ୍କୁ ଗିରଫ କରିଥିଲେ। ଅପରାହ୍ନରେ ସୋର ମେଡିକାଲରେ ସମସ୍ତଙ୍କ ଡାକ୍ତରୀ ମାଇନା ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ଉରେ ଏଏସଆଇ ବସନ୍ତ ବାରିକ, କନଷ୍ଟେବଳ ଶଶୀକାନ୍ତ ସାହୁ ଏବଂ କାଜଲ ପ୍ରିୟଦର୍ଶିନୀ ପ୍ରମୁଖ ସାମିଲ ହୋଇଥିଲେ।



## ପାରିବାରିକ କଳହରୁ ଆତ୍ମହତ୍ୟା ଅଭିଯୋଗ

ଜଳେଶ୍ୱର ବ୍ଲକ୍,୨୬।୯ (ସମିସ): ବାଲେଶ୍ୱର ଜିଲ୍ଲା ରାଇବଣିଆ ଗ୍ରାମର ଅଭିଜିତ ଜେନାଙ୍କ ଧର୍ମପତ୍ନୀ ପୁଷ୍ପଲତା ଜେନା ପାରିବାରିକ କଳହରୁ ବେକରେ ଓଢ଼ଣୀ ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ତାଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ଉଭୟ ଦମ୍ପତି ସାଙ୍ଗରେ ପାଠ ପଢିବା ବେଳେ ପ୍ରେମ ବିବାହ କରୁଥିଲେ ଖବର ଲେଖା ହେବା ପର୍ଯ୍ୟନ୍ତ ପୁଷ୍ପଲତାର ଶବ ବ୍ୟବଛେଦ ସାଙ୍ଗକୁ ଶବଦାହ ହୋଇ ନ ଥିବା ସୂଚନା ମିଳିଛି। ଏ ନେଇ ରାଇବଣିଆ ଥାନାରେ ଉଭୟ ପକ୍ଷରୁ କୌଣସି ଲିଖିତ ଅଭିଯୋଗ ହୋଇନାହିଁ।

## ଇଂରାଜୀ ଭାଷା ସମ୍ପନ୍ନତା ପାଠ୍ୟକ୍ରମ କର୍ମଶାଳା



ବାଲେଶ୍ୱର,୨୬।୯ (ସମିସ): ଇଂରାଜୀ ଭାଷା ସଂପନ୍ନତା ପାଠ୍ୟକ୍ରମର ପ୍ରଥମ ପର୍ଯ୍ୟାୟ କର୍ମଶାଳା ପବ୍ଲିକ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ରାଜ୍ୟ ଭାଷା ଓ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର ଓ ଅଜିମ ପ୍ରେମଜୀ ବିଶ୍ୱବିଦ୍ୟାଳୟ, ବାଙ୍ଗାଲୁରୁର ମିଳିତ ସହଯୋଗରେ ପାଞ୍ଚଦିନ ବ୍ୟାପି ଚାଲିଥିବା ଏହି ଶୈକ୍ଷିକ କାର୍ଯ୍ୟକ୍ରମକୁ ପବ୍ଲିକ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜୟନ୍ତୀମଣି ସାହୁଙ୍କ ପୌରୋହିତ୍ୟରେ ସଦର ଶିକ୍ଷାଧିକାରୀ ଯୋଗେଶ୍ୱର ଜେନା ଉଦ୍‌ଘାଟନ କରିଥିଲେ। ରାଜ୍ୟ ଭାଷା ଓ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ନିର୍ଦ୍ଦେଶକ ସୁମିତା ଦାସ, ବାଲେଶ୍ୱର ଜିଲ୍ଲା ଶିକ୍ଷାଧିକାରୀ ବସନ୍ତ କୁମାର ନାୟକଙ୍କ ତତ୍ୱାବଧାନରେ ଆୟୋଜିତ ହୋଇଥିବା ଏହି ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମକୁ ରାଜ୍ୟ ଭାଷା ଓ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ ତରଫରୁ ଗୋପବନ୍ଧୁ ଦାସ ପର୍ଯ୍ୟବେକ୍ଷକ ଭାବେ ପରିଚାଳନା କରିଥିଲେ। ଏଥିରେ ଅଂଶ ଗ୍ରହଣ କରିଥିବା ବାଲେଶ୍ୱର, ଭଦ୍ରକ ଓ କେଉଁଝର ଜିଲ୍ଲାରୁ ୫୧ ଜଣ ସରକାରୀ ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ମାନଙ୍କର ଇଂରାଜୀ ଭାଷା ବ୍ୟବହାର ତଥା ଶିକ୍ଷଦାନ ପଦ୍ଧତି କୌଶଳ ବୃଦ୍ଧି ପାଇଁ ସୂତନ୍ତ୍ର ପ୍ରଶିକ୍ଷକ ନରେନ୍ଦ୍ର କୁମାର ସାହୁ, ଶରତ ପାଣିଗ୍ରାହୀ, ରବିନାରାୟଣ ପାଣି, ସୌମ୍ୟପ୍ରକାଶ ସାହୁ, ଯତୀନ୍ଦ୍ରନାଥ ଦାସ ଅଧିକାରୀ ଓ ଇନ୍ଦ୍ରଜିତ ପାତ୍ର ପ୍ରମୁଖ ପରାମର୍ଶଦାତା ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଶିକ୍ଷକମାନଙ୍କୁ ମାର୍ଗଦର୍ଶନ କରାଇଥିଲେ। ଶକ୍ତି ସାଧନା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ଜାତୀୟ ସେବାଶିବିରର ପ୍ରତିଷ୍ଠା ଦିବସ ପାଳିତ

ବାଲିଆପାଳ,୨୬।୯ (ସମିସ): କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟ, ଜଗାଇର +୨ ଓ +୩ ବିଭାଗ ଜାତୀୟ ସେବାଶିବିରର ପ୍ରତିଷ୍ଠା ଦିବସ ଅଧକ୍ଷ ଡ଼ ମାନସୀ ସାହୁଙ୍କ ପୌରାହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜାତୀୟ ସେବାଶିବିରର ପୂର୍ବତନ ପରିଚାଳିକା ଅଧ୍ୟାପିକା ଶାନ୍ତିଲତା ଦାସ ଯୋଗ ଦେଇ ଜାତୀୟ ସେବା ପ୍ରତ୍ୟେକ ଛାତ୍ର ଛାତ୍ରୀଙ୍କ ମାନବୀୟ କର୍ତ୍ତବ୍ୟ ବୋଲି ମତ ରଖିଥିବାବେଳେ ଅତିଥି ଭାବେ ୱାଇଆରସି ପରିଚାଳକ ଅଧ୍ୟାପକ ସୁଶାନ୍ତ ରାଜ ଓ +୨ ଜାତୀୟ ସେବା ଶିବିର ସଂଯୋଜକ ଅଧ୍ୟାପକ ଆଶିଷ କୁମାର ଓଝା ଯୋଗଦେଇ ଥିଲେ। +୨ ଓ +୩ ଜାତୀୟ ଶିବିରର ୨୦୦ରୁ ଉର୍ଦ୍ଧ୍ୱ ସଦସ୍ୟା, ସଦସ୍ୟ ଯୋଗଦେଇ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ। +୩ ବିଭାଗ ଜାତୀୟ ସେବା ଶିବିରର ପରିଚାଳିକା ଅଧ୍ୟାପିକା ସୁପ୍ରସନୀ ବେହେରା କୃତଜ୍ଞତାଜ୍ଞାପନ କରିଥିଲେ।




### ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚାକିରି କରାଇଦେବା ଆଳରେ ଠକେଇ

# ଟଙ୍କା ନେଇଥିବା ଅଭିଯୁକ୍ତର ଜାମିନ ନାମଞ୍ଜୁର

ବାଲେଶ୍ୱର,୨୬।୯ (ସମିସ)

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମ୍ୟାନେଜର ପୋଷ୍ଟରେ ଚାକିରି କରାଇଦେବାକୁ କହି୨୪ ଲକ୍ଷ ଟଙ୍କା ଠକେଇ ଘଟଣାରେ ଆଜି ଅଭିଯୁକ୍ତର ଜାମିନ ନାମଞ୍ଜୁର ହୋଇଛି। ସରକାରୀ ଚାକିରି ଆଶାରେ ଅନେକ ଗରିବ ପିଲା ବିଭିନ୍ନ ସମୟରେ ୪୦ରୁ ଅଧିକ ଯୁବକ ଯୁବତୀଙ୍କଠୁ ୨୪ଲକ୍ଷ ଟଙ୍କା ବେଆଇନ ଭାବେ ଠକାଇ ନେଇଥିବାର ଅଭିଯୋଗ ଜ୍ୟୋସ୍ନା ନାୟକ ଓ ମନୋଜ ମାଝୀ ଦୁଇ ଜଣ ବାଲେଶ୍ୱର ସାଇବର ଥାନାରେ ହେମନ୍ତ ଜେନା, ଅଜିତ ରାଉତ ଓ ସମର ଜେନାଙ୍କ ନାମରେ ଅଭିଯୋଗ କରିଛନ୍ତି। ଏତଲାକୁ ଦୃଷ୍ଟିରେ ରଖି ସାଇବର ଥାନା ପୁଲିସ ମାମଲା ରୁଜୁ କରିଥିଲା। ତେବେ ଠକେଇ କରିଥିବା ହେମନ୍ତ ଜେନା ଏକ ଜାମିନ ଦରକାର ଆବେଦନ କରିଥିଲେ। ଶୁକ୍ରବାର ମାନ୍ୟବର ସ୍ପେଶାଲ ଜଜ୍, ଏସସି/ଏସ୍‌ଟି ଅବଦୁଲ ସମିନ ଅକତାର ଉକ୍ତ ଜାମିନ ଆବେଦନ ଶୁଣାଣି କରି ମୁଦାଲା ହେମନ୍ତ ଜେନା ଅଶ୍ରିତା ପଣ୍ଡା, ସନ୍ତୋଷ କୁମାର ନାୟକ, ଶ୍ରୀତମ ନାୟକ, ମିଳନ ପରିଡ଼ା ଓ ଅନ୍ୟଯୁବକ ଯୁବତୀଙ୍କଠାରୁ ବିଭିନ୍ନ ସମୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମ୍ୟାନେଜର ପୋଷ୍ଟରେ ଚାକିରି କରାଇଦେବା ବୋଲି କହି ଯଥାର୍ଥତାର ଉପଲବ୍‌ଧ କରି ତାଙ୍କ ଜାମିନ ଦରଖାସ୍ତକୁ ନାମଞ୍ଜୁର କରିଛନ୍ତି। ଉକ୍ତ ଦରଖାସ୍ତକୁ ସରକାରଙ୍କ ତରଫରୁ ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ଭାବେ ସୁଲଳିତ କର ମକଦ୍ଦମା ପରିଚାଳନା କରୁଥିଲେ।

ପ୍ରକାଶ ଥାଉ କି, ଚାକିରି ଆଶାରେ ଅନେକ ଗରିବ ପିଲା ସଞ୍ଚିତ ଅର୍ଥକୁ ଦେଇ ଠକାମିର ଶିକାର ହୋଇଛନ୍ତି। କିଏ ଅନଲାଇନ୍ ମାଧ୍ୟମରେ ଟଙ୍କା ଦେଇଛନ୍ତି ତ କିଏ କେସ୍ ପ୍ରଦାନ କରିଛନ୍ତି। ଏହାପରେ ଅଭିଯୁକ୍ତ ଯୁବକ ଯୁବତୀଙ୍କୁ ମିଥ୍ୟା ନିଯୁକ୍ତି ସାର୍ଟିଫିକେଟ ମଧ୍ୟ ପ୍ରଦାନ କରିଥିଲେ। ଏହାବ୍ୟତୀତ ସିଡିଏମଓଙ୍କ ଦସ୍ତଖତ ଥିବା ନିଯୁକ୍ତି ପତ୍ର କିଛି ଯୁବକ ଯୁବତୀଙ୍କୁ ମେଲ୍ କରି ନିଯୁକ୍ତିର ତାରିଖ ଉଲ୍ଲେଖ କରିଥିଲେ। ସେମାନେ ଏହି ସାର୍ଟିଫିକେଟ ଧରି କାମରେ ନିଯୁକ୍ତି ପାଇଁ ସିଡିଏମଓଙ୍କୁ ଦେଖା କରିବା ପରେ ଏମିତି ପୋଷ୍ଟ ନଥିବା ନେଇ ସତ୍ୟ ପ୍ରକାଶ କରିଥିଲେ। ତେଣୁ ସବୁ ଯୁବକ ଯୁବତୀ ସତର୍କ ହୁଅନ୍ତୁ ବୋଲି ସୁଲଳିତ କର କହିଛନ୍ତି।

# ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ

## ମଦପିଇ, ବିନା ଲାଇସେନ୍ସରେ ଗାଡ଼ି ଚଲାଉଥିବା ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ଜଗତସିଂହପୁର,୨୬।୯ (ସମିସ)



ଆଜି ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ସଦଭାବନା ସଭାଗୃହରେ ଆଞ୍ଚଳିକ ପରିବହନ ପ୍ରାଧିକରଣ ଆନୁକୂଲ୍ୟରେ ଜିଲ୍ଲା ସଡ଼କ ସୁରକ୍ଷା ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ସଡ଼କ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ମଦପିଇ ଗାଡ଼ି ଚଳାଉଥିବା ବ୍ୟକ୍ତି ଓ ନାବାଳକଙ୍କ ଗାଡ଼ିଚାଳନା ସମ୍ପ୍ରତି ଦୁର୍ଘଟଣାର ପ୍ରମୁଖ କାରଣ ବୋଲି କହିଥିଲେ। ଅତିରିକ୍ତ ଜିଲ୍ଲାପାଳ (ପାରାଦୀପ) ନିରଞ୍ଜନ ବେହେରା ଗାଡ଼ି ଚଲାଇବା ସମୟରେ ମୋବାଇଲରେ କଥା ହେବା ଦୁର୍ଘଟଣାର କାରଣ ବୋଲି କହିଥିଲେ। ତେଣୁ ଉଭୟ ପୁଲିସ ଓ ପରିବହନ ବିଭାଗ ଏଥିପ୍ରତି ବିଶେଷ ଧ୍ୟାନ ଦେଇ ବିନା ଲାଇସେନ୍ସରେ ଗାଡ଼ି ଚଲାଉଥିବା ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ପାର୍ବଣ ସମୟ ହୋଇଥିବାରୁ ସହରରେ ଭାରୀଯାନ ଚଳାଚଳ କଟକଣା, ପାର୍କିଂ ଜୋନ୍, ନୋ ପାର୍କିଂ ଦଣ୍ଡବିଧାନ ଆଦି ବିଷୟରେ ଆଲୋଚନା ହୋଇଥିଲା। ଟ୍ରାଫିକ୍ ମ୍ୟାନେଜମେଣ୍ଟ, ନାଇଟ ପାଟ୍ରୋଲିଂ, ମଦ୍ୟପାନ କରି ସହରରେ ନିଶାଶକ୍ତ ଅବସ୍ଥାରେ ବୁଲୁଥିବା ଯୁବପିଢ଼ିଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ଲାଇସେନ୍ସ ପ୍ରଦାନ ସମୟରେ କଠୋର ନିୟମ ଲାଗୁ ଆଦି ବିଷୟରେ ଆଲୋଚନା କରାଯାଇଥିଲା। ରାସ୍ତାରେ ସାଇନେଜ୍ ଲଗାଇବା ସହ ରାସ୍ତାର ଖାଲଖମା ମରାମତି ପାଇଁ ଆର ଆଣ୍ଡ ବିକୁ ନିର୍ଦ୍ଦେଶ ଦିଆଗଲା। ଦୁର୍ଘଟଣାରେ ସାହାଯ୍ୟ କରିବା ନିମନ୍ତେ ନୂତନ ଯୋଜନା "ରାହ ବୀର' ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଜଗତସିଂହପୁର ମ୍ୟୁନିସପାଲିଟିରେ ପାର୍କିଂ, ଗିଭ ୱେ ସାଇନ୍ , ବୁଶ କଟିଂ ଆଦି ଆଲୋଚନା ହୋଇଥଲା। ଗୁଡ଼ ସମାରିଟାନ ଭାବେ ୩୦ ଜଣଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲ୍ଲାରେ ଏଯାବତ ୧୨୮ ଜଣ ବ୍ୟକ୍ତିଙ୍କୁ ଗୁଡ଼ ସମାରିଟାନ ଭାବେ ସମ୍ମାନିତ କରାଯାଇଛି।

ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ନିର୍ବାହୀ ଅଧିକାରୀ, ପାରାଦୀପ ପୌର ପରିଷଦ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ଏନଏଚଏଆଇ ବିଭାଗ ଅଧିକାରୀ ପ୍ରମୁଖ ଯୋଗଦେଇ ନିଜର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ। ବସ୍ ଓ ଟ୍ରକ ମାଲିକ ସଂଘ କର୍ମକର୍ତ୍ତା, ସହରର ବରିଷ୍ଠ ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ଦୀପକ ସେଠୀ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରିଥିଲେ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।



ଶାରଦୀୟ ପାର୍ବଣର ତ୍ରୟୋଦଶତମ ଦିବସ ତଥା ପୀଠେ ପଞ୍ଚମୀରେ ମା' ଶାରଳାଙ୍କ ଭବ୍ୟ ସନ୍ଧ୍ୟା ବେଶ

## ଦାଇଁଲୋ କୃଷି ସମବାୟ ସମିତିରେ ଚଢ଼ା ଦରରେ ସାର ବିକ୍ରି ଅଭିଯୋଗ

ତିର୍ତ୍ତୋଲ, ୨୬।୯(ସମିସ): ତିର୍ତ୍ତୋଲ ବ୍ଲକ୍ ଅନ୍ତର୍ଗତ ଦଇଁଲୋ କୃଷି ସମବାୟ ସମିତି କାର୍ଯ୍ୟାଳୟରେ ସମ୍ପାଦକ ଗଗନ ବିହାରୀ ସ୍ୱାଇଁ ଚଢ଼ା ଦରରେ ସାର ବିକ୍ରି କରୁଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ସରକାରଙ୍କ ପକ୍ଷରୁ ୪୫ କେଜି ବସ୍ତା ପିଛା ୨୬୫.୫୦ ଟଙ୍କା ଧାର୍ଯ୍ୟ କରାଯାଉଥିବାବେଳେ ଗତ ୨୩ ତାରିଖରେ ସମ୍ପାଦକ ଶ୍ରୀ ସ୍ୱାଇଁ ୩୫୦ ଟଙ୍କାରେ ଚାଷୀଙ୍କୁ ସାର ବିକ୍ରି କରିଥିବା ନେଇ ସମିତି ଅଧୀନ ବିଭିନ୍ନ ଗ୍ରାମର ଚାଷୀ ଅଭିଯୋଗରେ ଦର୍ଶାଇଛନ୍ତି। ଏଥିସହିତ ଗୋଟିଏ ପରିବାରର ଏକାଧିକ ବ୍ୟକ୍ତିଙ୍କ ନାମରେ ପରିବାର ପିଛା ୪ରୁ ୫ ବସ୍ତା ସାର ବେଆଇନ ଭାବେ ବିକ୍ରୟ ହୋଇଛି। ବହୁ ଚାଷୀ ସାର ନ ପାଇ ବେପାରୀଙ୍କଠାରୁ ୧୨୦୦ ଟଙ୍କାରେ କ୍ରୟ କରିବାକୁ ବାଧ ହେଉଛନ୍ତି ବୋଲି ଅଭିଯୋଗ ହୋଇଛି। ଆଜି ନିଖିଳ ଉତ୍କଳ ଗ୍ରାମୀଣ ଚାଷୀ ମୂଲିଆ ସଂଘ ଜିଲ୍ଲା ସଭାପତି ବେଦଦ୍ୟୁତି ପୃଷ୍ଟି, ନରେଶ ମହାପାତ୍ର, ବାବାଜୀ ପୃଷ୍ଟି ସମେତ ବହୁ ଚାଷୀ ଜିଲ୍ଲାପାଳଙ୍କୁ ଭେଟି ଲିଖିତ ଅଭିଯୋଗ କରିଥିଲେ। ଏ ସଂପର୍କରେ ସମିତି ସମ୍ପାଦକ ଶ୍ରୀ ସ୍ୱାଇଁଙ୍କୁ ପଚାରିବାରୁ ସମିତିରେ ଚଢ଼ା ଦରରେ ବିକ୍ରି ହୋଇ ନ ଥିବା କହିଥିଲେ।

## ଏସବିଏମ୍ କଲେଜ ଜାତୀୟ ସେବା ସଂସ୍ଥାର ବାର୍ଷିକ ଉତ୍ସବ

ଜଗତସିଂହପୁର,୨୬।୯ (ସମିସ): ଜଗତସିଂହପୁର ଜିଲ୍ଲାର ସୁପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଏସବିଏମ୍ କଲେଜ ଜାତୀୟ ସେବା ସଂସ୍ଥାର ସ୍ୱନକ୍ଷତ୍ର ଦିବସ ଉତ୍ସବ ୩୪ ନମ୍ବର ପ୍ରକୋଷ୍ଠରେ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ଡ. ସୁଜାତା ଓତାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଯୁବ ଆଇପିଏସ ଅଧିକାରୀ ତଥା ଜଗତସିଂହପୁର ଏସଡିପିଓ ଆଜିଙ୍କ୍ୟ ମାନେ ବାବୁରାଓ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ସେବା ସଂସ୍ଥା ପ୍ରତିଷ୍ଠା ଓ ଏହାର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଚିକିତ୍ସକ ଡା. ସରୋଜ ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇ ପାଠ ପଢ଼ିବା ସହିତ ସେବାକୁ ନିଜ ଜୀବନର ବ୍ରତ କରିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷାବିତ ବିଜୟ ରଥ, ଅଧ୍ୟାପକ ପ୍ରଶାନ୍ତ ବେହେରା ଓ ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା ପ୍ରମୁଖ ଏଥିରେ ଯୋଗଦେଇ ଅଧିକରୁ ଅଧିକ ଛାତ୍ରଛାତ୍ରୀ ଜାତୀୟ ସେବା ସଂସ୍ଥାରେ ସାମିଲ ହେବା ସହିତ ସେବା ମନୋବୃତ୍ତି ଆପଣେଇବାକୁ ପରାମର୍ଶ ଦେଇଥିଲେ। ଏ ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଇଂରାଜୀ, ଓଡ଼ିଆ ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ, କୁଇଜ ଓ ରଙ୍ଗୋଲି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ପ୍ରତ୍ୟେକ ବିଭାଗର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ଉକ୍ତ ସଭାରେ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଶେଷରେ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ବିଜୟ ବିଶ୍ୱାଳ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ଜିତୁ ପ୍ରସାଦ ମଲ୍ଲିକ ଓ ଦିଲ୍ଲୀପ ମୁଦୁଲି ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।





● ବରପୁତ୍ରଙ୍କ ପ୍ରତିମୂର୍ତ୍ତି ତାଲିକାରେ ସାରଳା ଦାସ ସାମିଲ

## ସାଧନା ପୀଠ ଉନ୍ନୟନ ପରିଷଦ ପକ୍ଷରୁ କୃତଜ୍ଞତା

ତିର୍ତ୍ତୋଲ, ୨୬।୯(ସମିସ): ଓଡ଼ିଆ ଭାଷା ସାହିତ୍ୟର ସ୍ରଷ୍ଟା ଆଦିକବି ସାରଳା ଦାସଙ୍କୁ ଓଡ଼ିଶା ସଂସ୍କୃତି ବିଭାଗ ୭୫ ଜଣ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ନିର୍ମାଣ ତାଲିକାରେ ସ୍ଥାନିତ କରିଥିବାରୁ ଆଦିକବି ସାରଳା ଦାସ ସାଧନା ପୀଠ ଉନ୍ନୟନ ପରିଷଦ ତେନ୍ତୁଳିପଦା ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଏଥିସହ ଆଦିକବି ସାରଳା ଦାସ ସାଧନା ପୀଠ ଉନ୍ନୟନ ପରିଷଦ ପକ୍ଷରୁ ଅବସରପ୍ରାପ୍ତ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ତଥା ସଭାପତି ସୁରେଶ ଚନ୍ଦ୍ର ମହାନ୍ତି, ଉପଦେଷ୍ଟା ଇଂ ସୁବାସ ଚନ୍ଦ୍ର ସାହୁ, ସମ୍ପାଦକ ଚୌଧୁରୀ ରାଧାମୋହନ ପରିଜା, ଅଶୋକ ଦାଶ, ଉପସଭାପତି ବିରଜା ପ୍ରସନ୍ନ ପରିଜାଙ୍କ ସମେତ କର୍ମକର୍ତ୍ତା ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସଙ୍କୁ ସାଧୁବାଦ ଜଣାଇଛନ୍ତି।

## ପାରାଦୀପ ମାଛଧରା ବନ୍ଦରରେ ସଫେଇ କାର୍ଯ୍ୟକ୍ରମ



ପାରାଦୀପ,୨୬।୯ (ସମିସ): ଏମପିଇଡିଏ-ନେଟଫିସ ପକ୍ଷରୁ ପାରାଦୀପ ମାଛଧରା ବନ୍ଦରରେ ସଫେଇ କାର୍ଯ୍ୟକ୍ରମ କରାଯାଇଛି। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ହେଲା ମାଛଧରା ବନ୍ଦରର ବ୍ୟବହାରକାରୀ ମତ୍ସ୍ୟଜୀବୀ, ଡଙ୍ଗା କର୍ମଚାରୀ, ନିଲାମ ହଲ୍ କର୍ମଚାରୀ, ବଜାର ବିକ୍ରେତା ଓ ପରିଦର୍ଶକ ମାଛଧରା ବନ୍ଦରକୁ ପରିଷ୍କାର, ଉପଯୁକ୍ତ ବର୍ଜ୍ୟ ପରିଚାଳନା, ପ୍ଲାଷ୍ଟିକ୍ ହ୍ରାସ ଓ ମାଛର ସ୍ୱଚ୍ଛ ପରିଚାଳନା ବିଷୟରେ ସଚେତନତା କରିବା। ଏଥିରେ ନେଟଫିସର ୨ ଅଧିକାରୀଙ୍କ ସମେତ ରାଜ୍ୟ ମତ୍ସ୍ୟ ବିଭାଗ, ବନ୍ଦର ପ୍ରାଧିକରଣର ୫୦ ଜଣ ପ୍ରତିନିଧି, ବହୁ ଟ୍ରଲର ମାଲିକଙ୍କ ସମେତ ୧୦୦ରୁ ଅଧିକ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ। ଏଥିସହିତ ୩ ଜଣ ପୌର କର୍ମଚାରୀ ସହଯୋଗ କରିଥିଲେ। ସ୍ୱେଚ୍ଛାସେବୀ ମାଛଧରା ବନ୍ଦରର ନିଲାମ ହଲ୍, ଜେଟି ପଥ, ପରିଷ୍କାର ଜଳ ଡ୍ରେନ୍ ଓ ଆଖପାଖ ଅଞ୍ଚଳ ସଫା କରିଥିଲେ। ଉକ୍ତ ଅଳିଆ ଆବର୍ଜନାକୁ ଓଜନ କରିବା ସହିତ ପୌର କର୍ମଚାରୀଙ୍କ ଟ୍ରକ୍‌କୁ ହସ୍ତାନ୍ତର କରିଥିଲେ। ଉପସ୍ଥିତ ନେଟଫିସର ଅତିଥିମାନେ ସଚେତନତା ସମ୍ପର୍କରେ ଆଲୋଚନା କରିବା ସହ ମାଛଧରା ବନ୍ଦରର ପରିଚ୍ଛନ୍ନତା ଓ ମାଛ ସୁରକ୍ଷା, ଗ୍ରାହକ ସ୍ୱାସ୍ଥ୍ୟ, ବଜାର ପ୍ରତିଷ୍ଠା, ଜୀବିକା ମଧ୍ୟରେ ରହିଥିବା ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷକରି ପ୍ଲାଷ୍ଟିକ୍ ପ୍ରଦୂଷଣ ରୋକିବା ଓ ମାଛର ଅଫାଲର ଉପଯୁକ୍ତ ବିସ୍ଥାପନ ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ଲାଷ୍ଟିକ ବଦଳରେ କପଡା ବ୍ୟାଗ ବ୍ୟବହାର କରିବା ପାଇଁ ପରାମର୍ଶ ଦେଇଥିଲେ। ମାଛଧରା ବନ୍ଦରକୁ ନିୟମିତ ସଫା କରିବା ପାଇଁ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରୁ ପାଖାପାଖି ୧୦୦୦ କେଜି ଓଜନର ପ୍ଲାଷ୍ଟିକ୍ ଓ ମିଶ୍ରିତ ଅଳିଆ ବାହାରିଥିଲା।

## ଇଫ୍‌କୋରେ ନବରାତ୍ର ଉତ୍ସବ



ପାରାଦୀପ, ୨୬।୯(ସମିସ): ଶାରଦୀୟ ଦୁର୍ଗାପୂଜାକୁ ନେଇ ଗାଁଠୁ ସହର ଉତ୍ସବ ମୁଖର ହୋଇପଡ଼ିଛି। ସହରଠାରୁ ପୁରପଲ୍ଲୀରେ ମା'ଙ୍କୁ ଆବାହନ ପାଇଁ ଚାଲିଛି ଜୋରଦାର ପ୍ରସ୍ତୁତି। ଏ ଅବସରରେ ପାରାଦୀପର ଅଗ୍ରଣୀ ଶିଳ୍ପସଂସ୍ଥା ଇଫକୋ ୟୁନିଟ ପକ୍ଷରୁ ନବରାତ୍ର ପୂଜାକୁ ଧୁମଧାମରେ ପାଳନ କରାଯାଇଛି। ଦଣ୍ଡିଆର ତାଳେ ତାଳେ ନାଚି ଗାଇ ଭାଇଚାରାର ନୂଆ ଦିଗଦର୍ଶନ ଦେଉଥିବାବେଳେ ମିନି ଇଣ୍ଡିଆ ପାଲଟିଥିଲା ପାରାଦୀପ ଇଫକୋ ୟୁନିଟ ଗୁଜୁରାଟର ଭ୍ରମ ସୃଷ୍ଟି କରୁଛି। ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ନବରାତ୍ର ପୂଜାକୁ ମହାଆଡ଼ମ୍ବରରେ ପାଳନ କରାଯିବା ସହିତ ଗୁଜୁରାଟରୁ ଆସିଛନ୍ତି ମ୍ୟୁଜିକାଲ ଟିମ ଗୁଜୁରାଟୀ ଡାଣ୍ଡିଆ ପରିବେଷଣ ହେଉଥିବାବେଳେ ଏଠି ଛୋଟ ବଡର ଭେଦଭାବ ନାହିଁ। ସମସ୍ତ କର୍ମଚାରୀ ଓ ସେମାନଙ୍କ ପରିବାର ଏହି ଉତ୍ସବରେ ସାମିଲ ହୋଇଛନ୍ତି। ଇଫକୋ ୟୁନିଟ୍‌ର ଭାଇଚାରା ପାରାଦୀପର ଅନ୍ୟ ଶିଳ୍ପସଂସ୍ଥା ପାଇଁ ପାଲଟିଛି ଉଦାହରଣ। ୯ ଦିନ ଧରି ନବରାତ୍ର ଉତ୍ସବ ପାଳନ ଅବସରରେ ପାରାଦୀପରେ ଭାଇଚାରା ବଜାୟ ରଖିବା ସହିତ ସମସ୍ତ ଶିଳ୍ପସଂସ୍ଥାର ଅଧିକାରୀଙ୍କୁ ନବରାତ୍ର ଉତ୍ସବରେ ସାମିଲ ହେବାକୁ ନିମନ୍ତ୍ରଣ କରିବା ସହିତ ବିଭିନ୍ନ ଶିଳ୍ପସଂସ୍ଥା ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବା ଓ କୌଣସି ଜରୁରିକାଳୀନ ପରିସ୍ଥିତିରେ କିପରି ଧନ ଜୀବନ କ୍ଷୟକ୍ଷତି ନ ହେବ, ଏହାକୁ ସଫଳତାର ସହିତ ସାମ୍ନା କରିବାକୁ ସମସ୍ତ ଶିଳ୍ପସଂସ୍ଥାଙ୍କ ମଧ୍ୟରେ ସୁସମ୍ପର୍କର ଆବଶ୍ୟକତା ରହିଛି। ଯାହା ଏଭଳି ଉତ୍ସବ ଏକମାତ୍ର ବିକଳ୍ପ ବୋଲି କହିବା ସହିତ ପ୍ରତ୍ୟେକ ବର୍ଷ ଧୂମଧାମରେ ନବରାତ୍ର ଉତ୍ସବ ପାଳନ କରାଯାଉଥିବାବେଳେ ଆଗାମୀ ବର୍ଷରେ ଏହାକୁ କିପରି ଆହୁରି ଆକର୍ଷଣୀୟ କରାଯାଇପାରିବ, ଏ ନେଇ ପ୍ରଚେଷ୍ଟା ଜାରି ରହିବ ବୋଲି ଇଫକୋ ୟୁନିଟ୍‌ର ମୁଖ୍ୟ ପିକେ ମହାପାତ୍ର କହିଛନ୍ତି।

## ଦେବପ୍ରସାଦ ନାୟକ ଜିଲ୍ଲା କଂଗ୍ରେସ ସଭାପତି

ଜଗତସିଂହପୁର,୨୬।୯ (ସମିସ): ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ବ୍ଲକ୍ ଅନ୍ତର୍ଗତ ଜଗନ୍ନାଥପୁର ପଞ୍ଚାୟତର ଯୁବ ସଂଗଠକ ତଥା ଗୋବିନ୍ଦପୁର ପଞ୍ଚାୟତ ସମିତିସଭ୍ୟ ଦେବପ୍ରସାଦ ନାୟକ (ଫେଲୁ) ଜିଲ୍ଲା କଂଗ୍ରେସ ସଭାପତି ଭାବେ ନିଯୁକ୍ତ ହୋଇଛନ୍ତି। ଶ୍ରୀ ନାୟକ ପୂର୍ବରୁ ବିଭିନ୍ନ ସମୟରେ ଛାତ୍ର, ଯୁବ ସଂଗଠନର ସଫଳତାର ସହିତ ନେତୃତ୍ୱ ଭାର ତୁଲାଇଥିବାବେଳେ ଏବେ ପିସିସି ସଭ୍ୟ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ପ୍ରାୟ ୩୫ ବର୍ଷ ଧରି ତୃଣମୂଳ ସ୍ତରରେ କଂଗ୍ରେସ ପାଇଁ କାମ କରିଆସୁଥିବା ଶ୍ରୀ ନାୟକଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ସେ ସଭାପତି ହେବା ଫଳରେ ଜିଲ୍ଲାରେ କଂଗ୍ରେସ ତା'ର ପୂର୍ବ ସ୍ଥିତିକୁ ଫେରିବ ଓ ଦଳୀୟ ସଂଗଠନ ଅଧିକ ସୁଦୃଢ ହେବ ବୋଲି କଂଗ୍ରେସ କର୍ମୀ ଆଶାବ୍ୟକ୍ତ କରିଛନ୍ତି। ଜିଲ୍ଲା କଂଗ୍ରେସ ସଭାପତି ଚୟନ ପାଇଁ ଏଆଇସିସି ପକ୍ଷରୁ ସମଗ୍ର ଓଡ଼ିଶାରେ ସଂଗଠନ ସୃଜନ ଅଭିଯାନ କାର୍ଯ୍ୟକ୍ରମ ଦୀର୍ଘଦିନ ଧରି ଚାଲିଥିଲା। ଏଆଇସିସି ପର୍ଯ୍ୟବେକ୍ଷକ ଜିଲ୍ଲାରେ ଅବସ୍ଥାନ କରି ଦଳୀୟ ନେତା, କର୍ମୀଙ୍କ ସହିତ ସଭାପତି ଦୌଡ଼ରେ ଥିବା ନେତାଙ୍କ ବିଷୟରେ ଆଲୋଚନା ଓ ମତାମତ ସଂଗ୍ରହ କରିଥିଲେ। ସେହିପରି ସମାଜର ବିଭିନ୍ନ ବର୍ଗର ଲୋକଙ୍କ ମତାମତ ମଧ୍ୟ ନିଆଯାଇଥିଲା। ଜଗତସିଂହପୁର ଜିଲ୍ଲା କଂଗ୍ରେସ ସଭାପତି ଦୌଡ଼ରେ ଦେବୀପ୍ରସାଦ ନାୟକଙ୍କ ସହିତ ବରିଷ୍ଠ ନେତା ନଟବର ବାରିକ ଓ ନଳିନୀ ସ୍ୱାଇଁଙ୍କ ନାମ ଚର୍ଚ୍ଚାରେ ରହିଥିଲା।



## ୨୮ ପର୍ଯ୍ୟନ୍ତ ସମୁଦ୍ରରେ ମାଛ ଧରିବା ମନା

ପାରାଦୀପ, ୨୬।୯(ସମିସ): ପାରାଦୀପ ମାଛଧରା ବନ୍ଦରରେ ଥିବା ସମସ୍ତ ବୋଟ୍ ମାଲିକ, ଡଙ୍ଗା ମାଲିକ ଓ ମତ୍ସ୍ୟଜୀବୀଙ୍କୁ ୨୮ ତାରିଖ ପର୍ଯ୍ୟନ୍ତ ମାଛ ଧରିବାକୁ ସମୁଦ୍ର ମଧ୍ୟକୁ ନ ଯିବାକୁ ମତ୍ସ୍ୟ ବିଭାଗ ପକ୍ଷରୁ ବାରଣ କରାଯାଇଛି। ଭାରତୀୟ ପାଣିପାଗ ବିଭାଗ ସୂଚନା ଅନୁଯାୟୀ ଉତ୍ତର ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହୋଇଛି। ଲଘୁଚାପ ପ୍ରଭାବରେ ପ୍ରବଳରୁ ପ୍ରବଳ ବର୍ଷା, ବିଜୁଳି ସହ ଘଡଘଡି ହେବା ସମ୍ଭାବନା ଅଛି। ତେଣୁ ମତ୍ସ୍ୟଜୀବୀ, ବୋଟ୍ ମାଲିକ ଓ ଡଙ୍ଗା ମାଲିକଙ୍କୁ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ମାଛ ଧରିବାକୁ ଯିବା ପାଇଁ ବାରଣ କରାଯାଇଛି। ଯେଉଁ ମତ୍ସ୍ୟଜୀବୀ ସମୁଦ୍ର ମଧ୍ୟରେ ଅଛନ୍ତି ସେମାନେ ଶୀଘ୍ର କୂଳକୁ ଫେରି ଆସିବାକୁ ସେମାନଙ୍କୁ ଜଣାଇଦେବାକୁ ମତ୍ସ୍ୟ ପାଣିପାଗ ବିକାଶ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଦୀନଦୟାଳ ଉପାଧ୍ୟାୟଙ୍କ ଜୟନ୍ତୀ



ଜଗତସିଂହପୁର,୨୬।୯ (ସମିସ): ପଣ୍ଡିତ ଦୀନଦୟାଳ ଉପାଧ୍ୟାୟଙ୍କ ୧୧୦ତମ ଜୟନ୍ତୀ ଜଗତସିଂହପୁର ନଗର ବିଜେପି କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଦୂରଦୃଷ୍ଟି ସମ୍ପନ୍ନ ଚିନ୍ତା ନାୟକଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ପରେ ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ବୃକ୍ଷରୋପଣ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ଉପସଭାପତି ସୌଭାଗ୍ୟ ମହାନ୍ତି, ଅକ୍ଷୟ ପାତ୍ର, ଲକ୍ଷ୍ମୀକାନ୍ତ ସ୍ୱାଇଁ, ଶ୍ରୀକାନ୍ତ ଚୌଧୁରୀ, ଜଗନ୍ନାଥ ଦାସ, ସୁଶାନ୍ତ ସ୍ୱାଇଁ, ସମୀର ପଟ୍ଟନାୟକ, ବରୋଦା ପ୍ରସାଦ ରାୟ, ଭ୍ରମରବର ସ୍ୱାଇଁ, ପାରିଷଦ ଦେବାଶିଷ ସ୍ୱାଇଁ, ଶକ୍ତିଧର ମିଶ୍ର, କୃଷ୍ଣଚନ୍ଦ୍ର ସେଠୀ, ପ୍ରଶାନ୍ତ ସାହୁ, ମୋହିତ ମହାନ୍ତି, ନୃସିଂହ ବାରିକ ପ୍ରମୁଖ ଯୋଗ ଦେଇଥିଲେ।

## ଏନ୍‌ବିଏସ୍ ବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ଦିବସ





କୁଜଙ୍ଗ,୨୬।୯ (ସମିସ): କୁଜଙ୍ଗ ବ୍ଲକ୍ ବଗଦିଆ ପଞ୍ଚାୟତ ଅନ୍ତର୍ଗତ ଝିମାଣୀସ୍ଥ ନାରାୟଣ ବୀରବର ସାମନ୍ତ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷା ଡକ୍ଟର ବନପ୍ରଭା ପରିଡ଼ା ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ପ୍ରକାଶ କୁମାର ଚୌଧୁରୀ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ବାଣିଜ୍ୟ ବିଭାଗ ମୁଖ୍ୟ ଅଧ୍ୟାପକ ଡଃ କିଶୋର କୁମାର ଜେନା କହିଲେ, ଛାତ୍ରଛାତ୍ରୀ ସାମାଜିକ କାର୍ଯ୍ୟରେ ସାମିଲ ହେଲେ ସେମାନେ ପଥଭ୍ରଷ୍ଟ ନ ହେବା ସହ ନିଜର ବ୍ୟକ୍ତିତ୍ୱ ବିକାଶ ସହ ସମାଜର ସାମୂହିକ ଉନ୍ନତିରେ ସାମିଲ ହୋଇ ଦେଶ ଗଠନରେ ବ୍ରତୀ ହେବେ। ସେମାନଙ୍କୁ ନକାରାତ୍ମକ ଚିନ୍ତାଧାରା ଛୁଇଁବ ନାହିଁ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୟ କେତନ ସେଠୀ, ପ୍ରଦୀପ୍ତ କୁମାର ସାମଲ, ସୁବାସ ଚନ୍ଦ୍ର ପଣ୍ଡା, ପବିତ୍ର କିଶୋର ପରିଡ଼ା, ସୌଦାମିନୀ କର, ସୁଷମା ମହାପାତ୍ର, କୁସୁମ ମାଝୀ ସେବା ଯୋଜନାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଅଶ୍ୱିନୀ କୁମାର ବେହେରା, ବିକାଶ ମହାପାତ୍ର, ପ୍ରଶାନ୍ତ ସାହୁ, ପ୍ରୀତିରଞ୍ଜନ ଦାସ, କୈଳାସ ଦାସ, ଅଜୟ ପଲେଇ, ପ୍ରସନ୍ନ ସ୍ୱାଇଁ, ହରେକୃଷ୍ଣ ନାୟକ, ପିଙ୍କି ଓଝା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଲଘୁଚାପ ବର୍ଷାକୁ ନେଇ ଚିନ୍ତାରେ ପରିବା ଚାଷୀ

କୁଜଙ୍ଗ, ୨୬।୯(ସମିସ): ଉପକୂଳ ଗାଙ୍ଗେୟ ପଶ୍ଚିମବଙ୍ଗ ଓ ଏହାର ପାର୍ଶ୍ୱବର୍ତ୍ତୀ ଉତ୍ତର ଓଡ଼ିଶା ଓ ତତ୍‌ସଂଲଗ୍ନ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପ ସକ୍ରିୟ ରହିଛି। ଏହାର ପ୍ରଭାବରେ ସାରା ରାଜ୍ୟରେ ତୁହାକୁ ତୁହା ବର୍ଷା ଲାଗି ରହିଛି। ଆଉଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ସମ୍ଭାବ୍ୟ ଲଘୁଚାପ ଘନୀଭୂତ ହୋଇ ଅବପାତ ରୂପ ନେବ। ଆସନ୍ତା ୩ ଦିନ ପର୍ଯ୍ୟନ୍ତ ଉତ୍ତର ଓ ଦକ୍ଷିଣ ଓଡ଼ିଶା ଜିଲ୍ଲା ସହ ଉପକୂଳରେ ପ୍ରବଳରୁ ଅତି ପ୍ରବଳ ବର୍ଷାର ସମ୍ଭାବନା ରହିଛି। ଏହି ବର୍ଷା ଯୋଗୁଁ ଏବେ କୁଜଙ୍ଗ ଅଞ୍ଚଳର ପରିବା ଚାଷୀ ଚିନ୍ତାରେ ପଡ଼ିଛନ୍ତି। କୁଜଙ୍ଗ ବ୍ଲକ୍ ବାଲିଆ ପଞ୍ଚାୟତର ପାନପୁଲି ଗ୍ରାମ ଏକ କୃଷି ସମୃଦ୍ଧ ଗ୍ରାମ। ଅଧିକାଂଶ ଚାଷୀ ଏହି ଅଞ୍ଚଳରେ ପରିବା ଚାଷ ଉପରେ ନିର୍ଭର କରନ୍ତି। ଏ ଅଞ୍ଚଳରୁ କୋବି, ପୋଟଳ, କ୍ୟାପିସ୍‌କମ, ବିନ ଭଳି ଅର୍ଥକରୀ ପରିବା ଫସଲ ବ୍ୟାପକ ଭାବେ ହେଉଥିବାବେଳେ ଏକର ଏକର ଜମିରେ ଏବେ ଫୁଲ କୋବି ଲାଗି ସାରିଛି। ଅଧିକାଂଶ ଚାଷୀ ଏବେ ଚାରା ମଧ୍ୟ ପ୍ରସ୍ତୁତ କରି ଜମିରେ କୋବି ରୋପଣ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରୁଛନ୍ତି। ଲଘୁଚାପ ବର୍ଷା ଚାଷୀଙ୍କ ନିଦ ହଜାଇ ଦେଇଛି। ପାନପୁଲି ଗ୍ରାମର ସଞ୍ଜୟ ନାୟକ କେବଳ ଚାଷ ଉପରେ ନିର୍ଭର କରୁଥିବାବେଳେ ଗତ ବର୍ଷାରେ ତାଙ୍କର ଅଧା ଏକର ଜମିରେ କାକୁଡି ଓ ଅନ୍ୟାନ୍ୟ ଫସଲ ନଷ୍ଟ ହୋଇଯିବାରୁ ଏବେ ଫୁଲ କୋବି ଚାଷ କରୁଛନ୍ତି। ପ୍ରାୟ ୪୦ ହଜାର ପୁଞ୍ଜି ଖଟାଇ ପହିଲି କୋବି ଅମଳ ଆଶା କରି ଚାଷ କରିଥଲେ। ଏବେ ଆକାଶରେ ମେଘ ପବନ ଦେଖି ଛାତିରେ ଛନାକା ପଶିଛି। କୁଜଙ୍ଗରେ କେବଳ ପାନପୁଲି ନୁହେଁ ଅରଖିଆ, ବଳିକଣୀ, ବରିହାଡିଆ, ହରିପୁର ଓ ପଙ୍କପାଳ ନଦୀ ପଠାର ଶହ ଶହ ଚାଷୀ ଏବେ ବର୍ଷା ଓ ଲଘୁଚାପକୁ ନେଇ ପ୍ରମାଦ ଗଣିବା ଆରମ୍ଭ କରିଛନ୍ତି। ଏଥିସହ ଧାନଚାଷ ପାଇଁ ୟୁରିଆ ସାର ଦରକାର ହେଉଥିବାବେଳେ ଏହି ତହସିଲରେ ଦେଶର ଦୁଇଟି ବଡ଼ ସାର କାରଖାନା ଥାଇ ସାର ନ ମିଳିବା ଘୋର ଦୁଃଖର ବିଷୟ ବୋଲି ଚାଷୀ ନେତା ନୂତନ ତ୍ରିପାଠୀ ଅଭିଯୋଗ କରିଛନ୍ତି।



## ରଘୁ ସାହୁଙ୍କ 'ଓଡ଼ିଆ ମାଟିର ବଢ଼ିଆ କଥା' ଲୋକାର୍ପିତ

କୁଜଙ୍ଗ,୨୬।୯ (ସମିସ)



ବାଣୀକ୍ଷେତ୍ର ଜଗତସିଂହପୁର ଜିଲ୍ଲା କୁଜଙ୍ଗ ଅଞ୍ଚଳର ସାହିତ୍ୟିକ ଡ. ରଘୁ ସାହୁଙ୍କ ଲିଖିତ 'ଓଡ଼ିଆ ମାଟିର ବଢ଼ିଆ କଥା' ବାଣୀପୀଠ କଟକ ଶ୍ରୀରାମଚନ୍ଦ୍ର ଭବନରେ ଏକ ସାରସ୍ୱତ ସମାରୋହରେ ଉନ୍ମୋଚିତ ହୋଇଯାଇଛି। ପ୍ରିୟବନ୍ଧୁ ସାରସ୍ୱତ ଏକାଡେମୀ ପକ୍ଷରୁ ଆୟୋଜିତ ଓ ଅଧ୍ୟାପିକା ଡକ୍ଟର ରୋଜାଲିନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉନ୍ମୋଚନ ଉତ୍ସବରେ ବିଶିଷ୍ଟ ଶିଶୁ ସାହିତ୍ୟିକ ବୀରେନ୍ଦ୍ର ମହାନ୍ତି ଯୋଗଦେଇ କେବଳ ଶିଶୁ ସାହିତ୍ୟ ହିଁ ଆଗାମୀ ପିଢ଼ିର ଶିଶୁ ଓ କିଶୋରଙ୍କୁ ନୂଆ ରାସ୍ତା ଦେଖାଇ ସେମାନଙ୍କୁ ବଡ଼ ମଣିଷ କରିପାରିବ ବୋଲି କହିଥିଲେ। ମୁଖ୍ୟବକ୍ତା କବି ପୀତାମ୍ବର ତରାଇ କହିଥିଲେ, ଆଜି ଉନ୍ମୋଚନ ହୋଇଥିବା 'ଓଡ଼ିଆ ମାଟିର ବଢ଼ିଆ କଥା' ଶିଶୁ ପୁସ୍ତକରେ ଅନେକ ନୂତନ ତଥ୍ୟ ପ୍ରତିପାଦନ ହୋଇଛି। ଓଡ଼ିଶା ଓ ଭାରତ ଇତିହାସରେ ତଥ୍ୟ ଥାଇ ମଧ୍ୟ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଅନାଲୋଚିତ ହୋଇ ରହିଥିବାବେଳେ ଏହି ଶିଶୁ ପୁସ୍ତକରେ ସ୍ଥାନ ପାଇଥିବାରୁ ଏହା ଅଧିକ ଗ୍ରହଣୀୟ ହୋଇ ପାଠକଙ୍କୁ ଆମୋଦିତ ନିଶ୍ଚୟ କରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସମାଜର ପୂର୍ବତନ ସମ୍ପାଦକ, ଲୋକସେବକ ମଣ୍ଡଳର ଆଜୀବନ ସଦସ୍ୟ ତଥା ଲେଖକ ଡକ୍ଟର ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ, ରେବା ରାୟ ଫାଉଣ୍ଡେସନ ସମ୍ପାଦକ କବି ରାଜୀବ କୁମାର ଷଡ଼ଙ୍ଗୀ ଓ ବିଶିଷ୍ଟ ସାହିତ୍ୟିକ ବ୍ରହ୍ମାନନ୍ଦ ବିଶ୍ୱାଳ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପୁସ୍ତକ ଉନ୍ମୋଚନ ପୂର୍ବରୁ ରାଜ୍ୟସ୍ତରୀୟ କବି ସମ୍ମିଳନୀରେ ଡକ୍ଟର ଗଙ୍ଗାଧର ସାମନ୍ତରାୟ, ଗୀତାଞ୍ଜଳି ପୃଷ୍ଟି, ଡକ୍ଟର କେଶବ ଦଳେଇଭାଇ ଓ ଭରତ ଚନ୍ଦ୍ର ଦାସ ଅତିଥି ଭାବେ ଯୋଗ ଦେଇଥିଲେ। କବି ଜୟନ୍ତୀ ବାରିକ, କବି ପ୍ରଭାତୀ ମାଝୀ ଓ କବି ପ୍ରମିଳା ପତି ପ୍ରମୁଖ କବିତା ସଂଯୋଜନା କରିଥିଲେ। କବି ବୈଜୟନ୍ତୀମାଳା ଶତପଥି ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଉତ୍ସବରେ ଶତାଧିକ କବିଙ୍କୁ ଫୁଲତୋଡ଼ା ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧନା ଦିଆଯାଇଥିଲା। କବି ଡକ୍ଟର ନିରଞ୍ଜନ ସାହୁ, ଡକ୍ଟର ରବୀନ୍ଦ୍ର ବିହାରୀ, ସୁରେଶ କୁମାର ନାୟକ, ଅଧ୍ୟାପକ କିଶୋର ଦାସ, ତପନ ସ୍ୱାଇଁ ଓ ଅଧ୍ୟାପକ ମନୋରଞ୍ଜନ ବେଉରା ଉତ୍ସବ ପରିଚାଳନା କରିଥିଲେ।